ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୫/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, November 5/2024 | Page 14 | ₹ 7.00
୫୦ଶ ଭାଗ ୩୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 340 | ମୂଲ୍ୟ ₹୭/-



**ଭର୍ଷ୍ଟାପେନ ଟାଇଟଲ ନିକଟତର**

ବ୍ରାଜିଲିଆନ ଗ୍ରାଁ.ପ୍ରି. ଜିତି କ୍ରମାଗତ ୪ର୍ଥ ଫର୍ମୁଲା ୱାନ ଟାଇଟଲ ନିକଟତର ହୋଇଛନ୍ତି ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍।

୧୪

୦୨

**'ବେବି ଜନ୍' ଟିଜର ଆଉଟ**

ଅଭିନେତା ବରୁଣ ଧାୱନଙ୍କ 'ବେବି ଜନ୍' ଫିଲ୍ମର ଟିଜରକୁ ସୋମବାର ଜାରି କରାଯାଇଛି।



# ୨୧ରୁ ଧାନକିଣା

## କୁଇଣ୍ଟାଲ ୩୧୦୦ ଟଙ୍କାରେ ଧାନ କିଣିବେ ସରକାର



ରାଜ୍ୟରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ ଚଳିତ ଖରିଫ ଋତୁର ଧାନକିଣା। ରାଜ୍ୟ ସରକାର ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଧାନ କିଣିବେ। ନିର୍ବାଚନ ପୂର୍ବରୁ ଭାଜପା ଏହି ପ୍ରତିଶ୍ରୁତି ଦେଇ ରାଜ୍ୟରେ ସରକାରକୁ ଆସିଥିବାବେଳେ ତାହା ପୂରଣ ହେବାକୁ ଯାଉଛି। ଚାଷୀ ଧାନ କୁଇଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ପାଇବାକୁ ଥିବାରୁ ଏନେଇ ପ୍ରତୀକ୍ଷା ରହିଥିଲା। ମନ୍ତ୍ରୀସ୍ତରୀୟ ବୈଠକରେ ନିଷ୍ପତ୍ତି ଅନୁଯାୟୀ ବରଗଡ଼ ଜିଲାରୁ ଧାନ କିଣା ଆରମ୍ଭ ହେବ। ଚଳିତ ବର୍ଷ ୮୦ ଲକ୍ଷ ଟନ୍ ଧାନ କିଣିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ଭୁବନେଶ୍ୱର,୪।୧୧(ସୁନିତ୍ ମିଶ୍ର)

ଚଳିତ ବର୍ଷଠାରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୩୦୦ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଇନ୍‌ପୁଟ ସହାୟତା ୮୦୦ ଟଙ୍କା ମିଶାଇ ମୋଟ୍ ୩୧୦୦ ଟଙ୍କାରେ ଚାଷୀ ଧାନ ବିକ୍ରି କରିବେ। ଧାନ କ୍ରୟ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ମଣ୍ଡିରେ ବିଭାଗୀୟ ଅଧିକାରୀ ରହିବେ। ସବୁ ମଣ୍ଡିରେ ଧାନର ମାନ ଯାଞ୍ଚ କରିବା ପାଇଁ କ୍ୱାଲିଟି ଟେଷ୍ଟିଂ ମେଶିନ ରହିବ। ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ଧାନ ପରିବହନ ବ୍ୟବସ୍ଥାର ତଦାରଖ ପରିବହନ ବିଭାଗ କରିବ। ସେହିଭଳି ପଡ଼ୋଶୀ ରାଜ୍ୟରୁ ଯେପରି ଧାନ ଓଡ଼ିଶାକୁ ପ୍ରବେଶ ନ କରେ ସେଥିଲାଗି ପାଟ୍ରୋଲିଂ ଟିମ୍ ମୁତୟନ କରାଯିବ। ଚାଷୀଙ୍କ ସୁରକ୍ଷା ସହିତ କଟ୍‌ନିଛଟ୍‌ନି ମୁକ୍ତ ଧାନକିଣା ଉପରେ ରାଜ୍ୟ ☞ପୃଷ୍ଠା-୪



ଆଜମେରର ପୁଷ୍କର ମେଳାରେ ବିଦେଶୀ ପର୍ଯ୍ୟଟକମାନେ ଓଟ ସବାରିର ମଜା ନେଉଛନ୍ତି।

# 'ଦାନା' ଉଜାଡ଼ିଲା ୬୦୦ କୋଟି

## ବାତ୍ୟା ସମ୍ପର୍କିତ ପ୍ରାଥମିକ ରିପୋର୍ଟ

### ୧୪ ହଜାର ଘର ଆଂଶିକ, ୨୭ ଘର ସମ୍ପୂର୍ଣ୍ଣ ଭାଙ୍ଗିଛି

ଭୁବନେଶ୍ୱର,୪।୧୧(ଅନିଲ ଦାସ)

ବାତ୍ୟା 'ଦାନା' ୧୪ ଜିଲାରେ ୬୦୦ କୋଟି ଉଜାଡ଼ି ଦେଇଛି। ଜିଲାସ୍ତରରୁ ଦିଆଯାଇଥିବା ପ୍ରାଥମିକ ଆକଳନରୁ ଏଭଳି କ୍ଷୟକ୍ଷତି ରିପୋର୍ଟ ରାଜ୍ୟ ସରକାର ପାଇଛନ୍ତି। ବାତ୍ୟାରେ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲା ଅଧିକ କ୍ଷତିଗ୍ରସ୍ତ ହୋଇଛି। ମୋଟା ମୋଟି ଭାବରେ ୧୪ ଜିଲାର ୧୩୧ ବ୍ଲକ ଅଧିନସ୍ଥ ୧୧ ହଜାର ୬୩୭ ଗାଁର ୪୧ ଲକ୍ଷ ୪ ହଜାର ୩୫୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସମୁଦାୟ ୧୬ ହଜାର ୪୧୭ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨୭ କଚା ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି। ୧୪ ହଜାର ୬୮୦ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ପଞ୍ଚାୟତିରାଜ ବିଭାଗ ବ୍ୟତୀତ ଅନ୍ୟ ସମସ୍ତ ବିଭାଗ ହସ୍ତଗତ ହୋଇଛି। ତେବେ ପ୍ରାଥମିକ ଆକଳନ ଅନୁସାରେ ବାତ୍ୟା 'ଦାନା'ରେ ପ୍ରାୟ ୬୦୦ କୋଟି ଟଙ୍କାର ସମ୍ପତ୍ତି କ୍ଷତି ହୋଇଛି। ତେବେ ବାତ୍ୟାରେ ଅନ୍ୟ ବିଭାଗ ତୁଳନାରେ ଶକ୍ତି ବିଭାଗ ବେଶୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ କ୍ଷୟକ୍ଷତି ସ୍ପଷ୍ଟ ହେବ। କ୍ଷତିଗ୍ରସ୍ତଙ୍କୁ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ସହାୟତା ଯୋଗାଇ ଦିଆଯିବ। ଏଥିସହ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ କେନ୍ଦ୍ରକୁ କ୍ଷତିପୂରଣ ପାଇଁ ରିପୋର୍ଟ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଉବର ଚୁକ୍ତି**

# ୩୭୦ ଉଚ୍ଛେଦ ବିରୋଧରେ ପ୍ରସ୍ତାବକୁ ନେଇ କଶ୍ମୀର ବିଧାନସଭାରେ ଉତ୍ତେଜନା

ଶ୍ରୀନଗର,୪।୧୧

ଜମ୍ମୁ-କଶ୍ମୀର ବିଧାନସଭାର ପ୍ରଥମ ଅଧିବେଶନରେ ଅନୁଚ୍ଛେଦ ୩୭୦ ବିରୋଧରେ ପ୍ରସ୍ତାବକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପିଡିପି ବିଧାୟକ ୱାହିଦ ପାରା ସୋମବାର ବିଧାନସଭାରେ ୩୭୦ ଉଚ୍ଛେଦ ବିରୋଧରେ ପ୍ରସ୍ତାବ ଆଣିବା ସହ ତୁରନ୍ତ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ ପାଇଁ ଦାବି କରିଥିଲେ। ଏହାକୁ ନେଇ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ତଥା ୭ ଥରର ବିଧାୟକ ଅବଦୁଲ ରହିମ୍ ରାଠେରଙ୍କୁ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାର ପ୍ରଥମ ବାଚସ୍ପତି ନିର୍ବାଚିତ କରାଯିବା ପରେ ପୁଲ୍‌ୱାମା ବିଧାୟକ ଉପରୋକ୍ତ ପ୍ରସ୍ତାବ ଆଣିଥିଲେ। ଲୋକମାନଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦ର ଉଚ୍ଛେଦକୁ ଆମେ ବିରୋଧ କରୁଛୁ ବୋଲି ବିଧାୟକ କହିଥିଲେ। ଭାଜପାର ସମସ୍ତ ୨୮ ବିଧାୟକ ଛିଡ଼ାହୋଇ ଏହାର ପ୍ରତିବାଦ ଜଣାଇଥିଲେ। ବିଧାନସଭା ନିୟମର ଉଲ୍ଲଂଘନ କରି ପ୍ରସ୍ତାବ ଆଣିଥିବା ପାରାଙ୍କୁ ନିଲମ୍ବନ କରାଯାଉ ବୋଲି ଭାଜପା ବିଧାୟକ ଶାମ ଲାଲ୍ ଶର୍ମା ଦାବି କରିଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ହଟ୍ଟଗୋଳ କରୁଥିବା ସଦସ୍ୟମାନେ ସେମାନଙ୍କ ଆସନକୁ ଫେରିଯାଇ ନ ଥିଲେ। ଭାଜପା ସଦସ୍ୟମାନେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ନେଇ ଏନ୍‌ସି ବିଧାୟକ ସମାଲୋଚନା କରିଥିଲେ।

# ଆଜି ସରୁଛି ସତ୍ୟପାଠ ଦାଖଲର ସମୟସୀମା

## ଭରତପୁର ଥାନାରେ ନିର୍ଯାତନା ଘଟଣା

ଭୁବନେଶ୍ୱର,୪।୧୧(ସତ୍ୟଜିତ୍ ରାଉତ)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ଏଥିସହ ବିଚାର ବିଭାଗୀୟ ଯାଞ୍ଚ ମଧ୍ୟ ଜାରି ରହିଛି। ତେବେ ଏହି ଘଟଣାରେ କମିଶନଙ୍କ ପକ୍ଷରୁ ସତ୍ୟପାଠ ଗ୍ରହଣ କରାଯାଉଥିବାବେଳେ ଏହାର ସମୟସୀମା ମଙ୍ଗଳବାର ସରିବାକୁ ଯାଉଛି। ତେବେ ଏଯାଏ ୨୫୦ରୁ ଊର୍ଦ୍ଧ୍ୱ ସତ୍ୟପାଠ ଦାଖଲ ହୋଇଥିବା ନେଇ ସୋମବାର କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଖୁବଶୀଘ୍ର ସାକ୍ଷ୍ୟ ଗ୍ରହଣ ପାଇଁ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ପ୍ରଥମେ କମିଶନଙ୍କ ପକ୍ଷରୁ ଗତ ଅକ୍ଟୋବର ୫ରୁ ସତ୍ୟପାଠ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ସର୍ବସାଧାରଣଙ୍କ ଦାବିକୁ ଗ୍ରହଣ କରି ସତ୍ୟପାଠ ଦାଖଲର ସମୟସୀମାକୁ ଆଉ ୧୦ ଦିନ ବଢ଼ାଇ ଦିଆଯାଇଥିଲା। ଅନ୍ୟପକ୍ଷରେ ଗ୍ରହଣ କରାଯାଇଥିବା ସତ୍ୟପାଠଗୁଡ଼ିକୁ କମିଶନଙ୍କ ପକ୍ଷରୁ ଯାଞ୍ଚ କରାଯାଉଛି।

ଏସମ୍ପର୍କରେ ଶୁଭେନ୍ଦ୍ର କହିଛନ୍ତି, ସତ୍ୟପାଠଗୁଡ଼ିକୁ ଯାଞ୍ଚ କରାଯାଉଥିବା ବେଳେ କମିଶନ ଯେଉଁମାନଙ୍କୁ ଚାହିଁବେ ସେମାନଙ୍କୁ ସମନ୍ କରାଯିବ। କମିଶନଙ୍କ ନିକଟରେ ହାଜର ହେବାକୁ ଅତି କମ୍‌ରେ ୧୫ଦିନ ସମୟ ଦିଆଯିବ। ପରେ କମିଶନଙ୍କ ପକ୍ଷରୁ ଏହି ଘଟଣାରେ ପଚରାଉଚରା କରାଯାଇ ବୟାନ ରେକର୍ଡ କରାଯିବ। ଏହା ଏକ ଲମ୍ବା ପ୍ରକ୍ରିୟା ବୋଲି ସଚିବ କହିଛନ୍ତି। ତେବେ ସତ୍ୟପାଠ ଦାଖଲକାରୀଙ୍କ ମଧ୍ୟରେ ଆର୍ମି ଅଫିସର, ତାଙ୍କ ବାନ୍ଧବୀ, ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ☞ପୃଷ୍ଠା-୪

# ବସ୍ ଖାତରେ ଖସି ୩୬ ମୃତ



ମର୍ଚୁଲା(ଉତ୍ତରାଖଣ୍ଡ),୪।୧୧(ପି.ଟି.)

ଉତ୍ତରାଖଣ୍ଡର ଆଲ୍‌ମୋରା ଜିଲାରେ ସୋମବାର ଏକ ବସ୍ ଗଭୀର ଗର୍ତ୍ତକୁ ଖସିପଡ଼ିବାରୁ ୩୬ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୨୪ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।

ଦୀପାବଳି ପରେ ଲୋକମାନେ କାମକୁ ଫେରୁଥିବାରୁ ବସ୍‌ରେ ପ୍ରବଳ ଭିଡ଼ ଥିଲା। ଗଡ଼ୱାଲ ମୋଟର ଓନର୍ସ ଆସୋସିଏଶନ୍‌ର ଉକ୍ତ ୪୩ ସିଟ୍ ବିଶିଷ୍ଟ ବସ୍‌ରେ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ଏହା ଗଡ଼ୱାଲର ପୌରୀରୁ କୁମାଁଓର ରାମନଗର ଯାଉଥିବାବେଳେ ସକାଳ ୮ଟା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ଜିଲାପାଳ ଆଲୋକ କୁମାର ପାଣ୍ଡେ କହିଛନ୍ତି। ଗନ୍ତବ୍ୟ ସ୍ଥଳ ଆଉ ୩୫ କିଲୋମିଟର ଥିବାବେଳେ ଆଲମୋରାର ମର୍ଚୁଲା ଅଞ୍ଚଳରେ ଥିବା ୨୦୦ ମିଟର ଗଭୀର ଖାତ ମଧ୍ୟକୁ ବସ୍ ଖସିପଡ଼ିବାରୁ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ ପୌରୀ ଏବଂ ଆଲ୍‌ମୋରାର ସହକାରୀ ଆଞ୍ଚଳିକ ପରିବହନ ଅଫିସରଙ୍କୁ ନିଲମ୍ବନ କରାଯାଇଛି। ଦୁର୍ଘଟଣାରେ ଲୋକଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଦୁର୍ଘଟଣାସ୍ଥଳ ଗସ୍ତ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଏବଂ ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଆହତମାନଙ୍କୁ ରାମନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁତରଙ୍କୁ ଋଷିକେଶର ଏମ୍ସକୁ ଏବଂ ହଲଦ୍ୱାନିର ସୁଶୀଳା ତିୱାରି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଏସ୍‌ସିବି ମେଡିକାଲ କଲେଜରେ ରାଗିଂ ଅଭିଯୋଗ

## ଅଭିଯୋଗ ଭିତ୍ତିହୀନ କହିଲେ ଅଧ୍ୟକ୍ଷା

କଟକ,୪।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ରାଗିଂ ଘଟଣାର କିଛିଦିନ ପରେ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ରାଗିଂ ଅଭିଯୋଗ ଆସିଛି। ଏମ୍‌ବିବିଏସ୍‌ର ଜଣେ ପ୍ରଥମ ବର୍ଷ ଛାତ୍ରଙ୍କୁ ଶେଷବର୍ଷର ଛାତ୍ରମାନେ ରବିବାର ରାଗିଂ କରିଥିବା ନେଇ ମେଡିକାଲ କଲେଜ ଅଧ୍ୟକ୍ଷା ବା ଡିନ୍ ଆଣ୍ଡ ପ୍ରିନ୍ସିପାଲ ପ୍ରଫେସର ଡା. ଲୁସି ଦାସଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗକୁ ଆଧାର କରି ଏସ୍‌ସିବି ମେଡିକାଲ କଲେଜର ଆଣ୍ଟି ରାଗିଂ କମିଟି ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଉଭୟ ପ୍ରଥମ ଓ ଶେଷ ବର୍ଷ ଛାତ୍ରଙ୍କୁ ଡାକି ପଚରାଉଚରା କରିଥିବା ଜଣାପଡିଛି। ତେବେ ଏଭଳି ଅଭିଯୋଗକୁ ହସ୍ପିଟାଲ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି।

ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଦାସଙ୍କ କହିବା ଅନୁସାରେ, ରବିବାର ମେଡିକାଲର ଶେଷବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କୁ ନିଜ ନାମ, ଠିକଣା ବା ବିଧିବଦ୍ଧ ଭାବେ ପରିଚୟ ସମ୍ପର୍କରେ ପଚାରିଥିଲେ, ଯାହାକି ପୂର୍ବରୁ ଏକ ପରମ୍ପରା ରହିଆସିଛି। ମେଡିକାଲ କଲେଜର କୌଣସି ଛାତ୍ରୀଛାତ୍ର ରାଗିଂ ନେଇ ଲିଖିତ କିମ୍ବା ମୌଖିକ ଭାବେ ଅଭିଯୋଗ କରିନାହାନ୍ତି। ଏସ୍‌ସିବି ମେଡିକାଲ କଲେଜର ଆଣ୍ଟି ରାଗିଂ କମିଟି ରହିଛି। ପ୍ରତ୍ୟେକ ବର୍ଷ ନୂତନ ଛାତ୍ରୀଛାତ୍ର ଯୋଗଦେବା ପରେ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥାଏ। ସେହି ଅନୁସାରେ ସୋମବାର କମିଟିର ବୈଠକ ଥିଲା। ବୈଠକରେ ସମସ୍ତ ବିଷୟରେ ଆଲୋଚନା ହୋଇଥିଲା। ଏଭଳି ରାଗିଂ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଏକ ପ୍ରକାରର ଗୁଜବ, ଏଥିରେ କୌଣସି ସତ୍ୟତା ନାହିଁ। ଏସ୍‌ସିବି ମେଡିକାଲ କଲେଜକୁ ବଦନାମ କରିବାକୁ କେତେଜଣ କୁଚକ୍ରୀ ଏଭଳି ଗୁଜବ କରିବାକୁ ପ୍ରୟାସ କରିଥିବା ନେଇ ଦାସ କହିଛନ୍ତି।

ପ୍ରକାଶ ଯେ, ଏମ୍‌କେସିଜିର ୫ଜଣ ଚତୁର୍ଥ ବର୍ଷର ଛାତ୍ର କେତେଜଣ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ରାଗିଂ କରିବା ଅଭିଯୋଗରେ ଗତ ୩୦ ତାରିଖରେ ହଷ୍ଟେଲରୁ ବହିଷ୍କୃତ ହୋଇଥିଲେ। ଅଭିଯୁକ୍ତ ଛାତ୍ରମାନଙ୍କୁ ମଧ୍ୟ ୬ମାସ ପାଇଁ କ୍ୟାମ୍ପସରୁ ବାହାର କରାଯାଇଛି। ଉକ୍ତ ଘଟଣା ସମ୍ପର୍କରେ ପୀଡ଼ିତ ଛାତ୍ରଙ୍କ ଅଭିଭାବକ ନ୍ୟାଶନାଲ ମେଡିକାଲ କାଉନ୍‌ସିଲ(ଏନ୍‌ଏମ୍‌ସି)ର ଆଣ୍ଟି ରାଗିଂ ସେଲ୍‌ରେ ମଧ୍ୟ ଅଭିଯୋଗ କରିଥିଲେ।

# ଆଜି ଆମେରିକା ରାଷ୍ଟ୍ରପତି ନିର୍ବାଚନ

## ହାରିସ୍, ଟ୍ରମ୍ପଙ୍କ ମଧ୍ୟରେ କଡ଼ା ଟକ୍କର

ୱାଶିଂଟନ,୪।୧୧

ଆମେରିକାର ୪୭ତମ ରାଷ୍ଟ୍ରପତି ନିର୍ବାଚନ ଲାଗି ମଙ୍ଗଳବାର ମତଦାନ ହେବ। ଏଥିପାଇଁ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଏବଂ ଡେମୋକ୍ରାଟିକ୍ ପ୍ରାର୍ଥୀ କମଲା ହାରିସ୍‌ଙ୍କ ମଧ୍ୟରେ ଜୋର୍‌ଦାର ଲଢ଼େଇ ହେଉଛି। ବହୁ ଦଶନ୍ଧି ପରେ ହ୍ୱାଇଟ୍ ହାଉସ୍ ପାଇଁ ଏହି ନିର୍ବାଚନରେ ସର୍ବାଧିକ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା କୁହାଯାଇଛି। ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ ପ୍ରାର୍ଥୀ କୌଣସି ସୁଯୋଗ ହାତଛଡ଼ା କରିନାହାନ୍ତି। ବିଶେଷକରି ଶେଷ ମୁହୂର୍ତ୍ତରେ ଗୁରୁତ୍ୱପୂର୍ଣ୍ଣ ଝୁଲା ରାଜ୍ୟଗୁଡ଼ିକରେ ଟ୍ରମ୍ପ ଏବଂ ହାରିସ୍ ପ୍ରଚାର ଜାରି ରଖିଛନ୍ତି।

ଏହି ନିର୍ବାଚନ ଜିତିବାକୁ ହେଲେ ପ୍ରାର୍ଥୀଙ୍କୁ ୨୭୦ ଇଲେକ୍ଟୋରାଲ କଲେଜ ଭୋଟ୍‌ର ଆବଶ୍ୟକତା ରହିଛି। ସଦ୍ୟ ଜନମତ ସର୍ଭେ ଅନୁଯାୟୀ, ୭ ପ୍ରମୁଖ ରାଜ୍ୟ ଆରିଜୋନା,



କମଲା ହାରିସ୍



ଡୋନାଲ୍ଡ ଟ୍ରମ୍ପ

ନେଭଡା, ୱିସ୍‌କନ୍‌ସିନ, ମିଚିଗାନ, ପେନ୍‌ସିଲ୍‌ଭାନିଆ, ନର୍ଥ କରୋଲିନା ଏବଂ ଜର୍ଜିଆର ଫଳାଫଳ ନିର୍ଣ୍ଣାୟକ ଭୂମିକା ନେବ। ରିପବ୍ଲିକାନ୍ ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ କିନଷ୍ଟନ୍, ନର୍ଥ କରୋଲିନାରେ ରାଲି କରିବା ସହ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ଟାର୍ଗେଟ କରିଛନ୍ତି। ହାରିସ୍‌ଙ୍କର କୌଣସି ଦୂରଦୃଷ୍ଟି ଏବଂ ବିଚାରଧାରା ନଥିବାବେଳେ ବିଭିନ୍ନ ପ୍ରସଙ୍ଗରେ ସେ କେବଳ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମାଲୋଚନା କରୁଥିବା ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷରେ ଗାଜା ଯୁଦ୍ଧ ବନ୍ଦ କରିବା, ପଣବନ୍ଦୀଙ୍କୁ ଫେରାଇ ଆଣିବା, ଇସ୍ରାଏଲ୍‌ର ସୁରକ୍ଷା ଏବଂ ପାଲେଷ୍ଟିନୀୟମାନଙ୍କୁ ମର୍ଯ୍ୟାଦାର ସହ ନିଜର ଭାଗ୍ୟ ନିର୍ଣ୍ଣୟ ଅଧିକାର ସୁନିଶ୍ଚିତ କରିବେ ବୋଲି ଡେମୋକ୍ରାଟ୍ ପ୍ରାର୍ଥୀ ହାରିସ୍ ପ୍ରତିଶ୍ରୁତି ଦେଇଛନ୍ତି।

ସୋମବାର ପ୍ରଚାରର ଶେଷ ଦିନରେ ଉଭୟ ଟ୍ରମ୍ପ ଏବଂ ହାରିସ୍ ସମର୍ଥନ ହାସଲ ପାଇଁ ଦିନ ତମାମ ଉଦ୍ୟମ ଚଳାଇଥିଲେ। ଆମେରିକା ଇତିହାସରେ ପୂର୍ବେ କେବେ ଏଭଳି ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇ ନ ଥିଲା। ପ୍ରଚାର ବେଳେ ୭୮ ବର୍ଷୀୟ ଟ୍ରମ୍ପଙ୍କୁ ୨ ଥର ହତ୍ୟା ଉଦ୍ୟମ ☞ପୃଷ୍ଠା-୪

# କାନାଡା ହିନ୍ଦୁ ମନ୍ଦିରରେ ଖଲିସ୍ତାନୀଙ୍କ ଆକ୍ରମଣ

## ଉପାସନା ସ୍ଥଳୀର ସୁରକ୍ଷା ପାଇଁ ଟ୍ରୁଡୋ ସରକାରଙ୍କୁ କହିଲା ଭାରତ

ଓଟ୍ଟାୱା/ନୂଆଦିଲ୍ଲୀ,୪।୧୧



କାନାଡାର ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ମନ୍ଦିରରେ ଖଲିସ୍ତାନୀ ସମର୍ଥକ ପତାକା ଧରି ବିକ୍ଷୋଭ କରୁଛନ୍ତି।



କାନାଡାରେ ଥିବା ଭାରତୀୟମାନେ ମନ୍ଦିର ଆକ୍ରମଣର ପ୍ରତିବାଦ ଜଣାଉଛନ୍ତି।

କାନାଡାର ଓଣ୍ଟାରିଓ ଅନ୍ତର୍ଗତ ବ୍ରାମ୍ପଟନ୍‌ଠାରେ ଥିବା ହିନ୍ଦୁ ମନ୍ଦିର ଉପରେ ଖଲିସ୍ତାନୀ ଆତଙ୍କବାଦୀମାନେ ରବିବାର ଆକ୍ରମଣ କରିଛନ୍ତି। ସେଠାରେ ଥିବା ହିନ୍ଦୁମାନଙ୍କୁ ମାଡ଼ ମରାଯାଇଛି। ଏପରିକି ଆକ୍ରମଣର ପ୍ରତିବାଦରେ ହିନ୍ଦୁମାନେ ବିକ୍ଷୋଭ କରୁଥିବାବେଳେ କାନାଡା ପୋଲିସ ସେମାନଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଭାରତୀୟ ପତାକା ଧରି ମନ୍ଦିର ଯାଉଥିବା ଲୋକମାନଙ୍କୁ ପୋଲିସ ଆକ୍ରମଣ କରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। କାନାଡାର ଜଣେ ଖବରଦାତା ଉକ୍ତ ଭିଡିଓ ଶେୟାର କରିଛନ୍ତି।

ଅନ୍ୟପକ୍ଷରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣକୁ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ନିନ୍ଦା କରିଛନ୍ତି। ହିନ୍ଦୁ ସଭା ମନ୍ଦିରରେ ଯେଉଁ ଆକ୍ରମଣ ଘଟିଲା, ତାହା ଗ୍ରହଣୀୟ ନୁହେଁ। କାନାଡାର ପ୍ରତ୍ୟେକ ନାଗରିକ ସ୍ୱାଧୀନ ଏବଂ ସୁରକ୍ଷିତ ଭାବେ ପୂଜାର୍ଚ୍ଚନା କରିବା ଅଧିକାର ରହିଥିବା ଟ୍ରୁଡୋ କହିଛନ୍ତି। ପିଲ୍ ରିଜିଓନାଲ ପୋଲିସ କହିବା ଅନୁଯାୟୀ, ବ୍ରାମ୍ପଟନସ୍ଥିତ ହିନ୍ଦୁ ମନ୍ଦିରରେ ବିକ୍ଷୋଭ ବେଳେ ବିକ୍ଷୋଭକାରୀମାନେ ଖଲିସ୍ତାନ ସମର୍ଥନରେ ବ୍ୟାନର ଧରିଥିବା ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓରୁ ଦେଖିବାକୁ ମିଳିଛି। ହିନ୍ଦୁସଭା ମନ୍ଦିର ନିକଟରେ ଲୋକମାନେ ମୁଥ ମରାମରି ହେବା ସହ ଲାଠିରେ ଆକ୍ରମଣ କରିଥିଲେ ବୋଲି ଭିଡିଓରେ ଦେଖାଯାଇଥିବା କାନାଡା ବ୍ରଡ୍‌କାଷ୍ଟିଂ କର୍ପୋରେଶନ ରିପୋର୍ଟରେ କୁହାଯାଇଛି।

କାନାଡାରେ ହିନ୍ଦୁମାନଙ୍କ ଉପରେ ଆତଙ୍କବାଦୀଙ୍କ ଆକ୍ରମଣକୁ ନେଇ ଭାରତ ସୋମବାର ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଉପାସନା ସ୍ଥଳୀଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବାକୁ ନୂଆଦିଲ୍ଲୀ କାନାଡା ସରକାରଙ୍କୁ କହିଛି। ଯେଉଁମାନେ ହିଂସା ସହ ସମ୍ପୃକ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆଶା କରୁଛୁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଖଲିସ୍ତାନୀ ପତାକା ଧରିଥିବା ବିକ୍ଷୋଭକାରୀମାନେ ହିନ୍ଦୁସଭା ମନ୍ଦିରରେ ପ୍ରବେଶ କରି ଆକ୍ରମଣ କରିଥିଲେ। ଓଟ୍ଟାୱାରେ ଥିବା ଭାରତୀୟ ହାଇକମିଶନ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି।

କାନାଡା ଏମ୍‌ପି ଚନ୍ଦ୍ର ଆର୍ଯ୍ୟ ମଧ୍ୟ ମନ୍ଦିର ଆକ୍ରମଣକୁ ନିନ୍ଦା କରିଛନ୍ତି। ଖଲିସ୍ତାନୀ ଆତଙ୍କବାଦୀମାନେ ସବୁ ସୀମା ଅତିକ୍ରମ କରିଯାଇଥିବା ସେ କହିଛନ୍ତି। ମନ୍ଦିର ଆକ୍ରମଣକୁ କାନାଡାର ବିରୋଧୀ ଦଳ ନେତା ପିଏରେ ପୋଇଲେଭ୍ରେ, ଟରଣ୍ଟୋ ଏମ୍‌ପି କେଭିନ୍ ଭୁଓଙ୍ଗଙ୍କ ସମେତ ବହୁ ନେତା ନିନ୍ଦା କରିଛନ୍ତି। ହିନ୍ଦୁମାନଙ୍କୁ ସୁରକ୍ଷା ଦେବାରେ ଆମ ନେତାମାନେ ବିଫଳ ହୋଇଥିବା ଟରଣ୍ଟୋ ଏମ୍‌ପି କହିଛନ୍ତି। ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଚିନ୍ତାଜନକ ବୋଲି ବିଶ୍ୱ ହିନ୍ଦୁ ପରିଷଦ କହିଛି। ସୁରକ୍ଷା ପ୍ରଦାନ ପାଇଁ ଭାରତୀୟ କନ୍‌ସୁଲେଟ୍ ବହୁ ପୂର୍ବରୁ କାନାଡା ପ୍ରଶାସନକୁ ନିବେଦନ କରିଥିଲେ ମଧ୍ୟ ସେମାନେ ଉଦ୍ଦେଶ୍ୟମୂଳକ ଭାବେ ଏହାକୁ ଅଣଦେଖା କରିଥିଲେ ବୋଲି ବିଶ୍ୱ ହିନ୍ଦୁ ପରିଷଦର ଅନ୍ତର୍ଜାତୀୟ ଅଧ୍ୟକ୍ଷ ଆଲୋକ କୁମାର କହିଛନ୍ତି।

## ୟୁପି, ପଞ୍ଜାବ, କେରଳରେ ବିଧାନସଭା ଉପନିର୍ବାଚନ ୨୦କୁ ଘୁଞ୍ଚିଲା

ନୂଆଦିଲ୍ଲୀ, ୪।୧୧

ଉତ୍ତରପ୍ରଦେଶର ୯, ପଞ୍ଜାବର ୪ ଏବଂ କେରଳର ଗୋଟିଏ ବିଧାନସଭା ଆସନ ପାଇଁ ଉପ ନିର୍ବାଚନର ତାରିଖକୁ ନିର୍ବାଚନ ଆୟୋଗ(ଇସି) ସୋମବାର ବଦଳାଇଛନ୍ତି। ଏହି ୩ ରାଜ୍ୟରେ ବିଭିନ୍ନ ପର୍ବ ପର୍ବାଣୀକୁ ଦୃଷ୍ଟିରେ ରଖି ଉପନିର୍ବାଚନ ତାରିଖକୁ ନଭେମ୍ବର ୧୩ରୁ ନଭେମ୍ବର ୨୦କୁ ଘୁଞ୍ଚାଇ ଦିଆଯାଇଥିବା ନେଇ ଇସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ନଭେମ୍ବର ଦ୍ୱିତୀୟ ସପ୍ତାହରେ ଉତ୍ତରପ୍ରଦେଶରେ କାର୍ତ୍ତିକ ପୂର୍ଣ୍ଣିମା, ପଞ୍ଜାବରେ ଶ୍ରୀ ଗୁରୁ ନାନକ ଦେବଙ୍କର ୫୫୫ତମ ପ୍ରକାଶ ପର୍ବ ପଡୁଥିବାରୁ ଉପ ନିର୍ବାଚନରେ ମତଦାନ ହାର କମ୍ ହେବାର ଆଶଙ୍କା କରି ଅନେକ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ତାରିଖକୁ ବଦଳାଇବା ପାଇଁ ଦାବି କରାଯାଇଥିଲା। କେରଳର ପଲ୍ଲକଡ଼ ବିଧାନସଭା ଆସନର ଉପନିର୍ବାଚନକୁ ନଭେମ୍ବର ୧୩ରୁ ନଭେମ୍ବର ୨୦କୁ ଘୁଞ୍ଚାଇ ଦିଆଯାଇଥିବାବେଳେ ଚେଲାକ୍କରା ବିଧାନସଭା ଉପନିର୍ବାଚନ ଓ ବହୁ ଚର୍ଚ୍ଚିତ ୱାୟନାଡ୍ ଲୋକ ସଭା ଉପନିର୍ବାଚନ ପୂର୍ବ ନିର୍ଦ୍ଧାରିତ ନଭେମ୍ବର ୧୩ରେ ଅନୁଷ୍ଠିତ ହେବ ବୋଲି ଇସିଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ସଂକ୍ଷେପରେ

### କାର୍‌ରେ ବନ୍ଦ ହୋଇ ୪ ଶିଶୁ ମୃତ

ଗାନ୍ଧୀନଗର, ୪।୧୧

ଗୁଜରାଟର ଅମରେଲୀ ଜିଲା ରାନ୍ଧିୟା ଗ୍ରାମରେ କାର୍ ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ୪ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନେ ମଧ୍ୟପ୍ରଦେଶର ଧର ନିବାସୀ କୃଷି ଶ୍ରମିକ ଦମ୍ପତିଙ୍କ ପିଲା। ଏହି ଦମ୍ପତି ରବିବାର ସକାଳେ ନିଜର ୪ ପିଲାଙ୍କୁ ଘରେ ଛାଡ଼ି ଚାଷଜମିକୁ ଯାଇଥିଲେ। ଘର ନିକଟରେ ଥିବା ଏକ କାର୍ ମଧ୍ୟରେ ପିଲାମାନେ ଖେଳୁଥିବା ବେଳେ ଏହା ଜାଣି ନ ପାରି ମାଲିକ କାର୍‌କୁ ଲକ୍ କରିଦେଇଥିଲେ। ଦୀର୍ଘ ସମୟ ଧରି କାର୍ ମଧ୍ୟରେ ବନ୍ଦ ରହିବାରୁ ଶ୍ୱାସରୁଦ୍ଧ ହୋଇ ସେମାନଙ୍କର ମୃତ୍ୟୁ ଘଟିଥିଲା।

### ଖ୍ୟାତନାମା ମ୍ୟୁଜିସିଆନ୍ କୁଇନ୍ସି ଜୋନ୍ସଙ୍କ ପରଲୋକ



ୱାଶିଂଟନ,୪।୧୧

ଆମେରିକାର କିମ୍ବଦନ୍ତୀ ସଙ୍ଗୀତକାର, ପ୍ରଯୋଜକ ତଥା କମ୍ପୋଜର କୁଇନ୍ସି ଜୋନ୍ସଙ୍କର ରବିବାର ରାତିରେ ୯୧ ବର୍ଷ ବୟସରେ ଲସ୍‌ଆଞ୍ଜେଲସ୍ ବାସଭବନରେ ପରଲୋକ ହୋଇଯାଇଛି। ବହୁ ପ୍ରତିଭାର ଅଧିକାରୀ ଜୋନ୍ସ ଖ୍ୟାତନାମା ପପ୍ ଗାୟକ ମାଇକେଲ ଜାକ୍‌ସନ୍‌ଙ୍କ ଐତିହାସିକ 'ଥ୍ରିଲର' ଆଲବମ୍ ନିର୍ମାଣଠାରୁ ଆରମ୍ଭ କରି ଅନେକ ପୁରସ୍କୃତ ଚଳଚ୍ଚିତ୍ର ପାଇଁ ଗୀତ ଲେଖିଥିଲେ। ତାଙ୍କର ପରଲୋକ ସଙ୍ଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି। ୧୯୬୧ରୁ ଜୋନ୍ସ ୨୮ ଥର ଗ୍ରାମୀ ଆୱାର୍ଡରେ ପୁରସ୍କୃତ ହୋଇଥିଲେ। ଏଥିସହିତ ସେ ୩ ଥର ଗୋଲ୍ଡ ଗ୍ରାମୋଫୋନ୍ ଫର୍ ପ୍ରଡ୍ୟୁସର ଅଫ୍ ଦି ଇୟର ଏବଂ ଆଲ୍‌ବମ ଆଣ୍ଡ ସଙ୍ଗ୍ ଅଫ୍ ଦି ଇଅର ଭାବେ ୨ ଥର ଗ୍ରାମୀ ପୁରସ୍କାର ପାଇଥିଲେ।

### ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ଶୀର୍ଷ କମାଣ୍ଡର ଅବୁ ଅଲି ରିଡା ନିହତ

ତେଲ୍ ଆଭିଭ୍,୪।୧୧

ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲାର ଶୀର୍ଷ କମାଣ୍ଡର ଅବୁ ଅଲି ରିଡା ନିହତ ହୋଇଥିବା ଜେରୁଜେଲମ୍ କହିଛି। ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲୀ ସେନା ବିରୋଧରେ ରକେଟ ଏବଂ ଟ୍ୟାଙ୍କ୍ ବିଧ୍ୱଂସୀ ମିଶାଇଲ ଆକ୍ରମଣ ଯୋଜନା ରିଡା କରିଥିଲେ। ଏୟାରଷ୍ଟ୍ରାଇକ୍‌ରେ ତାଙ୍କର ମୃତ୍ୟୁ ଘଟିଥିଲେ ମଧ୍ୟ କେଉଁ ସମୟରେ ମୃତ୍ୟୁ ହେଲା ତାହା କୁହାଯାଇ ନାହିଁ। ଗତ ସେପ୍ଟେମ୍ବରରୁ ଇସ୍ରାଏଲ୍ ସେନା ଏବଂ ହେଜ୍‌ବୋଲ୍ଲା ମଧ୍ୟରେ ଆକ୍ରମଣ ଜାରି ରହିଛି। ଇସ୍ରାଏଲ୍‌ର ଆକ୍ରମଣରେ ହେଜ୍‌ବୋଲ୍ଲାର ପୂର୍ବତନ ମୁଖ୍ୟ ହାସନ୍ ନସ୍‌ରଲ୍ଲାଙ୍କ ସମେତ ଅନେକ ପ୍ରମୁଖ କମାଣ୍ଡର ଏବଂ ନେତା ନିହତ ହେଲେଣି।




ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟିକ୍ ପ୍ରାର୍ଥୀ କମଲା ହାରିସ୍‌ଙ୍କ ବିଜୟ ପାଇଁ ତେଲଙ୍ଗାନାର ପାଲଭଞ୍ଚାଠାରେ ହିନ୍ଦୁ ପୂଜକମାନେ ସୋମବାର ପୂଜାର୍ଚ୍ଚନା କରୁଛନ୍ତି।

## ଆଇଏସ୍‌ଏ ଅଧ୍ୟକ୍ଷ ଭାବେ ଭାରତ ପୁନଃ ନିର୍ବାଚିତ

ନୂଆଦିଲ୍ଲୀ, ୪।୧୧

୨୦୨୬ପର୍ଯ୍ୟନ୍ତ ଭାରତ ଇଣ୍ଟରନ୍ୟାଶନାଲ ସୋଲାର ଆଲାୟନ୍ସ(ଆଇଏସ୍‌ଏ) ଅଧ୍ୟକ୍ଷ ପୁନଃ ନିର୍ବାଚିତ ହୋଇଛି। ଏନେଇ ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୋମବାର ସୂଚନା ଦେଇଛନ୍ତି। ଫ୍ରାନ୍ସ ଆଇଏସ୍‌ଏର ଉପାଧ୍ୟକ୍ଷ ପୁନଃ ନିର୍ବାଚିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଶ୍ୱବ୍ୟାପୀ ସୌର ଶକ୍ତିକୁ ପ୍ରୋତ୍ସାହିତ କରାଇବାରେ ଭାରତର ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଥିବା ପ୍ରହ୍ଲାଦ କହିଛନ୍ତି। ୧୨୦ ଦେଶ ବିଶିଷ୍ଟ ଆଇଏସ୍‌ଏର ସ୍ଥାୟୀ ସମିତି ଭାରତକୁ ଅଧ୍ୟକ୍ଷ ଭାବେ ନିର୍ବାଚିତ କରିବା ସହ ୮ ଦେଶକୁ ଉପାଧ୍ୟକ୍ଷ ବାଛିଛି। ୪ ଭୌଗୋଳିକ ଅଞ୍ଚଳରୁ ୨ଟି ଲେଖାଏ ଦେଶକୁ ଉପାଧ୍ୟକ୍ଷ ନିର୍ବାଚିତ କରାଯାଇଛି।

## ବାୟୁସେନାର ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ



ଆଗ୍ରା, ୪।୧୧

ଉତ୍ତରପ୍ରଦେଶର ଆଗ୍ରା ଜିଲା ସୋନିଗା ଗ୍ରାମ ନିକଟରେ ଥିବା ଚାଷଜମିରେ ସୋମବାର ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ 'ମିଗ୍-୨୯' ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୂମିରେ ଖସିପଡ଼ି ବିମାନଟି ଜଳିଯାଇଥିଲା। ଦୁର୍ଘଟଣାରେ କେହି ମୃତାହତ ହୋଇ ନାହାନ୍ତି। ବିମାନର ୨ ପାଇଲଟ ଚାଷଜମିକୁ ଡେଇଁ ଜୀବନ ରକ୍ଷା କରିଥିଲେ। ପଞ୍ଜାବର ଆଦମପୁରରୁ ଅଭ୍ୟାସ ଉଡ଼ାଣ ଭରିଥିବା 'ମିଗ୍-୨୯' ଆଗ୍ରା ଯାଉଥିଲା। ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଆଇଏଏଫ୍ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାସ୍ଥଳରେ ଦୁର୍ଘଟଣାଗ୍ରସ୍ତ 'ମିଗ୍-୨୯'କୁ ଦେଖିବା ପାଇଁ ସ୍ଥାନୀୟ ଲୋକେ ଭିଡ଼ ଜମାଇଥିଲେ।

## ୱାକ୍‌ଫ ଜେପିସିରୁ ଓହରିବାକୁ ବାଧ ହେବୁ

### ଲୋକ ସଭା ବାଚସ୍ପତିଙ୍କୁ ଜଣାଇଲେ ବିରୋଧୀ ଏମ୍‌ପି

ନୂଆଦିଲ୍ଲୀ,୪।୧୧

ୱାକ୍‌ଫ ସଂଶୋଧନ ବିଲ୍‌ର ଯାଞ୍ଚ କରୁଥିବା ଯୁଗ୍ମ ସଂସଦୀୟ କମିଟି (ଜେପିସି)ରେ ବିରୋଧୀ ଏବଂ ଶାସକ ଏମ୍‌ପିମାନଙ୍କ ମଧ୍ୟରେ ପୁଣିଥରେ ମୁହାଁମୁହିଁ ସ୍ଥିତି ଉପୁଜିଛି। କମିଟି ମୁଖ୍ୟଙ୍କ ଏକପାଖିଆ ନିଷ୍ପତ୍ତି ଉପରେ ବିରୋଧୀ ଏମ୍‌ପିମାନେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖି ପ୍ରତିବାଦ ଜଣାଇଛନ୍ତି। ବିରୋଧୀ ଏମ୍‌ପିମାନଙ୍କ କଥା ଶୁଣା ନ ଗଲେ, ସେମାନେ ଜେପିସିରୁ ଓହରିଯିବାକୁ ବାଧ ହେବେ ବୋଲି କହିଛନ୍ତି। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ କେନ୍ଦ୍ର ସରକାର ୱାକ୍‌ଫ ବିଲ୍ ଆଣିଥିଲେ। ଏହାର ଯାଞ୍ଚ ପାଇଁ ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍‌ଙ୍କ ନେତୃତ୍ୱରେ ଗଠିତ ଯୁଗ୍ମ ସଂସଦୀୟ କମିଟିକୁ ଦାୟିତ୍ୱ ଦିଆଯାଇଥିଲା। ବିରୋଧୀ ଦଳ ଏବଂ ବିଭିନ୍ନ ମୁସଲମାନ ସଂଗଠନ ବିଲ୍‌କୁ ଜୋର୍‌ଦାର ବିରୋଧ କରିଥିଲେ। ପାର୍ଲାମେଣ୍ଟର ଆଗାମୀ ଶୀତ ଅଧିବେଶନରେ ଉକ୍ତ ବିଲ୍ ଗୃହୀତ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଜେପିସିକୁ କେବଳ ଏକ ବାୟୁ ଚଳାଚଳ କକ୍ଷ ଭାବେ ବିବେଚନା କରା ନ ଯାଉ। ସଂସଦୀୟ ପ୍ରକ୍ରିୟାକୁ ଅଣଦେଖା କରାଯାଇ ଅଗଣତାନ୍ତ୍ରିକ ଭାବେ କେନ୍ଦ୍ର ସରକାରଙ୍କ ମର୍ଜିରେ ବିଲ୍ ଗୃହୀତ କରା ନ ଯାଉ ବୋଲି ବିରୋଧୀ ଏମ୍‌ପିମାନେ ପତ୍ରରେ ଲେଖିଛନ୍ତି।

## ଦୀପାବଳିରେ ବାଣ ନିଷେଧାଦେଶ କାର୍ଯ୍ୟକାରୀ ହୋଇନି

### ଦିଲ୍ଲୀ ସରକାର, ପୋଲିସକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୪।୧୧(ପି.ଟି.)




ଦିଲ୍ଲୀରେ ଉତ୍କଟ ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବାଣ ଫୁଟାଇବା ଉପରେ ନିଷେଧାଦେଶ ଜାରି ହୋଇଥିଲା। ଏହା ସତ୍ତ୍ୱେ ଦୀପାବଳି ପରେ ରାଜଧାନୀ ବିଶ୍ୱର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଥିବାରୁ ସୁପ୍ରିମକୋର୍ଟ ସୋମବାର ଦିଲ୍ଲୀ ସରକାର ଏବଂ ପୋଲିସ କମିଶନରଙ୍କୁ ଜବାବ ମାଗିଛନ୍ତି। ବାଣ କଟକଣାର ଅନୁପାଳନ କରାଯାଇ ନ ଥିବାରୁ ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଚଳିତବର୍ଷ ବାଣ ନିଷେଧାଦେଶ କାର୍ଯ୍ୟକାରୀ କରିବାକୁ କ'ଣ ସବୁ ପଦକ୍ଷେପ ନିଆଯାଇଥିଲା ଏବଂ ଆସନ୍ତାବର୍ଷ ଏହାର ଅନୁପାଳନକୁ ସୁନିଶ୍ଚିତ କରିବା ନିମନ୍ତେ କ'ଣ ପ୍ରସ୍ତାବ ରହିଛି, ତାହା ସପ୍ତାହକ ମଧ୍ୟରେ ସତ୍ୟପାଠ ଜରିଆରେ ଜଣାଇବାକୁ ସର୍ବୋଚ୍ଚ ଅଦାଲତ ଆପ୍ ସରକାର ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ କହିଛନ୍ତି। ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ବିଭିନ୍ନ ଖବରକାଗଜ ରିପୋର୍ଟ ଦେଖାଇ ଅଦାଲତଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରାଯାଇଥିବା କହିଥିଲେ। ସେହିପରି ଅକ୍ଟୋବର ମାସର ଶେଷ ୧୦ ଦିନରେ କେତେ ନଡ଼ା ପୋଡ଼ି ଘଟଣା ଘଟିଛି, ତାହାର ସବିଶେଷ ରିପୋର୍ଟ ୧୪ ତାରିଖ ସୁଦ୍ଧା ଦେବା ନିମନ୍ତେ ଖଣ୍ଡପୀଠ ପଞ୍ଜାବ ଓ ହରିୟାଣା ସରକାରଙ୍କୁ କହିଛନ୍ତି। ବାଣ ନିଷେଧାଦେଶର ଉଲ୍ଲଂଘନ କରିଥିବା ବ୍ୟକ୍ତିବିଶେଷ ଓ ସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ରହିଛି ବୋଲି ଖଣ୍ଡପୀଠ କହିଛନ୍ତି।

## ଫୁର୍‌ସତ୍

### ଆଗରେ 'ସିଂଘମ୍ ଏଗେନ୍'

ମୁମ୍ବାଇ



ଦୀପାବଳି ଉପଲକ୍ଷେ ଶୁକ୍ରବାର ୨ଟି ବଡ଼ ବଜେଟ୍‌ର ବଲିଉଡ୍ ଚଳଚ୍ଚିତ୍ର 'ସିଂଘମ୍ ଏଗେନ୍' ଓ 'ଭୁଲ୍ ଭୁଲୈୟା ୩' ମୁକ୍ତିଲାଭ କରିଥିଲା। ରିଲିଜ୍ ହେବାର ପ୍ରଥମ ୩ ଦିନ ମଧ୍ୟରେ ଦୀପାବଳି ଓ ୱିକ୍‌ଏଣ୍ଡ ପଡୁଥିବାରୁ ଉଭୟ ଫିଲ୍ମ ବକ୍ସ ଅଫିସ୍‌ରୁ ବମ୍ପର ଓପନିଂ କରିବେ ବୋଲି ଆଶା କରାଯାଉଥିଲା। ରବିବାର ସୁଦ୍ଧା ବକ୍ସ ଅଫିସରେ ଠିକ୍ ସେପରି ହିଁ ଘଟିଛି। ରିଲିଜ୍ ହେବାର ପ୍ରଥମ ୩ ଦିନ ମଧ୍ୟରେ ଉଭୟ ଚଳଚ୍ଚିତ୍ର କେବଳ ଭାରତରୁ ୧୦୦ କୋଟି ଟଙ୍କାରୁ ଅଧିକ ରୋଜଗାର କରିପାରିଛନ୍ତି। ତେବେ ଏହି ବକ୍ସ ଅଫିସ ଲଢେଇରେ ଅଜୟ ଦେବଗନଙ୍କ ଫିଲ୍ମ 'ସିଂଘମ୍ ଏଗେନ୍' ରବିବାର ସୁଦ୍ଧା କାର୍ତ୍ତିକ ଆର୍ଯ୍ୟନଙ୍କ 'ଭୁଲ୍ ଭୁଲୈୟା ୩'ଠାରୁ ସାମାନ୍ୟ ଆଗରେ ରହିଛି।

ବିଭିନ୍ନ ରିପୋର୍ଟ ଅନୁଯାୟୀ, 'ସିଂଘମ୍ ଏଗେନ୍' ଚଳଚ୍ଚିତ୍ର ଶୁକ୍ରବାର କେବଳ ଭାରତୀୟ ଫିଲ୍ମ ହଲ୍‌ଗୁଡ଼ିକରୁ ୪୪ କୋଟି ଟଙ୍କା ରୋଜଗାର କରିଥିବା ବେଳେ ଶନିବାର ଓ ରବିବାର ଏହା ଯଥାକ୍ରମେ ୪୨ ଏବଂ ୩୫ କୋଟି ଟଙ୍କାର ବ୍ୟବସାୟ କରିଛି। ରବିବାର ସୁଦ୍ଧା ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ 'ସିଂଘମ୍ ଏଗେନ୍' ଫିଲ୍ମ କେବଳ ଭାରତରୁ ୧୨୧ କୋଟି ଟଙ୍କା ରୋଜଗାର କରିଛି। ଅନ୍ୟପକ୍ଷରେ, 'ଭୁଲ୍ ଭୁଲୈୟା ୩' ଚଳଚ୍ଚିତ୍ର ଶୁକ୍ରବାର କେବଳ ଭାରତୀୟ ଫିଲ୍ମ ହଲ୍‌ଗୁଡ଼ିକରୁ ୩୭ କୋଟି ଟଙ୍କା ରୋଜଗାର କରିଥିବା ବେଳେ ଶନିବାର ଏବଂ ରବିବାର ଏହା ଯଥାକ୍ରମେ ୩୮ ଏବଂ ୩୫ କୋଟି ଟଙ୍କାର ବ୍ୟବସାୟ କରିଛି। ରବିବାର ସୁଦ୍ଧା ଅନିସ୍ ବଜ୍‌ମୀଙ୍କ ନିର୍ଦ୍ଦେଶିତ 'ଭୁଲ୍ ଭୁଲୈୟା ୩' ଫିଲ୍ମ କେବଳ ଭାରତରୁ ୧୧୦ କୋଟି ଟଙ୍କାର ରୋଜଗାର କରିଛି।

### ସୁନାମି ସଚେତନତା ନିହାତି ଜରୁରୀ

#### ଆଜି ବିଶ୍ୱ ସୁନାମି ସଚେତନତା ଦିବସ

ପ୍ରତିବର୍ଷ ନଭେମ୍ବର ୫ରେ ବିଶ୍ୱ ସୁନାମି ସଚେତନତା ଦିବସ ପାଳନ କରାଯାଏ। ସୁନାମି ବିଷୟରେ ସଚେତନତା ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଏହି ଦିବସରେ ସୁନାମିର ପ୍ରକୋପରୁ କିପରି ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ ସେ ବିଷୟରେ କୁହାଯାଇଥାଏ। ମିଳିତ ଜାତିସଂଘର ସାଧାରଣ ସଭାର ୨୨ ଡିସେମ୍ବର ୨୦୧୫ରେ ଘୋଷଣା ହେବା ପରେ ବିଶ୍ୱ ସୁନାମି ଦିବସ ପ୍ରଥମ ଥର ପାଇଁ ୫ ନଭେମ୍ବର ୨୦୧୬ରେ ପାଳନ କରାଯାଇଥିଲା। ସମସ୍ତ ଦେଶକୁ ଏହି ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ସଚେତନତା ସୃଷ୍ଟି କରିବାକୁ ମିଳିତ ଜାତିସଂଘ ଆହ୍ୱାନ କରିଛି।

### 'ବେବି ଜନ୍' ଟିଜର ଆଉଟ

ମୁମ୍ବାଇ




ବରୁଣ ଧାୱନ

ଅଭିନେତା ବରୁଣ ଧାୱନଙ୍କ ପରବର୍ତ୍ତୀ ଫିଲ୍ମ 'ବେବି ଜନ୍' ଆସନ୍ତା ଡିସେମ୍ବର ୨୫ ବଡ଼ଦିନ ଉପଲକ୍ଷେ ରିଲିଜ୍ ହେବାକୁ ଯାଉଛି। ଶନିବାର 'ବେବି ଜନ୍'ର ନିର୍ମାତାଙ୍କ ପକ୍ଷରୁ ଏହାର ଟିଜରକୁ ଜାରି କରାଯାଇଛି। ବରୁଣ ମଧ୍ୟ ଏହି ଟିଜରକୁ ନିଜ ଇନ୍‌ଷ୍ଟାଗ୍ରାମ ଆଇଡିରେ ଶେୟାର କରିଛନ୍ତି। ଏହି ଟିଜରରେ କମେଡି ବ୍ୟତୀତ ବରୁଣଙ୍କର ଆକ୍ସନ ଦୃଶ୍ୟ ମଧ୍ୟ ରହିଛି। ଏଥିରେ ବରୁଣ ଖାକି ୟୁନିଫର୍ମ ପିନ୍ଧିଥିବାର ନଜରକୁ ଆସିଛନ୍ତି। ଟିଜରରେ ବରୁଣଙ୍କର ୨ଟି ଲୁକ୍ ଦେଖିବାକୁ ମିଳୁଛି। ଗୋଟିଏ ଲୁକ୍‌ରେ ସେ କ୍ଲିନ୍ ଶେଭ୍ ଥିବା ସହ ପୋଲିସ ୟୁନିଫର୍ମରେ ଦେଖାଯାଉଛନ୍ତି। ସେହିପରି ଅନ୍ୟ ଲୁକ୍‌ରେ ତାଙ୍କୁ ଲମ୍ବା କେଶ ଓ ଦାଢ଼ି ସହ ଦେଖିବାକୁ ମିଳିଛି। 'ବେବି ଜନ୍' ଫିଲ୍ମରେ ବରୁଣଙ୍କ ବିପକ୍ଷରେ ଅଭିନେତ୍ରୀ କୀର୍ତ୍ତି ସୁରେଶ ଏବଂ ୱାମିକା ଗବ୍ବିଙ୍କୁ ଦେଖିବାକୁ ମିଳିବ। ସେହିପରି ଫିଲ୍ମରେ ଅନ୍ୟ ଏକ ଭୂମିକାରେ ଅଭିନେତା ଜ୍ୟାକି ଶ୍ରଫ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ। ପ୍ରକାଶ ଯେ, 'ବେବି ଜନ୍'ହେଉଛି ତାମିଲ ଚଳଚ୍ଚିତ୍ର 'ଥେରି'ର ରିମେକ୍। 'ଥେରି' ଫିଲ୍ମରେ ଅଭିନେତା ଥାଲାପଥି ବିଜୟ, ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଓ ଆମି ଜ୍ୟାକ୍‌ସନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିଥିଲେ। 'ଥେରି'ର ନିର୍ଦ୍ଦେଶକ ଏଟଲି କୁମାର 'ବେବି ଜନ୍' ଫିଲ୍ମ ନିର୍ମାଣ କରିଛନ୍ତି। ତେବେ 'ଥେରି'ର କାହାଣୀ ତୁଳନାରେ 'ବେବି ଜନ୍' କାହାଣୀରେ ଏକ ଟୁଇଷ୍ଟ ଯୋଡ଼ା ଯାଇଥିବା ସେ ସୂଚନା ଦେଇଛନ୍ତି। କ୍ଲିସ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଟିଜର ରିଲିଜ୍ ହେବା ପରେ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି।

# ଓଡ଼ିଶାର ସବୁଜ ସ୍ୱର



ଆଦଭିକା ଦାସ, ଶିଶୁ କଳାକାର



ରୋଜାଲିନ ମହାପାତ୍ର, ଅଭିନେତ୍ରୀ



ଅଭିଷେକ ଗିରି, ଅଭିନେତା



ଗୁଡ୍‌ଲୀ ରଥ, ସଙ୍ଗୀତ ନିର୍ଦ୍ଦେଶକ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ସେଞ୍ଚୁରିଆନ କଲେଜ, ପାରଳାଖେମୁଣ୍ଡି



କୋରାପୁଟ ସରକାରୀ ମହାବିଦ୍ୟାଳୟ, କୋରାପୁଟ



ମହିଳା ମହାବିଦ୍ୟାଳୟ, ରାୟଗଡ଼ା



ରାଜଧାନୀ କଲେଜ, ଭୁବନେଶ୍ୱର

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



# କେନ୍ଦ୍ରୀୟ ହିନ୍ଦୀ ସମିତି ବୈଠକରେ ମୁଖ୍ୟମନ୍ତ୍ରୀ

## ଇଣ୍ଟର-ଲାଙ୍ଗୁଏଜ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ଓଡ଼ିଆ-ହିନ୍ଦୀ ଅନୁବାଦ କେନ୍ଦ୍ର ସ୍ଥାପନ ପାଇଁ ପ୍ରସ୍ତାବ

ଭୁବନେଶ୍ୱର, ୪।୧୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ ହିନ୍ଦୀ ସମିତିର ୩୨ତମ ବୈଠକରେ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ଓଡ଼ିଆ-ହିନ୍ଦୀ ଅନୁବାଦ କେନ୍ଦ୍ର ପ୍ରତିଷ୍ଠା, ଇଣ୍ଟର-ଲାଙ୍ଗୁଏଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ରାଜ୍ୟରେ ଅଧିକ ସଂଖ୍ୟକ ହିନ୍ଦୀ ଶିକ୍ଷକ ସୃଷ୍ଟି କରିବା, ଓଡ଼ିଆ ଓ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ଉଭୟ ଭାଷାର ଅନବଦ୍ୟ ସାହିତ୍ୟ କୃତି ଏବଂ ଅନ୍ୟାନ୍ୟ ରଚନାଗୁଡ଼ିକର ଅନୁବାଦ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କ ରାଜଭାଷା ବିଭାଗର ଆର୍ଥିକ ସହାୟତାରେ ଏକ ସ୍ୱତନ୍ତ୍ର ଅନୁବାଦ କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଅଧିକ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଆୟୋଜନ- ହିନ୍ଦୀ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ମଧ୍ୟରେ ଅଧିକ ସାଂସ୍କୃତିକ ବିନିମୟ ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର କବି, ସାହିତ୍ୟିକ, ଲେଖକ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିବା ଆବଶ୍ୟକ। ଏହା ଦ୍ୱାରା ହିନ୍ଦୀ ଏବଂ ଓଡ଼ିଆ ମଧ୍ୟରେ ସାହିତ୍ୟିକ ଓ ସାଂସ୍କୃତିକ ସମ୍ବନ୍ଧ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରସ୍ତାବରେ କହିଛନ୍ତି। ଉଭୟ ଭାଷାରେ ଅନୁସନ୍ଧାନ ଓ ଗବେଷଣା ପାଇଁ ଓଡ଼ିଶାରେ ଏକ ଇଣ୍ଟର-ଲାଙ୍ଗୁଏଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଉଭୟ ଭାଷାର ପାରସ୍ପରିକ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ହିନ୍ଦୀ ଶିକ୍ଷାଦାନ ପାଇଁ ଆବଶ୍ୟକ ସମ୍ବଳ ପାଇଁ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ଏବଂ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ହିନ୍ଦୀ ସାହିତ୍ୟର ବିକାଶ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ସ୍ୱତନ୍ତ୍ର ଅନୁଦାନ ଏବଂ ସହଯୋଗ ପ୍ରଦାନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ. ପି. ନଡ୍ଡା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଛନ୍ତି।



ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହିନ୍ଦୀ ସମିତି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

# ଦୁଗ୍ଧ ପ୍ରକ୍ରିୟାକରଣ ବୃଦ୍ଧି କରିବ ଓମ୍‌ଫେଡ୍

## ପଞ୍ଚାୟତସ୍ତରରେ ଖୋଲିବ ‘କ୍ଷୀର ଧାରା’ କେନ୍ଦ୍ର

ଭୁବନେଶ୍ୱର,୪।୧୧
(ଅନୁରାଧା ମହାରଣା)

ଓମଫେଡ୍ ପକ୍ଷରୁ ଆସନ୍ତା ୨ ମାସ ମଧ୍ୟରେ ଆହୁରି ଅଧିକ ୨ ଲକ୍ଷ ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରାଯିବ। ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଓମ୍‌ଫେଡ ଦୈନିକ ୫ ଲକ୍ଷ ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରି ବଜାରରେ ବିକ୍ରି କରୁଥିବା ବେଳେ ଏହାକୁ ୭ ଲକ୍ଷ ଲିଟରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏଥିସହ ଗ୍ରାମାଞ୍ଚଳ ଗ୍ରାହକଙ୍କୁ ଓମ୍‌ଫେଡ ଗୁଣାତ୍ମକ, ସ୍ୱାସ୍ଥ୍ୟକର ଓ ସ୍ୱାଦିଷ୍ଟ ଦୁଗ୍ଧ ଏବଂ ଦୁଗ୍ଧଜାତୀୟ ପଦାର୍ଥ ଯଥା ଛେନାପୋଡ, ଖଟା ଓ ମିଠା ଦହି, ରାବିଡ଼, ପନିର, ଘିଅ, ଆଇସ୍‌କ୍ରିମ୍, ଘୋଳ ଦହି, ଲସି, ଓମ୍‌ଫେଡ ପାଉଡର ଆଦି ଯୋଗାଇବା ଉଦ୍ଦେଶ୍ୟରେ ପଞ୍ଚାୟତସ୍ତରରେ କ୍ଷୀର ଧାରା କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ହୋଇଛି। ବିଭିନ୍ନ ଜିଲାର ୨୦ଟି ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ଏହି କ୍ଷୀର ଧାରା ଖୋଲାଯିବ। ଜନସାଧାରଣଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଅନ୍ୟ ପଞ୍ଚାୟତରେ ଏହି କେନ୍ଦ୍ର ଖୋଲାଯାଇ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରାଯିବ। ସଂଗୃହୀତ ଦୁଗ୍ଧ ପ୍ରକ୍ରିୟାକରଣ ପାଇଁ ନିକଟସ୍ଥ ପ୍ଲାଣ୍ଟକୁ ଯିବ। ଅପରପକ୍ଷେ ସେହିଠାରେ ଓମ୍‌ଫେଡର ସମସ୍ତ ପ୍ରକାର ଉତ୍ପାଦ ବିକ୍ରୟ କରାଯିବ। ଏହା ଦ୍ୱାରା ଉଭୟ ଗ୍ରାହକ ଓ ଦୁଗ୍ଧ ଚାଷୀ ବିଶେଷ ଭାବେ ଉପକୃତ ହେବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ନେଇ ଆଶା କରାଯାଉଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଓମଫେଡ୍ ଘିଅ ଭୋଗ ଓ ଦୀପରେ ଲାଗି ହେବା ପରେ ଏହାର ଚାହିଦା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଥିବା କୁଲାଙ୍ଗେ ସୂଚନା ଦେଇଛନ୍ତି।

ଶହୀଦନଗରସ୍ଥିତ ଓମ୍‌ଫେଡର ମୁଖ୍ୟ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜେନେରାଲ ମ୍ୟାନେଜର (ପ୍ରୋଜେକ୍ଟ ଓ ଡିଓ) ସୌମେନ୍ଦ୍ର ଭୌମିକ, ଜେନେରାଲ ମ୍ୟାନେଜର(ଅର୍ଥ) ସୁରେଶ ଚନ୍ଦ୍ର ଅଲଟିଆ, ଡେପୁଟି ଜେନେରାଲ ମ୍ୟାନେଜର (ମାନବ ସମ୍ବଳ) ଡ.ଜୟକୃଷ୍ଣ ପଟ୍ଟନାୟକ, ଡେପୁଟି ମ୍ୟାନେଜର(ମଟେରିଆଲ ମ୍ୟାନେଜମେଣ୍ଟ ଓ ସିଏସ୍ଏସ୍) ଡ. ବିଶ୍ୱରଞ୍ଜନ ତ୍ରିପାଠୀ, ମାର୍କେଟିଂ ମୁଖ୍ୟ ଡ. ଆଲୋକ ଅଗ୍ନିବେଶ, ଆସିଷ୍ଟାଣ୍ଟ ମ୍ୟାନେଜର (ଆଇଟି) ମନସ୍ୱିନୀ ପଟ୍ଟନାୟକ, ଆସିଷ୍ଟାଣ୍ଟ ମ୍ୟାନେଜର (ଆଇଟି) ଜିତେନ୍ଦ୍ର ବରାଡ, ବୈଷୟିକ ପରାମର୍ଶଦାତା ଡକ୍ଟର ଦିଗମ୍ବର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



**ଆଜିର ମନ୍ତବ୍ୟ**

"ୱାୟନାଡ୍ ଭୂସ୍ଖଳନ ପୀଡ଼ିତ ପରିବାରଙ୍କୁ ପର୍ଯ୍ୟାପ୍ତ ସହାୟତା ବଣ୍ଟନ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ଏଭଳି ଦୁଃଖଦାୟକ ଘଟଣାକୁ ନେଇ ମଧ ଭାଜପା ରାଜନୀତି କରୁଛି।

– ପ୍ରିୟଙ୍କା ଗାନ୍ଧୀ, ଏଆଇସିସି ସାଧାରଣ ସମ୍ପାଦିକା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଚଳିତ ମାସରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଦିବ୍ୟଧାମ, ଗଜପତି ମହାରାଜାଙ୍କ ବାସଭବନ, ଶହୀଦ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଲେ୍ଫିଏସ୍ ଫ୍ୟାସନ୍ ବୁଟିକ୍‌ର ଉଦ୍‌ଘାଟନ, ସ୍ଥାନ: ପ୍ଲଟ ନଂ. ୨୬୦ଏ, ଚନ୍ଦ୍ରଶେଖରପୁର, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ନାରାୟଣ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜିଲାସ୍ତରୀୟ କଳା ଉତ୍ସବ-୨୦୨୪, ସ୍ଥାନ: ଖାନ୍‌ନଗର ହାଇସ୍କୁଲ, ସମୟ: ପୂର୍ବାହ୍ଣ ୧୦ଟା।
- ପଣ୍ଡିତ ଗୋବିନ୍ଦ ରଥ ସ୍ମୃତି ସଂସଦ ପକ୍ଷରୁ ଗୋବିନ୍ଦ ରଥଙ୍କ ୧୭୬ତମ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: କାଳୀଭବନ, ଖାନ୍‌ନଗର, ସମୟ: ସନ୍ଧ୍ୟା ୫ଟା ୩୦।

## ପୁରୀ
- ପଞ୍ଚଦଶ ବାର୍ଷିକ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୋଲେଇ ଛକ, ବିଷ୍ଣୁପୁର, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ୧୪ତମ ବାର୍ଷିକ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପନୀ, ସ୍ଥାନ: ବାବା ମଣିକର୍ଣ୍ଣିକେଶ୍ୱର ପୀଠ, ମୁଣ୍ଡଳ ଗ୍ରାମ, ଜଟଣୀ, ସମୟ: ସକାଳ ୭ଟା।

## ବାଲେଶ୍ୱର
- ଇଣ୍ଡିଆନ ବ୍ୟାଙ୍କର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗଡ଼ଗଡ଼ିଆ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ମା' ଭଦ୍ରକାଳୀଙ୍କ ମହାସରସ୍ୱତୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।

## କେନ୍ଦୁଝର
- ଶ୍ରୀ ହନୁମାନଙ୍କ ମନ୍ଦିରରେ ପୂଜା, ହୋମ, ବେଦ ପାଠ ପ୍ରଶିକ୍ଷଣ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ଅପରାହ୍ନ ୫ଟା।
- ମା' ତାରିଣୀଙ୍କ ମନ୍ଦିରରେ ପୂଜା, ହୋମ ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ମରିଗାଁ, ଛେନାପଦୀ, ହାଟଡ଼ିହୀ, ସମୟ: ସକାଳ ୭ ଏବଂ ସନ୍ଧ୍ୟା ୬ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ମେଳା ଏବଂ ପୂଜା, ସ୍ଥାନ: ଭୂଇଁପୁର, ଶାଳକଣିଆଁ, ହାଟଡ଼ିହୀ, ସମୟ: ସକାଳ ୭ଟା।
- ଉନ୍ନୟନ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ବିଜ୍ଞାନ ମେଳା, ସ୍ଥାନ: ବୁଗୁଡା ଶୋଭନୀୟ ପବ୍ଲିକ ସ୍କୁଲ ପରିସର, ସମୟ: ସକାଳ ୯ଟା ୩୦।
- ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡା ବି. ବ୍ରହ୍ମପୁର କଦମ୍ବ ମଠ, ସମୟ: ସନ୍ଧ୍ୟା ୭ଟା।

## ଗଜପତି
- ବ୍ଲକସ୍ତରୀୟ ସରଗିଫୁଲ,ସ୍ଥାନ: ମୋହନା ଏସଏସଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ବିଜେଡି ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଏରସମା ବ୍ଲକ କଣ୍ଟାଗାଦି ପୀଠରୁ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ପାରଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବର ୩ୟ ଦିନରେ ନାଟକ 'ଏଇତ ଦୁନିଆ' ମଞ୍ଚସ୍ଥ, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ମା'ମନସା ଦେବୀଙ୍କ ପୂଜାହୋବ, ସ୍ଥାନ: ଜାଲକଣା ମହାକାଳପଡ଼ା, ସମୟ: ସକାଳ ୯ଟା।
- ଜଗତିଜୋର ଜନକଲ୍ୟାଣ ହାଟ ଓ ବ୍ୟବସାୟୀ କମିଟି ପକ୍ଷରୁ ମା' ଦକ୍ଷିଣ ଶ୍ୟାମାକାଳୀ ପୂଜା ଉପଲକ୍ଷେ ଗହୀରମଥା ମହୋତ୍ସବ, ସ୍ଥାନ: ଜଗତିଜୋର, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।
- ଚଣ୍ଡିଦେବୀ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପାୟଲ ମ୍ୟୁଜିକର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଜକନିକା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଟାଟା ପାୱାର ପକ୍ଷରୁ ବିଦ୍ୟୁତ୍ ଆଦର୍ଶ ଗ୍ରାମ ପଞ୍ଚାୟତ ଗ୍ରାହକ ସଚେତନତା ଶିବିର,ସ୍ଥାନ:ଭୋଟକା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷ,ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ନାଗୁଲି ଚତୁର୍ଥୀ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ରାଧା ମୋହନ ମଠ, ସମୟ: ସକାଳ ୭ଟା।
- ଗିରି ଗୋବର୍ଦ୍ଧନ ପୂଜାର ଉଦ୍‌ଯାପନ ଦିବସର ବାଦି ପାଲା ପ୍ରତିଯୋଗିତା, ସ୍ଥାନ: ଖଣ୍ଡପଡ଼ା ବ୍ଲକର ପଥର ଦ୍ୱାର ପୂର୍ଣ୍ଣମାସି ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ପଞ୍ଚାୟତ ସମିତିସ୍ତରୀୟ ମଣ୍ଡେଇ ପ୍ରସ୍ତୁତି ବୈଠକ, ସ୍ଥାନ :କୋଷାଗୁମୁଡ଼ା ବ୍ଲକ ମିନି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମଉଦୋୟ ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁର ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ ଟା ୩୦।

## କୋରାପୁଟ
- ଦହିହାଣ୍ଡି ଭଙ୍ଗା ଓ ନଗର କୀର୍ତ୍ତନ, ସ୍ଥାନ: ଦଶମନ୍ତପୁର ଜଳେଶ୍ୱର ପୀଠ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମାଲକାନଗିରି
- ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ୫ ଜଣଙ୍କୁ ସମ୍ମାନିତ କରାଯିବ, ସ୍ଥାନ: ମାଲକାନଗିରି ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- କ୍ରୀଷ୍ଟା ଆଦିବାସୀ କ୍ଲବ ଆୟୋଜିତ ୨୯ତମ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ଏସ୍‌ଏମ୍‌ସି ଅର୍ନ୍ତଗତ ନିର୍ଗୁଣପଡା ଖେଳ ପଡିଆ, ସମୟ : ଅପରାହ୍ନ ୨ଟା।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚନ, ସ୍ଥାନ: ପତିତପାବନ ଏକାଡେମୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଗିରି ଗୋବର୍ଦ୍ଧନ ପୂଜା ପୂର୍ଣ୍ଣାହୁତି, ସ୍ଥାନ: ଖଡ଼ିଆଳ ବ୍ଲକ ବଡମହେଶ୍ୱର ଗାଁ, ସମୟ: ସକାଳ ୭ଟା।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଧୁମାଭଟା ଗାଁ, ସମୟ: ରାତ୍ର ୧୦ଟା।
- ସିଟି ସ୍କାନ ମେଶିନ ଉଦ୍‌ଘାଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ଅପରାହ୍ନ ୧ଟା।
- ଗିରି ଗୋବର୍ଦ୍ଧନ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା, ସମୟ: ସକାଳ ୭ଟା।

## ସୁବର୍ଣ୍ଣପୁର
- ଅଖଣ୍ଡ ନାମଯଜ୍ଞର ଅଷ୍ଟାଦଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ୭ମ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ପଠନ, ସ୍ଥାନ: ତିକୁଡା ରାମ ମନ୍ଦିର,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଷ୍ଟେଟ୍ ୟୁନିୟନ ଅଫ ଜର୍ନାଲିଷ୍ଟ ଆସୋସିଏଶନ(ଏସୟୁଜେ) ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ବରଗଡ଼
- ମା' ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା, ସ୍ଥାନ: ଶ୍ୟାମାକାଳୀଙ୍କ ମନ୍ଦିର ପରିସର, ବରଗଡ଼,
- ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଫିସ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜନ କଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠା ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ମାଧବ ଆଶ୍ରମରେ ଶ୍ରୀମଦ୍ ଭାଗବତ ପରାୟଣ, ସ୍ଥାନ: ଦୁର୍ଗାପୁର ବସ୍ତି, ବାସନ୍ତୀ କଲୋନି, ସମୟ: ସକାଳ ସାଢେ ୬ଟା।

## ଦେବଗଡ଼
- ମା' କାଳୀଙ୍କ ପାନ୍ତହ ସୂର୍ଯ୍ୟପୂଜା, ସ୍ଥାନ: ବାରକୋଟ କାଳୀ ପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା।
- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ପ୍ରାତଃ ୫ଟା।
- ମା' କାଳୀଙ୍କ ଦିବ୍ୟ ସନ୍ଧ୍ୟା ଆଳତି, ସ୍ଥାନ: ବାରକୋଟ କାଳୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- କାଳୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସିଗ୍ନେଚର୍ ଷ୍ଟାଇଲ ଡ୍ୟାନ୍ସ ଗ୍ରୁପ୍ ପୁରୀ, ସ୍ଥାନ: ପୂଜା ମଣ୍ଡପ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ଜିଲାସ୍ତରୀୟ ଖରିଫ୍ ଧାନ କିଣା ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ ଓସ୍ୱାନ ଗୃହ, ବୌଦ୍ଧ, ସମୟ: ଅପରାହ୍ନ ୩ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ରର ପ୍ରତ୍ୟେକ କାମ ଟିକିଏ ବିଳମ୍ବ ଓ ଝାମେଲା ମଧ୍ୟରେ ସମ୍ପନ୍ନ ହେବ। ବ୍ୟବସାୟ, ବାଣିଜ୍ୟ, ଯୋଗାଯୋଗ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରନ୍ତି।

**ବୃଷ** ବିଭିନ୍ନ ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ମୃଗଶିରା ନକ୍ଷତ୍ର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚୁବା ହଜିଯିବା ସମ୍ଭାବନା ରହିଛି।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟାଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ। ପୁନର୍ବସୁ ନକ୍ଷତ୍ର କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ , ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପୁଷ୍ୟା ନକ୍ଷତ୍ରର ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। ପରିବାରରେ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

**ସିଂହ** ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ୍ ହେବେ। ବନ୍ଧୁଙ୍କ ସାହାଯ୍ୟରୁ ବିଳମ୍ବରେ ହାତକୁ ନେଇଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ।

**କନ୍ୟା** ଯାତ୍ରା କାଳରେ ଖଳଲୋକଙ୍କ କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରିବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମାଲିମକଦ୍ଦମା, ତର୍କବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। ଚିତ୍ରା ନକ୍ଷତ୍ରର କଚେରି ମାମଲାରେ ବିଜୟପ୍ରାପ୍ତି ଯୋଗରହିଛି।

**ତୁଳା** ବିରକ୍ତ ହେବାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଆତ୍ମୀୟଙ୍କ ସହାୟତାରେ ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ସ୍ୱାତୀ ନକ୍ଷତ୍ର ସକାଶେ ଧାତୁ ଅଳଙ୍କାରାଦି କ୍ରୟ କରିବା ଯୋଗ ରହିଛି।

**ବିଛା** ଅନୁରାଧା ନକ୍ଷତ୍ରର ଦୀର୍ଘଦିନର ଅଭିଳାଷ ପୂରଣ ହେବାରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟହେବାରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି ଓ ସଙ୍ଗଠନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ବନ୍ଧୁଙ୍କ ସମ୍ମୁଖରେ ପ୍ରକୃତ ସତ୍ୟ ପ୍ରକାଶକରି ସମସ୍ୟା ସମାଧାନ କରିବେ। ଉତ୍ତରାଷାଢ଼ା ନକ୍ଷତ୍ରର ପଡ଼ୋଶୀ ପରୋକ୍ଷ ଶତ୍ରୁତା କରିପାରନ୍ତି। ଦୂରଯାତ୍ରା ସମୟରେ ଯାନବାହନରେ ସତର୍କତା ରକ୍ଷାକରନ୍ତୁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ ଏବଂ ଋଣ ପରିଶୋଧ କରିପାରନ୍ତି।

**ମକର** ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହେବେ। ଶ୍ରବଣା ନକ୍ଷତ୍ରକୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଅଭିଳଷିତ ଜିନିଷ ପାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପଡ଼ୋଶୀ କ୍ରୋଧ କରିପାରନ୍ତି। ପ୍ରକାଶନ, ପ୍ରଶାସନ, ରପ୍ତାନି କାରବାର, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ବହୁ ଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ପଡ଼ୋଶୀଙ୍କ ମାଧ୍ୟମରେ ସୁବିଧାରେ ପାଇଯିବେ। ପୂର୍ବଭାଦ୍ରପଦ ନକ୍ଷତ୍ର ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପରୋକ୍ଷ ଶତ୍ରୁତାରୁ ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ। ଆଜିର ଯାତ୍ରା ସଫଳ ହେବ ଓ ଆଶା ପୂରଣ ହେବା ସୂଚନା ରହିଛି।

**ମୀନ** ଆତ୍ମୀୟସ୍ୱଜନଙ୍କ ସହାୟତାରେ ଅର୍ଥ ଓ ସମ୍ମାନ ପାଇବେ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉତ୍ତରଭାଦ୍ରପଦ ନକ୍ଷତ୍ର ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ, ନିର୍ମାଣ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ନଭେମ୍ବର ୫ ତାରିଖ, କାର୍ତ୍ତିକ ଶୁକ୍ଳ ଚତୁର୍ଥୀ ମଙ୍ଗଳବାର, ଛଟ୍ ବ୍ରତ ଆରମ୍ଭ। ରାଶି ନକ୍ଷତ୍ର-ଦିବା ଘ.୦୩ ୪୪ ମି. ଗତେ ମୂଳା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୩ ଗତେ, ଘ.୦୬।୩୮ ମଧ୍ୟେ, ଘ.୦୮।୪୧ ଗତେ,ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୮ ଗତେ, ଘ.୦୩।୪୨ ମଧ୍ୟେ ରାହୁକାଳ।

# ଉଦୟପୁର ବେଳାଭୂମିରେ ଲାଗିଲା ଜାହାଜ ଦିଗନିର୍ଣ୍ଣୟ ଯନ୍ତ୍ର



**ଭୋଗରାଇ, ୪।୧୧ ( ପ୍ରଦୀପ ଦାସ)**

ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର ସମୁଦ୍ରକୂଳରେ ସୋମବାର ଜାହାଜର ଦିଗ ନିର୍ଣ୍ଣୟ ଯନ୍ତ୍ର( ବୟାଁ) ମତ୍ସ୍ୟଜୀବୀଙ୍କ ଦ୍ୱାରା ଠାବ କରାଯାଇଛି। ସମ୍ଭବତଃ ଏହି ଦିଗନିର୍ଣ୍ଣୟ ଯନ୍ତ୍ର ସମୁଦ୍ରର ଉତ୍ତାଳ ଢେଉରେ ଗଭୀର ସମୁଦ୍ରରୁ ଭାସିଆସି କୂଳଆଡକୁ ଆସିଛି। ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅନ୍ୟ ଡଙ୍ଗା ଓ ସ୍ପିଡ୍‌ବୋଟରେ କୂଳକୁ ଆଣିଛନ୍ତି। ଉଦୟପୁର ବେଳାଭୂମିକୁ ଆଗତ ପର୍ଯ୍ୟଟକମାନେ ଉକ୍ତ ଯନ୍ତ୍ରକୁ ଦେଖିବା ଲାଗି ଭିଡ଼ ଜମାଇଛନ୍ତି।

ସୂଚନାନୁଯାୟୀ ଗଭୀର ସମୁଦ୍ରରେ ଦିଗନିର୍ଣ୍ଣୟ କରିବାକୁ ଏହି ଯନ୍ତ୍ର ସାହାଯ୍ୟ କରିଥାଏ। ଏହା ଲୁହାରେ ନିର୍ମିତ ବଡ଼ପେଣ୍ଡୁ ଭଳି ରହିଥିବା ବେଳେ ଉପରେ ସୋଲାର ସିଷ୍ଟମ ରହିଥାଏ। ଏହା ସମୁଦ୍ରରେ ଭାସମାନ ଅବସ୍ଥାରେ ରହିଥାଏ। ଏହା ସୋଲାରରୁ ଦିନରେ ସୂର୍ଯ୍ୟକିରଣ ନେଇ ରାତିରେ ସମୁଦ୍ରରେ ଆଲୋକ ଦେଖାଇଥାଏ। ଜାହାଜର କ୍ୟାପଟେନ ସମୁଦ୍ର ପଥରେ ଜାହାଜକୁ ଦୂରଦୂରାନ୍ତକୁ ନେଇଯିବାକୁ ନିରାପଦରେ ବାଟ କଢାଇଥାଏ। ଗଭୀର ସମୁଦ୍ରରେ ଜାହାଜ ଦେଶର ବିଭିନ୍ନ ସ୍ଥାନକୁ ଯିବା ବେଳେ କ୍ୟାପଟେନ ଏହି ଦିଗ ନିର୍ଣ୍ଣୟ ଯନ୍ତ୍ରକୁ ଲକ୍ଷ୍ୟ କରି ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି।

# ଆଖି ବୁଜିଲା 'ଯଶୋଦା'

**ବାରିପଦା,୪।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ଜେନାବିଲରେ ଥିବା ପୋଷା ହାତୀ ଯଶୋଦାର ମୃତ୍ୟୁ ହୋଇଛି। ଚନ୍ଦକା ଅଭୟାରଣ୍ୟରୁ ଅସୁସ୍ଥ ହୋଇ ଶିମିଳିପାଳକୁ ଆସିବା ପରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି। ଯଶୋଦାର ବୟସ ୩୬ ବର୍ଷ ହୋଇଥିଲା ବୋଲି ଡାକ୍ତରୀଦଳ ମୃତଦେହ ବ୍ୟବଚ୍ଛେଦ କରିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚନ୍ଦକାକୁ ଅଣାଯାଇଥିବା ମହାବଳ ବାଘ ମହାବୀର ଓ ସୁନ୍ଦରୀର ଗତିବିଧି ଉପରେ ନଜର ରଖିବା ପାଇଁ ଶିମିଳିପାଳରେ ରହୁଥିବା ପୋଷା ହାତୀ ଯଶୋଦାକୁ ନିଆଯାଇଥିଲା। ସେଠାରେ କିଛି ବର୍ଷ ରହିବା ପରେ ଯଶୋଦା ଗୋଡ଼ର ହିପ୍ ଜଏଣ୍ଟରେ ଡିସ୍‌ଲୋକେଶନ ହୋଇପଡ଼ିଥିଲା।



ଅସୁସ୍ଥ ଥିବା ସମୟର ହାତୀ 'ଯଶୋଦା'।

ଏହାଦ୍ୱାରା ସେ ଭଲଭାବେ ଚଳପ୍ରଚଳ କରିପାରୁ ନ ଥିବାରୁ ଦିନକୁ ଦିନ ରୋଗ ବଢ଼ିବାରେ ଲାଗିଥିଲା। ତେବେ ୫ ମାସ ପୂର୍ବରୁ ବନ ବିଭାଗ ତାକୁ ଶିମିଳିପାଳକୁ ସ୍ଥାନାନ୍ତର କରିଥିଲା। ଓୟୁଏଟିର ଡା. ଇନ୍ଦ୍ରମଣି ନାଥ ୩ ବର୍ଷ ହେଲା ତା'ର ଚିକିତ୍ସା କରି ଆସୁଥିଲେ। ତେବେ ଗତ ୩୦ ତାରିଖରେ ଯଶୋଦାର ମୃତ୍ୟୁ ହେବା ପରେ ୩୧ ତାରିଖରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ନେଇ ସୋମବାର ବନ ବିଭାଗ ସୂଚନା ଦେଇଛି।

# ସମୀର ଦେଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ସ୍ୱାସ୍ଥ୍ୟମନ୍ତ୍ରୀ

**କଟକ, ୪।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ କଟକ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସମୀରଙ୍କୁ ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଉଛି। ସୋମବାର ସନ୍ଧ୍ୟାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉକ୍ତ ଡାକ୍ତରଖାନାକୁ ଯାଇ ସମୀରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଭାଜପା କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ଅନ୍ୟ କର୍ମୀ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ୨ ମହିଳାଙ୍କୁ ଭେଟିଲେ ମନ୍ତ୍ରୀ ମହାଲିଙ୍ଗ

**କଟକ, ୪।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

**ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହେବା ଘଟଣା**

ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହୋଇପଡ଼ିଥିବା କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ଅଞ୍ଚଳର ଜିତା ମାଝୀ ଓ ଗୁନି ମାଝୀଙ୍କ ଚିକିତ୍ସା ଏସ୍‌ସିବିରେ ଜାରି ରହିଛି। ଏସ୍‌ସିବି ମେଡିକାଲର ଭେଷଜ ବିଭାଗ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ନେଫ୍ରୋଲୋଜି, ହେମାଟୋଲୋଜି ବିଭାଗର ସ୍ୱତନ୍ତ୍ର ଡାକ୍ତରୀ ଦଳ ଏହି ଦୁଇ ମହିଳାଙ୍କ ଚିକିତ୍ସା ଜାରି ରଖିଥିବାବେଳେ ବିଭିନ୍ନ ପରୀକ୍ଷା କରାଯାଇଛି। ଉଭୟ ମହିଳାଙ୍କ ମଲ୍ଟି ଅର୍ଗାନ ଫେଲ୍ ସମେତ କିଡ୍‌ନୀ, ଲିଭର ଓ ମସ୍ତିଷ୍କ ସମସ୍ୟା ଦେଖାଦେଇଛି। ସେହିପରି ଉଭୟଙ୍କ ଛାତି ଓ ପେଟରେ ପାଣି ଜମିବା ସହ ମୂତ୍ର ସମସ୍ୟା ମଧ୍ୟ ଦେଖାଦେଇଛି। ଉଭୟଙ୍କ ମଧ୍ୟରୁ ଜଣଙ୍କ ଆଖିରୁ ରକ୍ତ ବାହାରିବା ଆରମ୍ଭ ହୋଇଛି। ଉଭୟ ମହିଳାଙ୍କ ଡାଏଲିସିସ କରାଯାଉଥିବା ନେଇ ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ଏସ୍‌ସିବି ମେଡିକାଲ ଆଇସିୟୁରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପହଞ୍ଚି ସମ୍ପୃକ୍ତ ମହିଳା ଦ୍ୱୟଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଚିକିତ୍ସା ପାଇଁ ନିୟୋଜିତ ଥିବା ସ୍ୱତନ୍ତ୍ର ଡାକ୍ତରୀ ଦଳ ସହ ଏନେଇ ମନ୍ତ୍ରୀ ମହାଲିଙ୍ଗ ଆଲୋଚନା କରିଛନ୍ତି। ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ବ୍ରହ୍ମପୁରରୁ ଦୁଇଜଣ ମହିଳାଙ୍କୁ ଏସ୍‌ସିବି ଅଣାଯାଇଥିଲା ଏବଂ ଏବେ ସେମାନଙ୍କ ଚିକିତ୍ସା ଜାରି ରହିଛି।

**ପ୍ରଥମ ପୃଷ୍ଠାରୁ...**

## ୨୧ରୁ ଧାନକିଣା...

ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଧାନ ସଂଗ୍ରହ ନେଇ ପ୍ରସ୍ତୁତି ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅନ୍ୟ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ। ବୈଠକରେ ଉପମୁଖ୍ୟମନ୍ତ୍ରୀ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱଚ୍ଛ ଓ ସରଳ ହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସ୍ୱଚ୍ଛତା ବଜାୟ ରହିବା ସହ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଦୁର୍ନୀତିମୁକ୍ତ କରିବା ଲାଗି ୩ୟ ପକ୍ଷ ଦ୍ୱାରା ଯାଞ୍ଚ କରାଯିବ। କୌଣସି ସୂଚନା ପାଇବା ପାଇଁ କିମ୍ବା ଅସୁବିଧାର ସମ୍ମୁଖୀନ ହେଲେ ଚାଷୀମାନେ ଟୋଲ୍ ଫ୍ରି ନମ୍ବର-୧୯୬୭କୁ ଫୋନ୍ କରିବେ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୩୦ଟି ସିଟ୍ ଥିବା କଲ୍ ସେଣ୍ଟର ଖୋଲାଯାଇଛି। ଏହା ଖାଦ୍ୟ ଯୋଗାଣ ନିଗମ ଦ୍ୱାରା ପରିଚାଳିତ ହେବ। ଧାନ ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ଧାନ ଯିବା ପାଇଁ ଟେଣ୍ଡର ବିଜ୍ଞପ୍ତି ଜାରି କରାଯାଇଛି। ସୂଚନା, ଶିକ୍ଷା ଓ ସଞ୍ଚାର ଅଭିଯାନ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯିବ। ଏହାବ୍ୟତୀତ ପ୍ରତି ମଣ୍ଡି ଏବଂ ସୁଲଭ ମୂଲ୍ୟ ଦୋକାନରେ ଧାନ ସଂଗ୍ରହ ସମ୍ପର୍କିତ ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ହେବ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଚାଷୀଙ୍କ ନିମନ୍ତେ ଉପଯୋଗୀ ନିର୍ଦ୍ଦେଶାବଳୀ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରେରଣ କରାଯିବ। ଧାନ ସଂଗ୍ରହ ପ୍ରକ୍ରିୟାକୁ ଦଲାଲମୁକ୍ତ କରିବା ପାଇଁ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାସ୍ତରୀୟ ସଂଗ୍ରହ କମିଟିଗୁଡ଼ିକ ଗ୍ରାମ ତଥା ଜିଲାସ୍ତରରେ ଧାନ ସଂଗ୍ରହ କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରିବେ। ଏଥିସହିତ ମିଲର୍‌ସମାନଙ୍କ ସମସ୍ୟା ଓ ଦାବି ବିଷୟରେ ମଧ ବୈଠକରେ ଆଲୋଚନା କରାଯାଇଛି।

## ଆଜି ସରୁଛି ସତ୍ୟପାଠ...

ମିଶ୍ର ଏବଂ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ଅନ୍ୟପକ୍ଷରେ କିଛିଦିନ ପୂର୍ବରୁ ଏହି ଘଟଣାରେ ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ ୫ ପୋଲିସ ଅଧିକାରୀଙ୍କ ଫରେନ୍‌ସିକ୍ ପରୀକ୍ଷା ସରିଥିଲା। ଏହି ରିପୋର୍ଟ ଆସିବା ପରେ କ୍ରାଇମବ୍ରାଞ୍ଚ ଅଧିକ ତର୍ଜମା କରିବ। ଏହି ମାମଲାରେ ତଦନ୍ତ ଜାରି ରହିଥିବାବେଳେ ଫରେନ୍‌ସିକ୍ ରିପୋର୍ଟକୁ ଅପେକ୍ଷା କରାଯାଇଥିବା କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର କହିଛନ୍ତି।

## ଆଜି ଆମେରିକା...

କରାଯାଇଥିଲା। ଟ୍ରମ୍ପ ପ୍ରଥମ ପୂର୍ବତନ ରାଷ୍ଟ୍ରପତି, ଯାହାଙ୍କୁ ଗମ୍ଭୀର ଅପରାଧ ମାମଲାରେ ଦୋଷୀସାବ୍ୟସ୍ତ କରାଯାଇଛି। ଅନ୍ୟପକ୍ଷରେ ଦଳୀୟ ଚାପ ଯୋଗୁ ରାଷ୍ଟ୍ରପତି ଜୋ ବାଇଡେନ୍ ହ୍ୱାଇଟ୍ ହାଉସ୍ ଦୌଡ଼ରୁ ଓହରିଯିବା ପରେ ଜୁଲାଇରେ ୬୦ ବର୍ଷୀୟା ଉପରାଷ୍ଟ୍ରପତି ହାରିସ୍‌ଙ୍କୁ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ କରିଥିଲା। ବିଳମ୍ବରେ ହେଲେ ମଧ୍ୟ ସେ ପ୍ରଚାରରେ ବେଶ୍ ଅଗ୍ରଗତି କରିଛନ୍ତି। ଜନମତ ସର୍ଭେ ଅନୁଯାୟୀ ଉଭୟ ହାରିସ୍ ଏବଂ ଟ୍ରମ୍ପଙ୍କ ମଧ୍ୟରେ ରଣାଙ୍ଗନ ରାଜ୍ୟଗୁଡ଼ିକରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଛି। ଇତିମଧ୍ୟରେ ୭୭ ନିୟୁତରୁ ଊର୍ଦ୍ଧ୍ୱ ଭୋଟର ମତଦାନ କରିସାରିଥିବାବେଳେ ମଙ୍ଗଳବାରର ଭୋଟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। ପୂର୍ବ ଦୁଇଟି ନିର୍ବାଚନରେ ଡେମୋକ୍ରାଟ ଏବଂ ରିପବ୍ଲିକାନ୍ ଭୋଟରମାନେ ଶହେ ବର୍ଷର ରେକର୍ଡ ଭାଙ୍ଗିଥିଲେ। ବହୁ ସଂଖ୍ୟାରେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ବ୍ୟାଟେଲଗ୍ରାଉଣ୍ଡ ରାଜ୍ୟଗୁଡ଼ିକରେ ହାରିସ୍‌ଙ୍କ ପ୍ରଚାର ଟିମ୍ ଘରକୁ ଘର ଯାଇ ପ୍ରଚାର କରିଥିଲେ। ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନ ଥିବା ଭୋଟର ବିଶେଷ କରି ମହିଳାମାନେ ହାରିସ୍‌ଙ୍କ ସମର୍ଥନରେ ବାହାରୁଥିବା ଆଭ୍ୟନ୍ତରୀଣ ତଥ୍ୟରୁ ଜଣାପଡ଼ିଛି ବୋଲି ତାଙ୍କ ପ୍ରଚାର କମିଟି ଅଧ୍ୟକ୍ଷ ଜେନ୍ ଓ'ମାଲି ଡିଲୋନ୍ କହିଛନ୍ତି।

ଅନ୍ୟପକ୍ଷରେ ବର୍ତ୍ତମାନର ଭୋଟିଂ ବ୍ୟବସ୍ଥାରେ ଜାଲିଆତି ହେବା ନେଇ ଟ୍ରମ୍ପ ଆଶଙ୍କା ବ୍ୟକ୍ତ କରି ଭୋଟର ପରିଚୟ ପତ୍ରକୁ ବାଧ୍ୟତାମୂଳକ କରିବା ପାଇଁ ରବିବାର ଆହ୍ୱାନ ଦେଇଥିଲେ। ଡେମୋକ୍ରାଟମାନେ ଭୋଟର ଆଇଡିକୁ ବିରୋଧ କରୁଥିବାରୁ ସେମାନେ ଜାଲିଆତି କରିପାରନ୍ତି ବୋଲି ଟ୍ରମ୍ପ ଅଭିଯୋଗ କରିଥିଲେ। ମତଦାନକୁ ଆଉ କେଇ ଘଣ୍ଟା ବାକି ଥିବାବେଳେ ଟ୍ରମ୍ପ ୨୦୨୦ ନିର୍ବାଚନର ତିକ୍ତ ଅନୁଭୂତିକୁ ମନେ ପକାଇଛନ୍ତି। ସେତେବେଳେ ସେ ହ୍ୱାଇଟ୍ ହାଉସ୍ ଛାଡ଼ିବା ଉଚିତ ନ ଥିଲା ବୋଲି କହିଛନ୍ତି। ଫଳରେ ମଙ୍ଗଳବାର ମତଦାନରେ ଯଦି ସେ ହାରିଯାଆନ୍ତି ତେବେ ଫଳାଫଳକୁ ଗ୍ରହଣ କରି ନ ପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି।




# ୨ ମହିଳା ହେପାଟାଇଟିସ୍‌ରେ ଆକ୍ରାନ୍ତ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୪।୧୧
(ବନ୍ଦନା ସେଠୀ)

## ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା

କନ୍ଧମାଳ ମାଣ୍ଡିପଙ୍କାରେ ଆମ୍ବ ଟାକୁଆ ଜାଉ ଖାଇ ୨ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ଜଣ ଚିକିତ୍ସିତ ହେଉଛନ୍ତି। ତେବେ ବ୍ରହ୍ମପୁର ମେଡିକାଲ କଲେଜରୁ ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିବା ଦୁଇ ମହିଳାଙ୍କ ଚିକିତ୍ସା ଜାରି ରହିଛି। ସୋମବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏସ୍‌ସିବି ଯାଇ ସେମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏବେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଆମ୍ବ ଟାକୁଆ ଖାଇ ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ଆଲୋଚନା ହେଉଥିବାବେଳେ ଏଯାଏ ସେମାନଙ୍କର ଶବ ବ୍ୟବଚ୍ଛେଦ ରିପୋର୍ଟ କିମ୍ବା ଖାଦ୍ୟ ଯାଞ୍ଚ ବିବରଣୀ ଆସିନାହିଁ। ରିପୋର୍ଟ ଆସିବା ପରେ ଏ ଦିଗରେ ସ୍ପଷ୍ଟ ସୂଚନା ମିଳିପାରିବ। ତେବେ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ଦୁଇଜଣ ମହିଳାଙ୍କର ହେପାଟାଇଟିସ୍ ହୋଇଥିବା ସେ କହିଛନ୍ତି। ଫଙ୍ଗାଲ ସଂକ୍ରମଣରୁ ହେପାଟାଇଟିସ୍ ହୋଇଛି। ସେମାନଙ୍କ ଯକୃତ ସହିତ କିଛି ଅଙ୍ଗ ମଧ୍ୟ କାମ କରୁନାହିଁ। ଯିଏ ଯେତେ ପରିମାଣର ଆମ୍ବ ଟାକୁଆ ଖାଇଛନ୍ତି, ସେତେ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଆମ୍ବ ଟାକୁଆ ଜାଉ କରି ପ୍ରଥମ ଦିନ ଯେଉଁମାନେ ଖାଇଥିଲେ, ସେଥିରେ ସେମାନଙ୍କର କିଛି ହେଲାନାହିଁ। ମାତ୍ର ଏହାକୁ ରଖି ବାସି ଜାଉ ଖାଇବା ଦ୍ୱାରା ତାହା ବିଷାକ୍ତ ହୋଇଗଲା ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ସୀମାନ୍ତ ବୋଡ୍ଡୁନୁରରେ ବାଘ ଆତଙ୍କ

ମାଲକାନଗିରି,୪।୧୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ମୋଟୁଠାରୁ କିଛି କିଲୋମିଟର ଦୂରରେ ଥିବା ଆନ୍ଧ୍ରପ୍ରଦେଶର ବୋଡ୍ଡୁନୁର ଗ୍ରାମରେ ବାଘ ଆତଙ୍କ ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକେ ଭୟଭୀତ ହୋଇଥିବା ବେଳେ ବନ ବିଭାଗ ବାଘଟିକୁ କାବୁ କରିବା ପାଇଁ ଉଦ୍ୟମ ଚଳାଇଛି। ଆନ୍ଧ୍ରପ୍ରଦେଶର ଇଷ୍ଟଗୋଦାବେରୀରେ ଥିବା ଚିନ୍ତୁର ଡିଭିଜନ ବୋଡ୍ଡୁନୁର ଗ୍ରାମକୁ ସୋମବାର ଏକ ବାଘ ପଶି ଆସିଥିଲା। ବୋଡ୍ଡୁନୁର ଗ୍ରାମବାସୀ କହିଛନ୍ତି, ଗ୍ରାମର ସୋଡେ ଶ୍ରୀନୁ ନିଜ ଗାଈକୁ ନେଇ ନିକଟରେ ଥିବା ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ଏହି ସମୟରେ ଗୋଟିଏ ବାଘ ହଠାତ୍ ଆକ୍ରମଣ କରି ଗାଈ ମୁହଁକୁ କାମୁଡ଼ି ନିକଟରେ ଥିବା ଏକ ନାଳକୁ ଟାଣି ନେଇଥିଲା। ଏହା ଦେଖି ଶ୍ରୀନୁ ପାଟି କରିବାରୁ ଗାଁ ଲୋକେ ଘଟଣାସ୍ଥଳକୁ ଆସିଥିଲେ। ବାଘଟି ସେଠାରୁ ପଳାଇ ଯାଇଥିଲା, କିନ୍ତୁ ଗାଈଟିର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରାପ୍ କ୍ୟାମେରା ଲଗାଇବା ସହ ବାଘଟିକୁ ଖୋଜିବା ଆରମ୍ଭ କରିଛନ୍ତି।

# ଛାତ୍ର, ଶିକ୍ଷକଙ୍କୁ ଯୋଡ଼ିବ ଶିକ୍ଷାଜ୍ୟୋତି ପୋର୍ଟାଲ

ଭୁବନେଶ୍ୱର,୪।୧୧
(ଅନୁରାଧା ମହାରଣା)

## ଆବଶ୍ୟକ ପଦକ୍ଷେପ ଲାଗି ଶିକ୍ଷା ନିର୍ଦ୍ଦେଶାଳୟର ଚିଠି

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତୁତ ସିଙ୍ଗଲ୍ ୱିଣ୍ଡୋଜ୍ ପୋର୍ଟାଲ 'ଶିକ୍ଷାଜ୍ୟୋତି' ଛାତ୍ର ଓ ଶିକ୍ଷକଙ୍କ ଭାବବିନିମୟରେ ସହାୟକ ହେବ। ଗତ ସେପ୍ଟେମ୍ବର ୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୋର୍ଟାଲର ଉଦ୍‌ଘାଟନ କରିଥିବାବେଳେ ବର୍ତ୍ତମାନ ତାହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଏହି ପୋର୍ଟାଲର ଉପଯୋଗ କରି ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଯୋଡ଼ିହେବା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର୍ ଆୟର୍ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି।

ଏହି ପୋର୍ଟାଲ ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ପାଠ୍ୟକ୍ରମ ଓ ବିଷୟବସ୍ତୁ ଆଧାରରେ ପ୍ରଶ୍ନ ପଚାରିବେ। ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିସ୍ତୃତ ଭାବେ ପ୍ରଶ୍ନଗୁଡ଼ିକର ଉତ୍ତର ରଖିବାକୁ ହେବ। ଭଲଭାବରେ ବୁଝିବା ପାଇଁ ଆବଶ୍ୟକ ସ୍ଥଳେ ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଭିଡିଓ, ଫଟୋ କିମ୍ବା ଲେଖା ଯୋଡ଼ିପାରିବେ। ସେହିପରି ଭିଡିଓ ଲର୍ନିଂ ଜରିଆରେ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଭିଡିଓ ମାଧ୍ୟମରେ ମଧ୍ୟ ରଖାଯାଇପାରିବ। ସେହିପରି ପାଠ୍ୟକ୍ରମ ଆଧାରିତ ନୋଟ୍ ପିଡିଏଫ୍ ମାଧ୍ୟମରେ ଡାଉନ୍‌ଲୋଡ୍ କରିବାର ସୁବିଧା ମଧ୍ୟ ରହିବ। ଅନ୍ୟପଟେ ବିଭିନ୍ନ ଶିକ୍ଷଣ ବିଷୟବସ୍ତୁ ପରେ ସାଧାରଣ ଆଲୋଚନାର ମଧ୍ୟ ଆୟୋଜନ କରାଯାଇପାରିବ। https://sikhyajyoti.odisha.gov.in ରେ ଲଗଇନ୍ କରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଏହି ପୋର୍ଟାଲ ବ୍ୟବହାର କରିପାରିବେ। ଶିକ୍ଷୟିତ୍ରୀଶିକ୍ଷକ ମୋବାଇଲ ନମ୍ବର ବ୍ୟବହାର କରି ଓଟିପି ଦେବା ପରେ ଲଗ୍‌ଇନ୍ କରିପାରିବେ। ସେହିପରି ଛାତ୍ରୀଛାତ୍ର ସାମସ ସିଏଫ୍ କ୍ରମିକ ସଂଖ୍ୟାକୁ ଲଗଇନ୍‌ରେ ବ୍ୟବହାର କରିବେ। ଡିଫଲ୍ଟ ପାସ୍‌ୱାର୍ଡ ୧୨୩୪୫୬ ରହିବାକୁ ଥିବାବେଳେ ପ୍ରଥମ ଲଗଇନ୍ ସମୟରେ ଛାତ୍ରୀଛାତ୍ର ସେମାନଙ୍କ ପାସ୍‌ୱାର୍ଡ ସେଟ୍ କରିବାକୁ ପଡ଼ିବ।

# ଦାଦନଜନିତ ସମସ୍ୟା ଉପରେ କାମ କରିବାକୁ ପ୍ରସ୍ତାବ ଦେଲା ନଜ୍ ଇନ୍‌ଷ୍ଟିଚ୍ୟୁଟ୍

ଭୁବନେଶ୍ୱର,୪।୧୧ (ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ନଜ୍ ଇନଷ୍ଟିଚ୍ୟୁଟ୍‌ର ମ୍ୟାନେଜିଂ ଡ଼ାଇରେକ୍ଟର ଭି. ଶ୍ରୀରାମ ସୋମବାର ସୌଜନ୍ୟମୂଳକ ସାକ୍ଷାତକାର ଓ ଆଲୋଚନା କରିଛନ୍ତି। ଏହି ସାକ୍ଷାତକାର ସମୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଏବଂ ନଜ୍ ଇନଷ୍ଟିଚ୍ୟୁଟ୍‌ର ସିଇଓ ତଥା ଫାଉଣ୍ଡର ଅତୁଲ ସିଜିଆ ଉପସ୍ଥିତ ଥିଲେ। ସମ୍ପ୍ରତି ରାଜ୍ୟରେ ଦାଦନଜନିତ ବିସ୍ଥାପନ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଏହାର ସମାଧାନ ପାଇଁ ସରକାର ତ୍ୱରିତ ବେଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ଦାଦନ ଶ୍ରମିକଙ୍କ ସଂଖ୍ୟା ହ୍ରାସ ସହ ସେମାନଙ୍କ ପାଇଁ ସ୍ଥାୟୀ ରୋଜଗାରର ଅବସର ସୃଷ୍ଟି କରିବା ଦିଗରେ ଟାସ୍କଫୋର୍ସ କାର୍ଯ୍ୟ କରିବ। ନଜ୍ ଫାଉଣ୍ଡେସନ୍ ଦାଦନ ଶ୍ରମିକଙ୍କ ସହ ପ୍ରତ୍ୟକ୍ଷରୂପେ ଯୋଡ଼ିହୋଇ ସେମାନଙ୍କ ଦକ୍ଷତା ଅନୁଯାୟୀ ଆୟ ପନ୍ଥା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ସହ ମିଶି କାର୍ଯ୍ୟ କରିବାକୁ ଆଗ୍ରହୀ ବୋଲି ଫାଉଣ୍ଡେସନ୍ ପ୍ରସ୍ତାବ ଦେଇଛି। ନଜ୍ ଫାଉଣ୍ଡେସନ୍ ଝାଡଖଣ୍ଡ ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଜନଜାତିଙ୍କ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛି ବୋଲି ମ୍ୟାନେଜିଂ ଡ଼ାଇରେକ୍ଟର ଶ୍ରୀରାମ ପ୍ରକାଶ କରିଛନ୍ତି।

# ଜନସ୍ୱାସ୍ଥ୍ୟ ନିରୀକ୍ଷଣ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଓଡ଼ିଶା ୟୁନିଟ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୪।୧୧
(ବନ୍ଦନା ସେଠୀ)

ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭିଲାନ୍ସ ପ୍ରୋଗ୍ରାମ (ଆଇଡିଏସ୍‌ପି)ର ୨୦ବର୍ଷିଆ ସ୍ମାରକୀ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ନିରୀକ୍ଷଣ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଓଡ଼ିଶା ନିରୀକ୍ଷଣ ୟୁନିଟ୍‌କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଅତିରିକ୍ତ ନିର୍ଦ୍ଦେଶକ(ଜନସ୍ୱାସ୍ଥ୍ୟ) ଡା. ପ୍ରମିଳା ବରାଳ ଏବଂ ଯୁଗ୍ମ ନିର୍ଦ୍ଦେଶକ ତଥା ଆଇଡିଏସ୍‌ପିର ଏସ୍‌ଏସ୍‌ଓ ଡା. ଅଶୋକ କୁମାର ପାଇକରାୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ସ୍ୱୀକୃତି ଓଡ଼ିଶାର ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ରାଜ୍ୟ ନିରୀକ୍ଷଣ ୟୁନିଟ୍‌ର ଉତ୍ସର୍ଗୀକୃତ ସେବା ମନୋଭାବ ଏବଂ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ବୋଲି ସୂଚନା ଦିଆଯାଇଛି।




ସମ୍ମାନ ଗ୍ରହଣ କରୁଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧିକାରୀ।

ବିପର୍ଯ୍ୟୟ, ବନ୍ୟା, ବାତ୍ୟା ସମୟରେ ରାଜ୍ୟ ନିରୀକ୍ଷଣ ୟୁନିଟ୍ ୨୪ଘଣ୍ଟିଆ କାର୍ଯ୍ୟକରି ବିଭିନ୍ନ ରୋଗକୁ ଠିକ୍ ସମୟରେ ଚିହ୍ନଟ କରିବା ସହ ସେଗୁଡ଼ିକର ମୁକାବିଲା ସୁନିଶ୍ଚିତ କରିଥାଏ। କଣ୍ଟ୍ରୋଲରୁମ୍‌ଗୁଡ଼ିକ ରୋଗର ଧାରା ଉପରେ ତୀକ୍ଷ୍ଣ ନଜର ରଖିବା ସହ ପ୍ରାପ୍ତ ତଥ୍ୟର ବିଶ୍ଳେଷଣ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି। ରାଜ୍ୟ ନିରୀକ୍ଷଣ ୟୁନିଟ୍ ଦ୍ୱାରା ଯଥା ସମୟରେ ରୋଗ ନିରୀକ୍ଷଣ ପାଇଁ ସମନ୍ୱିତ ସ୍ୱାସ୍ଥ୍ୟ ସୂଚନା ପ୍ଲାଟଫର୍ମ (ଆଇଏଚ୍‌ଆଇପି)ର ସଫଳ ରୂପାୟନ କରାଯାଇ ନିୟମିତ ତଦାରଖ କରାଯାଉଛି। ଭେକ୍ଟରବାହିତ, ଖାଦ୍ୟବାହିତ, ଜଳବାହିତ, ଜୁନୋଟିକ୍ସରୁ ଉତ୍ପନ୍ନ ରୋଗ ଓ ଅନ୍ୟ ରୋଗର ପ୍ରାଦୁର୍ଭାବକୁ ଠିକ୍ ସମୟରେ ଚିହ୍ନଟ ତଥା ଉପଯୁକ୍ତ ଅନୁସନ୍ଧାନ ପାଇଁ ସମୟୋପଯୋଗୀ ଡାଟା ଏଣ୍ଟ୍ରି ସହ ବିଶ୍ଳେଷଣ କରାଯାଉଛି। ସଂକ୍ରମଣ ପ୍ରବଣ ରୋଗ ନିର୍ଣ୍ଣୟ ପାଇଁ ରାଜ୍ୟରେ ୩୨ଟି ଜିଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରର ପ୍ରତିଷ୍ଠା ବା ସୁଦୃଢ଼ୀକରଣ କରାଯାଇଛି। ଜିଲାଗୁଡ଼ିକରେ ୩୦ଟି ଆର୍‌ଟିପିସିଆର୍ ପରୀକ୍ଷାଗାର ମଧ୍ୟ କାର୍ଯ୍ୟକ୍ଷମ ହୋଇଛି। ନିୟମିତ ପ୍ରଶିକ୍ଷଣ ମାଧ୍ୟମରେ ପରୀକ୍ଷାଗାର କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବୃଦ୍ଧି କରାଯାଉଛି। ଜିଲା ନିରୀକ୍ଷଣ ୟୁନିଟ୍‌ଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି କରାଯାଉଛି। ତା'ସହ ରାଜ୍ୟ ନିରୀକ୍ଷଣ ୟୁନିଟ ପକ୍ଷରୁ ରୋଗ ନିରୀକ୍ଷଣ ଏବଂ ନିୟନ୍ତ୍ରଣ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଛି।

# ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ପୁଣି ଅନିୟମିତତା ଅଭିଯୋଗ

ଭୁବନେଶ୍ୱର, ୪।୧୧
(ବନ୍ଦନା ସେଠୀ)

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ପୁଣି ଅଭିଯୋଗ ହୋଇଛି। ଏପରି ଅଭିଯୋଗ ଉଠାଇ ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ୍ କହିଛି, ଗତ ୩/୪ବର୍ଷ ହେବ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପରିଚାଳନା ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଭିତରେ ହେଉଛି। ପୂର୍ବରୁ ପୁରସ୍କାର ପରିଚାଳନା ଦାୟିତ୍ୱ ସଂସ୍କୃତି ବିଭାଗ ଉପରେ ନ୍ୟସ୍ତ କରାଯାଇଥିଲା। ଏଥିସହ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସହଯୋଗରେ ପୁରସ୍କାର ପ୍ରଦାନ କରାଯାଉଥିଲା। ମାତ୍ର ଗତ କିଛିବର୍ଷ ହେବ ରାଜ୍ୟ ଚଳଚ୍ଚିତ୍ର ପରଚାଳନା, ଜୁରୀ ମନୋନୟନ ଏବଂ ପୁରସ୍କାର ଉତ୍ସବର ଆୟୋଜନ ସମ୍ପୂର୍ଣ୍ଣ ରୂପେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ହାତକୁ ଟେକି ଦିଆଯାଇଛି। ଫଳରେ ଏଥିରେ ବ୍ୟାପକ ଦୁର୍ନୀତି, ଅବ୍ୟବସ୍ଥା ଓ ପ୍ରିୟାପ୍ରୀତି ତୋଷଣ କରାଯାଉଥିବାରୁ ତୁରନ୍ତ ଏହାକୁ ରଦ୍ଦ କରିବା ସହ ପୂର୍ବପରି ସଂସ୍କୃତି ବିଭାଗ ଏହାର ଦାୟିତ୍ୱ ନେବାକୁ ଦାବି କରାଯାଇଛି। ଏନେଇ ସୋମବାର ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସଂସ୍କୃତି ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଏବଂ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଏଫ୍‌ଡିସିର ତତ୍କାଳୀନ ଅଧ୍ୟକ୍ଷଙ୍କୁ ସନ୍ତୁଷ୍ଟ କରିବାକୁ ଚଳଚ୍ଚିତ୍ର ପୁରସ୍କାରର ସମସ୍ତ ଦାୟିତ୍ୱ ସଂସ୍କୃତି ବିଭାଗ ଅଧୀନରୁ କାଢ଼ି ନିଆଯାଇ ଓଏଫ୍‌ଡିସିକୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଏହି ନିଗମ ନୂଆ ଚଳଚ୍ଚିତ୍ର ନିର୍ମାଣ ପାଇଁ ଋଣ ପ୍ରଦାନ କରିବା ସହ ବ୍ୟବସାୟିକ ଦୃଷ୍ଟିକୋଣରୁ ପ୍ରଯୋଜକ, ନିର୍ଦ୍ଦେଶକ ଓ ଟେକ୍ନିସିଆନ୍‌ଙ୍କ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମ୍ପୃକ୍ତ ରହିଥାଏ। ତେଣୁ ଓଏଫ୍‌ଡିସି ଚଳଚ୍ଚିତ୍ର ପୁରସ୍କାର ପରିଚାଳନା କରିବା ଫଳରେ ସେଥିରୁ ସ୍ୱଚ୍ଛତା ଆଶା କରିବା ନିରର୍ଥକ। ସେହିପରି କୁନା ତ୍ରିପାଠୀ ଅଧ୍ୟକ୍ଷ ଥିବା ସମୟରେ ଏହି ପୁରସ୍କାର ମନୋନୟନରେ ଦୁର୍ନୀତି ଓ ଚଞ୍ଚକତା କରାଯାଇଥିବାର ଅନେକ ଅଭିଯୋଗ ଆସିଥିଲା। ସେବେଠାରୁ ଓଡ଼ିଶାର ବହୁ ପ୍ରତିଷ୍ଠିତ ପ୍ରଯୋଜକ ଅସନ୍ତୋଷ ବ୍ୟକ୍ତକରି ସେମାନଙ୍କ ଦ୍ୱାରା ନିର୍ମିତ ଚଳଚ୍ଚିତ୍ରକୁ ପୁରସ୍କାର ମନୋନୟନ ପ୍ରକ୍ରିୟାରେ ସାମିଲ କରୁନାହାନ୍ତି ବୋଲି ଆସୋସିଏଶନ ଅଭିଯୋଗ କରିଛି। ତେବେ ଏନେଇ କୁନା ତ୍ରିପାଠୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ସୂଚନାଯୋଗ୍ୟ, ୧୯୭୩ ମସିହାରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବାବେଳେ ଏହାର ପରିଚାଳନା ଦାୟିତ୍ୱ ସଂସ୍କୃତି ବିଭାଗ ଉପରେ ନ୍ୟସ୍ତ କରାଯାଇଥିଲା। ମାତ୍ର ଗତ କିଛିବର୍ଷ ଧରି ଓଏଫ୍‌ଡିସି ହାତରେ ଚଳଚ୍ଚିତ୍ର ପୁରସ୍କାରର ଭାଗ୍ୟକୁ ଛାଡ଼ି ଦିଆଯାଇଛି। ଜାତୀୟସ୍ତରରେ ଚଳଚ୍ଚିତ୍ର ପୁରସ୍କାର ପରିଚାଳନା ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେଉଛି। ଏଥିରେ ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍‌ଏଫ୍‌ଡିସି)ର କୌଣସି କର୍ତ୍ତୃତ୍ୱ ରହୁନାହିଁ। ମାତ୍ର ଓଡ଼ିଶାରେ କେଉଁ ଆଧାରରେ ଚଳଚ୍ଚିତ୍ର ପୁରସ୍କାର ପରିଚାଳନା ପ୍ରକ୍ରିୟା ସଂସ୍କୃତି ବିଭାଗ ଅଧିନରୁ ଓଏଫ୍‌ଡିସିକୁ ହସ୍ତାନ୍ତରିତ ହୋଇଛି ତାହା ସନ୍ଦେହ ସୃଷ୍ଟି କରୁଛି।




ତା ୦୫।୧୧।୨୦୨୪ରିଖରେ ଚାଲିବାକୁ ଥିବା ସ୍ପେଶାଲ ଟ୍ରେନ୍

| ଟ୍ରେନ୍ ନଂ. | ଠାରୁ | ଛାଡ଼ିବା ସମୟ | ପର୍ଯ୍ୟନ୍ତ |
|---|---|---|---|
| 01010 | ଦାନାପୁର | 18:15 | ଲୋକମାନ୍ୟ ତିଲକ ଟର୍ମିନସ୍ |
| 01481 | ପୁଣେ ଜଂ. | 19:55 | ଦାନାପୁର |
| 01482 | ଦାନାପୁର | 10:45 | ପୁଣେ ଜଂ. |
| 01143 | ଲୋକମାନ୍ୟ ତିଲକ ଟର୍ମିନସ୍ | 10:30 | ଦାନାପୁର |
| 01144 | ଦାନାପୁର | 21:30 | ଲୋକମାନ୍ୟ ତିଲକ ଟର୍ମିନସ୍ |
| 01202 | ପୁଣେ ଜଂ. | 15:50 | ନାଗପୁର |
| 01045 | ଲୋକମାନ୍ୟ ତିଲକ ଟର୍ମିନସ୍ | 12:15 | ପ୍ରୟାଗରାଜ ଜଂ. |
| 01415 | ପୁଣେ ଜଂ. | 06:50 | ଗୋରଖପୁର ଜଂ. |
| 01416 | ଗୋରଖପୁର ଜଂ. | 17:30 | ପୁଣେ ଜଂ. |
| 01079 | ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ | 22:30 | ଗୋରଖପୁର ଜଂ. |
| 01080 | ଗୋରଖପୁର ଜଂ. | 14:30 | ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ |
| 01410 | ଯୋଧପୁର ଜଂ. | 22:00 | ପୁଣେ ଜଂ. |
| 01067 | ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ | 15:30 | କରିମନଗର |
| 01205 | ପୁଣେ ଜଂ. | 15:50 | ଦାନାପୁର |
| 01206 | ଦାନାପୁର | 05:30 | ପୁଣେ ଜଂ. |
| 01107 | ଲୋକମାନ୍ୟ ତିଲକ ଟର୍ମିନସ୍ | 20:15 | ସାନ୍ତ୍ରାଗାଛି ଜଂ. |
| 01175 | ପୁଣେ ଜଂ. | 09:35 | ସାୱନ୍ତୱାଡ଼ି ରୋଡ୍ |
| 01178 | ସାୱନ୍ତୱାଡ଼ି ରୋଡ୍ | 23:25 | ପନଭେଲ |
| 01027 | ଦାଦର | 14:05 | ଗୋରଖପୁର ଜଂ. |
| 01028 | ଗୋରଖପୁର ଜଂ. | 14:45 | ଦାଦର |
| 02832 | ଭୁବନେଶ୍ୱର | 20:55 | ଧାନବାଦ ଜଂ. |
| 02831 | ଧାନବାଦ ଜଂ. | 16:00 | ଭୁବନେଶ୍ୱର |
| 08472 | ଉଧ୍ନା ଜଂ. | 17:00 | ପୁରୀ |
| 08584 | ତିରୁପତି | 21:55 | ବିଶାଖାପାଟଣା |
| 08508 | ବିଶାଖାପାଟଣା | 11:20 | ଶାଲିମାର |
| 08519 | ଦାନାପୁର | 12:30 | ବିଶାଖାପାଟଣା |
| 08536 | ବିଶାଖାପାଟଣା | 12:00 | ଭୁବନେଶ୍ୱର |
| 08535 | ଭୁବନେଶ୍ୱର | 22:30 | ବିଶାଖାପାଣା |
| 02397 | ଗୟା ଜଂ. | 14:15 | ଆନନ୍ଦ ବିହାର ଟର୍ମିନାଲ୍ |
| 02398 | ଆନନ୍ଦ ବିହାର ଟର୍ମିନାଲ୍ | 08:20 | ଗୟା ଜଂ. |
| 02393 | ପାଟନା ଜଂ. | 20:10 | ନୂଆଦିଲ୍ଲୀ |
| 02394 | ନୂଆଦିଲ୍ଲୀ | 13:20 | ପାଟନା ଜଂ. |
| 05219 | ମୁଜାଫରପୁର ଜଂ. | 13:30 | ଆନନ୍ଦ ବିହାର ଟର୍ମିନାଲ୍ |
| 05220 | ଆନନ୍ଦ ବିହାର ଟର୍ମିନାଲ୍ | 08:00 | ମୁଜାଫରପୁର ଜଂ. |
| 05293 | ମୁଜାଫରପୁର ଜଂ. | 10:45 | ସିକନ୍ଦରାବାଦ ଜଂ. |
| 05557 | ରକ୍ସୌଲ | 19:15 | ଲୋକମାନ୍ୟ ତିଲକ ଟର୍ମିନସ୍ |
| 05283 | ମୁଜାଫରପୁର ଜଂ. | 06:30 | ଆନନ୍ଦ ବିହାର ଟର୍ମିନାଲ୍ |
| 05284 | ଆନନ୍ଦ ବିହାର ଟର୍ମିନାଲ୍ | 07:00 | ମୁଜାଫରପୁର ଜଂ. |
| 03309 | ଧାନବାଦ ଜଂ. | 10:10 | ଜମ୍ମୁ ତୱି |
| 03252 | ସାର୍ ଏମ୍. ବିଶ୍ୱେଶ୍ୱରୟା ଟର୍ମିନାଲ୍ ବେଙ୍ଗାଲୁରୁ | 23:50 | ଦାନାପୁର |
| 03259 | ଦାନାପୁର | 15:00 | ସାର୍ ଏମ୍. ବିଶ୍ୱେଶ୍ୱରୟା ଟର୍ମିନାଲ୍ ବେଙ୍ଗାଲୁରୁ |
| 05598 | ସରହିନ୍ଦ ଜଂ. | 02:45 | ସହର୍ସା ଜଂ. |
| 03046 | ରକ୍ସୌଲ ଜଂ. | 16:55 | ହାଓଡା ଜଂ. |
| 03008 | ଖାତିପୁରା | 05:30 | ହାଓଡା ଜଂ. |
| 03132 | ଗୋରଖପୁର ଜଂ. | 11:30 | ସିଆଲଦା |
| 03109 | ସିଆଲଦା | 09:15 | ବଡୋଦରା ଜଂ. |
| 03135 | କୋଲକାତା | 23:50 | ପାଟନା ଜଂ. |
| 03509 | ଆସାନସୋଲ ଜଂ. | 13:20 | ଖାତିପୁରା |
| 03436 | ଆନନ୍ଦ ବିହାର ଟର୍ମିନାଲ୍ | 19:00 | ମାଲ୍‌ଦା ଟାଉନ୍ |
| 03418 | ଉଧନା ଜଂ. | 12:30 | ମାଲ୍‌ଦା ଟାଉନ୍ |
| 03430 | ମାଲ୍‌ଦା ଟାଉନ୍ | 18:10 | ସିକନ୍ଦରାବାଦ ଜଂ. |
| 03483 | ଭାଗଲପୁର | 11:00 | ନୂଆଦିଲ୍ଲୀ |
| 03512 | ପାଟନା ଜଂ. | 00:05 | ଆସାନସୋଲ ଜଂ. |
| 03505 | ଆସାନସୋଲ ଜଂ. | 13:15 | ପାଟନା ଜଂ. |
| 03550 | ପାଟନା ଜଂ. | 03:15 | ଆସାନସୋଲ ଜଂ. |
| 03424 | ହରିଦ୍ୱାର ଜଂ. | 19:55 | ଭାଗଲପୁର |
| 05098 | ଦୌରାଇ | 16:05 | ଟପରୀ |
| 05325 | ଗୋରଖପୁର ଜଂ. | 21:15 | ଲୋକମାନ୍ୟ ତିଲକ ଟର୍ମିନସ୍ |
| 05056 | ବାରାଣସୀ ସିଟି | 14:15 | ଲାଲ୍ କୁଆଁ |
| 05112 | ନୂଆଦିଲ୍ଲୀ | 12:50 | ଛପରା |
| 05037 | ବନାରସ୍ | 19:20 | ଆନନ୍ଦ ବିହାର ଟର୍ମିନାଲ୍ |
| 05161 | ଛପରା | 19:55 | ଅମୃତସର ଜଂ. |
| 05698 | ଗୁଆହାଟୀ | 23:55 | ନ୍ୟୁ ଜଲପାଇଗୁଡ଼ି |
| 05637 | ନାହରଲଗୁନ | 10:00 | ସିଲଚର |
| 05744 | ଛପରା | 04:30 | କଟିହାର ଜଂ. |
| 05740 | ଗୋମତୀ ନଗର | 18:15 | କଟିହାର ଜଂ. |
| 05737 | ଗୋମତୀ ନଗର | 09:30 | କଟିହାର ଜଂ. |
| 04623 | ବାରାଣସୀ ଜଂ. | 05:30 | ଶ୍ରୀ ମାତା ବୈଷ୍ଣୋ ଦେବୀ କଟଡ଼ା |
| 04079 | ବାରାଣସୀ ଜଂ. | 18:20 | ଦିଲ୍ଲୀ ଜଂ. |
| 04529 | ବାରାଣସୀ ଜଂ. | 20:40 | ଭଟିଣ୍ଡା ଜିଂ. |
| 04095 | ଅଯୋଧ୍ୟା କ୍ୟାଣ୍ଟ୍ | 09:00 | ଆନନ୍ଦ ବିହାର ଟର୍ମିନାଲ୍ |
| 04682 | ଜମ୍ମୁ ତୱି | 23:20 | କୋଲକାତା |
| 04060 | ଆନନ୍ଦ ବିହାର ଟର୍ମିନାଲ୍ | 10:30 | ଜୟନଗର |
| 04068 | ଦିଲ୍ଲୀ ଜଂ. | 19:30 | ଦରଭଙ୍ଗା ଜଂ. |
| 04077 | ପାଟନା ଜଂ. | 20:00 | ଆନନ୍ଦ ବିହାର ଟର୍ମିନାଲ୍ |
| 04010 | ଆନନ୍ଦ ବିହାର ଟର୍ମିନାଲ୍ | 23:45 | ଜୋଗବନୀ |
| 04553 | ସହାରନପୁର | 04:40 | ଅମ୍ବାଲା କ୍ୟାଣ୍ଟ୍ ଜଂ. |
| 04554 | ଅମ୍ବାଲା କ୍ୟାଣ୍ଟ୍ ଜଂ. | 20:20 | ସହାରନପୁର |
| 04032 | ଆନନ୍ଦ ବିହାର ଟର୍ମିନାଲ୍ | 05:15 | ସହର୍ସା ଜଂ. |
| 04031 | ସହର୍ସା ଜଂ. | 13:00 | ଆନନ୍ଦ ବିହାର ଟର୍ମିନାଲ୍ |
| 04044 | ଆନନ୍ଦ ବିହାର ଟର୍ମିନାଲ୍ | 23:15 | ଗୋରଖପୁର ଜଂ. |
| 04217 | ବାରାଣସୀ ଜଂ. | 06:25 | ଲକ୍ଷ୍ନୌ ଜଂ. |
| 04218 | ଲକ୍ଷ୍ନୌ ଜଂ. | 16:30 | ବାରାଣସୀ ଜଂ. |
| 04057 | ମୁଜାଫରପୁର ଜଂ. | 23:00 | ଆନନ୍ଦ ବିହାର ଟର୍ମିନାଲ୍ |
| 02245 | ପାଟନା ଜଂ. | 18:05 | ହଜରତ ନିଜାମୁଦ୍ଦିନ୍ |
| 04525 | ସହର୍ସା ଜଂ. | 19:15 | ଅମ୍ବାଲା କ୍ୟାଣ୍ଟ୍ ଜଂ. |
| 04048 | ଆନନ୍ଦ ବିହାର ଟର୍ମିନାଲ୍ | 15:20 | କଟିହାର ଜଂ. |
| 04005 | ଦିଲ୍ଲୀ ଜଂ. | 23:05 | ଜୟନଗର |
| 04070 | ନୂଆଦିଲ୍ଲୀ | 00:20 | ରାଜଗୀର |
| 04069 | ରାଜଗୀର | 22:50 | ନୂଆଦିଲ୍ଲୀ |
| 02248 | ନୂଆଦିଲ୍ଲୀ | 08:25 | ପାଟନା ଜଂ. |
| 04051 | ଜୟନଗର | 18:00 | ନୂଆଦିଲ୍ଲୀ |
| 04054 | ନୂଆଦିଲ୍ଲୀ | 14:20 | ବରୌନୀ ଜଂ. |
| 04679 | କାମାକ୍ଷା | 06:00 | ଶ୍ରୀ ମାତା ବୈଷ୍ଣୋ ଦେବୀ କଟଡ଼ା |
| 04662 | ସହର୍ସା ଜଂ. | 10:00 | ଅମୃତସର ଜଂ. |
| 04036 | ନୂଆଦିଲ୍ଲୀ | 12:00 | ଭାଗଲପୁର |
| 04034 | ଦିଲ୍ଲୀ ଜଂ. | 23:45 | ଜୟନଗର |
| 04372 | ଡେରାଡୁନ୍ | 18:15 | ଲକ୍ଷ୍ନୌ ଜଂ. |
| 04371 | ଲକ୍ଷ୍ନୌ ଜଂ. | 13:10 | ଡେରାଡୁନ୍ |
| 04528 | ସରହିନ୍ଦ ଜଂ. | 11:25 | ସହର୍ସା ଜଂ. |
| 04231 | ସହର୍ସା ଜଂ. | 15:30 | ନୂଆଦିଲ୍ଲୀ |
| 04493 | ପାଟନା ଜଂ. | 00:30 | ନୂଆଦିଲ୍ଲୀ |
| 04693 | ଜୟନଗର | 10:05 | ଲୁଧିଆନା ଜଂ. |
| 04239 | ଦାନାପୁର | 11:30 | ବାରାଣସୀ ଜଂ. |
| 04237 | ବରୌନୀ ଜଂ. | 13:10 | ଲକ୍ଷ୍ନୌ ଜଂ. |
| 04072 | ନୂଆଦିଲ୍ଲୀ | 05:00 | ପାଟନା ଜଂ. |
| 04507 | କଟିହାର ଜଂ. | 07:00 | ଅମ୍ବାଲା କ୍ୟାଣ୍ଟ୍ ଜଂ. |
| 04229 | ହାଜିପୁର ଜଂ. | 08:45 | ନୂଆଦିଲ୍ଲୀ |
| 02262 | ନୂଆଦିଲ୍ଲୀ | 00:20 | ରାଜଗୀର |
| 04816 | ମଉ ଜଂ. | 04:00 | ଯୋଧପୁର ଜଂ. |
| 04706 | ଜୟପୁର | 13:05 | ଶ୍ରୀ ଗଙ୍ଗାନଗର |
| 04705 | ଶ୍ରୀ ଗଙ୍ଗାନଗର | 23:45 | ଜୟପୁର |
| 09721 | ଜୟପୁର | 06:16 | ଉଦୟପୁର ସିଟି |
| 09722 | ଉଦୟପୁର ସିଟି | 15:05 | ଜୟପୁର |
| 09639 | ମଦାର ଜଂ. | 04:30 | ରୋହତକ ଜଂ. |
| 09640 | ରୋହତକ ଜଂ. | 13:20 | ମଦାର ଜଂ. |
| 09733 | ଜୟପୁର | 07:00 | ଭିୱାନୀ |
| 09734 | ଭିୱାନୀ | 16:05 | ଜୟପୁର |
| 04810 | ବାନ୍ଦ୍ରା ଟର୍ମିନସ୍ | 20:00 | ଯୋଧପୁର ଜଂ. |
| 07626 | ପନଭେଲ | 04:30 | ହଜୁର ସାହିବ ନାନ୍ଦେଡ଼ |
| 07188 | ସିକନ୍ଦରାବାଦ ଜଂ. | 08:00 | କାକିନାଡ଼ା ଟାଉନ୍ |
| 07490 | ତିରୁପତି | 15:00 | ସିକନ୍ଦରାବାଦ ଜଂ. |
| 07054 | ଲାଲଗଡ଼ ଜଂ. | 19:45 | କାଚିଗୁଡ଼ା |
| 07052 | ରକ୍ସୌଲ ଜଂ. | 08:30 | ସିକନ୍ଦରାବାଦ ଜଂ. |
| 07221 | ସିକନ୍ଦରାବାଦ ଜଂ. | 06:45 | ସାନ୍ତ୍ରାଗାଛି ଜଂ. |
| 07226 | ଶାଲିମାର | 04:30 | ସିକନ୍ଦରାବାଦ ଜଂ. |
| 07032 | ହଜରତ ନିଜାମୁଦ୍ଦିନ୍ | 20:45 | ସିକନ୍ଦରାବାଦ ଜଂ. |
| 07165 | ହାଇଦ୍ରାବାଦ ଡେକ୍କାନ୍ | 20:10 | କଟକ |
| 07610 | ତିରୁପତି | 16:00 | ପୂର୍ଣ୍ଣା ଜଂ. |
| 07446 | ଲିଙ୍ଗମପଲ୍ଲୀ | 19:00 | କାକିନାଡ଼ା ଟାଉନ୍ |
| 07175 | ସିକନ୍ଦରାବାଦ ଜଂ. | 21:00 | ଗୋରଖପୁର ଜଂ. |
| 07692 | ଦରଭଙ୍ଗା ଜଂ. | 15:15 | କାଚିଗୁଡ଼ା |
| 07615 | ହଜୁର ସାହିବ ନାନ୍ଦେଡ଼ | 14:30 | ପାଟନା ଜଂ. |
| 08182 | କଟିହାର ଜଂ. | 19:40 | ଟାଟାନଗର ଜଂ. |
| 08896 | ଛପରା | 22:15 | ଗୋଁଦିୟା ଜଂ. |
| 08898 | ପାଟନା ଜଂ. | 12:30 | ଗୋଁଦିୟା ଜଂ. |
| 06059 | କୋଏମ୍ବାଟୁର ଜଂ. | 11:50 | ବରୌନୀ ଜଂ. |
| 06056 | ବରୌନୀ ଜଂ. | 23:45 | କୋଏମ୍ବାଟୁର ଜଂ. |
| 06083 | ତିରୁଭାନନ୍ତପୁରମ୍ ଉତ୍ତର | 18:05 | ସାର୍ ଏମ୍. ବିଶ୍ୱେଶ୍ୱରୟା ଟର୍ମିନାଲ୍ ବେଙ୍ଗାଲୁରୁ |
| 06040 | ସାର୍ ଏମ୍. ବିଶ୍ୱେଶ୍ୱରୟା ଟର୍ମିନାଲ୍ ବେଙ୍ଗାଲୁରୁ | 12:45 | ତିରୁଭାନନ୍ତପୁରମ୍ ଉତ୍ତର |
| 06250 | ଦାନାପୁର | 18:10 | କ୍ରାନ୍ତିବୀର ସଂଗୋଲ୍ଲି ରାୟାଣ୍ଣ (ବେଙ୍ଗାଲୁରୁ) |
| 07335 | ବେଲଗାଭୀ | 12:30 | ମଣୁଗୁରୁ |
| 01661 | ରାଣୀ କମଲାପତି | 14:25 | ଦାନାପୁର |
| 09494 | ପାଟନା ଜଂ. | 01:00 | ଅହମ୍ମଦାବାଦ ଜଂ. |
| 09426 | ହରିଦ୍ୱାର ଜଂ. | 21:45 | ସାବରମତୀ |
| 09063 | ବାପି | 22:00 | ଦାନାପୁର |
| 09056 | ଉଧ୍ନା ଜଂ. | 16:15 | ବାନ୍ଦ୍ରା ଟର୍ମିନସ୍ |
| 09055 | ବାନ୍ଦ୍ରା ଟର୍ମିନସ୍ | 09:50 | ଉଧ୍ନା ଜଂ. |
| 09026 | ଦାନାପୁର | 14:30 | ଭାଲସାଡ଼ |
| 09418 | ଦାନାପୁର | 23:50 | ଅହମ୍ମଦାବାଦ ଜଂ. |
| 09576 | ମହବୁବନଗର | 21:35 | ରାଜକୋଟ ଜଂ. |
| 09405 | ସାବରମତୀ | 18:10 | ପାଟନା ଜଂ. |
| 09098 | ଶ୍ରୀ ମାତା ବୈଷ୍ଣୋ ଦେବୀ କଟଡ଼ା | 21:40 | ବାନ୍ଦ୍ରା ଟର୍ମିନସ୍ |
| 09190 | କଟିହାର ଜଂ. | 00:15 | ମୁମ୍ବାଇ ସେଣ୍ଟ୍ରାଲ |
| 09523 | ଓଖା | 10:00 | ଦିଲ୍ଲୀ କ୍ୟାଣ୍ଟ୍ |
| 09322 | ଶ୍ରୀ ମାତା ବୈଷ୍ଣୋ ଦେବୀ କଟଡ଼ା | 21:40 | ଡା. ଆମ୍ବେଦକର ନଗର |
| 09313 | ଉଜ୍ଜୈନ ଜଂ. | 21:00 | ଭୋପାଳ ଜଂ. |
| 09314 | ଭୋପାଳ ଜଂ. | 02:10 | ଉଜ୍ଜୈନ ଜଂ. |
| 09043 | ବାନ୍ଦ୍ରା ଟର୍ମିନସ୍ | 00:05 | ଗୋରଖପୁର ଜଂ. |
| 09413 | ଅହମ୍ମଦାବାଦ ଜଂ. | 16:35 | ବରୌନୀ ଜଂ. |
| 09403 | ଅହମ୍ମଦାବାଦ ଜଂ. | 22:40 | ବନାରସ |
| 09022 | ଭାବନଗର | 19:00 | ଉଧ୍ନା ଜଂ. |
| 09003 | ମୁମ୍ବାଇ ସେଣ୍ଟ୍ରାଲ | 10:30 | ଦିଲ୍ଲୀ ଜଂ. |
| 09040 | ଜୟନଗର | 11:30 | ଉଧ୍ନା ଜଂ. |
| 09464 | ପାଟନା ଜଂ. | 13:00 | ସାବରମତୀ |
| 09192 | ଜୟନଗର | 14:30 | ରତଲାମ୍ ଜଂ. |

ଭାରତୀୟ ରେଳ
www.indianrailways.gov.in
ଆମକୁ ଫଲୋ କରନ୍ତୁ: /RailMinIndia

# ଉବର ଚୁକ୍ତି

ଭାରତର ସୁରକ୍ଷା ପ୍ରତି ପଡ଼ୋଶୀ ଚାଇନା ଓ ପାକିସ୍ତାନ ଆହ୍ୱାନ ସୃଷ୍ଟି କରିଛନ୍ତି। ଏହାର ମୁକାବିଲା ପାଇଁ ସେନା ନୂତନ ସ୍ଥିତି ସହିତ ଖାପ ଖୁଆଇ ଆଗକୁ ବଢୁଛି। ପ୍ରଯୁକ୍ତି ବିକାଶ ସେନାକୁ ସଶକ୍ତ ଓ ଦକ୍ଷ କରୁଥିଲେ ମଧ୍ୟ ଅନ୍‌ଲାଇନରେ ସେନାର ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ତଥ୍ୟ ଅନ୍ୟ ଦେଶକୁ ଚାଲିଯାଉଥିବା ଖବର ବାରମ୍ବାର ପ୍ରକାଶ ପାଉଛି। ୨୦୨୧ରେ ଆର୍ମିର ଉତ୍ତର କମାଣ୍ଡରୁ ଡେଟା ବା ତଥ୍ୟ ପ୍ରଘଟ ହେବା ଏବଂ ଗତ ବର୍ଷ ଓଡ଼ିଶାର ବାଲେଶ୍ୱରସ୍ଥିତ ବାଲିଆପାଳ କ୍ଷେପଣାସ୍ତ୍ର ଘାଟିରୁ ତଥ୍ୟ ପାକିସ୍ତାନକୁ ହସ୍ତାନ୍ତର ଅଭିଯୋଗ ଏହାର ଦୁଇଟି ବଡ଼ ଉଦାହରଣ। ଏଭଳି କାର୍ଯ୍ୟକୁ ରୋକାଯିବାକୁ ଚେଷ୍ଟା କରାଯାଉଥିବା ବେଳେ ନିକଟରେ ଭାରତୀୟ ବାୟୁ ସେନା (ଆଇଏଏଫ୍) ଆମେରିକାର ବହୁ ରାଷ୍ଟ୍ରୀୟ ପରିବହନକାରୀ ସଂସ୍ଥା ଉବର ମଧ୍ୟରେ ହୋଇଥିବା ଚୁକ୍ତି ଯୋଗୁ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅକ୍ଟୋବର ୧୮ରେ ହୋଇଥିବା ଏହି ଚୁକ୍ତିରେ ଭାରତର ବାୟୁସେନା ଅଧିକାରୀ ଏବଂ ତାଙ୍କ ପରିବାରକୁ ସୁବିଧାରେ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସାଇବର ବିଶେଷଜ୍ଞମାନେ ତଥ୍ୟ ପ୍ରଘଟକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ସେମାନଙ୍କ ମତରେ ବାୟୁସେନା ଅଧିକାରୀଙ୍କ ଗତିବିଧି ସମ୍ପର୍କରେ ତୃତୀୟ ପକ୍ଷ ଜାଣିପାରିଲେ ସେମାନେ ଲୋକେଶନ ଟ୍ରାକିଂ କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତେଇନେଇ ପାରିବେ। ଏହାସହ ଅନ୍‌ଲାଇନ ବ୍ୟକ୍ତିଗତ ତଥ୍ୟକୁ ଗୁପ୍ତ ରଖିବା ସକାଶେ ଡେଟା ଲୋକାଲାଇଜେଶନ ଉପରେ ଗୁରୁତ୍ୱ ଦିଆଯିବା ଦରକାର ବୋଲି ସେମାନେ ସତର୍କ କରିଦେଇଛନ୍ତି। ବଡ଼ କଥା ହେଉଛି ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେଜେଏସ୍ ଧୀଲୋନ'ଏକ୍ସ'ରେ ଜଣାଇଛନ୍ତି ଯେ, ପ୍ରତ୍ୟେକ ବାୟୁସେନା ଅଧିକାରୀଙ୍କ ନିର୍ଦ୍ଦିଷ୍ଟ ଲୋକେଶନକୁ ଠାବ କରାଯିବା ଦ୍ୱାରା ସେମାନଙ୍କ ଜୀବନ ପ୍ରତି ବିପଦ ରହିବ। ଏଣୁ ଏହି ଚୁକ୍ତି ଉପରେ ପୁନର୍ବିଚାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ସାଇବର ସ୍ପେଶରେ ସାର୍ବଭୌମତ୍ୱ ଓ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ନ ହେଲେ ଜାତୀୟ ସୁରକ୍ଷା ବିପନ୍ନ ହେବାର ସମ୍ଭାବନା ରହିଛି ବୋଲି ଅବସରପ୍ରାପ୍ତ ସେନା ଅଧିକାରୀ ତଥା ଟେକ୍ ଏଣ୍ଟରପ୍ରେନ୍ୟୁର ପବିତ୍ରନ୍ ରାଜନ ସୂଚାଇ ଦେଇଛନ୍ତି।

ବିଶେଷଜ୍ଞ ଯେଉଁ ତଥ୍ୟ ପ୍ରଘଟ ବିଷୟରେ ଆଶଙ୍କା କରିଛନ୍ତି, ତାହା ଅମୂଳକ ନୁହେଁ। କାରଣ ଭାରତରେ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ବିପଦରେ ରହିଆସିଛି। ଡିଜିଟାଇଜେଶନ ଯୋଗୁ ଆଧାରକୁ ବ୍ୟାଙ୍କଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ସଂଯୋଗ କରାଯିବା ହେତୁ ତାହା ସହଜରେ ସାଇବର ଠକଙ୍କ ହାତରେ ପଡ଼ିଯାଉଛି। ଫଳରେ ଆଖିପିଛୁଳାକେ ବ୍ୟାଙ୍କରୁ ଜନସାଧାରଣଙ୍କ ଅର୍ଥ ଉଭାନ ହୋଇଯାଉଛି। ଏହା ଚତୁରତାର ସହ କରାଯାଉଥିବାରୁ ଅର୍ଥ ଜମାକାରୀଙ୍କ ପାଇଁ ଚୋରି ସମ୍ପର୍କରେ ଜାଣିଲା ବେଳକୁ ଅନେକ ଡେରି ହୋଇଯାଉଛି। ଏଥିସହିତ ଦେଶରେ ଦୁର୍ବଳ ବ୍ୟାଙ୍କ ବ୍ୟବସ୍ଥା ସାଇବର ଠକଙ୍କୁ ସୁହାଉଛି। ୨୦୧୫ରୁ ଭାରତରେ ଡିଜିଟାଇଜେଶନ ଆରମ୍ଭ ହେବାର ୬ ବର୍ଷ ମଧ୍ୟରେ ଅନେକ ବଡ଼ଧରଣର ଠକେଇ ସାମ୍ନାକୁ ଆସିଛି। ଏହାବ୍ୟତୀତ ଗତବର୍ଷ ଛଦ୍ମ ନାମରେ ପରିଚିତ 'ଡାର୍କ ୱେବ୍ ୦୦୦୧' ୮୧ କୋଟିରୁ ଅଧିକ ଭାରତୀୟଙ୍କ ଆଧାର ଓ ପାସ୍‌ପୋର୍ଟ ମହଜୁଦ ଥିବା ଘୋଷଣା କରି ୮୦,୦୦୦ ଆମେରିକୀୟ ଡଲାରରେ ବିକିବା ପାଇଁ କହିଥିଲା। ତାହା କେତେବେଳେ ବିକ୍ରି ହେଲା ସେ ସମ୍ପର୍କରେ ଭାରତ ସରକାର ମଧ୍ୟ ଅବଗତ ନାହାନ୍ତି। ସେତେବେଳେ ଏହି ଘଟଣା ପ୍ରିଭେସି ବା ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଉପରେ ବଡ଼ ପ୍ରଶ୍ନ ଉଠାଇଥିଲା। ଏହା ସୂଚିତ କରିଥିଲା ଯେ, ଭାରତ ସରକାର ବ୍ୟକ୍ତିଗତ ତଥ୍ୟ ଗୋପନ ରଖିବାରେ ସମ୍ପୂର୍ଣ୍ଣ ଭାବେ ଅସମର୍ଥ।

ଉଲ୍ଲେଖନୀୟ ଯେ, ଆମେରିକାର ବହୁରାଷ୍ଟ୍ରୀୟ ପରିବହନକାରୀ କମ୍ପାନୀ ଉବରକୁ ୨୦୦୯ରେ ଗାରେଟ୍ କ୍ୟାମ୍ପ୍ ଓ ଟ୍ରାଭିସ୍ କାଲାନିକ ପ୍ରତିଷ୍ଠା କରିଥିଲେ। ଏହା ବିଶ୍ୱର ପ୍ରାୟ ୭୦ଟି ଦେଶରେ ୧୦,୫୦୦ରୁ ଅଧିକ ସହରରେ କାମ କରୁଛି। ପରିବହନ ବ୍ୟତୀତ ଉବର ମଧ୍ୟ କୋରିୟର ଓ ଫୁଡ୍ ସର୍ଭିସ କ୍ଷେତ୍ରରେ ସେବା ଯୋଗାଉଛି। ଭାରତରେ ଏହା ପରିବହନ କ୍ଷେତ୍ରରେ ୨୦୧୩ରେ ପ୍ରବେଶ କରିବା ପରେ ଏବେ ୧ ମିଲିୟନ (୧୦ ଲକ୍ଷ)ରୁ ଅଧିକ ଡ୍ରାଇଭରଙ୍କୁ ସାମିଲ କରିଛି। ଏ କ୍ଷେତ୍ରରେ ଆମେରିକା, ବ୍ରାଜିଲ ପରେ ଭାରତ ତୃତୀୟ ସ୍ଥାନରେ ରହିଛି। ୨୦୨୩ ପରିସଂଖ୍ୟାନ ଅନୁଯାୟୀ ଭାରତରେ ୧୨୫ଟିରୁ ଅଧିକ ସହରରେ ଏହାର ୧୦୦ ମିଲିୟନ ବା ୧୦ କୋଟିରୁ ଅଧିକ ପଞ୍ଜୀକୃତ ବ୍ୟବହାରକାରୀ ଅଛନ୍ତି। ତେବେ ଦେଖାଯାଇଛି, ଉବର ବହୁ ସମୟରେ ଏହାର ତଥ୍ୟ ଗୋପନ ରଖିବାରେ ଅସଫଳ ହୋଇଛି। ୨୦୨୦, ୨୦୨୨ରେ ଦୁଇଥର, ୨୦୨୩ରେ ଉବରର ଗୋପନୀୟ ଡେଟା ପ୍ରଘଟ ହୋଇଥିଲା। ଭାରତୀୟ ବାୟୁ ସେନା(ଆଇଏଏଫ୍) ଏବଂ ଉବର ମଧ୍ୟରେ ହୋଇଥିବା ଏବକାର ଚୁକ୍ତିରେ ସେନା ଅଧିକାରୀଙ୍କ ତଥ୍ୟ ଅନ୍ୟ ବିଦେଶୀ ସଂସ୍ଥା ହାତରେ ପଡ଼ିବାର ମାନେ ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି ହେଲାଣି। କିଛି ଦିନ ପୂର୍ବର ଘଟଣାକୁ ଦେଖିଲେ ଇସ୍ରାଏଲ ଯେଉଁଭଳି ଭାବେ ଲେବାନନ୍‌ରେ ପେଜର ଆକ୍ରମଣ କରିଥିଲା, ତାହା ପଛରେ ଥିଲା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ତଥ୍ୟ। ତେଣୁ ଭାରତ ଏବେଠାରୁ ତା'ର ସାମରିକ ଅଧିକାରୀ ଓ କର୍ମଚାରୀଙ୍କ ତଥ୍ୟକୁ ତୃତୀୟ ପକ୍ଷଙ୍କ ହାତକୁ ଟେକି ନ ଦେବା ଉଚିତ। କୌତୂହଳର ବିଷୟ ହେଲା ଯେ, ଆଜି ମଧ୍ୟ ବିନା କୌଣସି ଚୁକ୍ତି ଦସ୍ତଖତ କରି ଭାରତର ସାଧାରଣ ନାଗରିକ ଅନେକ ସହରାଞ୍ଚଳରେ ଉବର ଗାଡ଼ି ସହ ଅନ୍ୟାନ୍ୟ ସୁବିଧା ପାଇପାରୁଛନ୍ତି। ଏହି ପ୍ରଚ୍ଛଦପଟରେ ଦେଖିଲେ ଏକ ପ୍ରକାର ସୁବିଧା ହାସଲ କରିବା ପାଇଁ ବାୟୁସେନାକୁ ଚୁକ୍ତି ଦସ୍ତଖତ କରିବା ପଛରେ ସନ୍ଦେହଜନକ ଉଦ୍ଦେଶ୍ୟ ରହିଛି ବୋଲି କୁହାଯାଇପାରେ। ଆଗାମୀ ଦିନରେ ସରକାରଙ୍କର ଏହିସବୁ କାର୍ଯ୍ୟର କୁଫଳ ଦେଶ ଭୋଗିବା ପାଇଁ ବାଧ ହେବ।

# କେହି ନୁହେଁ କାହାର



ରଞ୍ଜନ କୁମାର ଦାସ

ଗଣତନ୍ତ୍ରରେ ସରକାର ବଦଳିବା ଏକ ସ୍ୱାଭାବିକ ପ୍ରକ୍ରିୟା। ମାତ୍ର ଏଇ ସ୍ୱାଭାବିକ ପ୍ରକ୍ରିୟାଟି ଅନେକ ଅସ୍ୱାଭାବିକ ପ୍ରକ୍ରିୟାକୁ ସାଙ୍ଗରେ ଧରି ଆସିଥାଏ। ଗୋଟେ ସରକାର ପତନ ହୋଇ ଯେତେବେଳେ ନୂଆ ସରକାର ଆସନ୍ତି ସେମାନେ ପୁରୁଣା ସରକାରଙ୍କର ଅନେକ ବ୍ୟବସ୍ଥାକୁ ବଦଳାଇ ଦେଇଥାନ୍ତି। ସରକାରର ନବକଳେବର ସମୟରେ ପୁରୁଣା ବ୍ୟବସ୍ଥା, ପୁରୁଣା ଯୋଜନା, ପୁରୁଣା ଅଫିସର, ପୁରୁଣା କୋଠାବାଡ଼ି, ଗାଡ଼ିମୋଟର ଆଦି ସବୁ ବଦଳାହୁଏ।

ଗତ ୪୦ବର୍ଷର ଆମ ଚାକିରିକାଳର ଅବଧି ଭିତରେ ଆମେ ମୁଖ୍ୟତଃ ୨/୩ ଥର ସରକାରରେ ଦଳ ପରିବର୍ତ୍ତନର ପ୍ରକ୍ରିୟା ଦେଖିଛୁ। ୧୯୮୮ରେ ଚାକିରିରେ ଆମେ ଯୋଗଦେଲା ବେଳକୁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଶାସନରେ ଥିଲା। ପରେ ଅଳ୍ପଦିନ ପାଇଁ ହେମାନନ୍ଦ ବିଶ୍ୱାଳ ହେଲେ ମୁଖ୍ୟମନ୍ତ୍ରୀ। ତା'ପରେ ୧୯୯୦ ନିର୍ବାଚନରେ ଜନତା ଦଳ ସରକାର ଆସିଲା ଓ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେଲେ। ଖୋଜାହେଲେ କୋଉଠି କିଏ କଂଗ୍ରେସିଆ କର୍ମଚାରୀ ଅଛନ୍ତି। ଯେଉଁମାନେ ଚିହ୍ନଟ ହେଲେ ତାଙ୍କ ଭିତରୁ ଅନେକଙ୍କୁ ବଦଳି କରାଗଲା। ୫ ବର୍ଷର ଜନତା ଦଳ ସରକାର ପରେ ପୁଣି ଆସଲା କଂଗ୍ରେସ ସରକାର। ଖୋଜାଗଲା କିଏ କୋଉଠି ଜନତା ଦଳ ସମର୍ଥକ ଓ ସମର୍ଥିତ କର୍ମଚାରୀ ଅଛନ୍ତି। ଏଥର ପୁଣି ଥୋକେ ବଦଳିହେଲା। ତାଙ୍କ ପରେ କିଛି କିଛି ଦିନ ଗିରିଧାରୀ ଗମାଙ୍ଗ ଓ ହେମାନନ୍ଦ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ହେଲେ। ସେତେବେଳେ ନେତା ବଦଳିଲେ ମଧ୍ୟ ଦଳ ସମାନ ଥିଲା। ତେଣୁ ବେଶି ବଦଳି ହେଲା ନାହିଁ। ୨୦୦୦ ମସିହାରେ ବିଜୁ ଜନତା ଦଳ ସରକାର ଆସିବା ପରେ ସେମିତି କଂଗ୍ରେସ ଛାପାମରା, ଅନୁଗତ ଓ ଅନୁରକ୍ତ ଅଫିସର ଖୋଜାହେଲେ ଓ ତଡ଼ାଖାଇଲେ। ଦୀର୍ଘ ୨୪ ବର୍ଷର ତାଙ୍କ ସରକାର ଆବଶ୍ୟକତା ଅନୁସାରେ ବଦଳି କରୁଥିଲେ। ଏବେ ଭାରତୀୟ ଜନତା ପାର୍ଟିର ସରକାର ଆସିବା ପରେ ଅଫିସର ଓ କର୍ମଚାରୀମାନଙ୍କ ମଧ୍ୟରେ କୋକୁଆଭୟ। କୋଉ ସମୟରେ କାହାର କୋଉଠି ବଦଳିହେବ ସେ ଚିନ୍ତାରେ କର୍ମଚାରୀ ସ୍ଥାଣୁ, ହାତ ଟେକି ବସିଛନ୍ତି।

କହିବା ଉଦ୍ଦେଶ୍ୟ ହେଲା ସରକାର ବଦଳରେ ନୂଆ ବିଧାୟକମାନେ ତାଲିକା କରି ଦିଅନ୍ତି କୋଉଠି କୋଉ ଅଫିସର ପୁରୁଣା ବ୍ୟବସ୍ଥାର ବିଶ୍ୱସ୍ତ ଚାକର ଥିଲେ। ସେଇ ଅନୁସାରେ କିଏ ତଡ଼ାହେବେ କିଏ ନୂଆ ଆସିବେ ସ୍ଥିର ହୁଏ। ମନକୁ ଗୋଟେ କଥା ବେଳେ ବେଳେ ଆସେ, ସତରେ କ'ଣ ସବୁ କର୍ମଚାରୀ ନିଜ ଇଚ୍ଛାରେ ଦଳୀୟ ଆଦର୍ଶରେ ଅନୁଗାମୀ ହୋଇ କାମ କରିଥାନ୍ତି? ହୁଏତ ଅଳ୍ପ କେତେଜଣ ଲୋକ ସେପରି ନିଆଁଗିଳା ହୋଇଥିବେ। ଯେଉଁମାନେ ନିଆଁ ଗିଳନ୍ତି ସେମାନେ ଅଙ୍ଗାର ହଗିବା ସ୍ୱାଭାବିକ, ଏଥିରେ ଦୁଃଖ କରିବାର କିଛି ନାହିଁ। ମାତ୍ର ଯେତେବେଳେ ସରକାରରେ ଦଳବଦଳର ଋତୁ ପରିବର୍ତ୍ତନ ହୁଏ ଅନେକ ସମୟରେ ଧୁଆଁମୂଳା ଅଧୁଆଁମୂଳା ସବୁ ଏକ ହୋଇଯାଆନ୍ତି। ଦୁଷ୍ଟଙ୍କ ସହ ଭଲ ଲୋକ ବି ବଳି ପଡ଼ିଯାଆନ୍ତି। ରାଜନୀତିରେ ଗୋଷ୍ଠୀ ନିରପେକ୍ଷତା ବୋଲି କିଛି ନାହିଁ। ହୁଏତ ଆମର ମିତ୍ର ହୁଅ ନ ହେଲେ ଶତ୍ରୁ ତାଲିକାରେ ରୁହ। ଯଦି ତାଙ୍କୁ ସାହାଯ୍ୟ କରୁଥିଲ ତା'ହେଲେ ଆମର ଶତ୍ରୁ, ଏମିତିକି ତାଙ୍କୁ ସାହାଯ୍ୟ କରିଥାଅ ନ କରିଥାଅ ଆମକୁ ଯଦି ସାହାଯ୍ୟ କରିନାହଁ ତା'ହେଲେ ବି ଆମର ଶତ୍ରୁ। ଶତ୍ରୁ ବୋଲି ବିବେଚିତ ହେଲ ଯଦି ତା'ର ଫଳ ଭୋଗିବାକୁ ପଡ଼ିବ। ବିଚରା କର୍ମଚାରୀଟିଏ କରିବ କ'ଣ? ଦୀର୍ଘ ସମୟ ଗୋଟେ ସରକାର ଅଧୀନରେ କାମ କଲେ ଇଚ୍ଛା ଥାଉ ନ ଥାଉ ତାଙ୍କ ନୀତି ଆଦର୍ଶକୁ କାର୍ଯ୍ୟକାରୀ କରିବାକୁ ପଡ଼ିଥାଏ। କର୍ମଚାରୀମାନେ ନିଜର ସୁରକ୍ଷା ପାଇଁ ଓ ପରେ ନିଜ ସୁବିଧା ପାଇଁ ବାଧ ହୁଅନ୍ତି ଗୋଟେ ସରକାରର ଅନୁଗତ ହେବା ପାଇଁ।



ମୋର ଗୋଟେ ଅନୁଭୂତି ମନେପଡୁଛି। ଆମେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିଲା ବେଳେ ୧୯୮୪ରେ ଆତତାୟୀ ଗୁଳିରେ ନିହତ ହେଲେ ଇନ୍ଦିରା ଗାନ୍ଧୀ। ଚାରିଆଡ଼େ ଶୋକ ପାଳନ ଚାଲିଲା। ସମାନୁପାତିକ ଭାବେ ହିଂସ୍ର ଅରାଜକତା ମଧ୍ୟ ଚାଲିଲା। ଡ. ମନ୍ମଥନାଥ ଦାସ ଥାଆନ୍ତି କୁଳପତି। ତାଙ୍କ ସଭାପତିତ୍ୱରେ ଗୋଟେ ଶୋକସଭା ହେଲା। ସହଜେ ସେ ଜଣେ ସୁବକ୍ତା ପୁଣି ଇନ୍ଦିରାଙ୍କ ଉପରେ କିଛି ଗବେଷଣାତ୍ମକ ଲେଖା ଲେଖୁଥାନ୍ତି। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କ ଉପରେ ଏକ ଭାବଗର୍ଭକ ଭାଷଣ ଦେଲେ। ହଠାତ୍ ଜଣେ ମଞ୍ଚ ଉପରକୁ ଚପଲଟିଏ ଫିଙ୍ଗିଲା ଏବଂ କହିଲା କଂଗ୍ରେସ ଚାମଚା! ମନ୍ମଥବାବୁ କହିଲେ, ମୁଁ ଇଂରାଜୀରେ ଭାଷଣ ଦେଉଛି ,କିନ୍ତୁ ତଦ୍ୱାରା ମୁଁ ଇଂରେଜ ବୋଲି ପ୍ରତିପାଦିତ ହେଉନାହିଁ। ମୁଁ ବିଦେଶୀ ବେଶପୋଷାକ ପିନ୍ଧିଛି। ମାତ୍ର ତାହା ମଧ୍ୟ ମତେ ବିଦେଶୀ ବୋଲି ପ୍ରତିପାଦିତ କରୁନାହିଁ। ଯଦି ମୁଁ ଇନ୍ଦିରାଙ୍କ ବିଷୟରେ ଆଜି କହୁଛି ତାହା ମତେ କଂଗ୍ରେସର ଚାମଚା ଭାବରେ କେମିତି ପ୍ରତିପାଦିତ କରୁଛି? ଏକଥା ଶୁଣିଲା ପରେ ସେଇ ଚପଲ ଫିଙ୍ଗିଥିବା ଛାତ୍ର ଜଣଙ୍କ କେତେବେଳେ ସଭାଗୃହରୁ ଅନ୍ତର୍ହିତ ହୋଇଗଲା ଜଣାପଡ଼ିଲା ନାହିଁ।

କହିବା କଥା ହେଲା, ଠିକ୍ ସେମିତି ଜଣେ ସରକାରୀ କର୍ମଚାରୀ ଗୋଟେ ଦଳର ସରକାର ଅଧୀନରେ କାମ କଲାବେଳେ ସେ ଦଳର କର୍ମୀ ପାଲଟିଯାଏ ନାହିଁ। ଏଇ ଯେମିତି ଖଦଡ଼ ପିନ୍ଧୁଥିବା ସମସ୍ତେ ଗାନ୍ଧୀବାଦୀ ନୁହନ୍ତି। ସବୁଜ ଦିଶୁଥିବା ସବୁ ଗଛପତ୍ର ବିଜୁ ଜନତା ଦଳର ନୁହେଁ କି ଗେରୁଆ ରଙ୍ଗର ଧୋତି, ଗାମୁଛା ପିନ୍ଧୁଥିବା ସାଧୁସନ୍ଥ ସବୁ ଭାରତୀୟ ଜନତା ପାର୍ଟିର ନୁହନ୍ତି। ଦୃଷ୍ଟିକୋଣ ଓ ଦୃଷ୍ଟିଭଙ୍ଗୀ ଭିତରେ ଥାଏ ଦୃଶ୍ୟର ସୌନ୍ଦର୍ଯ୍ୟ। ଆମେ ଗୋଟେ ଜିନିଷକୁ ଯେମିତି ଦେଖିବାକୁ ଚାହିଁବା ତାହା ଆମକୁ ସେପରି ଦିଶିବ।

ରାଜନୀତି ବିଜ୍ଞାନରେ ଗୋଟେ କଥା ଅଛି ଯେ, ରାଜନୀତିରେ ଶତ୍ରୁ ବା ମିତ୍ର କେହି ସ୍ଥାୟୀ ନୁହନ୍ତି। କେବଳ ସ୍ଥାୟୀ ହେଲା ଆପଣାର ସ୍ୱାର୍ଥ। ଆଜି ଯିଏ ଏ ଦଳରେ ଅଛି କାଲି ସେ ଆର ଦଳକୁ ଚାଲିଯାଉଛି। ସେତେବେଳେ ତା'ର ଅସ୍ପୃଶ୍ୟତା କଟିଯାଉଛି। ତେବେ ମାଲିକକୁ ଯଦି ଛୁଆଁଛୁଇଁ ଦୋଷ ଲାଗୁନାହିଁ ତେବେ ଚାକର କୁହାଯାଉଥିବା କର୍ମଚାରୀମାନଙ୍କଠି କେମିତି ଛୁଆଁଛୁତିର ଦୋଷ ଲାଗିରହୁଛି? ସେ କୁଟୁମ୍ବ ପୋଷିବାକୁ ସରକାରଙ୍କ ଅଧୀନରେ ଚାକିରି କରୁଛି ଏବଂ ଦରକାର ପଡ଼ିଲାବେଳେ ନିଜକୁ ବଞ୍ଚେଇବାକୁ ହଁରେ ହଁ ମାରୁଛି। ଯେଉଁ ଦଳ ସରକାରରେ ରହିବ ସେ ତା' ରାଜନୈତିକ ମୁନିବର କଥା ମାନିବାକୁ ବାଧ୍ୟ। ତା'ର ସ୍ଥାୟୀ ଆଗ୍ରହଟି ହେଲା ତା'ର ବ୍ୟକ୍ତିଗତ ଓ ପାରିବାରିକ ସ୍ୱାର୍ଥ, ସୁବିଧା ଓ ମାନସିକ ଶାନ୍ତି। ଏ ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ବଞ୍ଚୁଛନ୍ତି। ଜଣେ ସରକାରୀ କର୍ମଚାରୀ ବା କୋଉ ଭିନ୍ନ? ସେ ତା'ର ସ୍ୱାର୍ଥକୁ ଜଗିବା ସ୍ୱାଭାବିକ କଥା। ମାତ୍ର ତା'ଠୁ ଆଉ ଦି ପାଦ ଆଗକୁ ଯାଇ ଯେଉଁମାନେ ନିଆଁଗିଳା ହୁଅନ୍ତି ସେମାନେ ଅସୁବିଧାରେ ପଡ଼ିବା ସ୍ୱାଭାବିକ କଥା।

କର୍ମଚାରୀମାନଙ୍କୁ ନେଇ ଇଏ ଆମର, ସିଏ ତାଙ୍କର ବୋଲି ଯୋଉ ଖେଳ ଚାଲେ ତାହା କେତେ ଅବାସ୍ତବ ଓ ଅଳିକ ତାହା ଅନୁମେୟ। ପ୍ରକୃତରେ କହିବାକୁ ଗଲେ ଏ ଦୁନିଆରେ କେହି କାହାର ନୁହେଁ। ଜନ୍ମିତ ପୁଅ ତ ଜନ୍ମକଲା ବାପାର ନୁହେଁ ବୋଲି ଆଜିର ଦୁନିଆ ପ୍ରତିପାଦିତ କରୁଛି। ତେବେ କେଉଁ କର୍ମଚାରୀ ସରକାରର ଗୋଟିପଣେ ହୋଇଯାଇଛି ବୋଲି କେମିତି କହିହେବ? ରାଜନୈତିକ କର୍ମୀ ଯଦି ଦଳ ବଦଳେଇପାରୁଛି, ତେବେ କର୍ମଚାରୀଟିଏ ମଧ୍ୟ ପରିସ୍ଥିତିକୁ ଦେଖି ତା'ର ଆନୁଗତ୍ୟ ବଦଳେଇବ। ଯେଉଁ କର୍ମଚାରୀମାନେ ଏ ସରକାରରେ ଥାଆନ୍ତି, ଆଉ ସରକାର ଆସିଲେ ବି ସେଇମାନଙ୍କୁ ନେଇ ପୁଣି ନୂଆ ସରକାର କାମ କରିବାକୁ ବାଧ ହେବେ। ଖାଲି ଯାହା ଜାଗା ବଦଳେ, ଚଉକି ବଦଳେ।

ମୋ: ୯୪୩୭୨୮୬୫୧୨

# ଆଲୋକ ପ୍ରଦୂଷଣ



ଈପ୍ସିତା ମହାନ୍ତି

ସଭ୍ୟତାର ବିକାଶ କ୍ରମରେ ଏକଦା ବିଜୁଳି ମାଡରେ ଜଳୁଥିବା ବଣ ମଧ୍ୟରୁ ମନୁଷ୍ୟ ପ୍ରଥମେ ନିଆଁକୁ ଆବିଷ୍କାର କରିଥିଲା। ନିଆଁ ଆବିଷ୍କାର ପରେ ମଣିଷ ମଶାଲ ଜାଳି ଆଲୋକ ପାଇଲା। ଗୁମ୍ଫା ମୁହଁରେ ନିଆଁ ଜାଳି ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷା ପାଇଲା। ଶୀତ ଦାଉରୁ ନିଜକୁ ରକ୍ଷା କଲା। ମଶାଲ ପ୍ରଦୀପ ଭଳି କାମ କଲା। ୧୮୮୦ରେ ଥୋମାସ ଏଡିସନଙ୍କ ଟଙ୍ଗଷ୍ଟେନ ବଲ୍‌ବ ଦିନରାତି ମଧ୍ୟରେ ପାର୍ଥକ୍ୟକୁ ଦୂରକଲା। ଅସ୍ତଗାମୀ ସୂର୍ଯ୍ୟର ହଳଦିଆ ଆଲୋକକୁ ଅନୁଭବ କରି ମଣିଷ ଧୀରେ ଧୀରେ ଭବିଷ୍ୟତ ପାଇଁ ବିଦ୍ୟୁତ୍ ସଞ୍ଚୟ ଆରମ୍ଭ କଲା। ଫ୍ଲୋରୋସେଣ୍ଟ ବିଜୁଳି ବତି, ମରକ୍ୟୁରି ବତି, ତା'ପରେ ସୋଡିୟମ ବାଷ୍ପଦିଆ ବତି, ଆଜି ଦୁଧିଆ ଆଲୋକ ଏବଂ ସ୍ୱଳ୍ପ ବିଦ୍ୟୁତ୍ ଶକ୍ତି ଅପଚୟ ପାଇଁ ଏଲ୍‌ଇଡି ବତି ପାଖରେ ଆମେ ଆସି ପହଞ୍ଚିଛୁ।

ଏହି ଆଲୋକ ବିଳମ୍ବିତ ରାତିର ଅନ୍ଧାରରେ ଯଦିଓ ଆମ କାମ କରିବା ସହଜ କରିଦେଇଛି କିନ୍ତୁ ଅଜାଣତରେ ଏହା ବିପଦ ବଢାଇ ଚାଲିଛି। କୃତ୍ରିମ ଆଲୋକ ରୂପରେ ଆସୁଥିବା ଏହି ସମସ୍ୟା ଆଲୋକ ପ୍ରଦୂଷଣ ତଥା ଫୋଟନ ପ୍ରଦୂଷଣର ନାମ ପାଇଛି। ୧୯୯୨ରୁ ୨୦୧୭ ମଧ୍ୟରେ ଏହି କୃତ୍ରିମ ଆଲୋକ ବିଶ୍ୱରେ ପ୍ରାୟ ୪୯ ପ୍ରତିଶତ ବୃଦ୍ଧି ପାଇଥିଲା। କେତେକ କ୍ଷେତ୍ରରେ ଏହା ୪୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ବର୍ତ୍ତମାନ ପୃଥିବୀ ତାହାର ସର୍ବୋଚ୍ଚ ଆଲୋକିତ ସ୍ତରରେ ପହଞ୍ଚିଛି। ଅଧିକାଂଶ ବଡବଡ ନଗରୀରେ ରାତି କେତେବେଳେ ଆସୁଛି ତାହା ଜଣା ପଡୁନାହିଁ। ଆଲୋକର ବିଭିନ୍ନ ଉତ୍ସ ସେହି ସହର ତଥା ନଗରୀର ଅନ୍ଧକାରକୁ ଢାଙ୍କି ଚାଲିଛି। ତଥ୍ୟ ଅନୁସାରେ ଏହି ଆଚ୍ଛାଦିତ ଆଲୋକ ହେତୁ ଅର୍ଥାତ୍ ଅନ୍ଧକାର ଅଭାବରୁ ଅଶୀ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ଆଲୋକ ପ୍ରଦୂଷଣର ଶିକାର ହୋଇଛନ୍ତି। ସମ ପରିମାଣର ଭୂଭାଗ ଆଜି ପ୍ରଦୂଷଣର ବଳୟ ମଧ୍ୟକୁ ଚାଲିଯାଇଛି। ଆଲୋକ ପ୍ରଦୂଷଣର ଗୋଟିଏ ଦିଗ ହେଉଛି ସ୍କାଏ ଗ୍ଲୋ (ଆକାଶୀୟ ଚମକ)। ଏହି ଆକାଶୀୟ ଚମକ ଆକାଶରେ ଉଡିଯାଉଥିବା ପକ୍ଷୀମାନଙ୍କର ଗତି ପଥକୁ ପ୍ରଭାବିତ କରୁଛି। ଆଲୋକର ଅତିକ୍ରମଣ ହେତୁ ଫୋଟନ (ଆଲୋକ କଣିକା) ଏଣେତେଣେ ବିଚ୍ଛୁରିତ ହେବା (ଯାହା ଭେଣ୍ଟିଲେଟର ଓ ଝରକା ବାଟେ ଆସି ଆମ ଶୋଇବା ଏବଂ ସ୍ନାୟବିକ ତନ୍ତ୍ର ତଥା ମସ୍ତିଷ୍କକୁ ପ୍ରଭାବିତ କରିଥାଏ)ଦ୍ୱାରା ଆମ ଆଚରଣ ଏବଂ କାର୍ଯ୍ୟକ୍ଷମତା ପରିବର୍ତ୍ତିତ ହେଉଛି। ଅତ୍ୟଧିକ ଆଲୁଅ ଆମ ଦୃଷ୍ଟିଶକ୍ତିକୁ ଦୁର୍ବଳ କରୁଛି।

ଆଲୋକ ପ୍ରଦୂଷଣ ସାଂସ୍କୃତିକ ହାନି ମଧ୍ୟ ଘଟାଉଛି। ଏହି କାରଣରୁ ଆମେ ନିଜ ପିଲାଦିନର ସ୍ୱପ୍ନ, କଳ୍ପନା, ଘଟଣା ଜାଣିବା ଏବଂ ବୁଝିବା ଭୁଲିଯାଉଛୁ। ମୋଟାମୋଟି ଭାବେ ଏହା ଆମ ସ୍ମୃତିଶକ୍ତିକୁ ଦୁର୍ବଳ କରୁଛି। ରାତିରେ ଦିନର ଭ୍ରମ ସୃଷ୍ଟି ହେଉଛି। ଫଳସ୍ୱରୂପ ଆମ ଜୀବନଚକ୍ର ପ୍ରଭାବିତ ହେଉଛି। ରାତିରେ ଜାଗ୍ରତ ଅର୍ଥାତ୍ ଅନିଦ୍ରା ରହିବାର କ୍ଷମତା ବୃଦ୍ଧି ପାଉଛି। ତେଣୁ ଶୀଘ୍ର ଶଯ୍ୟା ତ୍ୟାଗ କରୁଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି। ଆଜି ସୂର୍ଯ୍ୟଙ୍କ କିରଣ ବଢି ଚାଲିବା ପରେ ଆମ ନିଦ ଭାଙ୍ଗୁଛି। ରାତିର ଖଣ୍ଡିତ ନିଦ କର୍କଟ ଏବଂ ହୃଦୟ ରୋଗ ବଢାଉଛି। ମନୁଷ୍ୟଙ୍କ ଭଳି ପଶୁପକ୍ଷୀଙ୍କ ନିଦ୍ରିତ ଯିବା ଓ ଉଠିବା ସମୟରେ ଅନ୍ତର ଦେଖାଦେଇଛି। ଅଧ୍ୟୟନରୁ ଜଣାପଡିଛି ଯେ, ଆଲୋକ ପ୍ରଦୂଷଣ ରଙ୍ଗ ଓ ତୀବ୍ରତାରେ ପରିବର୍ତ୍ତନ ଆଣିଛି। ଏଥିଯୋଗୁ ଗତ କିଛି ଦଶନ୍ଧି ମଧ୍ୟରେ ଜୀବଜନ୍ତୁଙ୍କ ଦୃଷ୍ଟିଶକ୍ତିରେ ଅପ୍ରତ୍ୟାଶିତ ପରିବର୍ତ୍ତନ ଆସିଛି। ପୂର୍ବେ ସଞ୍ଜ ହେଉ ହେଉ ଅନ୍ଧାର ଭାସି ଆସିବା ମାତ୍ରେ କୀଟପତଙ୍ଗ ଓ ପୋକଯୋକମାନେ ଲୁଚି ଯାଉଥିଲେ। ଶବ୍ଦ ଦ୍ୱାରା ନିଜ ଉପସ୍ଥିତି ଦର୍ଶାଉଥିଲେ। ସମ୍ପ୍ରତି ଆଲୋକ ପ୍ରଦୂଷଣ କାରଣରୁ ଆଲୋକ ପ୍ରତି ଆକର୍ଷିତ ହୋଇ କୀଟପତଙ୍ଗମାନେ ନିଜ ମୃତ୍ୟୁକୁ ଆମନ୍ତ୍ରଣ କରୁଛନ୍ତି। ଗବେଷକମାନେ କୀଟପତଙ୍ଗ ଏବଂ ସେମାନଙ୍କୁ ଶିକାର କରୁଥିବା ପକ୍ଷୀମାନଙ୍କର ଦୃଷ୍ଟିଶକ୍ତି ଉପରେ ଆଲୋକର ପ୍ରଭାବକୁ ଅନୁସନ୍ଧାନ କରି ଜାଣିବାକୁ ପାଇଛନ୍ତି ଯେ ଶିକାର ଏବଂ ଶିକାରୀଙ୍କ ମଧ୍ୟରେ ସମ୍ବନ୍ଧ ବଦଳି ଚାଲିଛି। ଅନ୍ଧକାରର ଅନୁଭବ ବିନା ପେଚା ନିଜ ଶିକାରକୁ ଧରି ପାରେନାହିଁ। ବର୍ତ୍ତମାନ ଅତ୍ୟଧିକ ଆଲୋକ ହେତୁ ପେଚା ଶବ୍ଦ ତରଙ୍ଗ ସାହାଯ୍ୟରେ ଶିକାର ପାଖରେ ପହଞ୍ଚିବାରେ ସକ୍ଷମ ହୋଇପାରୁନି। ଦିନର ଭ୍ରମରେ ପୁରୁଷ କୀଟମାନଙ୍କର ପ୍ରଜନନ ପଦ୍ଧତି ମଧ୍ୟ ବଦଳି ଚାଲିଛି। ଚନ୍ଦ୍ର-ତାରା ଆଲୁଅର ଅନ୍ଧାର ରାତି ସାମୁଦ୍ରିକ ଜୀବଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବରେ କାର୍ଯ୍ୟ କରିଥାଏ। ଏହା ସେମାନଙ୍କୁ ଦିଗ ନିର୍ଣ୍ଣୟରେ ସହାୟକ ହୋଇଥାଏ। ଆଜିର କୃତ୍ରିମ ଆଲୋକ ସେମାନଙ୍କ ଦୃଷ୍ଟିଶକ୍ତିକୁ ମଳିନ କରିଦେଉଛି। ଫଳତଃ ସାମୁଦ୍ରିକ ଜୀବମାନେ ଦିଗହରା ହୋଇ ପଥଚ୍ୟୁତ ହେଉଛନ୍ତି। ଆଲୋକ ପ୍ରଦୂଷଣର କୁପ୍ରଭାବ ସବୁଜ ଉଦ୍ଭିଦ ଉପରେ ମଧ୍ୟ ପଡୁଛି। ଉଦ୍ଭିଦଗୁଡିକ କୃତ୍ରିମ ଆଲୋକର ଉପସ୍ଥିତି ଦ୍ୱାରା ଭ୍ରମିତ ହେଉଛନ୍ତି। ଗଛ ବଢିବା, ଫୁଲ ଫୁଟିବା, ଫୁଲରୁ ଫଳ ହେବା, ପତ୍ର ଝଡିବା ଏବଂ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତି ସକାଶେ ଉଦ୍ଭିଦ ଜଗତକୁ ଆଲୋକର ଉପସ୍ଥିତି ନିହାତି ଆବଶ୍ୟକ। କିନ୍ତୁ କୃତ୍ରିମ ଆଲୋକ ଉଦ୍ଭିଦ ଜଗତ ପାଇଁ ବିପଦ ବଢାଉଛି। ବିଜୁଳି ଆଲୁଅ ପାଉଥିବା ରାସ୍ତା ପାର୍ଶ୍ୱସ୍ଥ ବିଲରେ ଧାନଗଛ ଭଲ ବଢି ପାରୁ ନ ଥିବା ଏବଂ ଅନ୍ୟ ବିଲ ତୁଳନାରେ ଏହି ବିଲରେ ଅପେକ୍ଷାକୃତ କମ ଫସଲ ଅମଳ ଦେଉଥିବା ଖବର ଗତବର୍ଷ ପ୍ରକାଶ ପାଇଥିଲା। ଏହା ଉପରେ ଅଧିକ ଗବେଷଣା ଜରୁରୀ। ଅତ୍ୟଧିକ ଆଲୋକ ଦିବାରାତ୍ରର ସମ୍ବେଦନଶୀଳ ସନ୍ତୁଳନକୁ ବିଗାଡି ଚାଲିଛି। ଯାହା ଉଭୟ ଉଦ୍ଭିଦ ଏବଂ ପ୍ରାଣୀଙ୍କ ଶାରୀରିକ କାର୍ଯ୍ୟକ୍ରମ ଉପରେ ପ୍ରଭାବ ପକାଉଛି। ମାନବ ସମାଜ ସମେତ ସମଗ୍ର ପରିସଂସ୍ଥା ଏହାର ଶିକାର ସାଜିଛି।



ଅନ୍ୟ ପ୍ରଦୂଷଣ ଭଳି ଆଲୋକ ପ୍ରଦୂଷଣ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ପଲିଥିନ ଏବଂ ରାସାୟନିକ ପ୍ରଦୂଷଣ ଭଳି ଏହା ବିପଜ୍ଜନକ । ରାସ୍ତାଘାଟ ଆଲୋକିତ ପାଇଁ ବ୍ୟବହୃତ ହେଉଥିବା ଆଲୋକର କଣିକା ଫୋଟନ ଅଜାଣତରେ ଆଖପାଖ ଅଞ୍ଚଳକୁ ବିଚ୍ଛୁରିତ ହୋଇ ଉଦ୍ଭିଦଙ୍କଠାରୁ ଆରମ୍ଭ କରି ଶୀର୍ଷ ସ୍ତରର ପ୍ରାଣୀଙ୍କ ପର୍ଯ୍ୟନ୍ତ ସ୍ଥାନୀୟ ପରିବେଶର ସମସ୍ତ କାରକକୁ ପ୍ରଭାବିତ କରୁଛି। ଆମେ ଅନ୍ୟ ପ୍ରଦୂଷଣ ହ୍ରାସ ପାଇଁ ଯେପରି କାର୍ଯ୍ୟ କରୁଛୁ ବର୍ତ୍ତମାନ ଆଲୋକ ପ୍ରଦୂଷଣ ହ୍ରାସ ପାଇଁ ସେଭଳି କାର୍ଯ୍ୟ କରିବାକୁ ବିଭିନ୍ନ ବିକଳ୍ପ ଖୋଜିବାର ଆବଶ୍ୟକତା ରହିଛି।

**ବୈପାରୀଗୁଡ଼ା, କୋରାପୁଟ,**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ରାମାୟଣରେ ସୂର୍ପଣଖାଙ୍କୁ ଦଣ୍ଡଦେବାକୁ ଯାଇ ଲକ୍ଷ୍ମଣ ତାଙ୍କ ନାକ କାଟିଲା ପରି ଘଟଣା ଏବେ ମଧ୍ୟ ଘଟୁଛି। ନିଜ ବିବେକ ହରାଇ ଲୋକେ ଏଭଳି କାମ କରୁଛନ୍ତି ଯାହା ଭାବିଲେ ବିଶ୍ୱାସ କରିହେଉନି। ଏପରି ଏକ ଅବିଶ୍ୱାସନୀୟ ଘଟଣା ଘଟିଛି ବିହାରର ଅହରିୟା ଜିଲା ଫାରବିସଗଞ୍ଜର ୬ନମ୍ବର ୱାର୍ଡରେ। ମାତ୍ର ୧୫ ଟଙ୍କା ଖୁଚୁରା ନ ଦେଇ ପାରିବାରୁ ଏଠାକାର ଜଣେ ମହିଳାଙ୍କ ନାକ କାଟିଦିଆଯାଇଛି। ଏହି ଅଞ୍ଚଳରେ ଜାମସେଦ ନାମକ ଦୋକାନୀଙ୍କଠାରୁ ଜଣେ ମହିଳା ତାଙ୍କ ପିଲାଙ୍କ ପାଇଁ ୧୫ ଟଙ୍କାର ଚିପ୍ସ କିଣିଥିଲେ। ହେଲେ ତାଙ୍କ ପାଖରେ ଖୁଚୁରା ଟଙ୍କା ନ ଥିଲା। ସେ ପରେ ଦେବେ ବୋଲି କହିଥିଲେ ହେଁ ଦୋକାନି ସଙ୍ଗେ ସଙ୍ଗେ ଦେବାକୁ ଅଡିବସିଥିଲେ। ଘଟଣା ଗଣ୍ଡଗୋଳର ରୂପ ନେବାରୁ ଦୋକାନୀ ଜଣକ କିଛି ସହଯୋଗୀଙ୍କ ସହାୟତାରେ ମହିଳାଙ୍କ ନାକକୁ କାଟିଦେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୫ ନଭେମ୍ବର ୧୯୭୫

- ସମନ୍ୱିତ ମତ୍ସ୍ୟ ଉନ୍ନୟନ ଯୋଜନାରେ ବାଲେଶ୍ୱରରେ ଏକ ମାଛଧରା ବନ୍ଦର ନିର୍ମାଣ କରାଯିବା ଲାଗି କେନ୍ଦ୍ର ସରକାର ୮୪.୩୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ନେପାଳରେ ଭାରତ ସହଯୋଗରେ ନିର୍ମିତ ହୋଇଥିବା ସର୍ବବୃହତ ତ୍ରିଶୁଳୀ ଜଳବିଦ୍ୟୁତ୍ ପରିକଳ୍ପନାକୁ ନେପାଳ ସରକାରଙ୍କ ହାତରେ ଉତ୍ସର୍ଗ କରାଯାଇଛି।
- ଢାକା ସୈନ୍ୟବାହିନୀର କମାଣ୍ଡର ବ୍ରିଗେଡିଅର ଖଲିଦ ମୁସାରଫ ବାଂଲାଦେଶର ଶାସନ କ୍ଷମତା ଅକ୍ତିଆର କରିଛନ୍ତି।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 9 | | |
| | | | | 2 | | | | 6 |
| 7 | 4 | | 5 | | | | | |
| | 6 | | 3 | | | | | 5 |
| | 5 | | 7 | | | | 3 | 4 |
| | 8 | | | | 1 | | 2 | |
| | | 6 | | | | | | 9 |
| 1 | 2 | 5 | | | 4 | | 6 | 3 |
| | 9 | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 8 | 1 | 6 | 5 | 4 | 2 |
| 4 | 6 | 2 | 7 | 9 | 5 | 8 | 1 | 3 |
| 1 | 5 | 8 | 3 | 4 | 2 | 7 | 6 | 9 |
| 8 | 4 | 3 | 9 | 5 | 7 | 1 | 2 | 6 |
| 5 | 9 | 6 | 1 | 2 | 3 | 4 | 7 | 8 |
| 2 | 1 | 7 | 6 | 8 | 4 | 3 | 9 | 5 |
| 7 | 3 | 5 | 4 | 6 | 9 | 2 | 8 | 1 |
| 9 | 2 | 1 | 5 | 7 | 8 | 6 | 3 | 4 |
| 6 | 8 | 4 | 2 | 3 | 1 | 9 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଣ୍ଡିଆଜାତ ଦ୍ରବ୍ୟ ଦିଆଯାଉ

ମହାଶୟ,

ରାଜ୍ୟରେ ସବୁ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୂର୍ବରୁ ବର୍ଷକୁ ଦୁଇଯୋଡ଼ା ପୋଷାକ ମିଳୁଥିଲା। ତା' ସହିତ ବ୍ୟାଗ୍ ଦିଆଯାଉଥିଲା। ସେହିପରି ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସାଇକେଲ ପ୍ରଦାନ କରାଯାଉଥିଲା। ତାହା ପୂର୍ବ ଭଳି ଜାରି ରହିବା ଦରକାର। ଫଳରେ ସହଜ ଓ ସୁବିଧାରେ ବିଦ୍ୟାଳୟ ଯିବାଆସିବା ହୋଇପାରିବ। ତା' ସହିତ ସବୁ ଶ୍ରେଣୀର ପିଲାମାନଙ୍କୁ କ୍ଷୁଦ୍ର ଶସ୍ୟ ମାଣ୍ଡିଆଜାତ ଦ୍ରବ୍ୟ ଦିଆଯାଉ। ଏଥିରେ ଅଧିକ ପ୍ରୋଟିନ୍, ଲୌହସାର ତଥା ଭିଟାମିନ୍ ଅଛି। ଏହାକୁ ଖାଇଲେ ପିଲାଙ୍କର ଶାରୀରିକ ଏବଂ ମାନସିକ ବିକାଶ ଘଟିବ।

**-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

## ଚିରନ୍ତନୀ

ପୁରୁଣା ମେଘ ସହି!
ଆସଇ ନୂଆ ହୋଇ
କରିବି ନୂଆ କଥା ରଚନା।
କହିବି ଜୀବନର
ଗୋପନ କଥା ମୋର
ଲୁଚିଲା ଯେତେ କ୍ଷତ ଶୋଚନା।
-(ବର୍ଷାରତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ୧୯୬ ଅଭିଯୋଗ



ପ୍ରଶାସନିକ ଅଧିକାରୀଙ୍କୁ ଲୋକେ ଅଭିଯୋଗ କରୁଛନ୍ତି।

## ୨୬ ଅଭିଯୋଗର ସମାଧାନ

ନୟାଗଡ଼,୪।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷରେ ଜିଲାପାଳଙ୍କ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଜିଲାପାଳଙ୍କୁ ଏସ୍‌ପି ଏସ୍. ସୁଶ୍ରୀ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦାର ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ୧୯୬ଟି ଅଭିଯୋଗ ଆସିଥିବାବେଳେ ଏଥିରୁ ୧୭୯ ଅଭିଯୋଗ ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟ ସମସ୍ୟା ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପଣ୍ଡରୁ ୧୦ଟି ଅଭିଯୋଗ ରହିଥିଲା। ଶିବିରରେ ୨୬ ଅଭିଯୋଗର ସମାଧାନ ହୋଇଛି।

# ନୟାଗଡ଼ ବନଖଣ୍ଡରେ ମା' ସୁଭଦ୍ରାଙ୍କ ରଥ ଚକ

ନୟାଗଡ଼,୪।୧୧(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡଙ୍କ କାର୍ଯ୍ୟାଳୟକୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମା' ସୁଭଦ୍ରଙ୍କ ରଥ ଚକ ଆସି ସୋମବାର ପହଞ୍ଚିଛି। ରଥ ଚକ ପାଇଁ ଶ୍ରୀମନ୍ଦିରକୁ ଚିଠି ଲେଖିଥିଲେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡଙ୍ଗୀ। ଶୁଭଦିନ ଦେଖି ରଥ ଚକକୁ ବନଖଣ୍ଡ କାର୍ଯ୍ୟାଳୟରେ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।




# କର୍ମଚାରୀଙ୍କ ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯିବ



କର୍ମଚାରୀଙ୍କ ସହ କର୍ମକର୍ତ୍ତା।

ଦଶପଲ୍ଲା, ୪।୧୧ ( ପ୍ରକାଶ କୁମାର ପାଣି)

ଆସନ୍ତା ଡ଼ିସେମ୍ବର ୪, ୫ ତାରିଖରେ ହେବାକୁ ଯାଉଥିବା ରେଳ କର୍ମଚାରୀ ସଂଘ ନିର୍ବାଚନରେ, ଭାରତୀୟ ରେଳ ମଜଦୂର ସଂଘକୁ ବିଜୟ କରିବା ପାଇଁ ଭାରତୀୟ ମଜଦୂର ସଂଘର ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାଶ ଅନୁରୋଧ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ନିର୍ବାଚନ ପାଇଁ ଦଶପଲା ଗସ୍ତ କରି, ରେଳ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘବର୍ଷ ଧରି ବର୍ତ୍ତମାନର କର୍ମକର୍ତ୍ତାମାନେ ବିଭିନ୍ନ ପଦପଦବୀରେ ରହିଥିଲେ ମଧ୍ୟ କର୍ମଚାରୀମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବା ସେ ମତବ୍ୟକ୍ତ କରିଥିଲେ। ଏଥିସହ କର୍ମଚାରୀଙ୍କ ସମସ୍ୟା ଦୁରକରିବା, ନୂତନ ନିଯୁକ୍ତି ସହ ରେଳ ବିଭାଗର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ଗସ୍ତରେ ଇଷ୍ଟକୋଷ୍ଟ ରେଲୱେ ମଜଦୂର ସଂଘର କୋଷାଧ୍ୟକ୍ଷ ସଞ୍ଜୟ କୁମାର ନାୟକ, ଉପସଭାପତି ସମୀର କୁମାର ଦାଶ, ୟୁଥ୍ ପ୍ରେସିଡେଣ୍ଟ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ। ବିଭିନ୍ନ ରେଳ ଷ୍ଟେଶନରେ ଭାରତୀୟ ମଜଦୁର ସଂଘର ନୟାଗଡ଼ ଜିଲା ସଭାପତି ବନମାଳୀ ମିଶ୍ର, ସମ୍ପାଦକ ସୁକାନ୍ତ ମହାପାତ୍ର, ଦଶପଲ୍ଲା ବ୍ଲକ ସଭାପତି ପ୍ରକାଶ କୁମାର ପାଣି ସମେତ ବହୁ ବ୍ୟକ୍ତି ତାଙ୍କୁ ସ୍ୱାଗତ ଜଣାଇଥିଲେ। କର୍ମକର୍ତ୍ତାମାନେ ଦଶପଲ୍ଲା ସହ ନୟାଗଡ଼ ନୂଆଗାଁ, ମବୀପୁର ପ୍ରଭୃତି ରେଳ ଷ୍ଟେଶନ ଗସ୍ତ କରି ରେଳ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ।

# କାଳିପୂଜାର ଭସାଣି



ନୟାଗଡ଼,୪।୧୧ (ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣାସହର ୱାର୍ଡ ନଂ. ୫ରେ ସାଗର ପୋଖରୀ କୂଳରେ କାଳି ଠାକୁରାଣୀଙ୍କ ଭସାଣି ଉତ୍ସବ ରବିବାର ରାତିରେ ଅନଷ୍ଠିତ ହୋଇଯାଇଛି। ଭସାଣି ଶୋଭାଯାତ୍ରା ପୂଜା ମଣ୍ଡପରୁ ସନ୍ଧ୍ୟାରେ ବାହାରି ଟ୍ରାଫିକ୍ ଛକ ଓ ପୁରୁଣା ସହରରର ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଦେଇ ସ୍ଥାନୀୟ ପୁଷ୍କରିଣୀରେ ବିସର୍ଜନ କରାଯାଇଛି କମିଟିର ସଭାପତି କୈଳାସ ମାହାର, ସମ୍ପାଦକ ବିରଞ୍ଚି ନାରାୟଣ ଗୋଛାୟତ ପ୍ରମୁଖ ଭସାଣିରେ ସହଯୋଗ କରିଥିଲେ।

**ODISHA POWER GENERATION CORPORATION LIMITED**
(A Government Company of the State of Odisha)
Regd. Office: Zone A, 7th Floor, Fortune Towers, Chandrasekharpur, Bhubaneswar, Odisha 751023, INDIA. www.opgc.co.in
Ph: +91 674-2303765/66, email: contracts.corp.solar@opgc.co.in

**NOTICE INVITING TENDER**
NIT NO. OPGC/SOLAR/EPC, DATE: 5th NOVEMBER 2024
REQUEST FOR PROPOSAL (RFP) FOR "EPC OF 50MWAC SOLAR PV POWER PLANT" AT IBTPS OF OPGC, JHARSUGUDA, ODISHA

OPGC invites proposals for "EPC of 50MWAC solar PV power plant" at IBTPS, OPGC, Jharsuguda, Odisha on single-stage two-envelope domestic competitive bidding basis".

Instruction to Bidders (ITB) providing the brief scope of work, qualification requirement, bidding conditions, bidding schedule and detail conditions of participation is available for download from the OPGC website www.opgc.co.in from 8th November 2024.

Interested parties may download the ITB and collect the soft copy of the RFP documents, which will be available from 12th November 2024, from OPGC's registered office at: Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha 751023, India, by providing requisite information and on payment of requisite tender fee (non-refundable) of INR 35,400 latest by 27th November 2024. For further information, please contact General Manager - Contracts at contracts.corp.solar@opgc.co.in

-Sd-
General Manager-Contracts

## ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟିଲେ ମହିଳା

ଖଜୁରୀପଡ଼ା, ୪।୧୧ (ବିଦୁର ବେହେରା): ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସୋମବାର ଜିଲାପାଳଙ୍କୁ ଭେଟି ଖଜୁରୀପଡ଼ା ବ୍ଲକ ଦଳପଡା ଗ୍ରାମର ବିଧବା ମହିଳା ସୁନୀତା ନାୟକ ନିଜ ଦୁଃଖ ଜଣାଇଥିଲେ। ତାଙ୍କର ଘର ଖଣ୍ଡେ ନାହିଁ । କେବଳ ୫ କିଲୋ ଚାଉଳ ଏବଂ ବିଧବା ଭତ୍ତାରେ ସେ କଷ୍ଟରେ ଚଳୁଥିବା ଜିଲାପାଳଙ୍କୁ ସେ ଅବଗତ କରାଇଥିଲେ।

# ପ୍ରଦର୍ଶନ ହେଲା କ୍ଷୁଦ୍ରଦାନା ଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ

ଫୁଲବାଣୀ, ୪।୧୧(ରାକେଶ କୁମାର ରାଉତ)

ଟିକାବାଲି ବ୍ଲକରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଷୁଦ୍ରଦାନା ଶସ୍ୟ କୁହାଯାଉଥିବା ମାଣ୍ଡିଆ, କୁଏରୀ, କାଙ୍ଗୁ, ସୁଆଁ ଭଳି ପାରମ୍ପରିକ ଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଟିକାବାଲି ଶ୍ରୀଅନ୍ନର ମିଳିତ ଉଦ୍ୟମରେ ହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍‌ଏଚଜିଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଦାନ୍ତକିଲି, ନିମ୍‌କି, ପତ୍ର ପିଠା, ରାଷ୍ଟୋ, ମହୁ ଘର, ମଣ୍ଡା ପିଠା, ପତ୍ର ପୋଡା, କଖାରୁ ପୋଡ ପିଠା, କୁଏରି ଭାତ, ସଜନା କାଞ୍ଜି, ମକା ଲଡୁ, କୁଏରି କ୍ଷିରୀ, ବଦାଲି କାଞ୍ଜି ପ୍ରଦର୍ଶିତ ହୋଇଥିଲା । ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଟିକାବାଲି ବ୍ଲକ୍ ଅଧ୍ୟକ୍ଷ ଦିଲ୍ଲିପ କହଁର ଅନ୍ୟତମ ଅତିଥି ରୂପେ ଯୋଗଦେଇ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ଚାହିଦା ବଢ଼ାଇବାକୁ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ସାମଲ ପ୍ରସ୍ତୁତ ଖାଦ୍ୟର ଉପକାରିତା ସମ୍ପର୍କରେ କହିଥିଲେ। ସ୍ୱାତୀ ସମ୍ପାଦକ ହରି ଶଙ୍କର ରାଉତ ଓ ଜିଲା ଶିକ୍ଷାଧିକାରୀ ପ୍ରମୋଦ ଷଡଙ୍ଗୀ ଉପସ୍ଥିତ ଥିଲେ। ସ୍ୱଧର୍ମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୨୩ ଏବଂ ଲିଜ୍-କେଜିପି-୨୦୨୪-୨୪, ତାରିଖ: ୦୪।୧୧।୨୦୨୪ ।
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ–ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି । କ୍ର.ସଂ.: ୧. ବର୍ଗ: ପାର୍ସଲ୍ । କାଟାଲଗ୍ ନଂ.: ଲିଜ୍–କେଜିପି–୨୦୨୪–୨୩ । ଇ-ନିଲାମ ତାରିଖ: ୦୯।୧୧।୨୦୨୪ । ନିଲାମ ସମାପ୍ତିର ସମୟ: ୧୨.୪୦ ଘଟିକା । କ୍ର.ସଂ.: ୨. ବର୍ଗ: ପାର୍ସଲ୍ । କାଟାଲଗ୍ ନଂ.: ଲିଜ୍–କେଜିପି–୨୦୨୪–୨୪ । ଇ-ନିଲାମ ତାରିଖ: ୧୫।୧୧।୨୦୨୪ । ନିଲାମ ସମାପ୍ତିର ସମୟ: ୧୩.୦୦ ଘଟିକା । ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା (କ୍ର.ସଂ. ୧ ଓ ୨ ପାଇଁ)। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-763) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୁଗୁଡ଼ା,୪।୧୧ (କାଳିଚରଣ ଦାଶ): ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ ଗାଁ ନିକଟବର୍ତ୍ତୀ ବଡପଥର ଠାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଜାମଗୋରୁଡା ଗ୍ରାମର ରଞ୍ଜିତ କୁମାର ବିଶ୍ୱାଳ (୩୭)। ରବିବାର ରାତିରେ ରଞ୍ଜିତ ଶ୍ୱଶୁରଘର ବିରଞ୍ଚିପୁର ଗ୍ରାମକୁ ବାଇକ୍ ଯୋଗେ ଆସୁଥିବା ବେଳେ କୌଣସି କାରଣରୁ ବଡପଥରଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ରାତିସାରା ସେ ଲଟାବୁଦା ମଧ୍ୟରେ ପଡି ରହିଥିଲେ। ସୋମବାର ସକାଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖିଥିଲେ। ଖବରପାଇ ଦମକଳବାହିନୀ ଓ ପୋଲିସ ପହଞ୍ଚି ରଞ୍ଜିତଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. eT-M-CD-BBS-CCTVAMC-15-24
କାର୍ଯ୍ୟର ନାମ : କୋଚିଂ ଡିପୋଟ୍, ଭୁବନେଶ୍ୱରର LHB କୋଚ୍‌ରେ ପ୍ରଦାନ କରାଯାଇଥିବା କ୍ଲୋଜ୍‌ଡ ସର୍କିଟ ସର୍ଭିଲାଂସ ସିଷ୍ଟମର ଏକ ବର୍ଷର ଅବଧି ପାଇଁ ବାର୍ଷିକ ରକ୍ଷଣାବେକ୍ଷଣା ଚୁକ୍ତିନାମା ।
ବିଜ୍ଞାପିତ ମୂଲ୍ୟ (₹): 70,34,834.32, EMD (₹): 1,40,700.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 5900/-, ଶେଷ ହେବା ଅବଧି : 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.01.11.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.11.2024 ରିଖ 1530 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।
ସିନିୟର୍ କୋଚିଂ ଡିପୋ ଅଫିସର/ ଭୁବନେଶ୍ୱର
PR-694/P/24-25

**यूनियन बैंक ऑफ़ इंडिया Union Bank of India**
भारत सरकार का उपक्रम A Government of India Undertaking
ZONAL OFFICE:BHUBANESWAR
M-14, Baramunda Housing Board Colony, Bhubaneswar-751003
**E-AUCTION SALE NOTICE DETAILS**
Mega E-Auction Date: 13.11.2024 & 29.11.2024.
Union Bank of India is Conducting Mega E-Auction of Flats, Residential Building, Open Lands, Factory Land & Building and Commercial Properties etc. on the above Dates. For details of the properties, Interested Bidders are invited to scan the QR CODE

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: ୧୭୭୪୬ - IND-II-PH-୧୨୧୫ **ବିଜ୍ଞାପନ** ତାରିଖ: ୦୧।୧୧।୨୦୨୪

No. CAD-1521: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଆଦିଶ ମିନେରାଲସ ପ୍ରାଇଭେଟ ଲିମିଟେଡ, ଓଡ଼ିଶାର ଯାଜପୁର ଜିଲ୍ଲା, ବଡ଼ଚଣା ଥାନା ଅନ୍ତର୍ଗତ ବାଉଁଶମୁଳି ମୌଜାସ୍ଥିତ କ୍ରୋମ ଓର ବେନେଫିସିଏସନ ପ୍ରକଳ୍ପର ବାର୍ଷିକ କ୍ଷମତା ୦.୧୨ ନିୟୁତ ଟନ (throughput)ରୁ ୦.୪୮ ନିୟୁତ ଟନ (throughput) କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା୧୨।୦୯।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ଦର୍ପଣ ତହସିଲ ଅନ୍ତର୍ଗତ ବାଉଁଶମୁଳି ଗ୍ରାମ (ଶ୍ରୀ ଅନନ୍ତ ଗୋପାଳ ଜୀଉ ବିଜେ ଛତିଆ ବଟ/ବାଟବର)ଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା ।
ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "ଧରିତ୍ରୀ"ରେ ତା୦୭।୦୮।୨୦୨୪ରିଖ ଏବଂ "The New Indian Express"ରେ ତା୦୮।୦୮।୨୦୨୪ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ଜନଶୁଣାଣି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବାରୁ ତା୧୨।୦୯।୨୦୨୪ରିଖରେ ହେବାକୁଥିବା ଉକ୍ତ ଜନଶୁଣାଣିକୁ ସ୍ଥଗିତ କରାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୨୭।୧୧।୨୦୨୪ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ଦର୍ପଣ ତହସିଲ ଅନ୍ତର୍ଗତ ବାଉଁଶମୁଳି ଗ୍ରାମ (ଶ୍ରୀ ଅନନ୍ତ ଗୋପାଳ ଜୀଉ ବିଜେ ଛତିଆ ବଟ/ବାଟବର)ରେ ସ୍ଥାନୀୟ ଲୋକଙ୍କ ପାଇଁ ଉପଯୁକ୍ତ ପ୍ଲଟ ନଂ. ୧୯୪୩ଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ–ପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୭।୧୧।୨୦୨୪ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ଦର୍ପଣ ତହସିଲ ଅନ୍ତର୍ଗତ ବାଉଁଶମୁଳି ଗ୍ରାମ (ଶ୍ରୀ ଅନନ୍ତ ଗୋପାଳ ଜୀଉ ବିଜେ ଛତିଆ ବଟ/ବାଟବର)ରେ ସ୍ଥାନୀୟ ଲୋକଙ୍କ ପାଇଁ ଉପଯୁକ୍ତ ପ୍ଲଟ ନଂ. ୧୯୪୩ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଯାଜପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଯାଜପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କଳିଙ୍ଗନଗର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ https://ospcboard.odisha.gov.inରୁ ମଧ୍ୟ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗନଗରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
ସ୍ୱା./– ସଦସ୍ୟ ସଚିବ
OSPCB-PH-MISC-0016-2024/11/2024 OIPR-08012/11/0117/2425

# ଉତ୍କଳୀୟ ସଂସ୍କୃତି, ପରମ୍ପରାରେ କଂସା କଳାର ମହତ୍ତ୍ୱ

ଖଣ୍ଡପଡ଼ା,୪।୧୧ (ଅଜୟ କୁମାର ମହାରଣା)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୭୯ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହରେ 'ଉତ୍କଳୀୟ କଂସା କଳାରେ ଆମ ଅସ୍ମିତା' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ଖୁଦବେହେରା ପାଟଣା ଅଞ୍ଚଳର ବିଶିଷ୍ଟ ଐତିହ୍ୟ ଗବେଷକ ଓ କଂସା ପିତଳ କଳାକୃତି ସଂଗ୍ରାହକ ସୁଦର୍ଶନ ସାହୁ ଯୋଗଦେଇଥିଲେ। ସେ ଉତ୍କଳୀୟ କଂସା କଳାରେ ଆମ ଅସ୍ମିତା ଶିର୍ଷକ ଓଡ଼ିଶା ସଂସ୍କୃତି ଓ ପରମ୍ପରାରେ କଂସା ପିତଳ ସାମଗ୍ରୀ ଉପରେ ନିଜର ଗବେଷଣା ଓ କଳାକୃତିର ପୁନରୁଦ୍ଧାର ଦିଗରେ ଆଲୋକପାତ କରିଥିଲେ। କଂସା ପିତଳ କଳା ଓ କଳାକୃତିର ପୁନରୁଦ୍ଧାର ଏବଂ ବ୍ୟବହାର ଉପରେ ସାହୁ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି କଂସା ବାସନର ଔଷଧୀୟ ଗୁଣବତ୍ତା ସମ୍ପର୍କରେ ସାହୁ ସୂଚନା ଦେବା ସହ ଜଗତରନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପର୍କୀତ କଂସା ପିତଳ କଳା, ଗଜପତି ସମପର୍କୀତ କଳାକୃତି, ପଖାଳ କଂସାରେ କଳା, ପ୍ରାଚୀନ ହାତ ନକ୍ସା କଳା, ଆଦିବାସୀ ଅଳଙ୍କାର, ଘରୋଇ ଉପକରଣରେ କଂସା ପିତଳ କଳାର ରୂପ, ପାଇକ ଯୁଦ୍ଧାସ୍ତ୍ରରେ ପିତଳ କଳାର ପ୍ରୟୋଗ ଇତ୍ୟାଦି ଉପରେ ଗବେଷଣା ଲବ୍ଧ ତଥ୍ୟ ରଖି ସାହୁ ପ୍ରଶଂସିତ ହୋଇଥିଲେ। ଏହାଛଡ଼ା ସାହୁ ପ୍ରାଚୀନ କଂସା ପିତଳ କଳା ସମ୍ବଳିତ କଳାକୃତିର ଏକ ଛୋଟ ପ୍ରଦର୍ଶନୀ ଆୟୋଜନ କରି ସେଗୁଡ଼ିକର ଉତ୍ପତ୍ତି, ବ୍ୟବହାର ଶୈଳୀ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧିକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମନୋରଞ୍ଜନ ପାଣିଗ୍ରାହୀ, ସଞ୍ଜୀବ ହୋତା, ଡ. ନିବେଦିତା ମହାନ୍ତି, ଡ. ସତ୍ୟ ନାରାୟଣ ମିଶ୍ର, ଦୁର୍ଗା ଚରଣ ମହାନ୍ତି ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

**ସାର୍ବଜନୀନ ବିଜ୍ଞପ୍ତି**
ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।
**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**
1) ମଡେଲ ନଂ. ସିବି_ମାରୁତି ସୁପର କ୍ୟାରୀ
ଗାଡ଼ି ନଂ. OD13T0513
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 300000.00
2) ମଡେଲ ନଂ. ସିବି_ଏମ୍‌ଏଚ୍_ଜିତୋ
ଗାଡ଼ି ନଂ. OD05BP5625
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 316520.69
3) ମଡେଲ ନଂ. ସିବି_ପ୍ରୋ_2114_ ଏଚ୍‌ଏସ୍‌ଡି_ଆଇଚର୍_ଭିଇସିଭି
ଗାଡ଼ି ନଂ. OD02CC4077
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 1276236.00
ମେସର୍ସ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ
**କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼୍**
184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା - 751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତି ରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR**
E-mail : eeroads.khr@rediffmail.com
No. 4884 Date : 01.11.2024
No.B-559
**Invitation For Bids**
Bid Identification No. S.E. (R&B) Khariar-07/2024-25

| | | |
|---|---|---|
| 1 | The Superintending Engineer, Khariar (R&B) Division. Khariar on behalf of Governor of Odisha, invites percentage rate composite bids in single cover system in ONLINE MODE only | |
| 2 | Nature of work | (Civil+EI+PH) works |
| 3 | No. of work | 05 Nos. works |
| 4 | Tender Paper cost | As specified in the notice for the respective Work, to be remitted online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 07.11.2024 to 17.00 hours of 16.11.2024 |
| 7 | Date of opening of Technical Bid | Dt. 18.11.2024 at 11:30 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer, Khariar (R&B) Division, Khariar
OIPR-34062/11/0011/2425

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No.O-543
No. Tendar Online - RWCCESNG - 11 of 2024-25, Letter No. 2447 / Dtd. 29.10.2024
**e-Procurement NOTICE**
1. Type of the Work : Buildings (DMF) 2. Class of Contractor : As specified in the column-6 of the Annexure
3. Time of Completion : As specified in the column-5 of the Annexure 4. Detail Projects : As per Annexure attached 5. Estimated Cost : As specified in the column-4 of the Annexure 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 11 of 2024-25 | 08.11.2024 11:00 A.M. | 28.11.2024 5:00 P.M. | 27.11.2024 5:00 P.M. | 29.11.2024 11:00 A.M. | Will be intimated separately |

Further details can be seen from the website www.tendersodisha.gov.in
Sd./- Chief Engineer (Design & Quality Control) Chief Construction Engineer (I/C) Rural Works Circle, Sundargarh
OIPR-25133/11/0023/2425

## ସଂକ୍ଷେପରେ

### ଦଧିବାମନ ପୀଠରେ ଭାଗବତ ପାରାୟଣ



ବିଞ୍ଝାରପୁର,୪।୧୧(ରାମକୃଷ୍ଣ ଦାସ): ପବିତ୍ର କାର୍ତ୍ତିକ ମାସ ଅବସରରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ଗ୍ରାମପଞ୍ଚାୟତ ଗୁମ୍ଫାଛକସ୍ଥିତ ଦଧିବାମନ ପୀଠରେ ଭାଗବତ ପରାୟଣ ଆରମ୍ଭ ହୋଇଛି । ଏହି ଅବସରରେ ଶୁକ୍ରବାର ପ୍ରତ୍ୟୁଷରୁ କଳସ ଯାତ୍ରା, ସୂର୍ଯ୍ୟପୂଜା, ପୀଠାଧିଶ ଶ୍ରୀଦଧିବାମନଜୀଉଙ୍କ ଷୋଡଶ ଉପଚାର ପୂଜା, ହୋମ ଯଜ୍ଞ, ଶ୍ରୋତାମାନଙ୍କୁ ବରଣ କରାଯାଇ ପରାୟଣ ଆରମ୍ଭ କରାଯାଇଥିଲା । ପୀଠର ମୁଖ୍ୟ ପୂଜକ ପର୍ଶୁରାମ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭିମନ୍ୟୁ ପଣ୍ଡା, ଭକ୍ତହରି ପଣ୍ଡା ପ୍ରମୁଖଙ୍କ ଦ୍ୱାରା ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମକୁ ଦୁର୍ଗାଚରଣ ନାୟକ, ମୀନାରାଣୀ ନାୟକ ପରିଚାଳନା କରିଥିଲେ ।

### ଆଇନଜୀବୀଙ୍କ ପରଲୋକ



ଯାଜପୁରରୋଡ଼,୪।୧୧(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗରର ଜଣାଶୁଣା ଆୟକର ଓକିଲ ଓ ବ୍ୟାସନଗର ନାଗରିକ କମିଟିର ପ୍ରତିଷ୍ଠାତା କାର୍ଯ୍ୟକାରୀ ସଦସ୍ୟ ଆଇନଜୀବୀ ଉପେନ୍ଦ୍ର କୁମାର ଦାଶଙ୍କର ରବିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ଗତ କିଛିଦିନ ହେବ ସେ ଅସୁସ୍ଥ ହୋଇ କଟକରେ ଚିକିତ୍ସିତ ହେଉଥିଲେ । ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ବ୍ୟାସନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବ୍ୟାସନଗର ନାଗରିକ କମିଟିର ସଭାପତି ଡାକ୍ତର ହେମନ୍ତ କିଶୋର ସାହୁ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଡ.ଦୁଷ୍ମନ୍ତ କୁମାର ନାୟକ, ହୃଦାନନ୍ଦ ସାମଲ, ପ୍ରଫୁଲ୍ଲ କୁମାର ନାୟକ, ସଦାଶିବ ଦାଶ, ଡାକ୍ତର ପ୍ରମୋଦ କୁମାର ଶତପଥୀ, ଡା.ଅକ୍ଷୟ କୁମାର ପଣ୍ଡା, ନରେନ୍ଦ୍ର କୁମାର ଜେନା, ନିରଞ୍ଜନ ଘଡ଼ାଇ, ହେମନ୍ତ କୁମାର ଧୀର, ରଘୁନାଥ ବେହେରା, ଦାମୋଦର ପଣ୍ଡା,ସରୋଜ କୁମାର ଦେ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବିଜୁ ଗ୍ରାମୀଣ ବଜାର ପାଲଟିଛି ଗାଈ ଗୁହାଳ

■ ୮ବର୍ଷ ହେଲା ଅବହେଳିତ ଭାବେ ପଡି ରହିଛି

■ ଚୁପ୍ ବସିଛନ୍ତି ପ୍ରଶାସନିକ ଅଧିକାରୀ

କାଏମା,୪।୧୧(ଶିବପ୍ରସାଦ ମହାନ୍ତି):



ଅବହେଳିତ ଭାବେ ପଡ଼ିଥିବା ଅର୍ଦ୍ଧନିର୍ମିତ ୭ ଦୋକାନ ଗୃହ ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ହାଟ ମଧରେ ୮ ବର୍ଷ ହେବ ବିଜୁ ଗ୍ରାମୀଣ ବଜାର କରାଯିବ ବୋଲି ଲକ୍ଷ୍ୟ ନେଇ ନିର୍ମାଣ ହୋଇଥିବା ଦୋକାନ ଘର ଗାଈଗୁହାଳ ପାଲଟିଛି । ଦୀର୍ଘଦିନରୁ ସେହି ଗୃହଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବାରୁ ବୁଲା ଗାଈଗୋରୁ ସେଠାରେ ଆଶ୍ରୟ ନେଉଛନ୍ତି । ଜଣେ ବେକାର ଯୁବକ ସେଠାରେ ବ୍ୟବସାୟ କରି ରୋଜଗାରକ୍ଷମ ହୋଇ ପାରିବ ବୋଲି ଆଶା ବାନ୍ଧିଥିଲେ । ସେଥିପାଇଁ ବିଜୁ ଗ୍ରାମୀଣ ବଜାର ପ୍ରକଳ୍ପରେ ଦୋକାନ ଘର ନିର୍ମାଣ କରାଯାଇଥିଲା । ହେଲେ ସେହି ଆଶା ଆଜି ପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ। ବିଭାଗୀୟ ଅଧିକାରୀ ଓ ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କ ଖାମଖିଆଲ ନୀତି ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ମିର୍ଜାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସଂଗ୍ରାମ କେଶରୀ ଜେନାଙ୍କ ସମୟରେ ୧୦ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ହାଟରେ ୭ ଦୋକାନ ଘର ନିର୍ମାଣ କରାଯାଇଥିଲା। ହେଲେ ତାହା ଆଜି ପର୍ଯ୍ୟନ୍ତ କାମରେ ଲାଗି ପାରିନାହିଁ । ସେହି ଅର୍ଦ୍ଧ ନିର୍ମିତ ଦୋକାନ ଘର ସମ୍ମୁଖରେ ସ୍ଥାନୀୟ ଠିକାଦାର ବାଲି ଗଦା କରି ରଖିବା ସହ ଅନ୍ୟମାନେ ସେଠାରେ ଗାଈ ଗୋରୁ ବାନ୍ଧି ରଖୁଛନ୍ତି। ପୂର୍ବତନ ସରପଞ୍ଚ ଜେନାଙ୍କ କହିବା ଅନୁଯାୟୀ, ପଞ୍ଚାୟତର ବିକାଶ ପାଇଁ ୨୦୧୬ରେ ସେ ବିଜୁ ଗ୍ରାମୀଣ ଯୋଜନା ପ୍ରକଳ୍ପରେ ୧୦ଲକ୍ଷ ଟଙ୍କା ବ୍ୟୟରେ ୭ ଦୋକାନ ଘର ନିର୍ମାଣ କରିଥିଲେ। କିନ୍ତୁ କେହି ଜଣେ ସ୍ଥାନୀୟ ବ୍ୟକ୍ତି ସେହି ଜମି ତାଙ୍କର ଦର୍ଶାଇ ବିବାଦ ସୃଷ୍ଟି କରିଥିଲେ। ପରେ କଥା ଯାଇ କୋର୍ଟରେ ପହଞ୍ଚି ଥିଲା। ଫଳରେ ସେହି ଦୋକାନ ବିବାଦ ଘେରରେ ଛନ୍ଦି ହୋଇ ରହିଛି। ଏଥିପାଇଁ ସେହି ସ୍ଥାନ ଦୀର୍ଘଦିନରୁ ଅବହେଳିତ ଭାବେ ପଡ଼ି ରହିଛି । ଏବେ ତାହା ଗାଈ ଓ ମେଣ୍ଢା ଗୁହାଳ ପାଲଟିଛି । ଅସାମାଜିକ ଯୁବକମାନେ ସେଠାରେ ଆଡ୍ଡା କରିବା ସହ ବିଭିନ୍ନ ନିଶା ଦ୍ରବ୍ୟ ସେବନ ଓ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ମିର୍ଜାପୁରର ପୂର୍ବତନ ସରପଞ୍ଚ ଜେନା କହିଛନ୍ତି, କୋର୍ଟରେ ହୋଇଥିବା ମାମଲା ପଞ୍ଚାୟତ ସପକ୍ଷରେ ଯାଇଛି । ହେଲେ ବର୍ତ୍ତମାନର ସରପଞ୍ଚ ପ୍ରଶାନ୍ତ ଦାସଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ ଅବଗତ ନାହାନ୍ତି ବୋଲି କହିଛନ୍ତି । ବିଡ଼ିଓ ଠିକ ତଥ୍ୟ ଦେବେ ବୋଲି ସେ କହିଛନ୍ତି। ଧର୍ମଶାଳା ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ ବୁଝି ଜଣାଇବେ ବୋଲି କହିଛନ୍ତି । ସ୍ଥାନୀୟ ବାସିନ୍ଦା ପ୍ରଶାନ୍ତ ପୃଷ୍ଟି କହିଛନ୍ତି, ସେଠାରେ ସପ୍ତାହରେ ୨ ଥର ହାଟ ବସୁଥିଲା । ଅନ୍ୟ ଦିନେ ଲୋକମାନେ ସେଠାରେ ବ୍ୟବସାୟ କରୁଥିଲେ । ପରେ ସେଠାରେ ଦୋକାନ ଘର ନିର୍ମାଣ କରାଯାଇଥିଲା ସତ କିନ୍ତୁ କେତେଜଣ କୁଚକ୍ରୀ ଲୋକଙ୍କ ପାଇଁ କାମ ଅଧାରେ ଅଟକି ରହି ଯାଇଛି। ଏହି ବିବାଦର ସମାଧାନ ହେବା ଦରକାର । ସେହି ଦୋକାନ ଘରକୁ କାର୍ଯ୍ୟକ୍ଷମ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ ।

# ପୋଲିସ ଉପସ୍ଥିତିରେ ବ୍ୟବସାୟୀଙ୍କୁ ଆକ୍ରମଣ ଅଭିଯୋଗ

ସିଂହପୁର,୪।୧୧
(ଅନଙ୍ଗ ଉଦୟ ବେହୁରିଆ):

ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ବଜାରରେ ଚାଲିଥିବା କାଳୀପୂଜାରେ ଅସ୍ଥାୟୀ ଦୋକାନ କରିଥିବା ଜଣେ ବ୍ୟବସାୟୀଙ୍କୁ ପୋଲିସ ଉପସ୍ଥିତିରେ ସ୍ଥାନୀୟ ଯୁବକମାନେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜ କରି ଚୁପ୍ ବସିଛି ।

ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୯ ସମୟରେ ସିଂହପୁର କାଳୀପୂଜାରେ ଦୋକାନ କରିଥିବା ସରୋଜ କୁମାର ସାହୁଙ୍କୁ ସିଂହପୁର ଗ୍ରାମର ଅଭିମନ୍ୟୁ ଜେନା ଚାନ୍ଦା ମାଗିବା ସହିତ ଦୁର୍ବ୍ୟବହାର କରିଥିଲେ । ବ୍ୟବସାୟୀ ସଂଘକୁ ପୂଜା ପାଇଁ ନିର୍ଦ୍ଧାରିତ ଅର୍ଥରାଶି ପ୍ରଦାନ କରାଯାଇ ଦୋକାନ ପକାଯାଇଛି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଚାନ୍ଦା ଦେବି ନାହିଁ ବୋଲି ସରୋଜ କହିଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିମନ୍ୟୁ ତାଙ୍କୁ ନିଜର ୧୦ରୁ ଊର୍ଦ୍ଧ୍ୱ ସହଯୋଗୀଙ୍କ ସହିତ କାଠ ଫାଳିଆରେ ଆକ୍ରମଣ କରିଥିଲେ । ଆକ୍ରମଣ ସମୟରେ ପୋଲିସ ଉପସ୍ଥିତି ରହିଥିବା ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ପୋଲିସ ଉପସ୍ଥିତିରେ ଏଭଳି ଆକ୍ରମଣ ଘଟିଥିଲେ ମଧ୍ୟ ଆଜି ସୁଦ୍ଧା ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

# ଯୁବ ଭାରତ କୃଷକ ପକ୍ଷରୁ ସେବା କେନ୍ଦ୍ର ଉଦଘାଟିତ



କୃଷକ ସେବାକେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଧର୍ମଶାଳା,୪ । ୧୧ (ବଟକୃଷ୍ଣ ପରିଡ଼ା) : ଧର୍ମଶାଳା ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ନିକଟରେ ଯୁବଭାରତ କୃଷକ ସଂଘ ପକ୍ଷରୁ ଏକ କୃଷକ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି କେନ୍ଦ୍ରକୁ ଅବସରପ୍ରାପ୍ତ ଆରପିଏଫ୍ ଅଧିକାରୀ ଅଶୋକ କୁମାର ନନ୍ଦ ଉଦଘାଟନ କରିଥିଲେ । ସଂଘର ବ୍ଲକ ସଭାପତି ଆଶାତରୁ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକ ଯୋଗ ଦେଇ କୃଷକମାନଙ୍କ ସମସ୍ୟା ଦୂର ପାଇଁ କୃଷକ ସେବା କେନ୍ଦ୍ର ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ପ୍ରକାଶ କରିଥିଲେ । ସଂଘର ବ୍ଲକ ସାଧାରଣ ସମ୍ପାଦକ ରାଜେନ୍ଦ୍ର ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାକ୍ତନ ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ଯତିନ୍ଦ୍ର ନାଥ ମହାନ୍ତି, ପ୍ରଶିକ୍ଷକ ନାରାୟଣ ସାମଲ , ଆଲିମ୍ ଉଦ୍ଦିନ,ପ୍ରମୁଖ ଯୋଗ ଦେଇଥିଲେ । ସୁଜିତ୍ କୁମାର ସ୍ୱାଇଁ ଧନ୍ୟବାଦ୍ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କୃଷକ ସେବା କେନ୍ଦ୍ରର ପରିଚାଳିକା ଗୌରୀବାଳା ସାହୁ ଓ ପ୍ରତ୍ୟୁଷ କୁମାର ସାହୁ ପରିଚାଳନା କରିଥିଲେ ।

# ଧର୍ମଶାଳା ବ୍ଲକ୍‌ରେ ୮୦ ପ୍ରତିଶତ କ୍ରଶର ବନ୍ଦ

**ଆନ୍ଦୋଳନ ଚେତାବନୀ ଦେଲା କ୍ରଶର ମାଲିକ ସଂଘ**

ଜେନାପୁର,୪।୧୧(ଅଶୋକ ଦାସ):



ବୈଠକରେ ଯୋଗଦେଇଥିବା କ୍ରଶର ମାଲିକ ।

ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ କଠଉଣୀ ମଠ ପରିସରରେ ସ୍ଥାନୀୟ କ୍ରଶର ମାଲିକ ସଂଘର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରମୋଦ କୁମାର ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲା କ୍ରଶର ମାଲିକ ସଂଘର ସଭାପତି ଚନ୍ଦନ କୁମାର ନାୟକ ଯୋଗଦେଇ ତହସିଲ ଅଧୀନରେ ଥିବା କ୍ରଶର ଶିଳ୍ପରେ କଳଙ୍କି ଲାଗିଗଲାଣି । ପ୍ରଶାସନିକ ଅଧିକାରୀମାନେ କେତୋଟି କ୍ରଶରକୁ ଅନୁକମ୍ପା ଦେଖାଇଥିବା କାରଣରୁ ଅନ୍ୟମାନେ ଏବେ ଦୁର୍ଦ୍ଦଶା ଭୋଗୁଛନ୍ତି। ନିର୍ବାଚନ ପରଠୁ ବହୁ କ୍ରଶର ବନ୍ଦ ରହିବା କାରଣରୁ ଯନ୍ତ୍ରାଂଶ ଚୋରି ହେଲାଣି। ମାଲିକମାନେ ଦେବାଳିଆ ହେଲେଣି। ଅନେକ କୋଟି ଟଙ୍କା ଋଣ ଭାରରେ ବୁଡ଼ି ସେମାନେ ଚିନ୍ତାରେ ଅଛନ୍ତି। ଶିକ୍ଷିତ ବେକାରମାନେ ଏଠାରେ କଳାପଥର ମହଜୁଦ ଥିବା କାରଣରୁ କ୍ରଶର ସ୍ଥାପନ କରି ଶତାଧିକ ପରିବାରକୁ କାମ ଦେଇଥିଲେ। ପ୍ରଶାସନର ବୈମାତୃକ ମନୋଭାବ କାରଣରୁ ଏହି ଶିଳ୍ପ ଏବେ କେତେଜଣଙ୍କ ହାତରେ ରହିଥିବା ବେଳେ ୮୦ ପ୍ରତିଶତ କ୍ରଶର ବନ୍ଦ ପଡିଛି। କ୍ରଶରରେ ନିଯୁକ୍ତ କର୍ମଚାରୀଙ୍କ ଛଟେଇ ଆରମ୍ଭ ହୋଇଛି । ମାଲିକମାନେ ବି ଭବିଷ୍ୟତକୁ ନେଇ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି । ଆମେ କ୍ରଶରକୁ ଆଇନ ଅନୁଯାୟୀ ଚଳାଇବାକୁ ଚାହୁଁ ଥିଲେ ମଧ ଆମକୁ ପ୍ରଶାସନ ସହଯୋଗ କରୁନାହିଁ। କ୍ରଶର ଶିଳ୍ପକୁ ପୁନରୁଦ୍ଧାର କରାଯିବା ଦରକାର । ଏଥିପ୍ରତି ପ୍ରଶାସନ, ସରକାର ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛା ଖଣ୍ଡି, କୁସନପୁର, ବାଘୁଆ, ବାଲିସାହି, ଚଢ଼େଇଧରା ଆଦି ଅଞ୍ଚଳର ଶତାଧିକ କ୍ରଶର ମାଲିକ ଯୋଗଦେଇ ଉଦ୍‌ବେଗ ପ୍ରକାଶ କରିଥିଲେ ।

# ୭ରୁ ମନ୍ମଥ,ଗିରିଧାରୀ କ୍ରିକେଟ୍ ଟୁର୍ନାମେଣ୍ଟ

ଛତିଆ,୪।୧୧(ସୌର୍ଯ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପାଟଣା କ୍ରିକେଟ୍ କ୍ଲବ ପକ୍ଷରୁ ଅମରାବତୀ କ୍ରିକେଟ୍ ପଡ଼ିଆରେ ଚତୁର୍ଥ ବାର୍ଷିକ ମନ୍ମଥ,ଗିରିଧାରୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଚଳିତ ମାସ ୭ରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଉକ୍ତ ଟୁର୍ନାମେଣ୍ଟରେ ଖୋର୍ଦ୍ଧା ଜିଲାର କୁମାରବସ୍ତ କ୍ରିକେଟ୍ କ୍ଲବ, ଭୁବନେଶ୍ୱରର ମଞ୍ଚେଶ୍ୱର କ୍ରିକେଟ୍ କ୍ଲବ, ପୁରୀ ଜିଲାର ସୁଧାନଗର କ୍ରିକେଟ୍ କ୍ଲବ,ନୟାଗଡ଼ର ଅତ୍ରି କ୍ରିକେଟ୍ କ୍ଲବ, କଟକର ପ୍ରେସକ୍ଲବ, ଜାକୋଭିନ କ୍ରିକେଟ କ୍ଲବ ଚୌଦ୍ୱାର, ଢେଙ୍କାନାଳର କ୍ଲବ, ଯାଜପୁରର ଚଣ୍ଡିଖୋଲ, ବଡ଼ଚଣା, ସୁଙ୍ଗୁଡା, ଶାସନ ସମେତ ଛତିଆ କ୍ରିକେଟ୍ ଟିମ ଅଂଶଗ୍ରହଣ କରୁଛନ୍ତି। ଚଳିତ ବର୍ଷ ଫାଇନାଲରେ ବିଜେତା ଓ ଉପବିଜେତା ଟିମ୍‌କୁ ଆର୍ଥିକ ପୁରସ୍କାର ରାଶି ସହ ଉପହାର ପ୍ରଦାନ କରାଯିବ । ପ୍ରଥମ ଥର ପାଇଁ ପ୍ରତି ମ୍ୟାଚ୍‌ରେ ପରାଜିତ ଦଳକୁ ମଧ ପୁରସ୍କୃତ କରାଯିବ ବୋଲି ଘୋଷାଣ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ବହୁ ସିନେ ଅଭିନେତ୍ରୀ ଅଭିନେତା ଯୋଗ ଦେବେ ବୋଲି ପାଟଣା କ୍ରିକେଟ କ୍ଲବ୍‌ର ଉପ ସଭାପତି ଗିରିଜା ଶଙ୍କର ଷେଣ୍ଟ ସୂଚନା ଦେଇଛନ୍ତି।

# ଚଣ୍ଡିଖୋଲରେ ଜନ ଅଭିଯୋଗ ଶୁଣାଣି

ଚଣ୍ଡିଖୋଲ,୪।୧୧
(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତ ଅନୁକୁଲ୍ୟରେ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି। ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣୀ ଶିବିରରେ ୪୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ୨୫୦ ହୋଇଥିବା ବେଳେ ୮୩ଟି ରାଜସ୍ୱ ବିଭାଗର ଅଭିଯୋଗଥିଲା। ଏମ୍‌ଜିଏନ୍‌ଆରଇଜିଏସ୍, ପାନୀୟ ଜଳ ଯୋଗାଣ ସମସ୍ୟା, କୃଷି ବିଭାଗ ଓ ଯୋଗାଣ ବିଭାଗର ସମସ୍ୟା ନେଇ ଅଭିଯୋଗ ହୋଇଥିଲା । ଏହି ଶିବିରରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବ୍ଲକ ଅଧକ୍ଷା ମିନତୀ ସେନାପତି,ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ଗ୍ରାମ ପଞ୍ଚାୟତ ଅଧିକାରୀ ମାନସ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଅଭିଯୋଗ ଗ୍ରହଣ କରିଥିଲେ।

# ୨ ଅଭିଯୁକ୍ତ ଗିରଫ, ୪ ବାଇକ୍ ଜବତ

**ବାଇକ୍‌ରେ ଲିଫ୍ଟ ମାଗି ଟଙ୍କା, ମୋବାଇଲ ଲୁଟ୍ ଘଟଣା**

କଳିଙ୍ଗନଗର,୪।୧୧
(ଶୁଭାଶିଷ ରାଉତ):

ଗତ ରବିବାର ରାତିରେ ଦୋକାନ ବନ୍ଦ କରି ବାଇକ୍‌ରେ ଘରକୁ ଫେରୁଥିବା ଜଣେ ଯୁବକଙ୍କୁ ଲିଫ୍ଟ ମାଗି ଲୁଟ୍ ଘଟଣାରେ କଳିଙ୍ଗନଗର ପୋଲିସ ୨ ଯୁବକଙ୍କୁ ଗିରଫ କରିଛି । ଏହି ଘଟଣାରେ ପୋଲିସେ ୪ ବାଇକ୍, ମୋବାଇଲ ଓ ମନିପର୍ସ ଜବତ କରିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଦୀପପଲୀ ଗ୍ରାମର ପ୍ରମୋଦ କୁମାର ସାହୁ ଡୁବୁରୀ ଛକରେ ଥିବା ଭୁଷା ଦୋକାନକୁ ବନ୍ଦ କରି ବାଇକ୍‌ରେ ଘରକୁ ଫେରୁଥିଲେ । ରାମଠେଙ୍ଗା ଛକ ନିକଟରେ ଦୁଇଜଣ ଯୁବକ ଚାଲିଚାଲି ଯାଉଥିଲେ । ସେମାନେ ପ୍ରମୋଦଙ୍କୁ ଦେଖି ଲିଫ୍ଟ ମାଗିଥିଲେ । କିଛିବାଟ ଗଲା ପରେ ଏକ ନିଛାଟିଆ ଜାଗାରେ ସେମାନେ ପ୍ରମୋଦଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ବାଇକ୍, ମନିପର୍ସ ଓ ମୋବାଇଲ ଲୁଟି ନେଇ ଫେରାର ହୋଇଯାଇଥିଲେ । ପ୍ରମୋଦ ସେମାନଙ୍କ ପିଛା କରି ବିଫଳ ହେବା ପରେ ସୋମବାର ସକାଳୁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା(ନଂ. ୨୮୩ /୨୪) ରୁଜୁ କରି ତଦନ୍ତ କରିଥିଲା । ଏହି ଘଟଣାରେ ପୋଲିସ ବାରବାଙ୍କି ଗ୍ରାମର ନରେନ୍ଦ୍ର ବେହେରା (୩୦), ରାମ ଠେଙ୍ଗା ଗ୍ରାମର ଗୋଉରା ପିଙ୍ଗୁଆ (୨୩ )ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ପୋଲିସ ୪ ବାଇକ୍(ନଂ.ଓ ଆର ୦୪ କେ ୬୨୯୫, ଓଡି ୦୨ ୧୪୭୫, ଓଡି ୩୩ ଏମ ୨୦୪୧, ଓଡି ୦୪ବି ୪୦୫୬ )ସହ ମୋବାଇଲ ଓ ମନିପର୍ସ ଜବତ କରିଛି ।

# ଓଡ଼ିଆ ଟପ୍ପରଙ୍କୁ ରମାଦେବୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

ଯାଜପୁରରୋଡ଼, ୪।୧୧
(ପବିତ୍ର ରଞ୍ଜନ ମହାନ୍ତି):




ଓଡ଼ିଆ ଟପ୍ପର ସୁପ୍ରଭା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୁପ୍ରଭା ସାହୁଙ୍କୁ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବର୍ଷ–୨୦୨୪ ସ୍ନାତକ (ଓଡ଼ିଆ ବିଭାଗ) ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ସେ ରମାଦେବୀ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଥିଲେ। ଗତ ଶନିବାର ରମାଦେବୀ ବିଶ୍ୱବିଦ୍ୟାଳୟର ୩ୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଡିମଡ ବିଶ୍ୱବିଦ୍ୟାଳୟର କୁଳପତି ଭି. ଭାରତୀ ହରଶଙ୍କର, ସମ୍ମାନିତ ଅତିଥିଭାବେ କୁଳସଚିବ ଶ୍ୟାମଳୀ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ସବିତା ଆଚାର୍ଯ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସ, ପ୍ରଫେସର ଚଣ୍ଡିଚରଣ ରଥ, ଦୁର୍ଗାଶଙ୍କର ଷଡ଼ଙ୍ଗୀ, ରାମାନୁଜ ନାରାୟଣ, ବିଜୟ ମିଶ୍ର, ରୋସନାରା ବେଗମ୍, ପ୍ରଫେସର ସସ୍ମିତା ମହାନ୍ତି, ମଧୁସ୍ମିତା ପତି ପ୍ରମୁଖ ସିଣ୍ଡିକେଟ ସଭ୍ୟ ଯୋଗଦେଇ ଟପ୍ପର (ଶ୍ରେଷ୍ଠ ସ୍ନାତକ) ଛାତ୍ରୀ ସୁପ୍ରଭାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ସହ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୁପ୍ରଭା କୋରାଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମର ଅମୂଲ୍ୟ ସାହୁ ଓ ସରୋଜିନୀ ସାହୁଙ୍କ ଝିଅ । ସେ ରମାଦେବୀ ବିଶ୍ୱ ବିଦ୍ୟାଳୟରେ ଶ୍ରେଷ୍ଠ ସ୍ନାତକ ସ୍ଥାନ ହାସଲକରି ପୁରସ୍କୃତ ହୋଇ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ମହାବିଦ୍ୟାଳୟର ଅଧକ୍ଷ ରତ୍ନାକର ଜେନା, +୨ର ଅଧକ୍ଷା ପଙ୍କଜିନୀ ପାଣି, ଓଡ଼ିଆ ବିଭାଗର ମୁଖ୍ୟଅଧାପିକା ସୁମିତ୍ରା ରାଉତ, ବରିଷ୍ଠ ଅଧାପିକା ସସ୍ମିତା ଆଚାର୍ଯ୍ୟ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୋରେଇ ବିଧାୟକ ଆକାଶ ଦାସ ନାୟକ ଛାତ୍ରୀ ସୁପ୍ରଭାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ବ୍ଲକ ପ୍ରଶାସନର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ବିକାଶ ବାଧାପ୍ରାପ୍ତ

ବରୀ,୪।୧୧(ମହେନ୍ଦ୍ର ସ୍ୱାଇଁ):



ପଞ୍ଚାୟତସମିତିକାର୍ଯ୍ୟାଳୟ,ବରୀ
OFFICE OF THE PANCHAYAT SAMITI BARI, DIST-JAJPUR
E-mail ID: ori-bari@nic.in, Office mobile No. 9090864845

Letter No 6171 Date 20.8.24.

To,
The Sarapanches/ PEOs
Under Panchayat Samiti Bari

Sub: Opening of separate Bank Accounts for the purpose of Repair & Maintenance of Assets.

Ref: Letter No 2254 dated 03.02.2023 of PR&DW Deptt, BBSR

Madam/ Sir,

With reference to the subject cited above I am to say that a separate joint Bank account with account Name "Repair & Maintenance of Assets" has to be opened in each Grama Panchayat for the purpose of repair and maintenance of assets at Grama Panchayat Level.

You are therefore requested to open a joint saving bank account at the earliest and submit the account details to the undersigned for transfer of fund towards repair and maintenance of assets at Grama Panchayat Level.

Treat this "Most Urgent"

Yours faithfully,
20.8.24
Block Development Officer
Bari

ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାରେ ଆସୁଥିବା ଅନୁଦାନ ସମୟ ସୀମା ମଧରେ ବିନିଯୋଗ କରାଯାଇ ଏହାର ପ୍ରମାଣ ପତ୍ର ସରକାରଙ୍କୁ ଦେବାକୁ ରାଜ୍ୟ ସରକାର ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହି ନିୟମକୁ ବରୀ ବ୍ଲକ ପ୍ରଶାସନ ଉଲ୍ଲଂଘନ କରିଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ପତ୍ର ସଂଖ୍ୟା–୨୨୫୪ ତା୦୩।୨।୨୦୨୩ ରିଖ ରେ ଏକ ସ୍ୱନ୍ତ୍ର ଅନୁଦାନ ଆସିଥିବା ବେଳେ ଏହି ଅନୁଦାନ ରାଶି ସରକାରୀ ଉଚ୍ଚ ବିଦ୍ୟାଳୟ,ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଅଙ୍ଗନୱାଡ଼ି କେନ୍ଦ୍ର,ପଶୁ ସମ୍ପଦ ଚିକିତ୍ସା କେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ମରାମତି ନିମନ୍ତେ ମଞ୍ଜୁର ହୋଇଥିଲା। ଦୀର୍ଘ ଦିନ ଧରି ସରକାରଙ୍କ ତରଫରୁ ଏହି ଅର୍ଥ ରାଶି ଆସିଥିଲେ ମଧ ବରୀ ବ୍ଲକ ପ୍ରଶାସନ ତରଫରୁ ଏହା କାର୍ଯ୍ୟକାରୀ ନ ହେବା ଫଳରେ ସରପଞ୍ଚମାନେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ ଏହାର କୌଣସି ସୁଫଳ ମିଳି ନ ଥିଲା ।ଏହି ମର୍ମରେ ବରୀ ବିଡିଓଙ୍କ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଂଘନ କରିବା ଖବର ଗଣମାଧମରେ ପ୍ରକାଶିତ ହେବା ପରେ ବରୀ ବିଡିଓ ପତ୍ର ସଂଖ୍ୟା –୬୧୭୧ ତା୨୦।୮।୨୦୨୪ରେ ସରପଞ୍ଚମାନଙ୍କୁ ପୃଥକ ଭାବେ ବ୍ୟାଙ୍କ ଖାତା ଖୋଲିବାକୁ ପତ୍ର ଲେଖିଥିଲେ। କିନ୍ତୁ ବିଡିଓଙ୍କ ନିର୍ଦ୍ଦେଶ ଅନୁଯାୟୀ ସରପଞ୍ଚମାନେ ସ୍ୱତନ୍ତ୍ର ଜମା ଖାତା ଖୋଲିବା ପରେ ବି ଅଦ୍ୟାବଧି ସେହି ଜମା ଖାତାକୁ ଅନୁଦାନ ରାଶି ପହଞ୍ଚି ନାହିଁ । ଫଳରେ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ଲକ ପ୍ରଶାସନ ପ୍ରତିବନ୍ଧକ ସାଜିଛି ବୋଲି ବହୁ ସରପଞ୍ଚ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

ସରକାର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅନୁଦାନକୁ ସମୟସୀମା ମଧରେ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ତଦନ୍ତ ପରିସରଭୁକ୍ତ କରାଗଲେ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବରୀ ବ୍ଲକରେ କେତେ ଅର୍ଥ ରାଶି ଗଚ୍ଛିତ ଅଛି ଏବଂ ତାହା କେଉଁ କାରଣରୁ ଖର୍ଚ୍ଚ କରାଯାଇପାରୁ ନାହିଁ ତାହା ପଦାକୁ ଆସିବ ବୋଲି ଲୋକ ପ୍ରତିନିଧିମାନେ ଅଭିଯୋଗ କରୁଛନ୍ତି। ଏ ସଂକ୍ରାନ୍ତରେ ବରୀ ବିଡିଓଙ୍କ ପ୍ରତିକ୍ରିୟା ନେବାକୁ ତାଙ୍କ ଫୋନ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ ।

# ୨ ଭାଇ ଫେରିବା ବେଳେ ବାଟରେ ବଡ଼ ଟ୍ରେନ୍‌ରୁ ନିଖୋଜ

ମହାକାଳପଡ଼ା,୪।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ଦୁର୍ଦ୍ଦିନରେ ଦାଦନ ଶ୍ରମିକ ପରିବାର
- ଆନ୍ଧ୍ରପ୍ରଦେଶ ଦାଦନ ଖଟିବାକୁ ୨ ଭାଇ ଯାଇଥିଲେ
- ସାନଭାଇ ବଡ଼ଭାଇଙ୍କୁ ନ ପାଇ ଘରକୁ ଫେରିଲେ
- ଘରେ କାନ୍ଦ ବୋବାଳି, ଜଳୁନି ଚୁଲି

କେନ୍ଦ୍ରାପଡ଼ା ଜିଲାରେ ବେକାର ଯୁବକମାନେ ଦୈନିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ବିଶେଷକରି ଆନ୍ଧ୍ରପ୍ରଦେଶ, ହାଇଦ୍ରାବାଦ, ତାମିଲନାଡୁ, ଚେନ୍ନାଇ, ବେଙ୍ଗାଲୁରୁ, କୋଲକାତା, ଦିଲ୍ଲୀ, ଗୁଜରାଟ, ମୁମ୍ବାଇ, ରାଜସ୍ଥାନ ଆଦି ଶିଳ୍ପ କାରଖାନା ଅଞ୍ଚଳ ଓ ସ୍ମାର୍ଟ ସିଟିକୁ ଯାଇ ମଜୁରି ଲାଗି ପରିବାରକୁ ଦୁଇପଇସା ରୋଜଗାର କରି ପଠାଇଥାନ୍ତି। ୨ଭାଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇ ଦୁଇପଇସା ରୋଜଗାରକରି ପରିବାର ପୋଷଣ କରୁଥିଲେ। ହେଲେ ୨ଭାଇ ୪ ମାସ ପୂର୍ବେ ଆନ୍ଧ୍ରପ୍ରଦେଶରୁ ଟ୍ରେନ୍‌ରେ ଆସୁଥିବା ବେଳେ କୌଣସି କାରଣବଶତଃ ବଡ଼ଭାଇ କେଉଁଠି ନିଖୋଜ ହୋଇଗଲେ। ସାନଭାଇ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ବଡ଼ ଭାଇର କିଛି ସନ୍ଧାନ ନ ପାଇ ଖାଲି ହାତରେ ଘରକୁ ଫେରୁଥିଲେ। ଘରେ ଏହି ଖବରପାଇ ମର୍ମାହତ ହେବା ସହ ଚତୁର୍ଦ୍ଦିଗ ଅନ୍ଧାର ଦେଖାଗଲା।


ପ୍ରଭାକରପୁର ଗାଁରେ ବଡ଼ପୁଅଙ୍କୁ ନିଖୋଜ ଖବରପାଇ ମର୍ମାହତ ବିଧବା ମା' ସାବିତ୍ରୀ ଓ ସ୍ତ୍ରୀ ସମ୍ବାରୀ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

ରୋଜଗାରିଆ ପୁଅର ନିଖୋଜ ଶୁଣି ବିଧବା ମା' ଓ ସ୍ତ୍ରୀ ଆଖିରୁ ଲୁହ ଶୁଖୁନାହିଁ। ଓଳିଏ ଖାଇଲେ ଓଳିଏ ଉପବାସ ରହିଥାନ୍ତି ବୋଲି କହିଛନ୍ତି ପରିବାର ଲୋକେ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଜିଲାର ମହାକାଳପଡ଼ା ବ୍ଲକ ବଡ଼କଣି ପଞ୍ଚାୟତ ପ୍ରଭାକରପୁର ବଗାଳ ସମ୍ପ୍ରଦାୟର ବିଧବା ସାବିତ୍ରୀ ଖିଲାରଙ୍କ ବଡ଼ ପୁଅ ଡୋଲ (୪୦) ଓ ସାନପୁଅ ଲବ(୩୬) ଆନ୍ଧ୍ରପ୍ରଦେଶରେ ଦାଦନ ଖଟିବାକୁ ଯାଇଥିଲେ।

୨ଭାଇ ୪ମାସ ତଳେ ଘରକୁ ଟ୍ରେନ୍‌ରେ ଫେରୁଥିବାବେଳେ ବଡ଼ଭାଇ ଡୋଲ କେଉଁ ଆଡ଼େ ନିଖୋଜ ହୋଇଥିଲେ। ସାନଭାଇ ଲବ ବିଭିନ୍ନ ସ୍ଥାନରେ ଖୋଜିଥିଲେ ମଧ୍ୟ ନ ପାଇ ଘରକୁ ଫେରି ସବୁ ଘଟଣା ବଖାଣିଥିଲେ। ପରେ ସାନଭାଇ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସ୍ତ୍ରୀ ସମ୍ବାରୀ ଖିଲାର ଓ ଛୋଟ ପୁଅ ବାପାଙ୍କୁ ଖୋଜୁଛନ୍ତି। ଅଭାବୀ ପରିବାରରେ ରୋଜଗାରିଆ ପୁଅଙ୍କୁ ହରାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଦିନେ ଖାଇଲେ ଦିନେ ଉପବାସ ରହିବା ପାଇଁ ପଡୁଛି ବୋଲି ମା' ସାବିତ୍ରୀ କହିଛନ୍ତି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ରଞ୍ଜିତ ମହାନ୍ତିଙ୍କୁ ପଚାରିବାରେ ଯେଉଁ ସ୍ଥାନରେ ବଡ଼ ପୁଅ ଡୋଲ ନିଖୋଜ ହୋଇଛନ୍ତି, ସେହି ସ୍ଥାନରେ ଅଭିଯୋଗ କରିଥାନ୍ତେ ବୋଲି କହିଛନ୍ତି। ଅଭିଯୋଗ କ'ଣ ଆସିଛି ଦେଖିବା ବୋଲି କହିଛନ୍ତି।

# ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କୁ ପିଇବା ପାଣି ମିଳିବ: ମନ୍ତ୍ରୀ ନାଏକ

ମାର୍ଶାଘାଇ,୪।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ରବିନାରାୟଣ ନାଏକ ଓ ଅନ୍ୟମାନେ।

୨୦୨୫ ମାର୍ଚ୍ଚ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣ ପିଇବା ପାଣି ପାଇବେ। ବସୁଧା ଯୋଜନାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ଏହା ଯୋଗାଇ ଦିଆଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ, ଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଛନ୍ତି। ସୋମବାର ସନ୍ଧ୍ୟାରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ରତନପୁର ଗାଁରେ ଏକ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋହନ ସରକାରଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ଉପରେ ଆଲୋକପାତ କରିବା ସହ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ଥାନୀୟ ବିଧାୟକଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ଖୁବ୍ କମଦିନ ମଧ୍ୟରେ ନିର୍ବାଚନମଣ୍ଡଳୀରେ ନୂଆ ନୂଆ କାର୍ଯ୍ୟ ଆରମ୍ଭ ହେବ ଓ ଅସମ୍ପୂର୍ଣ୍ଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି କହିଥିଲେ। ଏହି ପ୍ରକଳ୍ପ ଦ୍ୱାରା ରତନପୁର ଗ୍ରାମର ସମସ୍ତ ଜନସାଧାରଣ ପାଇପ ଯୋଗେ ପାନୀୟଜଳ ପାଇପାରିବେ। ଏହା ପୂର୍ବରୁ ମନ୍ତ୍ରୀ ନାଏକ ପାଟକୁରା ନିର୍ବାଚନମଣ୍ଡଳୀ ତଥା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଇତପୁର ପଞ୍ଚାୟତର ଡିହ ବଳରାମପୁରଠାରେ ନିର୍ମାଣାଧୀନ ଉଚ୍ଚ ସେତୁ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ଆଇତିପୁର ଗ୍ରାମରେ ଏକ ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସେଠାରେ ଭାଜପା ନେତା ତେଜେଶ୍ୱର ପରିଡ଼ା ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଜିଲା ଭାଜପା ଉପସଭାପତି ସଞ୍ଜୟ ରଥ, ବିକ୍ରମ ରାଉତରାୟ ରାଜନଗର ଭାଜପା ନେତା ଲଳିତ ବେହେରା, ସରୋଜକାନ୍ତ ସାହୁ, ପ୍ରଶାନ୍ତ ସେଠୀ, ନିଗମ ରଥ, ଅଖିଳ ମହାପାତ୍ର, ଅରୁଣ ରାଉତ, ପବିତ୍ର ମୋହନ ଦାସ ଉପସ୍ଥିତ ଥିଲେ। ଗ୍ରାମ୍ୟ ପାନୀୟଜଳ ଯୋଗାଣର ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ ସହକାରୀ ଯନ୍ତ୍ରୀ ବସନ୍ତ ସେଠୀ, କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ସିଂ ଓ ପଙ୍କଜ ଦ୍ୱିବେଦୀ ସହଯୋଗ କରିଥିଲେ।

# ରାଜନଗର ମୌଜା ନକ୍ସା ସଂଶୋଧନ ଦାବି

କେନ୍ଦ୍ରାପଡ଼ା, ୪।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ରାଜନଗର ମୌଜାର ହାଲ ନକ୍ସା ଭୁଲ ଅଛି। ଏହା ତଦନ୍ତ ସହ ସଂଶୋଧନ ଆବଶ୍ୟକ। ଏପରି ଆପତ୍ତି ଉଠାଇ ମୌଜା ଅଧିବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ସୋମବାର ଦେଇଛନ୍ତି। ଏ ସମ୍ପର୍କରେ ହୃଷୀକେଶ ମହାପାତ୍ର, ହୃଷୀକେଶ ମଲ୍ଲିକ, ମହେନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି, ରାଜନଗରର ହାଲ ନକ୍ସା ଏବେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛି। ଏହି ମୌଜାର ଜମିଗୁଡ଼ିକ ସେଟଲମେଣ୍ଟ ପରେ ୨୦୧୩-୧୪ ମସିହାରେ ନକ୍ସା ପ୍ରକାଶ ପାଇଛି। ତେବେ ଏହା ସାବକ ନକ୍ସା ଓ ପ୍ରଜାଙ୍କ ଦଖଲଠାରୁ ସମ୍ପୂର୍ଣ୍ଣ ଭିନ୍ନ ଦର୍ଶାଯାଇଛି। ସାବକ ନକ୍ସାରେ ଏରିଆ ଓ ରକବା ଅନୁଯାୟୀ ରାସ୍ତା ଓ ସ୍ଥିତିବାନ ସମ୍ପତ୍ତି ଅଛି। ତେବେ ହାଲ ନକ୍ସାରେ ବହୁ ପ୍ରଜାଙ୍କ ସ୍ଥିତିବାନ ସମ୍ପତ୍ତି ଉପରେ ରାସ୍ତା ଯାଇଛି। ଏଥିସହ ସାବକ ଓ ହାଲ ନକ୍ସାରେ ବହୁ ଅମେଳ ରହିଛି। ଫଳରେ ଏହି ମୌଜା ଅଞ୍ଚଳର ଅଧିବାସୀ ନିଜସ୍ୱ ସମ୍ପତ୍ତି ଠିକ ଭାବେ ଆକଳନ କରି ନ ପାରି ମାଡ଼ଗୋଳ ପରି ଅଶୋଭନୀୟ କାର୍ଯ୍ୟ ଦେଖାଯାଉଛି। ମୌଜାର ହାଲ ନକ୍ସା ହିତାଧିକାରୀଙ୍କ ରେକର୍ଡଭୁକ୍ତ ସମ୍ପତ୍ତି ଅନୁଯାୟୀ ନ ହେଲେ ଆଗକୁ ଏହା ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବ। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଡେରାବିଶ ତହସିଲଦାରଙ୍କୁ ଏ ସମ୍ପର୍କରେ ତନଖି ପାଇଁ ନିର୍ଦ୍ଦେଶ ଦେଇଥିବା ସେମାନେ ସୂଚନା ଦେଇଛନ୍ତି।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ରାଜନଗର ଗାଁର ଲୋକେ।

# ଗଣ୍ଡରପୁର, କ୍ରୀଡ଼ା ଛାତ୍ରାବାସ କ୍ୱାର୍ଟରରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ରାଜକନିକା କପ୍ ଫୁଟବଲ୍

ରାଜକନିକା, ୪।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ଉଚ୍ଚବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ୪୩ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରାଜକନିକା କପ୍ ଫୁଟବଲ୍-୨୦୨୪ର ଦ୍ୱିତୀୟ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି।

ପ୍ରଥମ ମ୍ୟାଚରେ ଗଣ୍ଡରପୁର ଫୁଟବଲ ଏକାଡେମୀ ଓ ଭୁବନେଶ୍ୱର ଜଗା ୟୁନାଇଟେଡ଼ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣ୍ଡରପୁର ଫୁଟବଲ ଏକାଡେମୀ ୪-୦ ଗୋଲରେ ବିଜୟୀ ହୋଇ ତୃତୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ଅତିଥି ଭାବେ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବାଦଲ କୁମାର ମହାନ୍ତି ଓ ସାମାଜିକକର୍ମୀ ପ୍ରଦୀପ୍ତ କୁମାର ପଲାଇ ପ୍ରମୁଖ ଯୋଗଦେଇଥିଲେ। ବିଜେତା ଦଳର ତୋଫାନ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କ୍ରୀଡ଼ା ଛାତ୍ରାବାସ, କଟକ ବନାମ କନ୍ଧମାଳ ଫୁଟବଲ କ୍ଲବ, ବୌଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ା ଛାତ୍ରାବାସ ୧-୦ ଗୋଲରେ ବିଜୟ ଲାଭ କରି ଚତୁର୍ଥ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ରାଜକନିକା ଥାନା ଭାରପ୍ରାପ୍ତ ଅଧିକାରୀ ଦିଲୀପ ଧଳ ଓ ସମ୍ମାନିତ ଅତିଥି ଭାବେ କଣ୍ଟପଡ଼ା ପଞ୍ଚାୟତ ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା ଓ ସାମାଜିକ କର୍ମୀ କୁମର ନାୟକ ପ୍ରମୁଖ ଯୋଗଦେଇ ବିଜେତା ଦଳର ଶଶାଙ୍କ ଶେଖର ହେମ୍‌ବ୍ରମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନର ସଭାପତି ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଉପସଭାପତି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା, ସଞ୍ଜୟ ଚନ୍ଦ୍ର ଦାସ ଓ ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ଡ଼. ଫକୀର ଚନ୍ଦ୍ର ପ୍ରଧାନ ଓ ପ୍ରାଣବନ୍ଧୁ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ ଏବଂ ମିଡିଆ ସେଲ ସମ୍ପାଦକ ଅଜୟ କୁମାର ରାଉତଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଦୁଇଟି ମ୍ୟାଚରେ ରେଫରି ଦାୟିତ୍ୱ ତୁଲାଇଥିଲେ ସୁବ୍ରତ ପୁରୋହିତ, ମହମ୍ମଦ ସକିଲ, ଶଶିକାନ୍ତ ଦାସିଆ, ଶରତ ଜେନା ଓ ଗୋଲଖ ବିହାରୀ ମଲ୍ଲିକ।

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, କୃଷିଋଣ ଛାଡ଼ ପାଇଁ ଦାବିପତ୍ର

ରାଜକନିକା, ୪।୧୧ (ସଞ୍ଜୟ କୁମାର ଦାଶ)

ବାତ୍ୟା ଦାନା ପ୍ରଭାବରେ ରାଜକନିକା, ଆଳି ବ୍ଲକ୍‌ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସୋମବାର ସିପିଆଇଏମ୍ ରାଜକନିକା ଆଞ୍ଚଳିକ କମିଟି ପକ୍ଷରୁ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ବାତ୍ୟାରେ ରାଜକନିକା, ଆଳି ବ୍ଲକ୍‌ର ଗରିବ ଲୋକଙ୍କ ଘର ଭାଙ୍ଗିଛି। ଧାନ ଫସଲ ନଷ୍ଟ ହୋଇଛି। ଦିନମଜୁରିଆ ଭାବେ ଜୀବିକା ନିର୍ବାହ କରୁଥିବା ଲୋକ ତଥା କ୍ଷୁଦ୍ର ବ୍ୟବସାୟୀ ଆର୍ଥିକ କ୍ଷତି ସହିଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ସମସ୍ତ ବଞ୍ଚିତ ଗରିବ ଲୋକଙ୍କୁ ଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଗାଇଦେବାକୁ, ବାତ୍ୟା ଆଶ୍ରୟସ୍ଥଳରେ ରହିଥିବା ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ଆବାସ ପ୍ରଦାନ କରାଯିବାକୁ, କ୍ଷତି ହୋଇଥିବା ଶାରଦ ଧାନ ଫସଲର ଠିକ୍ ଆକଳନକରି ଚାଷୀ ଓ ଭାଗଚାଷୀମାନଙ୍କୁ ଶୀଘ୍ର ସହାୟତା ପ୍ରଦାନ, ଖରିଫ ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା, ରବିଋତୁ ପାଇଁ ଋଣ ପ୍ରଦାନର ତ୍ୱରିତ ପଦକ୍ଷେପ, ମାଗଣା ସାର, ବିହନ ଓ କୀଟନାଶକ ଯୋଗାଇଦେବା, କୃଷିକ୍ଷେତ୍ରକୁ ଜଳ ଯୋଗାଣର ପ୍ରାକୃତିକ ବ୍ୟବସ୍ଥାକୁ ଶୀଘ୍ର ସଜାଡ଼ିବା, ପାଣି ପଞ୍ଚାୟତଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ଲୁଣା ଘେରିବନ୍ଧର ମରାମତି କରିବା, କୁମ୍ଭୀର ଆକ୍ରମଣ ଆଦି ପ୍ରତିରୋଧ କରିବା ଦାବିରେ ସୋମବାର ସିପିଆଇଏମ୍ ଆଞ୍ଚଳିକ କମିଟି ପକ୍ଷରୁ ସମ୍ପାଦକ ନବକିଶୋର ସୂତାର, ଧନେଶ୍ୱର ରାଉତ, ନୃସିଂହ ତରାଇ, ବୈରାଗୀ ସାହୁ, କାଳୀପ୍ରସାଦ ନାୟକ, କିଶୋର ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ଜିଲାପାଳ କେନ୍ଦ୍ରାପଡ଼ାଙ୍କ ଉଦ୍ଦେଶ୍ୟରେ କନିକା ଅତିରିକ୍ତ ତହସିଲଦାର ଦେବବଲ୍ଲଭ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ପ୍ରଶାସନିକ ଶୁଣାଣି ଶିବିରରେ ୧୮୨ ଅଭିଯୋଗ


ପ୍ରଶାସନିକ ଅଧିକାରଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି।

କେନ୍ଦ୍ରାପଡ଼ା, ୪।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନ ହଲ୍‌ଠାରେ ପ୍ରଶାସନିକ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୮୨ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୧୬୪ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ରହିଥିଲା। ସେହିପରି ୧୮ଟି ସାମୂହିକ ଅଭିଯୋଗ ପତ୍ରରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେକ ଅଭିଯୋଗର ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲାପାଳ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଡ୍‌କ୍ରସ୍‌ରୁ ସହାୟତା ଓ ସାମାଜିକ ସୁରକ୍ଷା ପାଇଁ ୧୧ ଜଣଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଇଥିଲା। ଶିବିରରେ ଏଏସ୍‌ପି ଦେବାଶିଷ ଧଳ, ଏଡିଏମ୍ ନିଳୁ ମହାପାତ୍ର, ଅତିରିକ୍ତ ଉପଜିଲାପାଳ ଅଶୋକ କୁମାର ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ସିଏସ୍‌ଓ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

# ଗିରିଗୋବର୍ଦ୍ଧନ ପୂଜା ପାଇଁ ବିଭିନ୍ନ ଗ୍ରାମ ଉତ୍ସବମୁଖର

ଡେରାବିଶ, ୪।୧୧ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ୍ ଅଞ୍ଚଳରେ ଶନିବାରଠାରୁ ଆରମ୍ଭ ହୋଇଥିବା ଗିରି ଗୋବର୍ଦ୍ଧନ ପୂଜାର ସୋମବାର ଥିଲା ୩ୟ ଦିବସ। ୭ ଦିନ ଧରି ହେବାକୁ ଥିବା ପୂଜା ପାଇଁ ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ ଗୌଡ଼ବିଶି ଗ୍ରାମରେ ଅନୁଷ୍ଠିତ ଏହି ପୂଜା ପାଇଁ ଶନିବାର ଗିରିଗୋବର୍ଦ୍ଧନଙ୍କ ମୃଣ୍ମୟ ମୂର୍ତ୍ତିରେ ଚକ୍ଷୁଦାନ, ଘଟ ସ୍ଥାପନ ରବିବାର ଷୋଡ଼ଶ ଉପଚାର ପୂଜା ହୋଇଥିବାବେଳେ ସୋମବାର ଅନ୍ୟ ପୂଜା ଅନୁଷ୍ଠିତ ହୋଇଛି। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା ଉତ୍ସବକୁ ଉତ୍ସବମୁଖର କରୁଛି। ତେବେ ଗୌଡ଼ବିଶି ଗାଁ ବୁଣାକାର ପରିବାର ଦ୍ୱାରା ଅନୁଷ୍ଠିତ ଏହି ପୂଜା ବହୁ ପ୍ରାଚୀନ ହୋଇଥିବାରୁ ବାହାରେ ରହୁଥିବା ଲୋକେ ନିଜର ପରିବାର ସହ ଆସି ପୂଜା ଉତ୍ସବରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ମଧୁସୂଦନ ଘଡ଼େଇ ପ୍ରମୁଖଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି। ସେହିପରି ବେଣୀପୁର ପଞ୍ଚାୟତ ସଦାନନ୍ଦପୁରଠାରେ ଅନୁଷ୍ଠିତ ହୋଉଥିବା ଏହି ପୂଜା ପାଇଁ ଗାଁଟି ଅସ୍ଥାୟୀ ଭାବେ ସହରର ଭ୍ରମ ସୃଷ୍ଟି କରିଛି। ୬୦ରୁ ଅଧିକ ବୁଣାକାର ପରିବାରଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ଏହି ପୂଜା ଅତ୍ୟନ୍ତ ନିଷ୍ଠାର ସହ କରାଯାଉଥିବା ବେଳେ ମଣ୍ଡପ ନିକଟରେ ଘରକରଣା ସାମଗ୍ରୀ, ଫାଷ୍ଟଫୁଡ୍ ଓ ଗୁପ୍‌ଚୁପ୍‌ର ଦୋକାନ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଖୋଲାଯାଇଥିବାରୁ ପ୍ରତ୍ୟହ ସନ୍ଧ୍ୟାରେ ମହିଳାମାନଙ୍କ ଭିଡ଼ ପରିଲକ୍ଷିତ ହେଉଛି। ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମେଲୋଡ଼ି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି ଉପସ୍ଥିତ ଦର୍ଶକ। ଅନ୍ୟପକ୍ଷରେ ବ୍ଲକ୍ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଓଲଡ଼ିଠାରେ ଦାନପୁର ପଞ୍ଚାୟତ ରଜାଙ୍ଗ, ପଲେଇ ପଞ୍ଚାୟତ କାଜିପୁର ଗ୍ରାମର ଗିରିଗୋବର୍ଦ୍ଧନ ପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଛି।

# ଅଗ୍ନିକାଣ୍ଡରେ ୪ ବଖରା ଭସ୍ମୀଭୂତ

ରାଜନଗର, ୪।୧୧ (ଭାସ୍କର ରାଉତରାୟ)

ରାଜନଗର ତହସିଲ ଅନ୍ତର୍ଗତ ଘଡ଼ିଆମାଳ ପଞ୍ଚାୟତ ଦାରୁଓରା ଗ୍ରାମର ଉମେଶ ସ୍ୱାଇଁଙ୍କ ଘର ରବିବାର ରାତିରେ ନିଆଁଲାଗି ୪ ବଖରା ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ଘର ଲୋକ ବାହାର ଦାଣ୍ଡ ପିଣ୍ଡାରେ ବସିଥିବା ବେଳେ ଘରେ ନିଆଁ ଲାଗି ଧୂଆଁ ବାହାରିବା ଦେଖି ପାଟି କରିଥିଲେ। ପାଟି ଶୁଣି ଗ୍ରାମବାସୀ ଆସି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଏତେ ପ୍ରଖର ଥିଲା ଯେ ଚାହୁଁ ଚାହୁଁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ଉମେଶଙ୍କର ଧାନ ଚାଉଳ, ଆସବାସପତ୍ର, ଟଙ୍କା, ସୁନା, ଅନ୍ୟ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ରାଜନଗର ତହସିଲ ପକ୍ଷରୁ ବିପନ୍ନ ପରିବାରଙ୍କୁ ଭେଟି ପାଲ ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଅଗ୍ନି ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ସରକାରୀ ସହାୟତା କିପରି ବିପନ୍ନ ପରିବାରଙ୍କୁ ଶୀଘ୍ର ଯୋଗାଇ ଦିଆଯିବ, ସେ ନେଇ ପ୍ରଶାସନ ସହିତ କଥା ହୋଇଛନ୍ତି। ବିଧାୟକଙ୍କ ସହ ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର, ଚିତ୍ତ ରଞ୍ଜନ ପଣ୍ଡା, ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଯୁବନେତା ରାକେଶ ନାୟକ, ବସନ୍ତ ନାୟକ ପ୍ରମୁଖ ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# ବାତ୍ୟା କ୍ଷୟକ୍ଷତି ଭରଣା ପାଇଁ ତହସିଲଦାରଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ, ୪।୧୧ (କଳ୍ପତରୁ ନାୟକ)

ବାତ୍ୟା ଦାନା ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇଛି। ଏପରିକି ପବନରେ ଚାଳ ଛପର ଘର ସମେତ ଚାଷ କ୍ଷେତରେ ଫସଲ ଉଜାଡ଼ିଦେଇଛି। ବିଶେଷକରି ବାତ୍ୟା ପ୍ରଭାବରେ ଲଗାଣବର୍ଷାରେ ଧାନ, ବିରି ଓ ପରିବା ଫସଲ ବ୍ୟାପକ କ୍ଷତି ହୋଇଛି। ଇତିମଧ୍ୟରେ ୧୧ଦିନ ବିତିଯାଇଥିଲେ ମଧ୍ୟ ବିପନ୍ନଙ୍କ ପାଖରେ ରିଲିଫ ପହଞ୍ଚି ପାରି ନ ଥିବାବେଳେ କ୍ଷୟକ୍ଷତିର ଭରଣା ଏପର୍ଯ୍ୟନ୍ତ କରାଯାଇନାହିଁ। ଏ ନେଇ ସିପିଆଇ(ଏମ୍) ପଟ୍ଟାମୁଣ୍ଡାଇ ଆଞ୍ଚଳିକ କମିଟି ପକ୍ଷରୁ ସୋମବାର ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରୁ ପ୍ରତିବର୍ଷ ଆବାସ ଯୋଜନାରେ ଗୃହହୀନମାନଙ୍କୁ ଘର ଯୋଗାଣ ହେଉଥିଲେ ମଧ୍ୟ ବାତ୍ୟା ଦାନା ଯୋଗୁ ହଜାର ହଜାର ଲୋକ ବାତ୍ୟା ଆଶ୍ରୟସ୍ଥଳରେ ମୁଣ୍ଡ ଗୁଞ୍ଜିଥିଲେ। ଏହାର ତଦନ୍ତ ହେବା ସହ ସମସ୍ତ ଆଶ୍ରିତଙ୍କୁ ପକ୍କାଘର ଯୋଗାଇଦେବା, ଦାନା ପ୍ରଭାବରେ ଲଗାଣ ବର୍ଷା, ପବନ ଯୋଗୁ କ୍ଷତିଗ୍ରସ୍ତ ଥୋଡ଼ ବାହାରିଥିବା ଓ ଗର୍ଭଣା ଧାନ ଚାଷୀଙ୍କୁ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ ସହ ଜମିକୁ ୟୁନିଟ୍ ଭାବେ ଗ୍ରହଣକରି କ୍ଷତିର ଆକଳନ କରିବା, ଆଗାମୀ ରବି ଫସଲ ପାଇଁ ପର୍ଯ୍ୟାପ୍ତ ସହାୟତା ଯୋଗାଇଦେବା, ସମସ୍ତ ନଦୀ ଓ ତଟବର୍ତ୍ତୀ ଅଞ୍ଚଳରେ କୁମ୍ଭୀର ଦାଉରୁ ଲୋକଙ୍କୁ ରକ୍ଷା କରିବା ସହ କ୍ଷତି ପୂରଣ ଦେବା ଓ ଏଥିପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରିବା, ଆକାଶ ଛୁଆଁ ଦରବୃଦ୍ଧିକୁ ରୋକିବା ପ୍ରଭୃତି ଦାବି ତହସିଲଦାର ପଞ୍ଚାନନ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଦଳର ଜିଲା ସମ୍ପାଦକ ଗୟାଧର ଧଳ, କମିଟି ସମ୍ପାଦକ ରତ୍ନଞ୍ଜୟ ମଲ୍ଲିକ, ଜିଲା କମିଟି ସଭ୍ୟ ସୋମନାଥ ବିଶ୍ୱାଳ, କୃଷକ ସଭା ବ୍ଲକ୍ ସଭାପତି ଆଇନଜୀବୀ ପ୍ରଫୁଲ୍ଲ ଦାଶ, ଶ୍ରମିକ ନେତା ପ୍ରକାଶ ମହାନ୍ତି, ବରିଷ୍ଠ ନେତା ଧନୁର୍ଜୟ ପରିଡ଼ା, ଗୁଣମଣି ବେହେରା, ସୁଧୀର ଦାଶ, ମଙ୍ଗୁଳି ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଭୂତତ୍ତ୍ୱ ବିଜ୍ଞାନରେ ସ୍ୱର୍ଣ୍ଣ ପଦକ ଲାଭ


ସୋମପ୍ରୀତ

ରାଜକନିକା, ୪।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ୍ ଜାଗୁଲାଇପଡ଼ା ଗାଁର ଜ୍ଞାନରଞ୍ଜନ ଦାଶ ଓ କବିତାଙ୍କ ଏକମାତ୍ର ପୁତ୍ର ସୋମପ୍ରୀତ ଚଳିତବର୍ଷ ଏନ୍‌ଆଇଟି, ଦୁର୍ଗାପୁରରୁ ଭୂତତ୍ତ୍ୱ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଜେଜେ ମା', ଜେଜେବାପା, ଆଈ, ଅଜା, ବଡ଼ବାପା, ବଡ଼ ମା', ସାନ ବାପା, ସାନ ମା', ମାମୁ, ମାଈଁ, ମଉସା, ମାଉସୀଙ୍କ ପ୍ରେରଣା ସହ ମୁଖ୍ୟତଃ ଅଜା ପୂର୍ବତନ ଶିକ୍ଷକ ଦିବଂଗତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ପ୍ରେରଣା ଅତୁଳନୀୟ ବୋଲି ସୋମପ୍ରୀତ କହିଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ବିଦ୍ୟାଳୟ ଖେଳ ପଡ଼ିଆରେ ଆବର୍ଜନା ଭର୍ତ୍ତି

ପଟ୍ଟାମୁଣ୍ଡାଇ, ୪।୧୧ (କଳ୍ପତରୁ ନାୟକ)



- ସରକାରୀ ସ୍ୱୀକୃତିରେ ହୋଇଥିଲା ବାଣ ଦୋକାନ
- ସଫେଇ ହୋଇପାରିଲାନି ପଡ଼ିଆ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ନିକଟ ଏମ୍‌ଏନ୍ ହାଇସ୍କୁଲ ପଡ଼ିଆରେ ଗତ ସପ୍ତାହରେ ଦୀପାବଳି ପାଇଁ ଭଳିକି ଭଳି ବାଣ ଦୋକାନ ପଡ଼ିଥିଲା। ସେଠାରେ ବାଣ କିଣିବା ପାଇଁ ଲୋକଙ୍କ ଗହଳି ମଧ୍ୟ ଲାଗିଥିଲା। ଦୀପାବଳି ସରିଲା, ଦୋକାନ ଉଠିଗଲା। ହେଲେ ସେଠାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିଛି। ଜରି, ଛିଣ୍ଡା କାଗଜ, ଚିରା କପଡ଼ା, ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ ଗ୍ଲାସ୍ ପଡ଼ିଆ ସାରା ବିଛାଡ଼ି ହୋଇପଡ଼ିଛି। ଏହା ପରିବେଶକୁ ପ୍ରଦୂଷିତ କରୁଛି। ଅଳିଆ ସଫେଇ ପାଇଁ ପୌର ପରିଷଦ ପକ୍ଷରୁ ଏ ପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ସହରବାସୀ ଓ ସ୍କୁଲ ପରିଚାଳନା କମିଟି ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏମ୍‌ଏନ୍ ହାଇସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ, ଉପସଭାପତି ଇତିଶ୍ରୀ ଦାଶ, ସଭ୍ୟ ଦେବାଶିଷ ପ୍ରଧାନ, ମହେଶ୍ୱର ସାମଲ, ରାଜେନ୍ଦ୍ର ଦାଶ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ନିକଟସ୍ଥ ଏମ୍‌ଏନ୍ ହାଇସ୍କୁଲ ପଡ଼ିଆଠାରେ ପ୍ରଶାସନ ସ୍ୱୀକୃତିରେ ଗତ ସପ୍ତାହରେ ବାଣଦୋକାନ ଖୋଲିଥିଲା। ଶୁକ୍ରବାର ରାତିରେ ବାଣ ଦୋକାନ ଉଠିଗଲା। କିନ୍ତୁ ପଡ଼ିଆ ସଫା କରାଯିବା କଥା। ହେଲେ ସଫା ନ ହୋଇ ସେଠାରେ କୁଢ଼ କୁଢ଼ ବର୍ଜ୍ୟବସ୍ତୁ ପଡ଼ିରହିଛି। ପଲିଥିନ ସମେତ ବିଭିନ୍ନ ବର୍ଜ୍ୟ ସାମଗ୍ରୀ ପଡ଼ି ରହିଛି। ପଡ଼ିଆ ସଫେଇ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ବିଭିନ୍ନ ଭେରାଇଟି ବାଣ ଦୋକାନ ଖୋଲିଥିବା ଦୋକାନୀମାନେ ବହୁଳ ଭାବରେ ପଲିଥିନ, ବାରୁଦ ଥର୍ମକୁଲ, ଅଦରକାରୀ ବାଣ ସମେତ ଅନ୍ୟ ଅଳିଆ ଇତ୍ୟାଦି ଏହି ପଡ଼ିଆରେ ବିକ୍ଷିପ୍ତ ଭାବେ ପକାଇଥିଲେ। ଫଳରେ ଏହି ଜରି ଏବଂ ଅନ୍ୟ ଅଳିଆ ପବନରେ ଉଡ଼ି ପରିବେଶ ଖରାପ କରିବା ସହ ନିକଟରେ ଥିବା ସ୍କୁଲ ଭିତରକୁ ପଶୁଛି। କେତେକ ଗୋରୁ ଏହି ପଡ଼ିଆରେ ଚରୁଥିବାର ଦେଖିବାକୁ ମିଳିଥିବା ବେଳେ ବାରୁଦ ମିଶା ଘାସ ଖାଇ ରୋଗର ଶିକାର ହୋଇପାରନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍କୁଲ ପରିଚାଳନା କମିଟି ଓ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିବା ସହ ପଡ଼ିଆ ସଫା ଦିଗରେ ପୌର ପ୍ରଶାସନ ଉଦ୍ୟମ କରିବାକୁ ଦାବି କରିଛନ୍ତି। ବିଗତ ଦିନରେ ଏହି ବିଦ୍ୟାଳୟର ଖେଳ ପଡ଼ିଆରେ ବିଭିନ୍ନ ସଭାସମିତି ସମେତ ଏକାଧିକ କାର୍ଯ୍ୟରେ ପ୍ରଶାସନ ପକ୍ଷରୁ ବ୍ୟବହାର କରାଯାଇଥାଏ। ମାତ୍ର ସଭା ସମିତି ସରିବା ପରେ ଏହିପରି ଭାବେ ଆବର୍ଜନା ପଡ଼ିଆରେ ଗଦାହୋଇ ରହିଥାଏ। ଅନେକ ଥର ପରିଚାଳନା କମିଟି ସଦସ୍ୟ ଓ କେତେଜଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାମାନେ ମିଶି ପଡ଼ିଆରୁ ଅଳିଆ ସଫା କରାଇଛନ୍ତି। ତେବେ ସ୍ଥାନୀୟ ପ୍ରଶାସନର ଏପରି କାର୍ଯ୍ୟକୁ ଜନସାଧାରଣ ଓ ସ୍କୁଲ ପରିଚାଳନା କମିଟି ଦୃଢ଼ ନିନ୍ଦା କରିବା ସହ ସ୍କୁଲ ଛାତ୍ରୀଛାତ୍ର ସୁରକ୍ଷାକୁ ଦୃଷ୍ଟିରେ ରଖି ଭବିଷ୍ୟତରେ ବିଦ୍ୟାଳୟ ଖେଳ ପଡ଼ିଆରେ ଏପରି କୌଣସି ଅନୁମତି ନ ଦେବାକୁ ଜିଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

# ୯ବର୍ଷ ବିତିଲା ସୂଚନା ଫଳକରେ ଅଟକିଛି ଯାତ୍ରୀ ସୁବିଧା କେନ୍ଦ୍ର

## ପର୍ଯ୍ୟଟନ ପୀଠ ରାମାଶ୍ରମ ହନୁମନ୍ତପ୍ରସାଦ

ଖଣ୍ଡପଡ଼ା/ଭାପୁର,୪।୧୧ (ଅଜୟ କୁମାର ମହାରଣା/ ଭରତ ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଅଧୀନ କେନ୍ଦୁପଲ୍ଲୀ ପଞ୍ଚାୟତର ହନୁମନ୍ତପ୍ରସାଦ ପର୍ଯ୍ୟଟନ ପୀଠର ଭିତ୍ତିଭୂମିର ବିକାଶ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରାୟ ୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଦୀର୍ଘ ୯ବର୍ଷ ପରେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡ଼ିଛି। ରାଜପଥ କଡ଼ରେ ହନୁମନ୍ତପ୍ରସାଦକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଥିବା ଏକ ସୂଚନା ଫଳକ କାମ ଅଟକି ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ତତ୍କାଳୀନ ବିଜେଡି ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟଟନ ପୀଠଗୁଡ଼ିକର ଭିତ୍ତିଭୂମିର ବିକାଶ ତଥା ଉନ୍ନତୀକରଣ ନିମନ୍ତେ ଯୋଜନାମାନ ପ୍ରସ୍ତୁତ କରିଥିଲେ। ଏହି କ୍ରମରେ ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ରହିଥିବା ପଦ୍ମାବତୀ(ବର୍ତ୍ତମାନ କେନ୍ଦୁପଲ୍ଲୀ) ପଞ୍ଚାୟତର ରାମାଶ୍ରମ ହନୁମନ୍ତପ୍ରସାଦ, ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ପୀଠ, ଖଣ୍ଡପଡ଼ା ବ୍ଲକର ଯୋଗୀଯୋଗିଆଣୀ ବୌଦ୍ଧପୀଠ ଓ ପଠାଣି ସାମନ୍ତ ବ୍ୟାଖ୍ୟାନ କେନ୍ଦ୍ର ପ୍ରଭୃତି ଭିତ୍ତିଭୂମିର ବିକାଶ ତଥା ଉନ୍ନତି ନିମନ୍ତେ ସମ୍ପୃକ୍ତ ସ୍ଥାନଗୁଡ଼ିକରେ ଯାତ୍ରୀ ସୁବିଧା କେନ୍ଦ୍ର ନିର୍ମାଣ କରିବାକୁ ତତ୍କାଳୀନ ରାଜ୍ୟ ସରକାର ଯଥାକ୍ରମେ ୪୭ ଲକ୍ଷ, ୩୫ ଲକ୍ଷ, ୧୨ ଲକ୍ଷ ଓ ୩୫ ଲକ୍ଷ ଏପରି ୧ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟ ବରାଦ କରି ଅର୍ଥ ମଞ୍ଜୁର କରିଥିଲେ। ଉପରୋକ୍ତ ପର୍ଯ୍ୟଟନସ୍ଥଳଗୁଡ଼ିକରେ ପୃଥକ୍ ଭାବେ ୨୦୧୫ ଏପ୍ରିଲ ୧୨ରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ରୂପେ ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ସମ୍ପୃକ୍ତ ପୀଠରେ ଯାତ୍ରୀ ସୁବିଧା କେନ୍ଦ୍ର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଖଣ୍ଡପଡ଼ା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଉଦ୍ୟମକ୍ରମେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳଗୁଡ଼ିକର ଉନ୍ନତୀକରଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା। ସାରା ରାଜ୍ୟରେ ପର୍ଯ୍ୟଟନସ୍ଥଳଗୁଡ଼ିକର ଭିତ୍ତିଭୂମିର ବିକାଶ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦୦ କୋଟି ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର ହୋଇଥିବା ସମ୍ପର୍କରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ପଣ୍ଡା ସୂଚନା ଦେଇଥିଲେ। ଭାପୁର ବ୍ଲକ୍‌ର ହନୁମନ୍ତପ୍ରସାଦଠାରେ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ଏହାଛଡ଼ା ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ପୀଠରେ ରୋପୱେର ଆବଶ୍ୟକତା ଥିବାରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ସୂଚନା ଦେଇଥିଲେ। ପର୍ଯ୍ୟଟକମାନଙ୍କର ସୁବିଧା ଦୃଷ୍ଟିରୁ ଗୋକୁଳାନନ୍ଦ ପୀଠ ପରିସରରେ, ଯୋଗୀଯୋଗୀଆଣି ପୀଠଠାରେ ଓ ଖଣ୍ଡପଡ଼ାସ୍ଥିତ ପଠାଣି ସାମନ୍ତ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଏହି ସବୁ ଯାତ୍ରୀ ସୁବିଧା କେନ୍ଦ୍ର ସମ୍ପନ୍ନ ହୋଇଯାଇଥିବାବେଳେ ହନୁମନ୍ତପ୍ରସାଦ ରାମାଶ୍ରମ ପୀଠରେ ଏଯାବତ ଏହି ସୁବିଧା କେନ୍ଦ୍ର ନିର୍ମାଣ ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ତତ୍କାଳୀନ ମନ୍ତ୍ରୀଙ୍କ ଘୋଷଣା ଘୋଷଣାରେ ରହିଯାଇଥିବା ସାଧାରଣରେ ଆଲୋଚନା ହେଉଛି। ରାସ୍ତାକଡ଼ରେ ଥିବା ସୁବିଧା କେନ୍ଦ୍ରର ସୂଚନା ଫଳକକୁ ଦେଖି ପଥଚାରୀ ଅବା ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରୁଥିବା ଜଣାଯାଇଛି। ଏ ଦିଗରେ ବର୍ତ୍ତମାନର ଭାଜପା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



ରାଜପଥ କଡ଼ରେ ଥିବା ଯାତ୍ରୀ ସୁବିଧା କେନ୍ଦ୍ର ସୂଚନା ଫଳକ।

# ହନୁମାନ ମନ୍ଦିର ସମ୍ମୁଖରୁ ବାଇକ ଚୋରି

ଖଣ୍ଡପଡ଼ା,୪।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅନ୍ତର୍ଗତ ଖଳିସାହି ତୋଟା ହନୁମାନ ମନ୍ଦିର ସମ୍ମୁଖରୁ କେହି ଦୁର୍ବୃତ୍ତ ସୋମବାର ଏକ ବାଇକ୍ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଖଣ୍ଡପଡ଼ା ସହରର ମଙ୍ଗଳାସାହି ବାସିନ୍ଦା ଗୋପୀନାଥ ବେହେରା ବାଇକ୍ ଯୋଗେ ଖଳିସାହି ତୋଟା ହନୁମାନ ମନ୍ଦିରକୁ ସକାଳ ୮ଟାରେ ଯାଇଥିଲେ। ମନ୍ଦିର ସମ୍ମୁଖରେ ବାଇକ୍ ରଖି ସେ ମନ୍ଦିର ଭିତରକୁ ବିଗ୍ରହଙ୍କୁ ଦର୍ଶନ କରିବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କର ବାଇକ୍‌ଟିକୁ ଚୋରି କରି ନେଇଛି। ଅଭିଯୋଗ ଆଧାରରେ ଖଣ୍ଡପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କଠାରୁ ପ୍ରକାଶ। ସୂଚନାଯୋଗ୍ୟ କିଛି ମାସ ବ୍ୟବଧାନରେ ଖଣ୍ଡପଡ଼ା ଓ ଖଳିସାହି ଅଞ୍ଚଳରେ ପୁଣି ବାଇକ୍ ଚୋରି ର୍‍ୟାକେଟ ସକ୍ରିୟ ହୋଇ ଉଠିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଜେଡି ଜନସମ୍ପର୍କ ପଦଯାତ୍ରା ଲାଗି ପ୍ରସ୍ତୁତି ବୈଠକ


ବୈଠକରେ ଯୋଗ ଦେଇଥିବା ନେତା ଓ କର୍ମକର୍ତ୍ତାମାନେ।

ଖଣ୍ଡପଡ଼ା,୪।୧୧(ଅଜୟ କୁମାର ମହାରଣା)

ଆସନ୍ତା ୧୦ ତାରିଖରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ ଖଣ୍ଡପଡ଼ା ପୂର୍ତ୍ତବିଭାଗ ଡ଼ାକବଙ୍ଗଳା ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବିଜେଡି ସଭାପତି ବିଜୟ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ଯଥାକ୍ରମେ ଶିଶିର କୁମାର ସାହୁ ଏବଂ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ବିଜେଡିର ଜନସମ୍ପର୍କ ପଦଯାତ୍ରା ଖଣ୍ଡପଡ଼ା ସହର ପରିକ୍ରମା କରିବା ଅବସରରେ ସମସ୍ତ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ସଙ୍ଗଠକମାନେ ଏକ ହୋଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ବୈଠକରେ ସ୍ଥିରୀକୃତ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଜିଲାପରିଷଦ ସଦସ୍ୟ ଧର୍ମେନ୍ଦ୍ର କୁମାର ଧଳ, ଭାପୁର ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଖଣ୍ଡପଡ଼ା ଏନ୍ଏସି ଉପାଧ୍ୟକ୍ଷ ମିହିର କୁମାର ମିଶ୍ର, ବରିଷ୍ଠ ଉପଦେଷ୍ଟା ମଧୁସୂଦନ ରଥ, ଆମ୍ବ କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ପଦଯାତ୍ରାକୁ ସଫଳ କରାଇବାକୁ ଦୃଢ଼ ନିଷ୍ପତି ନେଇଥିଲେ। ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରୁ ପଦଯାତ୍ରା ବାହାରି ଖଣ୍ଡପଡ଼ା ସହର ପରିକ୍ରମା କରିବା ଅବସରରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

# ବିଇଓଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ନୂଆଗାଁ ୪।୧୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ପ୍ରଶାନ୍ତ କୁମାର ସାହୁ ୨୦୨୩ ଅଗଷ୍ଟ ୭ରେ ନୂଆଗାଁରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ପୂର୍ବରୁ ସେ ୧୯୮୮ମସିହାରେ ଜରିପାଟଣା ଡମିଦେଇ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରିଥିଲେ। ପରେ ସେ ଦଶପଲ୍ଲାରେ ବିଦ୍ୟାଳୟ ନିରୀକ୍ଷକ ଭାବେ ୫ବର୍ଷ ଏବଂ ଗଣିଆ ବ୍ଲକରେ ଏବିଇଓ ଭାବେ ୬ବର୍ଷ କାର୍ଯ୍ୟ କରିଥିଲେ। ବିଇଓ ସାହୁଙ୍କ ଅବସର ପରେ ନୂଆଗାଁ ବ୍ଲକ ଶିକ୍ଷକ ସଂଘ ଓ ଶିକ୍ଷା କର୍ମଚାରୀଙ୍କ ଦ୍ୱାରା ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୋସ୍ନାରାଣୀ ସେଠୀ, କବିତା ଦାଶ, ବେରୁଆଁବାରୀ ଜିପି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଲୋକନାଥ ପଣ୍ଡା, ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ମିଶ୍ରଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ, ସିଆର୍‌ସିସି, ସଂଘୀୟ କର୍ମକର୍ତ୍ତା ଏବଂ ଶିକ୍ଷା ବିଭାଗ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସମ୍ପଡ଼ା ଚିନ୍ତାମଣି ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ବିନାୟକ ପରିଡ଼ା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି, କର୍ମକର୍ତ୍ତା।

# କୋଟଗଡ଼ରେ ଅବାଧରେ ଚାଲିଛି ମଦ ବ୍ୟବସାୟ


ଅତିରିକ୍ତଜିଲାପାଳଙ୍କୁ କୋଟଗଡ଼ର ମହିଳାମାନେ ମଦ ବିକ୍ରି ବନ୍ଦ ପାଇଁ ଅଭିଯୋଗ କରୁଛନ୍ତି।

ନୟାଗଡ଼,୪।୧୧(ଲୋକନାଥ ମିଶ୍ର)

- କାର୍ଯ୍ୟାନୁଷ୍ଠାନ ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଫେରାଦ୍ ହେଲେ ମହିଳା
- ପୋଲିସ୍, ଅବକାରୀବିଭାଗର ଜ୍ଞାତ ସାରରେ ଚାଲିଛି ବିକ୍ରି

ନୟାଗଡ଼ ପୋଲିସ ଜିଲା ରଣପୁର ଥାନା କୋଟଗଡ଼ ଗାଁରେ ଦେଶୀ ମଦର ଅବାଧ କାରବାର ଚାଲିଛି। ବେଆଇନ ମଦକୁ ବନ୍ଦ କରିବାକୁ ଗାଁର ମହିଳାମାନେ ବାରମ୍ବାର ଚେଷ୍ଟା କରୁଥିଲେ ମଧ୍ୟ ସୁଫଳ ମିଳୁନି। ପୋଲିସ ଓ ଅବକାରୀ ବିଭାଗର ଜ୍ଞାତ ସାରରେ ମଦ ବିକ୍ରି ଯୋଗୁ ଚଢ଼ାଉ ହେଉ ନ ଥିବା ମହିଳାମାନେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ମହିଳାଙ୍କର ଅଭିଯୋଗ ଅନୁସାରେ ଗାଁରେ ୪ଜଣ ମଦ ବିକ୍ରି କରୁଛନ୍ତି। ମଦ ବ୍ୟବସାୟୀଙ୍କ ନାଁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ମଦ ଯୋଗୁ ଗାଁରେ ଅଶାନ୍ତକର ପରିବେଶ ସୃଷ୍ଟି ହେଉଛନ୍ତି। ଘରେ ପ୍ରତିଦିନ ଗଣ୍ଡଗୋଳ ଓ ମାରପିଟ୍ ହେଉଛି। ବେଆଇନ ମଦ କାରବାରକୁ ବନ୍ଦ କରିବାକୁ ଶେଷରେ ଜିଲାପାଳଙ୍କୁ ଭେଟି ଫୋରଦ୍ ଦେବାକୁ ଗାଁର ମହିଳାମାନେ ନିଷ୍ପତ୍ତି ନେଇଥିଲେ। ଏଣୁ ନୟାଗଡ଼ଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସିଥିଲେ। ସ୍ମାରକପତ୍ର ଲେଖିବାରେ ବିଳମ୍ବ କାରଣରୁ ଅଭିଯୋଗ କରି ପାରି ନ ଥିଲେ। ଶେଶରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ମଦ କାରବାରକୁ ବନ୍ଦ କରିବାକୁ ନିବେଦନ କରିଛନ୍ତି। ଏ ନେଇ ଅତିରକ୍ତ ଜିଲାପାଳ ଦିଲୀପ କୁମାର ବଳ କୁହନ୍ତି, କୋଟଗଡ଼ରେ ମଦ ବିକ୍ରି ନେଇ ଅଭିଯୋଗ ମିଳିଛି। ବେଆଇନ ମଦ ବିକ୍ରିକୁ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

# ସର୍କିଟ ହାଉସ୍‌ରେ ଶାଗୁଆନ ଗଛକଟାକୁ ବିରୋଧ

ନୟାଗଡ଼,୪।୧୧(ଲୋକନାଥ ମିଶ୍ର)

ନୟାଗଡ଼ ସର୍କିଟ ହାଉସ୍‌ରେ ଶାଗୁଆନ ଗଛ କଟାକୁ ନେଇ ବିରୋଧ କରାଯାଇଛି। ଜଣେ ଅଧିକାରୀ ଗଛ କାଟି ନେଇଯିବାକୁ ଉଦ୍ୟମ କରିଥିବା ଜଣାପଡ଼ିବା ପରେ ପ୍ରତିବାଦ ଉଠିଛି। କିଏ ସେହି ଅଧିକାରୀ, କାହିଁକି ଗଛ କାଟିଲେ ବୋଲି ପ୍ରଶ୍ନ ଉଠିଛି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ତେବେ ଗଛ କଟାକୁ ନେଇ ଅନୁମତି ନିଆଯାଇଛି। କିନ୍ତୁ ଏହା ପରେ ଆଉ କିଛି ପଦକ୍ଷେପ ବନ ବିଭାଗ ପକ୍ଷରୁ ନିଆଯାଇ ନ ଥିବା ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳ କହିଛନ୍ତି।


ସର୍କିଟ ହାଉସ୍‌ରେ କଟାଯାଇଥିବା ଶାଗୁଆନ ଗଛ।

# ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ନୟାଗଡ଼,୪।୧୧(ଲୋକନାଥ ମିଶ୍ର)

ଶରଣପୁଳ ଥାନା ଅଞ୍ଚଳରେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତକ ହେଲେ ଗଣେଶ ସ୍ୱାଇଁ(୧୧)। ଗାଁ ଶିବ ପୋଖରୀକୁ ପୂର୍ବାହ୍ନ ପ୍ରାୟ ୧୦ଟାରେ ସାଇକେଲ ଧରି ସ୍ନାନ କରିବାକୁ ଆସିଥିଲେ। ଫେରିବାରେ ବିଳମ୍ବ ଯୋଗୁ ଖୋଜାଖୋଜି କରାଯାଇଥିଲା। ତେବେ ପୋଖରୀ ପାଖରେ ସାଇକେଲ ଓ ପ୍ୟାଣ୍ଟ ସାର୍ଟ ରହିଥିବା ଦେଖି ପୋଖରୀ ଖୋଜା ଯାଇଥିଲା। ପରେ ପୋଖରୀରୁ ମୃତଦେହ ଉଦ୍ଧାର ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ (୧୭/୨୪) ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବୃଉଙ୍ଗ ସେତୁ ନିକଟରେ ଓଲଟିଲା ଅଟୋ

## ଅଳ୍ପକେ ବର୍ତ୍ତିଗଲେ ଚାଳକ

ଗଣିଆ, ୪।୧୧ (ସନ୍ତୋଷ କୁମାର ପ୍ରଧାନ)



ଗଣିଆ-ଛାମୁଣ୍ଡିଆ ରାସ୍ତାର ବୃଉଙ୍ଗ ସେତୁ ନିକଟସ୍ଥ ରାସ୍ତା ଉପରୁ ପ୍ରାୟ ୨୦ ଫୁଟ ତଳକୁ ଏକ ଅଟୋ ଓଲଟି ପଡ଼ିଛି। ତେବେ ଅଟୋ ଚାଳକ ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ସାମାନ୍ୟ ଆହତ ହୋଇଛନ୍ତି। ସେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚିକିତ୍ସା ପରେ ଘରକୁ ଫେରି ଯାଇଥିବା ଜଣାପଡ଼ିଛି। ରବିବାର ରାତ୍ରୀ ୯ଟାରେ ନଂ. ଓଡି ୧୯ ୱାଇ ୬୩୩୦ ଅଟୋଟି ଗଣିଆରୁ ଆସୁଥିବା ବେଳେ କେବଳ ଚାଳକ ଜଣଙ୍କ ଗାଡ଼ି ଚଳାଉ ଥିଲେ। ତେବେ ଦ୍ରୁତଗତିରେ ଆସୁଥିବା ଅଟୋଟି ହଠାତ ସେତୁ ପରେ ପରେ ଭରସାମ୍ୟ ହରାଇ ରାସ୍ତାଠାରୁ ୨୦ ଫୁଟ ତଳକୁ ଖସିପଡ଼ିଥିଲା। ରାସ୍ତାରେ ଯାତାୟାତ କରୁଥିବା କେତେଜଣ ଲୋକ ଆମ୍ବୁଲାନ୍ସ ଯୋଗେ ଅଟୋ ଚାଳକଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ।

# ଫାଇନାଲରେ ଦୀପୁ କିଙ୍ଗସ, ଇସାନ ରୟାଲସ

## ପ୍ରିମିୟର ଲିଗ୍ କ୍ରିକେଟ

ଖଣ୍ଡପଡା, ୪।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସାଇକୃପା କେପିଏଲ କମିଟି ପକ୍ଷରୁ ଅକ୍ଟୋବର ୨୦ଠାରୁ ସ୍ଥାନୀୟ ପଲଟନ ପଡ଼ିଆରେ ଆରମ୍ଭ ହୋଇଥିବା ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ୧୪ତମ ଦିବସ। ପ୍ରଥମ ପର୍ଯ୍ୟାୟରେ ଥଣ୍ଡର ବାଲୁଙ୍କେଶ୍ୱର ଓ ଦିପୁ କିଙ୍ଗସ ମଧ୍ୟରେ ମୁକାବିଲା ହୋଇଥିଲା। ଦୀପୁ କିଙ୍ଗସ ଥଣ୍ଡର ବାଲୁଙ୍କେଶ୍ୱରକୁ ହରାଇ ବିଜୟୀ ହୋଇଛି। ଥଣ୍ଡର ବାଲୁଙ୍କେଶ୍ୱର ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୦ ଓଭରରେ ୮ଉଇକେଟ ବିନିମୟରେ ୬୧ ରନ ସଂଗ୍ରହ କରିଥିଲା। ଜବାବରେ ଦିପୁ କିଙ୍ଗସ ୪ ଓଭରରେ କୌଣସି ଉଇକେଟ ନ ହରାଇ ୬୩ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିଜୟୀ ଦୀପୁ କିଙ୍ଗ ଦଳର ଶୁଭମ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚନ୍ଦନ ଦଳେଇ ଓ ଅଶୋକ ବାରିକ ଖେଳକୁ ପରିଚାଳନା କରିଥିଲେ।

୨ୟ ପର୍ଯ୍ୟାୟରେ ଇସାନ ରୟାଲ ଓ ଶତପଥୀ ଲାୟନସ ମଧ୍ୟରେ ମୁକାବିଲା ହୋଇଥିଲା। ଇସାନ ରୟାଲ ବ୍ୟାଟିଂ ଆରମ୍ଭ କରି ୧୦ ଓଭରରେ ୯ ଉଇକେଟ ହରାଇ ୭୦ ରନ ସଂଗ୍ରହ କରିଥିଲା। ଜବାବରେ ଶତପଥୀ ଲାୟନସ ୧୦ ଓଭରରେ ୭ଟି ଉଇକେଟ ବିନିମୟରେ ମାତ୍ର ୪୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଇସାନ ଦଳର ଲିଟୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚନ୍ଦନ ଦଳାଇ ଓ ଅଶୋକ ବାରିକ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ସରପଞ୍ଚ ରାଜ କିଶୋର ରାଉତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ୩ୟ ପର୍ଯ୍ୟାୟ ମ୍ୟାଚରେ ଇସାନ ରୟାଲସ ଓ ଥଣ୍ଡର ବାଲୁଙ୍କେଶ୍ୱର ମଧ୍ୟରେ ମୁକାବିଲା ହୋଇଥିଲା।

ପ୍ରଥମେ ଇସାନ ରୟାଲସ ବ୍ୟାଟିଂ ଆରମ୍ଭ କରି ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ଥଣ୍ଡର ବାଲୁଙ୍କେଶ୍ୱର ଦଳ ୧୦ ଓଭରରେ ୬ ଉଇକେଟ ହରାଇ ମାତ୍ର ୮୭ ରନ କରି ପରାଜିତ ହୋଇଥିଲା। ବିଜୟୀ ଇସାନ ରୟାଲସ ଦଳର ଲିଟୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଇସାନ ରୟାଲ ଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଛି। ଅଶୋକ କୁମାର ବାରିକ ଓ ଶିବ ନାରାୟଣ ସାହୁ ଖେଳକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଅଧ୍ୟାପକ ନିରୋଦ କୁମାର ମନ୍ତ୍ରୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବୁଧବାର ଫାଇନାଲ ମ୍ୟାଚରେ ଦୀପୁ କିଙ୍ଗସ ଓ ଇସାନ ରୟାଲସ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ ପରିଚାଳକ ସରୋଜ କୁମାର ମହାରଣାଙ୍କଠାରୁ ପ୍ରକାଶ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ପରୀକ୍ଷା

ଖଣ୍ଡପଡ଼ା, ୪।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ଦିବସ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରମାନଙ୍କୁ ଆସନ୍ତା ୮ ତାରିଖରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଦିବସ ପାଳନ ଅବସରରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ଆଇନଜୀବୀ ହରିଶ୍ଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ର, ଭବାନୀ ଶଙ୍କର ମହାନ୍ତି, ସମ୍ବିତ ଭୂଷଣ ସେନାପତି, ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ।


ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀ।

# ବ୍ୟାସନଗରରେ ମା' କାଳୀଙ୍କ ପୂଜା


ସଦାବ୍ରତ ମଠ ଭିଜିପୁର ।


ଦଳା ଛକ ଶ୍ୟାମାକାଳୀ ପୂଜା କମିଟି ।


ଷ୍ଟିଲ୍ ସିଟି କାଳୀପୂଜା କମିଟି ।


ଷ୍ଟିଲ୍ ସିଟି କାଳୀପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ ।


ନହକା ବାଇପାସ୍ କାଳୀପୂଜା କମିଟି

# ଧାନକିଣା: ୨୨.୭୮% ସିଏସ୍‌ସି ସକ୍ରିୟ

ଯାଜପୁର,୪।୧୧(ହର୍ଷବର୍ଦ୍ଧନ ବେହେରା)

କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟରତ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ଗୁଡ଼ିକ ମଧ୍ୟରୁ ଅଧିକାଂଶ ଦୁର୍ନୀତିରେ ବୁଡ଼ି ରହିଛି। ଏହି ଦୁର୍ନୀତିରେ ପ୍ରଭାବିତ ଚାଷୀକୁଳ ବିଭିନ୍ନ ସମୟରେ ଅଭିଯୋଗ କରିଆସୁଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ତଦନ୍ତ ନିର୍ଦ୍ଦେଶର ସାଲିସ ହୋଇ ଆସୁଥିବା ନଜିର ରହିଛି। ଏପରି କି ତଦନ୍ତ ନିର୍ଦ୍ଦେଶ ପରେ ପ୍ରାୟ ୨ରୁ ୩ ମାସ ପର୍ଯ୍ୟନ୍ତ କାଗଜପତ୍ର ସୁଧାରିବାକୁ ସୁଯୋଗ ଦିଆଯାଉଛି। ଫଳରେ ଦୁର୍ନୀତିର ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ନ ପାରି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀମାନେ ମୁକୁଳି ଯାଉଛନ୍ତି। ଏହାଦ୍ୱାରା ଚାଷୀଙ୍କ ଜମିପଟ୍ଟାରେ ମିଥ୍ୟା ଚିଠା ପ୍ରସ୍ତୁତ କରି ଧାନକିଣାରେ ଭେଣ୍ଡର ରସିଦ ଜାଲିଆତି କରି ହେରଫେର ହେଉଥିବା ପୂର୍ବରୁ ଅନେକ ଉଦାହରଣ ରହିଛି। ଏହାବାଦ୍ ଚାଷୀମାନଙ୍କୁ ଚାଷ ଆରମ୍ଭରେ ଋଣ ପ୍ରଦାନରେ ମଧ୍ୟ ଅନେକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି। ଏହିସବୁ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟରୁ ପାକ୍ସଗୁଡ଼ିକରେ କମନ ସର୍ଭିସ ସେଣ୍ଟର(ସିଏସ୍‌ସି) ଲାଗୁ କରିଛନ୍ତି। ଏହା ଜନସେବା କେନ୍ଦ୍ର ଭଳି

## ଚାଷୀଙ୍କୁ ସହଯୋଗ ମିଳିବା ନେଇ ପ୍ରଶ୍ନବାଚୀ

ଚାଷୀଙ୍କୁ ସମସ୍ତ ପ୍ରକାର ସହଯୋଗ କରିବାକୁ ଲକ୍ଷ୍ୟ ରହିଛି। ଚଳିତ ଧାନକିଣା ବର୍ଷ ଆରମ୍ଭ ହେବା ପୂର୍ବରୁ ତଥା ୬।୧୦।୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ୨୬୩୮ ପାକ୍ସ ମଧ୍ୟରୁ ୧୯୩୪ ପାକ୍ସରେ ସିଏସ୍‌ସି ସକ୍ରିୟ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ବିଡ଼ମ୍ବନା ଯେ, ୨୧।୧୦।୨୦୨୪ ସୁଦ୍ଧା ମାତ୍ର ୬୦୧ ପାକ୍ସରେ ସିଏସ୍‌ସି ସକ୍ରିୟ କରାଯାଇଛି, ଯାହାକି ମାତ୍ର ୨୨.୭୮ ପ୍ରତିଶତ। ଏଥିରୁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ କେତେଦୂର ସଫଳ ହୋଇଛି ତାହା ସହଜେ ଅନୁମେୟ ବୋଲି ମତପ୍ରକାଶ ପାଇଛି।

ଚଳିତ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆସନ୍ତା ୨୧ ତାରିଖରୁ ଆରମ୍ଭ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହିକ୍ରମରେ ପଞ୍ଜୀକରଣ, ଟୋକନ ବ୍ୟବସ୍ଥା, ବ୍ୟାଙ୍କିଂ ସୁବିଧା, ଋଣ ଇତ୍ୟାଦି କାର୍ଯ୍ୟରେ ଚାଷୀଙ୍କୁ ସହଯୋଗ ଯୋଗାଇଦେବାକୁ ସିଏସ୍‌ସିର ଲକ୍ଷ୍ୟ ରହିଛି। ଏଥିରେ ଗୋଟିଏ କମ୍ପ୍ୟୁଟର ସେଟ୍ ସହିତ ଜଣେ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସମବାୟ ସମିତିର ନିବନ୍ଧକଙ୍କ କାର୍ଯ୍ୟାଳୟରୁ ଏଥିପାଇଁ ୧୮।୯।୨୦୨୪ ଏବଂ ୨୫।୯।୨୦୨୪ରେ ସମସ୍ତ


OFFICE OF THE REGISTRAR OF COOPERTIVE SOCIETIES:
ODISHA: BHUBANESWAR.
Letter No: RCSO-EGOV-MISC-0004-2024 17802 Dated: 4/11/24

From,
Sri Priyabrata Panda, OCS-I
Sr. Assistant Registrar of CS, Credit-I

To,
All Divisional DRCSs
All Circle Sr. ARCSs/ ARCSs

Sub: On boarding status of PACS/LAMPCS as Common Service Centers (CSCs)

Ref: Letter No. 15698, dated 18.09.2024 & Letter No. 16089, dated 25.09.2024 Of This Directorate

Madam/Sir,

With reference to the subject cited above, I am directed to inform you that, as per the guideline issued by GOI, all the computerized PACS/LAMPCS to be on-boarded and functioning as CSC. All the Divisional DRCSs/ Circle Sr. ARCSs and ARCSs were instructed to achieve the target by 06.10.2024.

As per the status received from CSC-SPV on 21.10.2024, it is observed that till now only **601** no. of PACS/LAMPCS across the state are functioning as CSC, which is just **22.78 %**.

As this is one of the important initiatives of GOI, you are once again requested to take necessary steps for achieving the target by **30.11.2024** positively, failing which necessary action deemed proper will be initiated against the delinquents.

You are also requested to share the following information immediately for onward transmission of the same to the higher quarter(s)

i. any issues / challenges if PACS/LAMPCS are facing in functioning as CSC.
ii. success story of good performing CSC PACS (Services offered, Changes CSC has brought in their profit levels and lives, dedicated staff for operating CSC, Trainings done, other best practices and good pictures)

Yours faithfully,
04.11.24
Sr. Assistant Registrar of CS, Credit-I

Memo No. 17803 Date 4/11/24
Copy submitted to the Joint Secretary to Govt., Cooperation Department, Odisha for information.
04.11.24
Sr. Assistant Registrar of CS, Credit-I

ଡିଆରସିଏସ୍ ଓ ଏଆରସିଏସ୍‌ମାନଙ୍କୁ ନିର୍ଦ୍ଧାରିତ ସମୟ ଅବଧି ପୂର୍ବରୁ ସିଏସ୍‌ସି ସକ୍ରିୟ କରିବାକୁ ନିର୍ଦ୍ଦେଶ ହୋଇଥିଲା। ମିଳିଥିବା ତଥ୍ୟ ଅନୁସାରେ ସମ୍ବଲପୁର, ରାୟଗଡା ଓ ମାଲକାନଗିରି ଜିଲାରେ ଶତପ୍ରତିଶତ ପାକ୍ସଗୁଡ଼ିକରେ ସିଏସ୍‌ସି ସକ୍ରିୟ କରାଯାଇଛି। କିନ୍ତୁ ନବରଙ୍ଗପୁର ଜିଲାରେ ୯୦.୯୧%, ସୁନ୍ଦରଗଡ ଜିଲାରେ ୮୪.୦୯%, ନୂଆପଡ଼ାରେ ୭୩.୯୧%, ମୟୂରଭଞ୍ଜରେ ୬୬.୬୭%, କୋରାପୁଟରେ ୬୦%, ବରଗଡ଼ରେ ୩୭.୭୪%, ବଲାଙ୍ଗୀରରେ ୩୬.୯୪%, ଝାରସୁଗୁଡ଼ାରେ ୩୫.୪୮%, କଳାହାଣ୍ଡିରେ ୩୦.୬୭%, ଗଞ୍ଜାମରେ ୨୫.୬୫%, ଜଗତ୍‌ସିଂହପୁରରେ ୨୫%, ବୌଦ୍ଧରେ ୨୪.୩୯%, ବାଲେଶ୍ୱରରେ ୨୧.୬୨%, ଅନୁଗୋଳରେ ୧୯.୪୨%, ଗଜପତିରେ ୧୮.୩୭%, କଟକରେ ୧୬.୮୩%, କେନ୍ଦୁଝରରେ ୧୬.୬୭%, କେନ୍ଦ୍ରାପଡ଼ାରେ ୧୫.୧୩%, ସୋନପୁରରେ ୧୪.୦୬%, କନ୍ଧମାଳରେ ୧୩.୬୪%, ଯାଜପୁରରେ ୧୩.୨୨%, ଢେଙ୍କାନାଳରେ ୧୧.୬୯%, ନୟାଗଡ଼ରେ ୬.୬୨%, ଭଦ୍ରକରେ ୪.୮୧%, ଦେବଗଡ଼ରେ ୨.୮୬%, ପୁରୀରେ ୨.୪୩%, ଖୋର୍ଦ୍ଧାରେ ୨.୨୧% ସିଏସ୍‌ସି ସକ୍ରିୟ କରାଯାଇଛି। ଏଭଳି ଅଗ୍ରଗତି ରିପୋର୍ଟ ଉପରେ ନିବନ୍ଧକଙ୍କ କାର୍ଯ୍ୟାଳୟରୁ ପୁଣି ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ପ୍ରିୟବ୍ରତ ପଣ୍ଡା ଆସନ୍ତା ୩୦।୧୧।୨୦୨୪ ସୁଦ୍ଧା ସମସ୍ତ ପାକ୍ସରେ ସିଏସ୍‌ସି ନିଶ୍ଚିତ ଭାବେ ସକ୍ରିୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଆଇନଗତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଶୀର୍ବାଦ


@ ବିଷ୍ଣୁ


@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଆଇନ ଗୋଚାଲାଣ, ୫ କୋର୍ଟ ଚାଲାଣ

ପାଣିକୋଇଲି,୪।୧୧ (ବିକାଶ କୁମାର ମଲିକ):

ବେଆଇନ ଗୋଚାଲାଣ ଅଭିଯୋଗରେ ପାଣିକୋଇଲି ପୋଲିସ ସୋମବାର ଗାଡ଼ି ଚାଳକଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ରବିବାର ସନ୍ତରାରୁ ଆନନ୍ଦପୁରକୁ ୪ ଗୋରୁ ଏକ ପିକଅପ୍ ଭ୍ୟାନରେ ଚାଲାଣ ହେଉଥିବା ବେଳେ ବ୍ୟାସନଗର ପୌରାଞ୍ଚଳ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ସନ୍ତରା ଗ୍ରାମବାସୀ ଅଟକାଇଥିଲେ । ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ପହଞ୍ଚି କାଗଜପତ୍ର ଯାଞ୍ଚ କରିଥିଲେ । ହେଲେ ଚାଳକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ୪ ଗୋରୁଙ୍କୁ ବ୍ୟାସନଗର ଗୋଶାଳାରେ ରଖାଯାଇଛି । ପିକଅପ୍ ଭ୍ୟାନ୍ ଓ ଏଥିରେ ସମ୍ପୃକ୍ତ ଗାଡ଼ି ଚାଳକ ସମେତ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚଲାଣ କରାଯାଇଛି । ସେମାନେ ହେଲେ ଯାଜପୁରରୋଡ ଥାନା ଅନ୍ତର୍ଗତ ପହଙ୍ଗା ଗ୍ରାମର ସମୀର ପ୍ରଧାନ (୩୭), ତରାପୁର ଗ୍ରାମର ଦୀପକ ରଣା(୨୬) ଓ କାଳିଆ ମଲିକ(୩୯) ଓ କଟକ ଜିଲା ବାଙ୍କି ଥାନା ଅନ୍ତର୍ଗତ ଉପରପଥପୁର ଗ୍ରାମର ସୁନିଲ ଗୋଚ୍ଛାୟତ ଓ ବ୍ରହ୍ମମୁନିଆ ଗ୍ରାମର ଟୁକୁ ନାୟକ । ଏ ନେଇ ଏକ ମାମଲା(ନଂ.୪୨୪/୨୪) ରୁଜୁହୋଇଛି।

# ତାତନାରେ କାଳୀ ପୂଜା ଉତ୍ସବ



ପଟ୍ଟାମୁଣ୍ଡାଇ,୪।୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୮ନଂ. ୱାର୍ଡ ତାତନା ରାସ୍ତା ସ୍ମାର୍ଟ ପାର୍କ ନିକଟରେ ମା' କାଳୀଙ୍କ ପୂଜା ଉତ୍ସବ ସମାରୋହରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । କାଳୀ ପୂଜା ପାଇଁ ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ଦୂର ଦୁରାନ୍ତରେ ଥିବା ଗାଁ ଲୋକ ଘରକୁ ଆସି ପୂଜା ଉତ୍ସବର ମଜ୍ଜା ନେଇଥିଲେ। ୪ଦିନ ବ୍ୟାପି ଆୟୋଜିତ ଏହି ମହାର୍ଘ୍ୟ ପୂଜା ଉତ୍ସବରେ ପ୍ରତ୍ୟହ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବେଦଜ୍ଞ ବ୍ରାହ୍ମଣ ଓ ପୂଜକମାନେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କାଳୀ ପୂଜା କମିଟି ଓ ତାତନା ଗ୍ରାମବାସୀ ପରିଚାଳନା କରିଥିଲେ।

# ୧୩୫ ରାଜସ୍ୱ ଗ୍ରାମରେ ପାନୀୟ ଜଳ ପହଞ୍ଚିବ: ମନ୍ତ୍ରୀ ନାଏକ

- ଚାଟରା ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା
- ପ୍ରକଳ୍ପର ଅଗ୍ରଗତିରେ ମନ୍ଥରତା ପାଇଁ ଅସନ୍ତୋଷ ବ୍ୟକ୍ତ କଲେ
- ପ୍ରତି ଘରକୁ ପାଣି ଗଲେ ଜାଣିବ ପ୍ରକଳ୍ପ ଶେଷ

ପାଟକୁରା, ୪।୧୧ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ୍ ପାଟକୁରାର ଚାଟରାରେ ଜଳ ଜୀବନ ମିଶନ ପକ୍ଷରୁ ଆରମ୍ଭ ହୋଇଥିବା ମେଘା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା ସୋମବାର ଗସ୍ତକରି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ କରିଛନ୍ତି। ୨୦୨୨ ସେପ୍ଟେମ୍ବରରେ ଏହି ପ୍ରକଳ୍ପଟି ଆରମ୍ଭ ହୋଇଥିଲେ ମଧ୍ୟ ଠିକାଦାରଙ୍କ କଚ୍ଛପ ଗତି ଓ ନିମ୍ନମାନର କାର୍ଯ୍ୟ ଯୋଗୁ ମନ୍ତ୍ରୀ ନାଏକ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାଛଡ଼ା ଆମେ ଭାବୁ ଉପକୂଳ ଜିଲା ଉନ୍ନତ ବୋଲି ହେଲେ ପୂର୍ବ ଓଡ଼ିଶାର ଜନସାଧାରଣ


ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ବିଭାଗୀୟ ଅଧିକାରୀମାନେ ପ୍ରକଳ୍ପର ନକ୍ସା ଦେଖାଉଛନ୍ତି।

୨୪ ବର୍ଷ ଭିତରେ ପାନୀୟ ଜଳ ପାଇନାହାନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ଅତି ନିନ୍ଦନୀୟ କଥା। ତେବେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ୧ ଶହ କୋଟି ୭୨ ଲକ୍ଷ ଟଙ୍କା ୨୦୨୪ ଡିସେମ୍ବରରେ ଶେଷ ହେବ ବୋଲି ଏଗ୍ରିମେଣ୍ଟ ହୋଇଥିଲା। ହେଲେ ଅବଧି ମଧ୍ୟରେ କାମ ସରିବା ପାରିବ ନାହିଁ। ଏହି ପ୍ରକଳ୍ପ ୨୦୨୫ ରେ କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ଅଧିକାରୀ କହୁଥିବା ବେଳେ ଠିକାଦାର ୨୦୨୬ରେ ଶେଷ ହେବ ବୋଲି ସୂଚନା ଦେଇଛନ୍ତି। ଏହି ସୂଚନାକୁ ନେଇ ମନ୍ତ୍ରୀ ଉତ୍ତର ଦେଇ ଯେତେବେଳେ ଗରଦପୁର ବ୍ଲକ ୧୮ଟି ପଞ୍ଚାୟତର ପ୍ରତି ଘରକୁ ପାଣି ଯିବ ସେତେବେଳେ ପ୍ରକଳ୍ପ ଶେଷ ହେଲା ବୋଲି ଜାଣିବ ବୋଲି କହିଛନ୍ତି। ଏହାପରେ ବି ଯଦି ନିର୍ଦ୍ଦିଷ୍ଟ ସମୟରେ ନ ସରିବ ଠିକାଦାରଙ୍କୁ କଳାତାଲିକାଭୁକ୍ତ କରିଦେବେ ବୋଲି ତାଗିଦ କରିଛନ୍ତି। ତେବେ ଏହି ପ୍ରକଳ୍ପ ଶେଷ ହେଲେ ୧୩୫ଟି ରାଜସ୍ୱ ଗ୍ରାମ ସହ ୨୦୧୧ ଜନଗଣନା। ଅନୁଯାୟୀ ଅନ୍ୟୁନ ୯୧,୯୧୯ ଜନସାଧାରଣ ପାନୀୟ ଜଳ ପାଇବାକୁ ସମର୍ଥ ହୋଇପାରିବେ। ଅପରପକ୍ଷରେ ପାଟକୁରାର ଭାଜପା ନେତା ମାନସ ମହାନ୍ତିଙ୍କ ଗ୍ରାମରେ ଏହି ପ୍ରକଳ୍ପକୁ ଖୋଦ ବିଭାଗୀୟ ମନ୍ତ୍ରୀ ସମୀକ୍ଷା କରିବା ପାଇଁ ଆସୁଥିବାବେଳେ ମାନସ ଅନୁପସ୍ଥିତ ରହିବା ସହ ଭାଜପା ନେତା ଉମାକାନ୍ତ ପଟ୍ଟନାୟକ, ଭାଜପା ନେତ୍ରୀ ମନୀଷା ପଣ୍ଡା, କୃଷକ ମୋର୍ଚ୍ଚା ସଭାପତି ରଞ୍ଜିତ ଆଚାର୍ଯ୍ୟଙ୍କ ସମେତ ଜିଲା ଭାଜପା ସଭାପତିଙ୍କ ଅନୁପସ୍ଥିତିକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ଏଇଟା ବିଷୟ ନୁହେଁ, ମୁଁ ସରକାରୀ କାର୍ଯ୍ୟକ୍ରମରେ ଆସିଛି କହି ରାଗିଯାଇଥିଲେ। ଏହି କାର୍ଯ୍ୟକ୍ରମ ପରେ ମଧୁ ଗ୍ରାମର ଜଗନ୍ନାଥ ମନ୍ଦିର, ହରିହର କ୍ଷେତ୍ର ମାହଳର ଜଗନ୍ନାଥ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ଏହି ଅବସରରେ ପାଟକୁରା ଭାଜପା ନେତା ତେଜେଶ୍ୱର ପରିଡ଼ା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ନୂତନ ତହସିଲଦାର ତୃପ୍ତି ଦାସ, ଭାଜପା ନେତା ସଞ୍ଜୟ ରଥ, ଜିଲା ପରିଷଦ ସଭ୍ୟ ଡଲି ଶତପଥୀ, ବରିଷ୍ଠ ଭାଜପା ନେତା ବିକ୍ରମ ରାଉତରାୟ, ପ୍ରସନ୍ନ ପଣ୍ଡା, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ବିଜୟ ନାୟକ, ବିଜ୍ଞାନରତ୍ନ ସୂତାର, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସାହସିକତା ପୁରସ୍କାରରେ ଚଞ୍ଚକତା ଅଭିଯୋଗ

- ଉଦ୍ଧାର ନ କରି ସରୋଜ ହାତେଇଛନ୍ତି ପୁରସ୍କାର
- ପ୍ରକୃତ ଉଦ୍ଧାରକାରୀ ଦ୍ୱୟଙ୍କୁ ଅଣଦେଖା
- ତଦନ୍ତ ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଫେରାଦ୍
- ଖଣ୍ଡପଡ଼ା ବିଡିଓଙ୍କୁ ରିପୋର୍ଟ ତଲବ କଲେ ଅତିରିକ୍ତ ଜିଲାପାଳ
- ମହାନଦୀ ସ୍ରୋତରୁ ବଙ୍ଗୀୟ ପର୍ଯ୍ୟଟକ ଦମ୍ପତିଙ୍କୁ ଉଦ୍ଧାର ପ୍ରସଙ୍ଗ

**ନୟାଗଡ଼,୪।୧୧(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର କଣ୍ଟିଲୋ ମହାନଦୀ ସ୍ରୋତରୁ ବଙ୍ଗୀୟ ପର୍ଯ୍ୟଟକ ଦମ୍ପତିଙ୍କୁ ଉଦ୍ଧାର କରିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କଠାରୁ କଣ୍ଟିଲୋର ସରୋଜ କୁମାର ସାହୁ ସାହାସିକତା ପୁରସ୍କାର ପାଇବା ପରେ ଚଞ୍ଚକତା ଅଭିଯୋଗ ଉଠିଛି। ବଙ୍ଗୀୟ ଦମ୍ପତିଙ୍କୁ ସରୋଜ ଉଦ୍ଧାର ନ କରି ପୁରସ୍କାର ହାତେଇ ନେଇଥିବା ନୟାଗଡ଼ ଅତିରିକ୍ତ ଜିଲାପାଳଙ୍କଠାରେ କଣ୍ଟିଲୋର ବିଜୟ ନାୟକ ଓ ମିତୁ ନାୟକ ନିଜକୁ ଉଦ୍ଧାରକାରୀ ଦର୍ଶାଇ ସୋମବାର ଅଭିଯୋଗ କରିଛନ୍ତି। ପ୍ରକୃତ ଉଦ୍ଧାରକାରୀ ଦ୍ୱୟଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପରେ ନୟାଗଡ଼ ଅତିରିକ୍ତ ଜିଲାପାଳ ଖଣ୍ଡପଡ଼ା ବିଡିଓଙ୍କୁ ଏ ନେଇ କୈଫିଏତ ତଲବ କରିଥିବାବେଳେ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ପାଇଁ ସେପ୍ଟେମ୍ବର ୨୦ରେ ପଶ୍ଚିମବଙ୍ଗ ରାଜ୍ୟ କୋଲକତା ପୂର୍ବ ମେଦିନିପୁର ଅଞ୍ଚଳରୁ ଚନ୍ଦ୍ରକାନ୍ତ ମାଇତି(୫୬) ଓ ସ୍ତ୍ରୀ ବେଲା ମାଇତି (୫୨)ଙ୍କ ସହ ଅନ୍ୟ ପର୍ଯ୍ୟଟକ ଆସିଥିଲେ। କଣ୍ଟିଲୋର ମହିମା ଆଶ୍ରମ ସମ୍ମୁଖ ମହାନଦୀ ଘାଟକୁ ସ୍ନାନ ଶୌଚାଦି ଲାଗି ଦମ୍ପତିଙ୍କ ସହ ଅନ୍ୟ ପର୍ଯ୍ୟଟକ ଯାଇଥିଲେ। ପୂର୍ବାହ୍ନ ସାଢ଼େ ୯ଟାରେ ମହାବଦୀ ଘାଟରେ ସ୍ନାନ ଶୌଚାଦି କରୁଥିବାବେଳେ ପ୍ରଖର ସ୍ରୋତରେ କେବଳ ବଙ୍ଗୀୟ ଦମ୍ପତି ଭାସି ଯାଇଥିଲେ। ନିକଟରେ ସ୍ନାନ କରୁଥିବା କଣ୍ଟିଲୋ ସମିତି ସଭ୍ୟାଙ୍କ ସ୍ୱାମୀ ସରୋଜ କୁମାର ସାହୁ ପ୍ରଖର ସ୍ରୋତ କାଟି ଉଭୟ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ସରୋଜଙ୍କ ଅଦ୍ୟମ ସାହାସ ଯୋଗୁ ୨ବଙ୍ଗୀୟ ପର୍ଯ୍ୟଟକ ଦମ୍ପତିଙ୍କ ଜୀବନ ରକ୍ଷା ହୋଇପାରିଥିଲା। ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା) ପକ୍ଷରୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଗ୍ରାମର ସରୋଜଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ସହ ନଗଦ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ତେବେ ସାହାସିକତା ପୁରସ୍କାର ପ୍ରଦାନରେ ଅନିୟମିତତା କରାଯାଇଥିବା ଅଭିଯୋଗ ପରେ ଅତିରିକ୍ତ ଜିଲାପାଳ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ସରୋଜ ହିଁ ପ୍ରକୃତ ଉଦ୍ଧାରକାରୀ ବୋଲି କହିଛନ୍ତି। ତେବେ ଆମ ନାଁ ପ୍ରକାଶ କଲେ ଗାଳିଗୁଲଜ ଓ ଗଣ୍ଡଗୋଳ ହେବାର ସମ୍ଭାବନା ରହିଛି। ଏଣୁ ପ୍ରଶାସନ ତଦନ୍ତ କଲେ ଯିଏ ପୁରସ୍କାର ପାଇଛି ସେହିଁ ପ୍ରକୃତ ଉଦ୍ଧାରକାରୀ ବୋଲି ଚିହ୍ନଟ ହେବ ବୋଲି କହିଛନ୍ତି।

କଣ୍ଟିଲୋର ବିଜୟ ନାୟକ ଓ ମିତୁ ନାୟକ କହିଛନ୍ତି, ବଙ୍ଗୀୟ ପର୍ଯ୍ୟଟକ ଦମ୍ପତିଙ୍କୁ କଣ୍ଟିଲୋରେ ସରୋଜ ସାହୁ ଉଦ୍ଧାର କରିନାହାନ୍ତି। ଆମ୍ଭେ ଦୁହେଁ ଉଦ୍ଧାର କରିଥିଲୁ। ଉଦ୍ଧାର ପରେ ବଙ୍ଗୀୟ ପର୍ଯ୍ୟଟକ ଦମ୍ପତି ଆମକୁ ୫ ଶହ ଟଙ୍କା ଦେଉଥିଲେ। ହେଲେ ଆମେ ନେଇ ନ ଥିଲୁ। ଉଦ୍ଧାର



ଉପଜିଲାପାଳଙ୍କୁ ବିଜୟ ନାୟକ ଓ ମିତୁ ନାୟକ ଅଭିଯୋଗ କରୁଛନ୍ତି।

କାର୍ଯ୍ୟ ଶେଷ ପରେ ଆମର କାର୍ଯ୍ୟକୁ ପ୍ରଶଂସା କରି ଗଣମାଧ୍ୟମରେ ଖବର ପ୍ରକାଶନ ପାଇଁ ଫଟୋ ଉଠା ଯାଇଥିଲା। ଫଟୋ ଉଠାରେ ସରୋଜ ରହିଥିଲେ। ଯାହାକି ଚଞ୍ଚକତା କରି ମୁଖ୍ୟମନ୍ତ୍ରୀ ପୁରସ୍କାର ହାତେଇ ୨୦ ହଜାର ଟଙ୍କା ଠକି ନେଇଛନ୍ତି। ଆମେ ଦୁହେଁ ଉଦ୍ଧାର କଲୁ। ବାବାହା ସରୋଜ ନେଲେ ଓ ପୁରସ୍କାର ରାଶି ହାତେଇଲେ। ଆମେ ମୁର୍ଖ ଲୋକ ହୋଇଥିବାରୁ ଖବର ପ୍ରକାଶନ ପରେ ବି ଆମେ ଜାଣି ନ ଥିଲୁ। ହେଲେ ୨୦ହଜାର ଟଙ୍କା ପୁରସ୍କାର ମିଳିବା ପରେ ଆମକୁ ଅଣଦେଖା କରାଗଲା ବୋଲି ଅନେକ ଲୋକ ଆମକୁ କହିଥିଲେ। ଏଣୁ ଆମେ ନ୍ୟାୟ ପାଇଁ ପ୍ରଥମେ ସରୋଜଙ୍କୁ ଭେଟିଲୁ। ତେବେ ସୁଫଳ ମିଳିଲାନି। ପୋଲିସକୁ ଅଭିଯୋଗ ପରେ ମଧ୍ୟ ଫଳ ଶୂନ। ଶେଷର ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଫେରଦ୍ ହେବାକୁ ଆସିଥିଲୁ। ହେଲେ ଅଭିଯୋଗ ଶୁଣାଣି ଶେଷ ହୋଇଯିବାରୁ ଅତିରିକ୍ତ ଜିଲାପାଳଙ୍କୁ ଭେଟି ନ୍ୟାୟ ପାଇଁ ନିବେଦନ କରିଥିବା କହିଛନ୍ତି। କଣ୍ଟିଲୋର ସରୋଜ ସାହୁ କୁହନ୍ତି, ମହାନଦୀ କୂଳ ଶ୍ମଶାନରେ କଣ୍ଟିଲୋ ଦେଉଳସାହିର ବେଣୁଧର ସାହୁଙ୍କ ମୃତଦେହକୁ ସଂସ୍କାର କରାଯାଉଥିଲା। ଏହି ସମୟରେ ବଙ୍ଗୀୟ ପର୍ଯ୍ୟଟକ ଦମ୍ପତି ସ୍ରୋତରେ ଭାସି ଯାଉଥିଲେ। ମୁଁ ମହାନଦୀରେ ସ୍ନାନ କରୁଥାଏ। ଏଭଳି ସମୟରେ ମରଣ ମୁହଁରୁ ବଙ୍ଗୀୟ ଦମ୍ପତିଙ୍କୁ ଉଦ୍ଧାର କରିଥିଲି। ଦୁଇଟି ଜୀବନ ବଞ୍ଚିବା ପରେ ମୋତେ ପ୍ରଶଂସା ମିଳିଥିଲା। ଖବରକୁ ଗଣମାଧ୍ୟମରେ ପ୍ରକାଶନ ପାଇଁ ଫଟୋ ଉତ୍ତୋଳନ କରିବାକୁ କୁହାଯାଇଥିଲା। ମୋ ସହ ବଙ୍ଗୀୟ ଦମ୍ପତି ଓ ଅନ୍ୟ କିଛି ଲୋକ ଥିଲେ। ସେଥିରେ କଣ୍ଟିଲୋର ବିଜୟ ନାୟକ ଥିଲେ। ମିତୁ ନାୟକ ଆଦୌ ନ ଥିଲେ। ପରେ ଦୁଇଟି ଜୀବନ ବଞ୍ଚାଇଥିବାରୁ ମୋ ସଫଳତାର ବାର୍ତ୍ତା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ସାହାସିକତା ପୁରସ୍କାର ୨୦ ହଜାର ଟଙ୍କାର ଚେକ ଦେଲେ। ଚେକ ମିଳିବା ପରେ ମୋଠାରୁ ୫ ହଜାର ଟଙ୍କା ଲେଖାଏ ୧୦ ହଜାର ଟଙ୍କା ବିଜୟ ଓ ମିତୁ ଦୀପାବଳିରେ ନେବା ପାଇଁ ମାଗିଥିଲେ। ମୁଁ ଅରାଜି ହେବା ପରେ ମୋ ବିରୋଧରେ ମିଥ୍ୟା ଅଭିଯୋଗ ବାଢ଼ି ମୋତେ ବଦନାମ କରିବାକୁ ଉଦ୍ୟମ କରିଛନ୍ତି। ତେବେ ମୁଁ ସବୁ ପ୍ରକାରର ତଦନ୍ତକୁ ସ୍ୱାଗତ କରୁଛି। ମରଣ ମୁହଁରୁ ବଞ୍ଚିଥିବା ଦୁଇ ବଙ୍ଗୀୟ ପର୍ଯ୍ୟଟକ, ମୃତଦେହ ସଂସ୍କାର ବେଳେ ଉପସ୍ଥିତ ଥିବା ଲୋକମାନଙ୍କୁ ଉଦ୍ଧାର କାର୍ଯ୍ୟ ନେଇ ପଚରା ଯାଉ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କୁ ପଚାରିବାରେ କଣ୍ଟିଲୋର ସରୋଜ ବଙ୍ଗୀୟ ଦମ୍ପତିଙ୍କୁ ମହାନଦୀ ସ୍ରୋତରୁ ଉଦ୍ଧାର କରିଥିବା ବିଡିଓଙ୍କ ରିପୋର୍ଟ ମିଳିଥିଲା। ବିଡିଓଙ୍କ ରିପୋର୍ଟ ଅନୁସାରେ ସାହାସିକତା ପୁରସ୍କାର ପ୍ରଦାନ କରାଯାଇଛି। ତେବେ ନିଜକୁ ଉଦ୍ଧାରକାରୀ ବୋଲି କଣ୍ଟିଲୋର ବିଜୟ ନାୟକ ଓ ମିତୁ ନାୟକ ଅଭିଯୋଗ ଆଣିବା ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୀର୍ବାଦ



@ ବିଷ୍ଣୁ



@ ମୃତ୍ୟୁଞ୍ଜୟ



@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା' ଶ୍ୟାମାକାଳୀ ପୂଜା ଭସାଣି ଉତ୍ସବ

**ନୂଆଗାଁ, ୪।୧୧ (ଧନେଶ୍ୱର ସାହୁ)**

ନୂଆଗାଁ ବ୍ଲକ ନୂଆଗାଁଠାରେ ୩ ଦିନ ଧରି ଚାଲିଥିବା ମା' ଶ୍ୟାମାକାଳୀ ପୂଜା ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବଣିକ ସଂଘ ଦ୍ୱାରା ନୂଆଗାଁଠାରେ ବହୁ ପୁରାତନ ସମୟରୁ ଅନୁଷ୍ଠିତ ହୋଇ ଆସୁଥିବା ଶ୍ୟାମାକାଳୀ ପୂଜା ଚଳିତବର୍ଷ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ୨ଦିନ ଏହି ପୂଜା ପାଳନ କରାଯାଉଥିବା ବେଳେ ଚଳିତବର୍ଷ ୩ ଦିନକୁ ବୃଦ୍ଧି କରାଯାଇଛି। ଏହି ୩ଦିନ ବଜାରରେ ବିଭିନ୍ନ ନାଚ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ଭାବେ ଯାତ୍ରା ପରେ ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ପାଳନ କରିବାର ନିୟମ ରହି ଆସିଛି। ସେହି ଅନୁସାରେ ଅପରାହ୍ନରୁ ବଜାରରେ ଥିବା ସମସ୍ତ ଦୋକାନ ବନ୍ଦ କରି ବଣିକ ସଂଘ ସଦସ୍ୟମାନେ କାଳୀଙ୍କ ମୂର୍ତ୍ତିକୁ ନେଇ ଭସାଣି ଯାତ୍ରାରେ ବାହାରିଥିଲେ। ବଜାର ଦେଇ ବିଭିନ୍ନ ସ୍ଥାନ ଶୋଭାଯାତ୍ରାରେ ପରିକ୍ରମା କରିବା ପରେ କାଳୀଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା।



ମା' ଶ୍ୟାମାକାଳୀଙ୍କ ଭସାଣି ଶୋଭାଯାତ୍ରା।

# ବିରୁଡ଼ାରେ ଏସ୍‌ଏଚ୍‌ଜିଠାରୁ ୧ କୋଟି ଟଙ୍କା ଠକେଇ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଅସିଥିବା ଏସ୍‌ଏଚଜିର ସଦସ୍ୟାମାନେ।

## ଏଜେଣ୍ଟ, ବ୍ୟାଙ୍କ କର୍ମଚାରୀଙ୍କ ନାଁରେ ଜିଲାପାଳଙ୍କୁ ଫେରାଦ

**ନୟାଗଡ଼,୪।୧୧(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ ବିରୁଡ଼ା ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)ଙ୍କଠାରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ସୋମବାର ଜିଲାପାଳଙ୍କୁ ଅଭିଯୋଗ ହୋଇଛି। ବ୍ୟାଙ୍କ ଜରିଆରେ କାର୍ଯ୍ୟରତ ଏଜେଣ୍ଟ ସୌଦାମିନୀ ଜେନା ଋଣ ଟଙ୍କା ଆଦାୟ କରି ବ୍ୟାଙ୍କରେ ଡିପୋଜିଟ୍ ନ କରି ଫେରାର ହୋଇ ଯାଇଛନ୍ତି। ଏକାଧିକ ଏସ୍‌ଏଚଜିର ମହିଳାମାନେ ନୟାଗଡ଼ ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ଆସି ଅଭିଯୋଗ କରିବା ପରେ ଏସ୍‌ଏଚଜି ମହିଳାଙ୍କ ଠକେଇ ଘଟଣା ପଦାକୁ ଆସିଛି। ବିରୁଡ଼ା ପଞ୍ଚାୟତରେ ମହିଳାମାନେ ଏସ୍‌ଏଚଜି ଗଠନ କରି ଇଣ୍ଡିଆନ୍ ବ୍ୟାଙ୍କରୁ ଋଣ ନେଇଥିଲେ। ଋଣ ଟଙ୍କାକୁ ଡିପୋଜିଟ କରି ମହିଳାମାନେ ରସିଦ ପାଇଛନ୍ତି। ତେବେ ସମ୍ପୃକ୍ତ ରସିଦ ଜାଲ ବୋଲି ଜଣା ପଡ଼ିଛି। ଯାହାକି ସେମାନଙ୍କର ନିଦ ହଜାଇ ଦେଇଛି। ଏଜେଣ୍ଟ ସୌଦାମିନୀ ବ୍ୟାଙ୍କରେ ଋଣ ଟଙ୍କା ଡିପୋଜିଟ ନ କରି ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ଠକେଇ ଘଟଣାର ପର୍ଦ୍ଦାଫାସ ଓ ଏଜେଣ୍ଟ ସୌଦାମିନୀଙ୍କ ସହ ବ୍ୟାଙ୍କର ପରିଚାଳକ, ଅନ୍ୟ କେତେଜଣ କର୍ମଚାରୀ ସମ୍ପୃକ୍ତ ଥିଲେ ମଧ୍ୟ ଘଟଣାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳିସ୍ଥଳେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଏଚଜି ମହିଳାମାନେ ଆଗକୁ ଆସିଛନ୍ତି।

# ବାର୍ହା ଉପଦ୍ରବ, ଧାନ ଫସଲ ନଷ୍ଟ

**ଦଶପଲ୍ଲା, ୪।୧୧(ପ୍ରକାଶ କୁମାର ପାଣି)**

ବାତ୍ୟା ଜନିତ ଲଗାଣ ବର୍ଷା ସାଙ୍ଗକୁ ବାର୍ହା ଉପଦ୍ରବ ଯୋଗୁ ଦଶପଲ୍ଲା ପଶ୍ଚିମାଞ୍ଚଳରେ ବ୍ୟାପକ ଅମଳକ୍ଷମ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରାତ୍ରର ବିଳମ୍ବିତ ପ୍ରହରରେ ଜଙ୍ଗଲରୁ ବାର୍ହା ପଲ ଆସି ଅମଳକ୍ଷମ ଧାନ ଫସଲ ନଷ୍ଟ କରିବା ସଙ୍ଗେ ସଙ୍ଗେ ଦଳି ମକଚି ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍‌ର ବଣ ପାହାଡ଼ ଘେରା ପଶ୍ଚିମାଞ୍ଚଳରେ ଶହ ଶହ ଏକର ଅମଳକ୍ଷମ ପାଚିଲା ଧାନ କ୍ଷେତ ବାର୍ହାମାନେ ନଷ୍ଟ କରିଦେଉଥିବା ଜଣାଯାଇଛି।

ଯଦି ଏପରି ସମସ୍ୟା ଲାଗି ରହେ ତେବେ, ପରିବାର ଚଳାଇବା କାଠିକର ପାଠ ହେବ ବୋଲି ଆଦିବାସୀ, ହରିଜନ ଓ ଗରିବ ଚାଷୀମାନେ ଅଭିଯୋଗ କରିଛନ୍ତି। ଦଶପଲ୍ଲା ପଶ୍ଚିମାଞ୍ଚଳର ଟାକରା, ବୁଗୁଡ଼ା, କୁଲୁରୁକୁମ୍ପା, ବାଣିଗୋଛା, ଦୁଡ଼ା, ଚଢ଼େୟାପଲ୍ଲୀ, ନୂଆଗାଁ ପଞ୍ଚାୟତର ଶହ ଶହ ଏକର ଧାନ ଫସଲ ନଷ୍ଟ ହେଉଥିବାବେଳେ ପ୍ରତିବର୍ଷ ଏଭଳି ଅନେକ ସଂଖ୍ୟକ ଚାଷୀ ବାର୍ହା ଉପଦ୍ରବ ଯୋଗୁ ହଇରାଣ ହରକତ ହେଉଥିବା ହେଉଛନ୍ତି। ବନ୍ୟପ୍ରାଣୀ ବନ ବିଭାଗ ଊଣା ଅଧିକେ କ୍ଷତିପୂରଣ ପ୍ରଦାନ କରୁଥିଲେ ମଧ୍ୟ, ଦଶପଲ୍ଲା ବନାଞ୍ଚଳ ଟେରିଟୋରିଆଲ୍ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର କରା ନ ଗଲେ କ୍ଷତିଗ୍ରସ୍ତ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଧମକ୍ ଦେଇଛନ୍ତି।



ବାର୍ହା ଦଳି ମକଚି ନଷ୍ଟ କରିଥିବା ଧାନ।

# ଶିମିଳିସାହି ଜଙ୍ଗଲରେ ବେଆଇନ ମାଟି ଉଠାଣ ବେଳେ ଚଢ଼ାଉ

**ନୟାଗଡ଼,୪।୧୧(ଲୋକନାଥ ମିଶ୍ର)**



ନୟାଗଡ଼ ଖଣି ବିଭାଗ ଦ୍ୱାରା ଜବତ ହୋଇଥିବା ହାଇୱା।



ବଲାଙ୍ଗୀର- ଖୋର୍ଦ୍ଧା ୫୭ ନଂ. ରାଜପଥ କଡ଼ରେ ପଡ଼ିଥିବା ମୋରମ ଓ ମାଟି।

- ପୋକ୍‌ଲିନ୍ ପୋଲିସକୁ ହସ୍ତାନ୍ତର ନ କରିବାରୁ ସନ୍ଦେହରେ ଖଣି ବିଭାଗ
- ୪ ହାଇୱା, ୧ ପୋକ୍‌ଲିନ୍ ଜବତ
- ଏଆରଏସ୍‌ଏସ୍ କମ୍ପାନୀ ବେଆଇନ ମାଟି ଖନନ କରୁଥିଲା
- ମାଗଣା ମାଟି ଉଠାଉଥିଲେ, ମାଟି କିଣା ଦେଖାଉଥିଲେ
- ୫୭ନଂ. ଜାତୀୟ ରାଜପଥର ବାଇପାସ ରୋଡ୍ ପାଇଁ ଉଠୁଥିଲା ମାଟି

ନୟାଗଡ଼ ଜିଲା ନୂଆଗାଁ ତହସିଲର ଶିମିଳିସାହି ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ମାଟି ଉତ୍ତୋଳନ ବେଳେ ନୟାଗଡ଼ ଖଣି ବିଭାଗ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ଏଆର୍‌ଏସ୍‌ଏସ୍ କମ୍ପାନୀର ୪ ହାଇୱା, ୧ ପୋକ୍‌ଲିନ୍ ଜବତ କରାଯାଇଛି। ତେବେ ଖଣି ବିଭାଗ ପକ୍ଷରୁ କେବଳ ୪ଟି ହାଇୱା ନୟାଗଡ଼ ସଦର ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିବାବେଳେ ପୋକ୍‌ଲିନ୍ ହସ୍ତାନ୍ତର ହୋଇନାହିଁ। ଚଢ଼ାଉରୁ ଜବତ ହିତାଜି ଗାଏବ ପରେ ଖଣି ବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ୪ ହାଇୱା ଓ ୧ ହିତାଜି ଜବତ ହୋଇଥିବାବେଳେ ଖଣି ବିଭାଗ କାହିଁକି ପୋକ୍‌ଲିନ୍ ପୋଲିସକୁ ହସ୍ତାନ୍ତର କଲା ନାହିଁ ସେ ନେଇ ପ୍ରଶ୍ନ ଉଠିଛି। ତେବେ ହିତାଜି ହସ୍ତାନ୍ତର କରା ନ ଯିବାର କାରଣ ଖଣି ବିଭାଗ ପକ୍ଷରୁ କିଛି କୁହାଯାଇ ନାହିଁ। ଅପରପକ୍ଷେ ଏଆରଏସ୍‌ଏସ୍ କମ୍ପାନୀ ବେଆଇନ ମାଟି ଖନନ କରୁଥିବାରୁ ଖଣି ବିଭାଗ ଚଢ଼ାଉ କରିଥିବା ଜଣାପଡ଼ିଛି। ମାଗଣା ମାଟି ଉଠାଇ ଏଆର୍‌ଏସ୍‌ଏସ୍ କମ୍ପାନୀ ପକ୍ଷରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବାଇପାସ୍ ରାସ୍ତା ନିର୍ମାଣ କରୁଥିଲା। ଅନ୍ୟପକ୍ଷେ ମାଟି କିଣା ଯାଉଛି ଦର୍ଶାଇ ବିଲ୍ କରାଯାଇଥିବା ଅଭିଯୋଗ ରହିଛି।

ନୟାଗଡ଼ ସହରରୁ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥାକୁ ସଜାଡ଼ିବାକୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବାଇପାସ୍ ରାସ୍ତା ପଣ୍ଡୁସରଠାରୁ ମାଙ୍କପଲ୍ଲି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଆର୍‌ଏସ୍‌ଏସ୍ କମ୍ପାନୀ ରାସ୍ତା ନିର୍ମାଣ କରୁଛି। ତେବେ ବାଇପାସ୍ ପାଇଁ ନିର୍ମାଣ ହେଉଥିବା ରାସ୍ତାରେ ମାଟି ଓ ମୋରମ ବେଆଇନ ଭାବେ ନୟାଗଡ଼ ଆଖପାଖ ସରକାରୀ ଜମିରୁ ଉତ୍ତୋଳନ କରାଯାଉଥିବା ପ୍ରାୟ ଦେଢ଼ବର୍ଷ ହେଲା ଅଭିଯୋଗ ହୋଇ ଆସୁଛି। ନୟାଗଡ଼ ତହସିଲର ରାଜପାଟଣା, ଲାଠିପଡ଼ା ପୋଖରୀ, ଗୁପ୍ତପଲ୍ଲୀ, ନାଗପୁର, ନୂଆଗାଁ ତହସିଲର ଶିମିଳିସାହି ଗ୍ରାମ୍ୟ ଜଙ୍ଗଲ, ଲେଖନପୁର ପୋଖରୀରୁ ମାଟି ଓ ମୋରମ ଖନନ କରାଯାଉଥିବା ଅଭିଯୋଗ ରହିଛି। ବାରମ୍ବାର ଅଭିଯୋଗ ପରେ ବି ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉ ନ ଥିଲା। ସୋମବାର ଶିମିଳିସାହି ଗ୍ରାମ୍ୟ ଜଙ୍ଗଲର ହନୁମାନ ମନ୍ଦିରଠାରୁ ମାଟି ଓ ମୋରମ ଖନନ ବେଳେ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ୩ଟି ହାଇୱା ମାଟି ନେବା ପାଇଁ ଅପେକ୍ଷାରତ ଥିବାବେଳେ ଗୋଟିଏ ହାଇୱାରେ ମାଟି ଲୋଡ଼ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୋକ୍‌ଲିନ୍ ମାଟି ଖୋଳୁଥିଲା। କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଶିମିଳିସାହି ଗ୍ରାମ୍ୟ ଜଙ୍ଗଲର ହନୁମାନ ମନ୍ଦିର ପାଖରୁ ମାସେରୁ ଊର୍ଦ୍ଧ୍ୱ ହେବ ବେଆଇନ ଭାବେ ମାଟି ଓ ମୋରମ ଖନନ ହୋଇ ବାଇପାସ୍ ରାସ୍ତାକୁ ଚାଲାଣ ହେଉଥିଲା। ଖଣି ବିଭାଗରେ ବାରମ୍ବାର ଅଭିଯୋଗ ପରେ ଚଢ଼ାଉ ହେଉ ନ ଥିଲା। ବୋଧେ ମାସିକିଆ କୋଟା ବନ୍ଦ ହୋଇ ଯିବା ପରେ ଚଢ଼ାଉ ହେଲା। ତେବେ ଖଣି ବିଭାଗ ପକ୍ଷରୁ ଜବତ ପରେ ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ହାଇୱାକୁ କେବଳ ଥାନାରେ ରଖିବା ପାଇଁ କମ୍ପାନୀକୁ କୁହାଯାଇଛି। ପୋକ୍‌ଲିନ୍‌କୁ ଛାଡ଼ି ଦିଆଯାଇଛି। ମାମଲାକୁ ରଫାଦଫା କରିବା ଉଦ୍ଦେଶ୍ୟରେ ମାଟି ଓ ମୋରମ ହାଇୱାରେ ନାହିଁ। ଜିଲାର ବିଭିନ୍ନ ସ୍ଥାନରେ ଖଣି ଉତ୍ତୋଳନ ବଢ଼ି ଚାଲିଥିବାବେଳେ ନୟାଗଡ଼ ଖଣି ବିଭାଗର ଚଢ଼ାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି। ରାମଚନ୍ଦ୍ର ପ୍ରଧାନ ନାମକ ଜଣେ ବ୍ୟକ୍ତି କହିଛନ୍ତି, ବେଆଇନ ଖଣି ଖନନ ନେଇ ଖଣି ଅଧିକାରୀଙ୍କୁ ଫୋନ କଲେ ଫୋନ ଉଠାନ୍ତି ନାହିଁ। କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କଲେ ଚଢ଼ାଉ କରାଯିବ କହି ଭୁଲି ଯାଇଥାନ୍ତି। ଏଣୁ ଖଣି ଅଧିକାରୀଙ୍କୁ ନୟାଗଡ଼ ଜିଲାରୁ ନ ହଟାଇଲା ପର୍ଯ୍ୟନ୍ତ ବେଆଇନ ଖଣି ଖନନକୁ ରୋକି ହେବନି ବୋଲି କହିଛନ୍ତି। ବେଆଇନ ଖଣି ଖନନ, ଚଢ଼ାଉ, ଲାଞ୍ଚ କାରବାର ସମ୍ପର୍କରେ ନୟାଗଡ଼ ଜିଲା ଖଣି ଅଧିକାରୀ ଈଶ୍ୱର ପ୍ରଧାନଙ୍କ ୯୫୫୬୦୪୦୧୩୫ ନମ୍ବରକୁ ବାରମ୍ବାର ଫୋନ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ। ଏ ସମ୍ପର୍କରେ ନୟାଗଡ଼ ସଦର ଥାନା ସବଇନ୍ସପେକ୍ଟର ଧର୍ମେନ୍ଦ୍ର ଶିଆଳଙ୍କୁ ପଚାରିବାରେ ଖଣି ବିଭାଗ ୪ ହାଇୱା ଜବତ କରି ହସ୍ତାନ୍ତର କରିଛି। ହେଲେ ପୋକ୍‌ଲିନ୍ ହସ୍ତାନ୍ତର କରିନାହିଁ। ଘଟଣାର ତଦନ୍ତ ଚାଲିଛି।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## ନରସିଂହ ମାଡ଼କାମୀ-ମାଲକାନଗିରି



୨୦୨୪ ନିର୍ବାଚନରେ ଓଡ଼ିଶାରେ ବିଜେଡିକୁ ପଛରେ ପକାଇ ଭାଜପା ସଂଖ୍ୟାଗରିଷ୍ଠତା ହାସଲକରି ସରକାର ଗଠନ କରିଛି। ନବରଙ୍ଗପୁର ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୫ଟି ନବରଙ୍ଗପୁର ଜିଲାରେ ଥିବାବେଳେ ୨ଟି ମାଲକାନଗିରି ଜିଲାରେ ରହିଛି। ସେଥିରୁ ୫ ଆସନରେ ଭାଜପା ବିଜୟୀ ହୋଇଥିବା ବେଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ କଂଗ୍ରେସ ଓ ନବରଙ୍ଗପୁର ଜିଲା ଡାବୁଗାଁରେ ବିଜେଡି ବାଜିମାତ କରିଛି । କିନ୍ତୁ ମାଲକାନଗିରି ଜିଲାର ମାଲକାନଗିରି ବିଧାନସଭା ଆସନରୁ ନରସିଂହ ମାଡ଼କାମୀ ଭାଜପାରୁ ପ୍ରଥମଥର ଲାଗି ପ୍ରାର୍ଥୀ ହୋଇ ବିଧାୟକ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସରୁ ୩ ଥର ବିଧାୟକ ପ୍ରାର୍ଥୀ ହୋଇଥିବା ପୁରୁଖା ନେତା ମାଲା ମାଢ଼ୀଙ୍କୁ ହରାଇଛନ୍ତି। ସେଠାରେ ବିଜେଡିର ଅନ୍ୟତମ ନେତା ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ନରସିଂହ ୭୮,୬୭୯ ଭୋଟ ପାଇଥିବା ବେଳେ କଂଗ୍ରେସର ମାଲା ୬୩,୭୮୯ ଓ ବିଜେଡିର ମାନସ ୩୪,୬୮୮ ଭୋଟ ପାଇଥିଲେ। ତେଣୁ ମାଲାଙ୍କୁ ନରସିଂହ ୧୪,୮୯୦ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି ।

ନରସିଂହ ମାଲକାନଗିରି ବ୍ଲକ ଅନ୍ତର୍ଗତ ପେଡ଼ାକୋଣ୍ଡା ଗ୍ରାମରେ ୧୯୮୧ ମସିହାରେ ପିତା ମୁକୁନ୍ଦ ମାଡ଼କାମୀ ଓ ମା' ପାର୍ବତୀ ମାଡ଼କାମୀଙ୍କ ତୃତୀୟ ସନ୍ତାନ ଭାବେ ଜନ୍ମଗ୍ରହଣ କରିଥିଲେ। ମା'ବାପା ଅଭାବ ଭିତରେ ସମସ୍ତ ପିଲାଙ୍କୁ ଯୋଗ୍ୟ କରିଛନ୍ତି। ନରସିଂହ ନିକଟସ୍ଥ ପଦ୍ମଗିରି ହାଇସ୍କୁଲରୁ ମାଟ୍ରିକ ପାସ୍ ପରେ ଉଚ୍ଚଶିକ୍ଷା ପାଇଁ ଜୟପୁର ଯାଇଥିଲେ। ବିକ୍ରମଦେବ ମହାବିଦ୍ୟାଳୟରୁ କଳାରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ଘରକୁ ଫେରି ଚାକିରି ନ ଖୋଜି ବଡ଼ ଦୁଇ ଭାଇ ଓ ମା'ବାପାଙ୍କ ସହ ମିଶି ଚାଷ କାର୍ଯ୍ୟରେ ଲାଗି ପଡ଼ିଥିଲେ।

**ବିଧାୟକ କହନ୍ତି:**
ସେ ନିଜ ଅଞ୍ଚଳର ଲୋକଙ୍କ ସୁଖ ଦୁଃଖରେ ଠିଆ ହେଉଥିଲେ। ଲୋକେ କିଭଳି ଆର୍ଥିକ ସ୍ୱଚ୍ଛଳ ହେବେ ଓ ପିଲାମାନଙ୍କ ପାଇଁ ଉଚ୍ଚ ଶିକ୍ଷା କିପରି ସହଜରେ ମିଳିପାରିବ ସେହି ଦିଗରେ ଚିନ୍ତା କରୁଥିଲେ। ଏସବୁର ସମାଧାନ ପାଇଁ ରାଜନୀତି ଠିକ୍ ବାଟ ବୋଲି ଧରି ନେଇଥିଲେ। ଆଦିବାସୀଙ୍କ ଶିକ୍ଷା, ରୋଜଗାର ଓ ସୁରକ୍ଷା ପାଇଁ ଚେଷ୍ଟା କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏହା ଭାବି ୨୦୦୦ମସିହାରେ ଭାଜପାରେ ଯୋଗଦେଇ ରାଜନୀତିରେ ସକ୍ରିୟ ହୋଇଥିଲେ। ଗତ ନିର୍ବାଚନରେ ତାଙ୍କୁ ଭାଜପାରୁ ବିଧାୟକ ଟିକେଟ ଦିଆଯାଇଥିଲା, କିନ୍ତୁ ସେ ମନା କରିଥିଲେ। ପଦବୀ ନେଇ ସେବା କରିବାକୁ ଚାହେଁନା। ବରଂ ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀଙ୍କୁ ଟିକେଟ ଦିଆଯାଉ ବୋଲି ସେ ଅନୁରୋଧ କରିଥିଲେ। ମାଢ଼ୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହୁ ନ ଥିବାରୁ ସମସ୍ତ ଜିଲା କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ ଓ ରାଜ୍ୟସ୍ତରୀୟ ନେତୃବୃନ୍ଦ ତାଙ୍କ ଉପରେ ଭରସା କରିବାରୁ ସେ ପ୍ରାର୍ଥୀ ହୋଇଥିଲେ। ଏଥିସହ ଜନସାଧାରଣ ତାଙ୍କ ଉପରେ ଯେଉଁ ଭରସା ରଖି ବିଜୟୀ କରିଛନ୍ତି, ସେ ସେମାନଙ୍କ ମାନ ରଖିବେ ବୋଲି କହିଛନ୍ତି।

ରିପୋର୍ଟ-ନୃସିଂହ ଚରଣ ମହାନ୍ତି

# ସେ ଲବିର ଲୋକ ନୁହନ୍ତି, ସବୁ ଦିଲ୍ଲୀରେ ଜଣାଇବେ: ମହନ୍ତ



ଭୁବନେଶ୍ୱର ବିମାନ ବନ୍ଦରଠାରେ ସୋମବାର ଛତିଶଗଡ଼ ବିଧାୟକ ଦଳର ନେତା ଚରଣ ଦାସ ମହନ୍ତ ପହଞ୍ଚିବା ପରେ ତାଙ୍କୁ କଂଗ୍ରେସର କର୍ମକର୍ତ୍ତାମାନେ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର,୪।୧୧(ସୁନିତ୍ ମିଶ୍ର)

- ପିସିସି ସଭାପତି ନେଇ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବେ, କହିଲେ ଉପସ୍ଥିତ ନେତା
- ଦୀର୍ଘଦିନ ପରେ ନେତାଙ୍କ ଭିଡ଼ ଦେଖିଲା କଂଗ୍ରେସ ଭବନ

କିଛି ଦିନ ହେବ ଓଡ଼ିଶାରେ କଂଗ୍ରେସର କିଏ ମୁଖିଆ ହେବେ, ତାହାକୁ ନେଇ ଚର୍ଚ୍ଚା ଚାଲିଛି। ଅନେକଙ୍କ ନାମ ଶୁଣିବାକୁ ମିଳୁଛି। କିନ୍ତୁ କେଉଁ ଗୋଟିଏ ନାମ ଉପରେ ମୋହର ବାଜି ପାରୁନାହିଁ। ସେଥିପାଇଁ ଦିଲ୍ଲୀ ସ୍ତରରେ ଆଲୋଚନା କରାଯିବା ପରେ ଛତିଶଗଡ଼ ବିଧାୟକ ଦଳ ନେତା ଚରଣ ଦାସ ମହନ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସୋମବାର ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଓଡ଼ିଶା ଆସିଛନ୍ତି ସବୁ ବରିଷ୍ଠ ନେତାଙ୍କୁ ଭେଟି ସମସ୍ତଙ୍କ କଥା ଶୁଣିବେ। ସମସ୍ତଙ୍କ ମତାମତ ଯାହା ଆସିବ ତାହାକୁ ସେ ଦିଲ୍ଲୀକୁ ଜଣାଇବେ। ତାଙ୍କ ପାଖରେ ପିସିସି ସଭାପତି ନେଇ କେହି ଲବି କରିନାହାନ୍ତି। କାରଣ ସେ ଲବିର ଲୋକ ନୁହନ୍ତି। ପିସିସି ସଭାପତି ପଦ ନେଇ ଘୋଷଣା କେବେ ହବ ସେକଥା ଉପରବାଲା ଜାଣନ୍ତି ବୋଲି ଚରଣ କହିଛନ୍ତି।

ବିମାନବନ୍ଦରଠାରେ ଚରଣ ଦାସ ପହଞ୍ଚିବାଠାରୁ ତାଙ୍କ ସାଙ୍ଗରେ କଂଗ୍ରେସର ଯୁବ, ଛାତ୍ର ଏବଂ ବରିଷ୍ଠ ନେତାମାନଙ୍କୁ ଦେଖିବାକୁ ମିଳିଥିଲା। ଦୀର୍ଘଦିନ ପରେ କଂଗ୍ରେସ ଭବନ ନେତାଙ୍କ ଭିଡ଼ରେ ଚଳଚଞ୍ଚଳ ହୋଇଥିଲା। ମାଷ୍ଟର କ୍ୟାଣ୍ଟିନ ଛକଠାରେ ନେତାମାନଙ୍କ ଗାଡ଼ିର ଲମ୍ବାଲାଇନ ଦିନତମାମ ମଧ୍ୟ ଲାଗି ରହିଥିଲା। ସେ କଂଗ୍ରେସ ଭବନଠାରେ ପ୍ରଥମେ ଷ୍ଟିୟରିଂ କମିଟି ସଦସ୍ୟ, ବିଧାୟକ ଓ ଏମ୍‌ପିଙ୍କୁ ଡାକି ବୈଠକ କରିଥିଲେ। ଏଥିରେ ଉପସ୍ଥିତ ସମସ୍ତ ନେତା ଏକପ୍ରକାର କଥା କହିଥିବା ଜଣାପଡ଼ିଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ ଯାହାଙ୍କୁ ଓଡ଼ିଶାର ସଭାପତି ଦାୟିତ୍ୱ ପ୍ରଦାନ କରିବେ ସମସ୍ତେ ତାଙ୍କୁ ସମର୍ଥନ କରିବେ ବୋଲି ମତ ରଖିଥିବା ଜଣାପଡ଼ିଛି। ଷ୍ଟିୟରିଂ କମିଟି ସଦସ୍ୟ ଏବଂ ବିଧାୟକମାନଙ୍କ ସହିତ ଆଲୋଚନା କରିବା ପରେ ଚରଣ ଦାସଙ୍କୁ ଭେଟିବା ଲାଗି ଅନେକ ନେତା ଆସି ପହଞ୍ଚିଥିଲେ। ଭିନ୍ନ ଭିନ୍ନ ଭାବେ ମଧ୍ୟ ତାଙ୍କ ସହିତ ବହୁ ନେତା ଦେଖା ହୋଇଛନ୍ତି। ଏପରିକି କଂଗ୍ରେସ ଭବନ ଛାଡ଼ି ସେ ଏକ ହୋଟେଲରେ ପହଞ୍ଚିବା ପରେ ମଧ୍ୟ ନେତାମାନେ ତାଙ୍କ ନିକଟରେ ପହଞ୍ଚି ଆଲୋଚନା କରିଛନ୍ତି। ଷ୍ଟିୟରିଂ କମିଟି ବୈଠକ ସମୟରେ ଭାଜପା କିପରି ସରକାରକୁ ଆସିଲା ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରସଙ୍ଗକୁ ରାଜ୍ୟରେ ଉଠାଇ ଏଠାରେ ରାଜ୍ୟବାସୀଙ୍କ ସମର୍ଥନ ନିଜ ସପକ୍ଷରେ ନେବାରେ ଭାଜପା ସଫଳ ହୋଇପାରିଥିଲା। ସେହିପରି କଂଗ୍ରେସ ଆଗକୁ କେଉଁସବୁ ପ୍ରସଙ୍ଗ ରାଜ୍ୟରେ ଉଠାଇବ ସେନେଇ ବିସ୍ତୃତ ଆଲୋଚନା ହେବା ଦରକାର ବୋଲି କେତେଜଣ ମତ ରଖିଥିଲେ।

ବୈଠକ ଶେଷରେ ବିଧାୟକ ତାରାପ୍ରସାଦ ବାହିନୀପତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଖାର୍ଗେ, ରାହୁଲ ଏବଂ ସୋନିଆ ଗାନ୍ଧୀ ଯାହାଙ୍କୁ ନେଇ ନିଷ୍ପତ୍ତି କରିବେ ସିଏ ରାଜ୍ୟରେ କଂଗ୍ରେସର ମଙ୍ଗ ଧରିବେ। ଏହି ଶୀର୍ଷ ନେତୃତ୍ୱଙ୍କ ନିଷ୍ପତ୍ତି ଯାହା ହେବ ତାହାକୁ ସମସ୍ତେ ମାନିବେ ବୋଲି ରିଜୋଲ୍ୟୁଶନ କରାଯାଉ। କଂଗ୍ରେସର ପୁରୁଣା ରୋଗ ଆଉ ନାହିଁ ବୋଲି ତାରା କହିଛନ୍ତି।

ବିଧାୟକ ରମେଶ ଜେନା କହିଛନ୍ତି, କିଛିଦିନ ହେଲା ପିସିସି ଭାଙ୍ଗି ଦିଆଯାଇଛି। ଚରଣ ଦାସ ଏବଂ ମୀନାକ୍ଷୀ ନଟରାଜନଙ୍କୁ ପିସିସି ସଭାପତି ଚୟନର ଦାୟିତ୍ୱ ଦିଆଯାଇଛି। ଏବେ ପିସିସି ଗଠନ ନେଇ ତର୍ଜମା ଚାଲିଛି। ସବୁ ଦିଗରୁ ତର୍ଜମା କରାଯିବା ପରେ ନିଷ୍ପତ୍ତି ହେବ। ରାହୁଲ ଗାନ୍ଧୀ ଯାହାଙ୍କୁ ଦାୟିତ୍ୱ ଦେବେ ତାଙ୍କ ନେତୃତ୍ୱରେ ଓଡ଼ିଶାରେ ଦଳ କାର୍ଯ୍ୟ କରିବ। ସଭାପତି ଚୟନ ନେଇ ନିଷ୍ପତ୍ତି ସରିବା ପରେ ଯାଇ ଗଣମାଧ୍ୟମକୁ କୁହାଯିବ ବୋଲି ଜେନା କହିଛନ୍ତି।

ଦୁଇ ଦିନର ସମୀକ୍ଷା ପରେ ଚରଣ ଦାସ ମଙ୍ଗଳବାର ଫେରିଯିବେ ବୋଲି ଜଣାପଡ଼ିଛି।

# ଭାଜପାରେ ମିଶିଲେ ଜିଲା ଓକିଲ ସଂଘ ସଭାପତି, ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା

## କେନ୍ଦୁଝର ବିଜେଡିକୁ ଝଟକା

ଭୁବନେଶ୍ୱର/ କେନ୍ଦୁଝର/ପାଟଣା,୪।୧୧ (ସୁନିତ୍ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ/ ବୀରକିଶୋର ଦାଶ)



କେନ୍ଦୁଝର ଜିଲା ଓକିଲ ସଂଘ ସଭାପତି ଆଲୋକ ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ଫୁଲତୋଡ଼ା ଦେଉଛନ୍ତି।

କେନ୍ଦୁଝର ଜିଲା ଓକିଲ ସଂଘ ସଭାପତି ଆଲୋକ ମହାନ୍ତ (ରାଜା) ଏବଂ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରିନା ନାଏକ ସୋମବାର ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ମିଶିଛନ୍ତି । ମୁଖ୍ୟମନ୍ତ୍ରୀ ଦୁହିଁଙ୍କୁ ପୁଷ୍ପଗୁଚ୍ଛ, ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ।

ସାହାରପଡ଼ା ବ୍ଲକ୍‌ରେ ସୋମବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଚାଲିଥିବା ବେଳେ ବ୍ଲକ୍ ଅଧ୍ୟକ୍ଷା ଦଳ ଛାଡ଼ିବା ଦଳକୁ ଶକ୍ତ ଝଟକା ଲାଗିଥିବା ଚର୍ଚ୍ଚା ହେଉଛି। ୨ ନେତୃତ୍ୱଙ୍କ ଭାଜପାରେ ଯୋଗଦାନ ପରେ ଦଳ ଆଗାମୀ ଦିନରେ କେନ୍ଦୁଝରରେ ଆହୁରି ଶକ୍ତିଶାଳୀ ହେବ ବୋଲି ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି। ଉକ୍ତ ମିଶ୍ରଣ ସମୟରେ ଭାଜପା ଜିଲା ସଭାପତି ମହାନ୍ତ ବର୍ମା, ଅଜୟ ସାହୁ, ହେମରଞ୍ଜନ ବାରିକ, ପ୍ରିୟବ୍ରତ ଜେନା, ମମିତା ନାଏକ, ଶିବାଜୀ ମହାନ୍ତ ବର୍ମା, ସୁଦର୍ଶନ ମହାନ୍ତ, ବୁଲୁ ବାରିକ, ନରହରି ମହାନ୍ତ, ପ୍ରୀତିପ୍ରଭା ମହାନ୍ତ, ହୀରାଲାଲ ମହାନ୍ତ, କରୁଣା ସାଗର ଖଟୁଆ, ମିଲନ ମହାନ୍ତ, ଅଶ୍ୱିନୀ ମହାନ୍ତ ପ୍ରମୁଖ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଖାଦ୍ୟ ଯୋଗାଣମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ: ବିଜେଡି

ଭୁବନେଶ୍ୱର, ୪।୧୧(ଅନିଲ ଦାସ୍)

## ଆମ୍ବଟାକୁଆ ଜାଉ ଖାଇ ୨ ମୃତ୍ୟୁ ଘଟଣା

କନ୍ଧମାଳ ଅଞ୍ଚଳର ଦାରିଙ୍ଗବାଡ଼ି ବ୍ଲକର ମାଣ୍ଡିପଙ୍କା ଗାଁରେ ଆମ୍ବଟାକୁଆ ଜାଉଖାଇ ୨ ମହିଳାଙ୍କ ମୃତ୍ୟୁହେବା ଓ ୬ ମହିଳା ଗୁରୁତର ହୋଇଥିବା ଘଟଣାରେ ରାଜ୍ୟ ସରକାରଙ୍କ ପିଡିଏସ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଯୋଗୁ ଏଭଳି ଅଭାବନୀୟ ସ୍ଥିତି ଉପୁଜିଲା ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ମୁଖପାତ୍ର ସଞ୍ଜୟ ଦାସବର୍ମା କହିଛନ୍ତି, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ନିୟମ ଅନୁଯାୟୀ ରାଜ୍ୟରେ ରାଶନ ବଣ୍ଟନର ସୁକ୍ଷ୍ମ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ। ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ୩ ମାସର ରାଶନ ବଣ୍ଟନ ପାଇଁ ୨୭ ସେପ୍ଟେମ୍ବରରେ ଅର୍ଡର ବାହାରି ଥିଲା ; ଯାହା ୨୫ ଦିନ ଭିତରେ ବଣ୍ଟନ କାର୍ଯ୍ୟ ଶେଷହେବା କଥା। କିନ୍ତୁ ୧ ମାସରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ମାଣ୍ଡିପଙ୍କା ଅଞ୍ଚଳରେ ରାଶନ ବଣ୍ଟନ କରାଯାଇ ନ ଥିଲା। ଏହି ଘଟଣା ଘଟିବା ପରେ ତରବରିଆ ଭାବେ ନଭେମ୍ବର ୨ରେ ରାଶନ ବଣ୍ଟନ କରାଯାଇଥିଲା। ରାଶନ ବଣ୍ଟନ ହୋଇପାରି ନ ଥିବା କଥାକୁ ଜିଲାପାଳ ସ୍ୱୀକାର କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ପରିବର୍ତ୍ତେ ଅତ୍ୟନ୍ତ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିଲେ। ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆମ୍ବଟାକୁଆ ସେ ଅଞ୍ଚଳ ବାସିନ୍ଦାଙ୍କ ପାରମ୍ପରିକ ଖାଦ୍ୟ ବୋଲି କହିଥିଲେ। ସେହିପରି, ରାଜ୍ୟର ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଆମ୍ବଟାକୁଆ ସେହି ଅଞ୍ଚଳର ବାସିନ୍ଦାଙ୍କ ପାରମ୍ପରିକ ଖାଦ୍ୟ ବୋଲି କହିବା ସହ ଏହି ଘଟଣାରେ ମୃତାହତ ହୋଇଥିବା ଲୋକଙ୍କ ଘରେ ପର୍ଯ୍ୟାପ୍ତ ପରିମାଣରେ ଚାଉଳ ଥିଲା ବୋଲି ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ତାଙ୍କର ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ରାଜ୍ୟବାସୀଙ୍କ ସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି ଦାସବର୍ମା ଦାବି କରିଛନ୍ତି।

# ପାଲଲହଡ଼ାରେ ବଢ଼ୁଛି ରାଜନୈତିକ ବିବାଦ

## ଉଦ୍‌ଘାଟନ ପୂର୍ବରୁ ଫଳକ ଭଙ୍ଗା ଘଟଣା

- ବିଜେଡି ନେତାଙ୍କୁ ଗିରଫ କଲା ପୋଲିସ
- ପୋଲିସ ଚାପରେ ଥିବା କହିଲେ ମୁକେଶ
- ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କହିଲା ଭାଜପା

ପାଲଲହଡ଼ା,୪।୧୧ (ଦିବ୍ୟଜ୍ୟୋତି ଦାଶ)



Smt. Reenarani Naik
Chairman, Panchayat Samiti, Pallahara
Mob : 8114305199
Chairman
Panchayat Samiti, Palahara



Smt. Reenarani Naik
Chairman, Panchayat Samiti, Pallahara
Mob : 8114305199
Chairman
Panchayat Samiti, Palahara

ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ଥାନା ଓ ବିଡିଓଙ୍କୁ ଦେଇଥିବା ଅଭିଯୋଗ।

ଅନୁଗୋଳ ଜିଲା ପାଲଲହଡ଼ାଠାରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ ପୂର୍ବରୁ ଗତ ୨୭ ତାରିଖରେ ଉଦ୍‌ଘାଟନୀ ଫଳକକୁ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାୟକ ଭାଙ୍ଗିଦେଇଥିଲେ। ଏହି ଘଟଣାକୁ ନେଇ ପାଲଲହଡ଼ାରେ ରାଜନୈତିକ ବିବାଦ ବଢ଼ିବାରେ ଲାଗିଛି। ଘଟଣାର ଦିନକ ପୂର୍ବରୁ ବ୍ଲକ ଅଧ୍ୟକ୍ଷା ପଞ୍ଚାୟତ ସମିତିକୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବ ବୋଲି ପୋଲିସ, ବ୍ଲକ ପ୍ରଶାସନକୁ ଜଣାଇଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ତେଣୁ ପୋଲିସର ଦାୟିତ୍ୱହୀନତା କାରଣରୁ ଏପରି ବିବାଦ ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରି କି ଫଳକ ଭଙ୍ଗା ଘଟଣାରେ ସୋମବାର ପୋଲିସ ବିଜେଡି ନେତା କିଶୋର ସାମଲଙ୍କୁ ଗିରଫ କରିବା ପରେ ଏହି ରାଜନୈତିକ ବିବାଦ ଅଧିକ ବଢ଼ିଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୭ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପାଲଲହଡା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ହେଲେ ଉଦ୍‌ଘାଟନୀ ଫଳକରେ ବ୍ଲକ ଅଧ୍ୟକ୍ଷାଙ୍କ ନାମ ନ ଥିବାରୁ ବ୍ଲକ ଅଧ୍ୟକ୍ଷା ନାୟକ ଏ ନେଇ ପୂର୍ବଦିନ ପୋଲିସ ଓ ପ୍ରଶାସନକୁ ଜଣାଇଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ପଞ୍ଚାୟତ ସମିତିକୁ ଅଣଦେଖା କରାଯାଉଥିବା ଏଥିରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଯିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ଲକ ଅଧ୍ୟକ୍ଷା କେତେକ ଫଳକକୁ ଉଦ୍‌ଘାଟନ ପୂର୍ବରୁ ଭାଙ୍ଗି ଦେଇଥିଲେ। ଘଟଣା ପରେ ଭାଜପା ପକ୍ଷରୁ ବ୍ଲକ ଅଧ୍ୟକ୍ଷା ଏବଂ ସହଯୋଗୀମାନଙ୍କ ଗିରଫଦାରି ଦାବି କରାଯାଇ ଥାନା ଘେରାଉ କରାଯାଇଥିଲା। ଅପରପକ୍ଷରେ ଭାଜପାର ଏହି ଆନ୍ଦୋଳନ ପୋଲିସ ଉପରେ କେବଳ ଚାପ ପକାଇବା ପାଇଁ ବୋଲି ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆସିଥିବା ଟଙ୍କାରେ ନିଜ ଫଳକ ମାରି ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କାର୍ଯ୍ୟକ୍ରମ କରାଯିବାରୁ ଓ ବ୍ଲକ ଅଧ୍ୟକ୍ଷାଙ୍କ ନାମ ନ ଥିବାରୁ ଫଳକ ଭାଙ୍ଗି ଦିଆଯାଇଥିଲା ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ତେବେ ଫଳକ ଭଙ୍ଗା ଘଟଣାକୁ ନେଇ ପାଲଲହଡା ଥାନା ଏସ୍‌ଆଇ ଗୋବିନ୍ଦ ଚନ୍ଦ୍ର ମିଶ୍ର ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ରଞ୍ଜିତ ସାମଲ, କୁନୁ ଭୁକ୍ତା, ବିଜୁ ପାଳ ଏବଂ ଅନ୍ୟମାନଙ୍କ ନାମରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ସୋମବାର ବିଜେଡି ନେତା ସାମଲଙ୍କୁ ଗିରଫ କରିଛି। ଫଳରେ ରାଜନୈତିକ ବିବାଦ ଅଧିକ ଜଟିଳ ରୂପ ନେଇଛି। ଏ ନେଇ ପୂର୍ବତନ ବିଧାୟକ ମୁକେଶ ପାଲ କହିଛନ୍ତି, ପୋଲିସ ସରକାରୀ ଦଳର ଚାପଗ୍ରସ୍ତ ହୋଇ ଏପରି ଗିରଫ କରୁଛି। ସେଦିନ ଶତାଧିକ ଲୋକ ଉପସ୍ଥିତ ଥିଲେ। ପୋଲିସ ଫଟୋ ଦେଖି କେତେ ଲୋକଙ୍କୁ ଗିରଫ କରିବ। ଏହାର ଜବାବ ଆଇନ ଅନୁଯାୟୀ ଦିଆଯିବ। ଘଟଣା ସମ୍ପର୍କରେ ପାଲଲହଡା ଥାନା ଅଧିକାରୀଙ୍କ ମତାମତ ମିଳିପାରି ନ ଥିବାବେଳେ ପାଲଲହଡ଼ା ଭାଜପା ମଣ୍ଡଳ ସଭାପତି ପଞ୍ଚାନନ ସାହୁ କହିଛନ୍ତି, ଯିଏ ଦୋଷ କରିବ ସିଏ ଦଣ୍ଡ ପାଇବ। ବିଜେଡି ନେତ୍ରୀ ଏବଂ କର୍ମୀମାନେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ଚକ୍ରାନ୍ତ କରିଥିଲେ। ପୋଲିସ ଏବଂ ଭାଜପା କର୍ମୀଙ୍କୁ ଦୁର୍ବ୍ୟବହାର କରିଥିଲେ। ତେଣୁ ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏଥିରେ ଭାଜପାର କୌଣସି ଭୂମିକା ନାହିଁ । ବିଡିଓ ଦିଲୀପ କୁମାର ବାରା କହିଛନ୍ତି, ବ୍ଲକ ଅଧ୍ୟକ୍ଷାଙ୍କ ଅଭିଯୋଗ ପତ୍ର ପାଇବା ପରେ ସୁରକ୍ଷା ବ୍ୟବସ୍ଥା ନେଇ ତୁରନ୍ତ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲି। ପ୍ରଶାସନିକ ଅଧିକାରୀ ହିସାବରେ ଯାହା କରିବାର ଥିଲା ତାହା କରିଥିଲି।

# 'ଓଡ଼ିଶା ରାଜ୍ୟପାଳ, ଆସାମ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ'

ନୂଆଦିଲ୍ଲୀ, ୪।୧୧ (ପି.ଟି.)

## ଇସିଙ୍କ ନିକଟରେ କଂଗ୍ରେସର ଦାବି

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବାରମ୍ବାର ସାମ୍ପ୍ରଦାୟିକ ବୟାନବାଜି କରୁଥିବା ଦର୍ଶାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ ସୋମବାର ନିର୍ବାଚନ ଆୟୋଗ(ଇସି)ଙ୍କୁ ଏକ ପତ୍ର ଲେଖିଛନ୍ତି। ସେହିପରି ଓଡ଼ିଶା ରାଜ୍ୟପାଳ ରଘୁବର ଦାସ୍ ଜାମସେଦପୁରରେ ରହି ଭାଜପା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିବା ସେ କହିଛନ୍ତି। ଏକ ରାଜ୍ୟର ସାମ୍ବିଧାନିକ ମୁଖ୍ୟ ପଦରେ ଥାଇ ରଘୁବର କିପରି ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଇସିଙ୍କୁ ଦାବି କରିଛନ୍ତି। ରମେଶ କହିଛନ୍ତି, ଇସିଙ୍କ ନିକଟରେ ଅଭିଯୋଗ କରିବା ହେଉଛି ସମସ୍ତ ରାଜନୈତିକ ଦଳଙ୍କର ଗଣତାନ୍ତ୍ରିକ ଅଧିକାର। ଏକ ସାମ୍ବିଧାନିକ ସଂସ୍ଥା ଭାବେ ନିର୍ବାଚନ ପ୍ରକ୍ରିୟାକୁ ନେଇ ବିଭିନ୍ନ ବିରୋଧୀ ଦଳର ଅଭିଯୋଗଗୁଡ଼ିକୁ ଇସିଙ୍କ ପକ୍ଷରୁ ଗୁରତ୍ୱ ଦିଆଯିବାର ଆବଶ୍ୟକତା ରହିଛି।

# ଶିଳ୍ପାନୁଷ୍ଠାନଗୁଡ଼ିକ ରାଜ୍ୟ ସରକାରଙ୍କ ଉପରେ ଭରସା କରିପାରୁ ନାହାନ୍ତି: ବିଜେଡି

ଭୁବନେଶ୍ୱର,୪।୧୧(ଅନିଲ ଦାସ)

ଆନ୍ଧ୍ର ପ୍ରଦେଶର ଅନ୍‌କାପଲି ଠାରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଗୋଟିଏ ବୃହତ୍ ଷ୍ଟିଲପ୍ଲାଣ୍ଟ ପ୍ରତିଷ୍ଠା କରିବ ବୋଲି କମ୍ପାନୀ ତରଫରୁ ଘୋଷଣା ହେବା ପରେ ଓଡ଼ିଶାରେ ଏହି କମ୍ପାନୀ ଦ୍ୱାରା ପ୍ରତିଷ୍ଠା ହେବାକୁ ଥିବା ପ୍ଲାଣ୍ଟକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଗଣମାଧ୍ୟମକୁ ବିବୃତି ଦେଇ ବିଜୁ ଜନତା ଦଳର ବରିଷ୍ଠ ମିଡିଆ ସଂଯୋଜକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ରାଜ୍ୟ ଭାଜପା ସରକାରଙ୍କ ଅପାରଗତା କାରଣରୁ ଓଡ଼ିଶାରୁ ନିବେଶକମାନେ ଚାଲି ଯାଉଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଜାପାନ ଯାଇ ନିପନ ଷ୍ଟିଲ ସହିତ ଆଲୋଚନା କରିଥିଲେ। ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଓଡ଼ିଶା ସରକାରଙ୍କ ସହ ବିଶ୍ୱର ସର୍ବବୃହତ୍ ଷ୍ଟିଲପ୍ଲାଣ୍ଟ କେନ୍ଦ୍ରାପଡ଼ାରେ କରିବେ ବୋଲି ଚୁକ୍ତି କରିଥିଲେ। ରାଜ୍ୟର ଅନେକ ଯୁବତୀ ଯୁବକ ଏଥିରେ ନିଯୁକ୍ତି ପାଇଥାନ୍ତେ। କିନ୍ତୁ ଏହି ପ୍ରକଳ୍ପ ଆନ୍ଧ୍ର ପ୍ରଦେଶକୁ ଚାଲି ଯାଉଛି ବୋଲି ଆମେ ଜାଣିବାକୁ ପାଉଛୁ; ଯାହା ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଗୁଳିମାଡ଼

## ଫେରାର ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

**ରାଉରକେଲା,୪।୧୧(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ସୋମବାର ଗାମବସ୍ତିର ଆବେଶ ରାୟ(୪୦) ଙ୍କ ଉପରେ ଗୁଳି ମାଡ଼ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ବେଳେ ଗୁଳି ତାଙ୍କ ପିଠିରେ ବାଜିଛି। ଆହତ ଯୁବକଙ୍କୁ ପ୍ରଥମେ ଆର୍‌ଜିଏଚ୍ ଓ ପରେ ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଡିଏସ୍‌ପି ନିର୍ମଳ ମହାପାତ୍ର, ଥାନାଧିକାରୀ ଜୟନାରାୟଣ ଖଣ୍ଡାୟୀ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ସେଠାରୁ ୨ଟି ଖୋକା ଜବତ କରିଛି।



ଆଇଜିଏଚ୍‌ରେ ଆହତ ଯୁବକଙ୍କୁ ଚିକିତ୍ସା କରାଯାଉଛି।

ମିଳିଥିବା ସୂଚନା ଅନୁସାରେ, ଆବେଶ ଟ୍ରାଫିକ୍ ଗେଟ୍‌ରେ ଅଟୋ ଏଜେଣ୍ଟ ଭାବେ କାମ କରନ୍ତି। ସୋମବାର ସକାଳ ପ୍ରାୟ ୯ଟା ସମୟରେ ସେ ଘରୁ ବାହାରି ଅଟୋ ଷ୍ଟାଣ୍ଡରେ ପହଞ୍ଚିଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ସେଠାରେ ପହଞ୍ଚି ତାଙ୍କ ଉପରକୁ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଖବର ଲେଖାହେବା (ସନ୍ଧ୍ୟା ୬ଟା) ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ଆବେଶଙ୍କ ଭଉଣୀ ନର୍ମଦା ରାୟ କହିଛନ୍ତି, ୧୯୯୭ରେ ଟ୍ରାଫିକ୍ ମାର୍କେଟରେ ଭଗବାନ ସାହୁ ଓ ପାଣିଗ୍ରାହୀ ସାହୁ ବଟି ଆଦାୟ କରୁଥିବା ବେଳେ ବିରୋଧ କରିବାରୁ ଆବେଶଙ୍କ ବଡ଼ଭାଇ ରାଜେନ୍ଦ୍ରଙ୍କୁ ଆକ୍ରମଣ କରାଯାଇଥିଲା। ସେତେବେଳେ ତାଙ୍କ ମା' ରାଜେନ୍ଦ୍ରଙ୍କୁ ରକ୍ଷା କରିବାକୁ ଯାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ଏହାର ପ୍ରତିଶୋଧ ନେବାକୁ ରାଜେନ୍ଦ୍ରଙ୍କ ସାନଭାଇ ଆବେଶ ୨୦୦୨ରେ ଆକ୍ରମଣକାରୀ ଭଗବାନ ଓ ପାଣିଗ୍ରାହୀଙ୍କୁ ଟ୍ରାଫିକ୍ ମାର୍କେଟରେ ଭୁଜାଲିରେ ହାଣି ହତ୍ୟା କରିଥିଲେ। ଏହି ଘଟଣାରେ ସେ ଗିରଫ ହୋଇ ଜେଲଦଣ୍ଡ ଭୋଗିଥିଲେ। ସେହି ଘଟଣାର ପ୍ରତିଶୋଧ ନେବାକୁ ଭଗବାନ ସାହୁଙ୍କ ପୁଅ ସାଗର ରାୟ କିଛିଦିନ ହେଲା ଆବେଶଙ୍କୁ ମାରିବା ଲାଗି ସୁଯୋଗ ଖୋଜୁଥିଲେ। ସୋମବାର ସକାଳେ ସେ ଆବେଶଙ୍କ ଉପରକୁ ଗୁଳିଚାଳନା କରି ଫେରାର ହୋଇଯାଇଥିବା ନର୍ମଦା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡିଏସ୍‌ପି ମହାପାତ୍ର ସୂଚନା ଦେଇ କହିଛନ୍ତି, ଗୁଳିର ଶିକାର ହୋଇଥିବା ଆବେଶ ୨୦୦୨ରେ ଡବଲ୍ ମର୍ଡର ମାମଲାର (ନଂ.୩୫୧/୨୦୦୨)ଅଭିଯୁକ୍ତ ଅଟନ୍ତି। ତେବେ ଗୁଳିଚାଳନା କରିଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏପରି ହୋଇଥିବା ଜଣାପଡ଼ିଛି ବୋଲି ମହାପାତ୍ର କହିଥିଲେ।

# ନିବେଶ ଆଳରେ ୬.୧୯ ଲକ୍ଷ ଠକେଇ

## ଜଣେ ସାଇବର ଠକ ଗିରଫ

**ଭୁବନେଶ୍ୱର,୪।୧୧(ସତ୍ୟଜିତ୍ ରାଉତ)**

ଶେୟାର ମାର୍କେଟ୍‌ରେ ନିବେଶ ଆଳରେ ଜଣେ ମହିଳାଙ୍କଠାରୁ ୬.୧୯ ଲକ୍ଷ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କାଳିଆପ୍ରସାଦ ଅଞ୍ଚଳରେ ରହୁଥିବା କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ପାଟପୁର ଅଞ୍ଚଳର ପ୍ରମୋଦ କୁମାର ସାହୁ ଓରଫ ସୋନୁ (୩୪)। କୋର୍ଟଚାଲାଣ ପରେ ଅଭିଯୁକ୍ତ ପ୍ରମୋଦଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ୧.୩ ଲକ୍ଷ ଟଙ୍କା ଥିବା ପ୍ରମୋଦଙ୍କ ଏକ ୟୁକୋ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରିଛି। ଏଥିସହ ତାଙ୍କଠାରୁ ଦୁଇ ମୋବାଇଲ, ୫ଟି ଡେବିଟ୍ କାର୍ଡ, ଚେକ୍ ବୁକ୍ ଆଦି ଜବତ ହୋଇଛି। ପ୍ରମୋଦ ଦଶମ ପାସ୍ କରିଥିବା ବେଳେ ଡ୍ରାଇଭର ଭାବେ କାମ କରନ୍ତି।

ଠକେଇର ଶିକାର ହୋଇଥିବା ମହିଳା ଜଣକ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମଣ୍ଡପ ବସ୍ତିରେ ରୁହନ୍ତି। ସେ କିଛିମାସ ତଳେ ଏକ ଟ୍ରେଡିଂ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ଅନ୍‌ଲାଇନ୍ ଷ୍ଟକ୍‌ରେ ନିବେଶ କଲେ ଟଙ୍କା ବହୁଗୁଣ ହୋଇଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ତାଙ୍କୁ ଏକ ଫେକ୍ ଟ୍ରେଡିଂ ଆପ୍ (କେଟିକେ-ଏଏଏମ୍ ଆଣ୍ଡ୍ କେଟିକେ ଏଏଏମ୍ ପ୍ରୋ)ରେ ଆକାଉଣ୍ଟ ଖୋଲିବାକୁ କୁହାଯାଇଥିଲା। ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୧୦ ମଧ୍ୟରେ ଅଭିଯୋଗକାରିଣୀ ଜଣକ ସେଥିରେ ୬ ଲକ୍ଷ ୧୯ ହଜାର ଟଙ୍କା ନିବେଶ କରିଥିଲେ। ପରେ ସେ ଟଙ୍କା ଉଠାଣ କରିବାକୁ ପ୍ରୟାସ କରିବାରୁ ତାଙ୍କୁ ଆଉ ଅଧିକ ଟଙ୍କା ନିବେଶ କରିବାକୁ କୁହାଯାଇଥିଲା। ଏନେଇ ମହିଳାଙ୍କ ଏତଲାକ୍ରମେ ସେପ୍ଟେମ୍ବର ୨୩ରେ ପୋଲିସ ଏକ ମାମଲା (ନଂ.୨୪୨/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତବେଳେ ଠକେଇ ଟଙ୍କା ପ୍ରମୋଦଙ୍କ ଆକାଉଣ୍ଟରେ ଜମା ହୋଇଥିବା ଜଣାପଡିଥିଲା। ତେବେ ପ୍ରମୋଦଙ୍କ ସହ ଆଉକେତେଜଣ ଏହି ଠକେଇରେ ସମ୍ପୃକ୍ତ ଥିବା ତଦନ୍ତ ବେଳେ ଜଣାପଡିଛି। ସେମାନଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି କରୁଛି।

# ସ୍କୁଟିରୁ ୨ ଲକ୍ଷ ୮୦ ହଜାର ଜବତ

## ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ସହାୟକ ଅଟକ

**କେନ୍ଦୁଝର,୪।୧୧**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଭିଜିଲାନ୍ସ ୟୁନିଟ୍ ସୋମବାର ସନ୍ଧ୍ୟାରେ କେନ୍ଦୁଝର ସହରରେ ଥିବା ହୋଟେଲ ଅଜନ୍ତା ନିକଟରେ ଏକ ସ୍କୁଟି (ଓଡି୦୯ଏଏ ୯୩୪୮)ରୁ ୨ ଲକ୍ଷ ୮୦ ହଜାର ଟଙ୍କା ଜବତ କରିଛନ୍ତି। ଅର୍ଥର ଠିକ୍ ସୂଚନା ଦେଇ ପାରି ନ ଥିବାରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ସହାୟକଙ୍କୁ ଭିଜିଲାନ୍ସ ଟିମ୍ ଅଟକ ରଖିଛି। ଅଟକ କିରାଣି ହେଲେ ଶେଖର ଲାଲ ସାହୁ। ସେ ଏଡିଏମ୍‌ଓ (ପରିବାର କଲ୍ୟାଣ)ଙ୍କ ଅଧୀନରେ କାମ କରୁଥିଲେ। ପ୍ରକାଶ ଯେ, ସୋମବାର ୬୦ ଜଣ ଏଏନ୍‌ଏମ୍‌ଙ୍କ ରେଗୁଲାର ହେବା ପାଇଁ ସାର୍ଟିଫିକେଟ ଯାଞ୍ଚ ହେଉଥିଲା। ଏହି ଅର୍ଥ ସେମାନଙ୍କଠାରୁ ଆଦାୟ କରି ରଖିଥିଲେ ବୋଲି ସନ୍ଦେହ କରାଯାଉଛି। ଏ ନେଇ ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ପୂଜାରୀ କହିଛନ୍ତି, ତଦନ୍ତ ପରେ ଠିକ୍ ତଥ୍ୟ ମିଳିପାରିବ। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତିକୁ ନେଇ ଯାଞ୍ଚ ପରେ ଏବଂ ଅଧିକ ତଦନ୍ତ ପରେ ଠିକ୍ ତଥ୍ୟ ମିଳିପାରିବ ବୋଲି ମତ ପ୍ରକାଶ ପାଉଛି।

# ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ଯୁବକ ମୃତ

**କାମାକ୍ଷାନଗର,୪।୧୧(ସୁଧୀର ପରିଡ଼ା)**

ବାରହା ଶିକାର ପାଇଁ ଶିକାରୀ ବସାଇଥିବା ବିଦ୍ୟୁତ୍ ଫାଶରେ ଲାଗି ରବିବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଉଁଶପାଳ ଗ୍ରାମ ନିକଟରେ ଏହି ଘଟଣା ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି କଙ୍କିଳି ଗ୍ରାମ ମୁଣ୍ଡାସାହିର ସନ୍ତୋଷ ପଧାନ।

ସୂଚନା ଅନୁସାରେ, ସନ୍ତୋଷ ଶ୍ୱଶୁର ଘର ଗୁଣ୍ଡିଚାନାଳିରୁ ପରିବାର ଲୋକଙ୍କ ସହ ନିଜ ଗ୍ରାମ କଙ୍କିଳି ଫେରୁଥିବା ବେଳେ ବାଉଁଶପାଳ ଗ୍ରାମ ନିକଟରେ ବିଲରେ ପଡ଼ିଥିବା ଏକ ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଉଁଶପାଳ ଗ୍ରାମ ନିକଟରେ ଅବାଧରେ ବାରହା ଶିକାର କରିବା ପାଇଁ ବିଦ୍ୟୁତ୍ ତାର ବିଛାଯାଉଥିବା ବେଳେ ଅନେକ ସମୟରେ ଏଥିରେ ପଡ଼ି ବନ୍ୟଜନ୍ତୁ ଓ ମଣିଷଙ୍କ ଜୀବନ ଯାଉଛି। ବନବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୪ କି.ମି. ଦୂରରେ ଥିବା ବାଉଁଶପାଳ ଗ୍ରାମରେ ଏପରି ଘଟଣା ଘଟୁଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

# ଏନ୍‌ଆଇଟି ଡାକ୍ତରଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା,୪।୧୧(ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ରେ କାର୍ଯ୍ୟରତ ମେଡିକାଲ ଅଫିସରଙ୍କ ଝୁଲନ୍ତା ମୃତଦେହକୁ ସୋମବାର ଜବତ କରାଯାଇଛି। ମୃତକ ହେଲେ ଡାକ୍ତର ସନ୍ତୋଷ ହୁଗର(୨୭) ଏବଂ ସେ କର୍ଣ୍ଣାଟକ ବିଜୟପୁରା ଜିଲା ନିବାସୀ ଅଟନ୍ତି। ଖବର ପାଇ ସେକ୍ଟର-୩ ଥାନା ପୋଲିସ ଅଧିକାରୀ ପ୍ରତିଭା ମଞ୍ଜରୀ ସାହୁ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ନିକଟରୁ ଏକ ସୁସାଇଡ୍ ନୋଟ୍ ଜବତ କରାଯାଇଛି। ମଙ୍ଗଳବାର ମୃତକଙ୍କ ପରିବାର ଲୋକେ କର୍ଣ୍ଣାଟକରୁ ଆସିବା ପରେ ବ୍ୟବଚ୍ଛେଦ ଏବଂ ସୁସାଇଡ୍ ନୋଟ ସମ୍ପର୍କରେ ତଦନ୍ତ କରାଯିବ ବୋଲି ପୋଲିସ କହିଛି।



ଡା. ସନ୍ତୋଷ ହୁଗର।

ସୂଚନା ଅନୁଯାୟୀ, ମୃତ ଡାକ୍ତର ଅବିବାହିତ ଏବଂ ଏନ୍‌ଆଇଟି କ୍ୟାମ୍ପସରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡ଼ିକାଲ ଅଫିସର ଭାବେ ୨୦୨୩ରୁ କାର୍ଯ୍ୟରତ ଥିଲେ। ସେ ଏନ୍‌ଆଇଟି କ୍ୟାମ୍ପସସ୍ଥିତ ଭର୍ଗିସ କୁରିଆନ୍ ହଲ୍ ଅଫ୍ ରେସିଡେନ୍ସର ଏ ବ୍ଲକରେ ରହୁଥିଲେ। ସୋମବାର ସକାଳ ୯ଟାରେ ତାଙ୍କର ଡ୍ୟୁଟି ଥିଲା। ପୂର୍ବରାତିରେ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ହୁଗରଙ୍କୁ ମୋବାଇଲ ଫୋନ୍‌ରେ କଲ୍ କରିଥିଲେ। ବାରମ୍ବାର କଲ୍ କରିବା ସତ୍ତ୍ୱେ ହୁଗର କଲ୍ ରିସିଭ୍ କରି ନ ଥିଲେ। ସନ୍ଦେହ ହେବାରୁ ଏ ସମ୍ପର୍କରେ ସେ ସିକ୍ୟୁରିଟି ଓ ବରିଷ୍ଠ ଅଧିକାରୀମାନଙ୍କୁ ସୂଚନା ଦେଇଥିଲେ। ସେମାନେ ପୋଲିସ ସହ ତାଙ୍କ ରୁମ୍‌କୁ ଯାଇଥିଲେ। କବାଟ ଭିତର ପଟରୁ ବନ୍ଦ ଥିବା ଯୋଗୁ ପୋଲିସ କବାଟ ଭାଙ୍ଗିଥିଲା ଏବଂ ଫ୍ୟାନ୍‌ରେ କପଡ଼ା ବାନ୍ଧି ଝୁଲୁଥିବା ଅବସ୍ଥାରେ ହୁଗରଙ୍କୁ ଉଦ୍ଧାର କରିଥିଲା।

# କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ, ୪ ଗିରଫ

**ଭୁବନେଶ୍ୱର,୪।୧୧ (ସୂର୍ଯ୍ୟକାନ୍ତ ବେହେରା)**

କନ୍ଧମାଳରୁ ଅଟୋ ଯୋଗେ ଭୁବନେଶ୍ୱରକୁ ବେଆଇନ ଭାବେ ଗଞ୍ଜେଇ ଚାଲଣ ବେଳେ ବରମୁଣ୍ଡାରେ ଯାଞ୍ଚବେଳ ଖଣ୍ଡଗିରି ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରରେ ରହୁଥିବା କନ୍ଧମାଳର କମ୍ପୁପାଣୀ ଦିଗଲ ଓ ତାଙ୍କ ଭାଇ ନବଘନ ଦୀଗଲ ଏବଂ ଅନ୍ୟ ଦୁଇ ଭାଇ ହେଲେ ନିଳାଞ୍ଚଳ ବେହେରା ଓ ହିମାଞ୍ଚଳ ବେହେରା। ସେମାନଙ୍କଠାରୁ ୨୧ କେଜି ଗଞ୍ଜେଇ ଓ ଅପରାଧରେ ବ୍ୟବହୃତ ଅଟୋକୁ ଜବତ କରିଛି।

# ସକାଳେ ବଚସା, ସନ୍ଧ୍ୟାରେ ହତ୍ୟା

## କଟୁରି ଚୋଟରେ ଯୁବକ ମୃତ

**ଛେଣ୍ଡିପଦା,୪।୧୧ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଚାଙ୍ଗୁଡ଼ିଆ ଗ୍ରାମରେ ସୋମବାର ପୂର୍ବ ଶତ୍ରୁତାକୁ ନେଇ କଟୁରି ଚୋଟରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଚାଙ୍ଗୁଡ଼ିଆ ଗ୍ରାମର ଚିକୁନ ମାଝି(୨୪)। ଘଟଣାରୁ ପ୍ରକାଶ, ପୂଜା ମଣ୍ଡପକୁ ନେଇ ସକାଳେ ଚାଙ୍ଗୁଡ଼ିଆ ଗାଁର ଚତୁର୍ଭୁଜ ମାଝି (୪୦)ଙ୍କ ସହ ଚିକୁନ ଓ ତାଙ୍କ ପରିବାର ଲୋକଙ୍କ ବଚସା ହୋଇଥିଲା। ସନ୍ଧ୍ୟାରେ କାଳୀପୂଜା ଭସାଣି ପାଇଁ ସାଜସଜ୍ଜା କରି ଚିକୁନୁ ଘରକୁ ଡ୍ରେସ୍ ବଦଳାଇବାକୁ ଆସୁଥିବା ବେଳେ ଅଭିଯୁକ୍ତ ଚତୁର୍ଭୁଜ ଏକ କଟୁରିରେ ତାଙ୍କୁ ହାଣି ଦେଇଥିଲେ। ପରିବାର ଲୋକେ ତୁରନ୍ତ ଚିକୁନଙ୍କୁ ଏକ ମୋଟରସାଇକେଲରେ କୋଶଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଚତୁର୍ଭୁଜଙ୍କୁ କାବୁ କରି ଥାନାକୁ ଆଣିଥିଲା। ଏହି ହତ୍ୟା ଘଟଣା ପରେ ଗାଁରେ ଭସାଣି ଉତ୍ସବ ହୋଇପାରି ନ ଥିବା ବେଳେ ଚାପା ଉତ୍ତେଜନା ଦେଖାଦେଇଛି। ଘଟଣାସ୍ଥଳରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଟ୍ରକ୍ ଚୋରି ମାମଲାରେ ୪ ଗିରଫ

## ଚୋରା ଟ୍ରକ୍ ସ୍କ୍ରାପ୍ ବ୍ୟବସାୟୀଙ୍କୁ ବିକୁଥିଲେ

**କେନ୍ଦୁଝର,୪।୧୧(ଦୀପକ ମିଶ୍ର)**

କେନ୍ଦୁଝର ଟାଉନ ପୋଲିସ ଟ୍ରକ୍ ଚୋରି ମାମଲାରେ ସୋମବାର ୪ ଜଣଙ୍କୁ ଗିରଫ କରିଛି। ଏଥିସହ ଚୋରି ଟ୍ରକ୍ ଜବତ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ଶିରିଶପାଳ ଗ୍ରାମର ଦୀପକ କୁମାର ଗିରି(୩୫), ଦେବଦତ୍ତ ଗିରି(୩୪), ତ୍ରିଲୋଚନ ମୁଣ୍ଡା(୩୫), କାର୍ତ୍ତିକ ମହାକୁଡ(୫୫)। ଅଭିଯୁକ୍ତମାନେ ଟ୍ରକ୍ ଚୋରି କରି ସ୍କ୍ରାପ୍ ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ ବୋଲି ପୋଲିସ ଆଗରେ କହିଛନ୍ତି। ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୩ରେ ଢେଙ୍କାପୁରଶାସନର ବିଶ୍ୱରଞ୍ଜନ ପତି ଡାଙ୍ଗରପଡ଼ାରେ ତାଙ୍କ ଟ୍ରକ୍ ରଖିଥିଲେ। ସେପ୍ଟେମ୍ବର ୧୫ରେ ଉକ୍ତ ସ୍ଥାନକୁ ଆସି ତାଙ୍କ ଟ୍ରକ୍( ଓଆର ୦୯-କେ-୯୭୦୧) ଚୋରି ହୋଇଥିବା ଜାଣିବାକୁ ପାଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜରେ ଗତ ୧୪ ତାରିଖ ଦିନ ବିଳମ୍ବିତ ରାତିରେ ଟ୍ରକ୍ ଚୋରି ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ଖୋଜାଖୋଜି ପରେ ଗତ ୧୬ ତାରିଖ ଦିନ ହରିଡ଼ାଗୋଠ ରାସ୍ତା ପାଶ୍ୱରେ ଟ୍ରକ୍ ଟିକୁ ଠାବ କରିଥିଲା। ଟ୍ରକ୍ ଚୋରି କରିବା ପରେ ଗାଡିରୁ ୧୨୦ ଲିଟର ଡିଜେଲ ନେଇଯାଇଥିଲେ। ଘଟଣାରେ ଜଡିତ ସ୍ଥାନୀୟ ୫ ଜଣ ଫେରାର ହୋଇଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ସୋମବାର ମୁଖ୍ୟ ଅଭିଯୁକ୍ତ ଦୀପକଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି।

# ଶିକ୍ଷକଙ୍କଠୁ ୮୭ଲକ୍ଷ ଲୁଟିନେଲେ ସାଇବର ଠକ

**ମାଲକାନଗିରି,୪।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ସାଇବର ଠକେଇ ହୋଇଥିବା ଜଣାପଡିଛି। ମାଥିଲି ଥାନା ଅଞ୍ଚଳରେ ଜନୈକ ଶିକ୍ଷକ ଏହି ଠକେଇର ଶିକାର ହୋଇଛନ୍ତି। ସେ ବିଭିନ୍ନ ସମୟରେ ୮୭ ଲକ୍ଷ ଟଙ୍କା ସାଇବର ଠକଙ୍କୁ ଦେଇଥିବା ଜଣାପଡିଛି।

ପ୍ରଥମେ ଶିକ୍ଷକଙ୍କୁ ଫୋନ କଲ ଆସିଥିଲା। ଶିକ୍ଷକଙ୍କ ବ୍ୟାଙ୍କ ନେଣ ଦେଣ ବିଷୟରେ ତଥ୍ୟକୁ ଆଧାରକରି ଦୀର୍ଘ ୧ ମାସ ଧରି ତାଙ୍କୁ ଧମକ ଦେବା ସହ ନିଜକୁ ପ୍ରସାସନିକ ଅଧିକାରୀ ଯଥା ସିବିଆଇ, ଇଡ଼ି, ହାଇକୋର୍ଟ କର୍ମଚାରୀ ପରିଚୟ ଦେଇ ଠକମାନେ ଧମକ ଦେବା ସହ ମାନସିକ ନିର୍ଯାତନା ଦେଉଥିଲେ। ତୁମେ ଅସତ୍ ଉପାୟରେ ଟଙ୍କା ଅର୍ଜନ କରିବା ସହ ବିଭିନ୍ନ ଅପରାଧିକ ସଂସ୍ଥାରେ ନିବେଶ କରିଛ, ତୁମକୁ ସେମାନେ ମାରିଦେବେ, ତେଣୁ ତୁମକୁ ଆମେ ରକ୍ଷା କରିପାରିବୁ ବୋଲି କହି ପ୍ରଥମ ପର୍ଯ୍ୟାୟରେ ଲକ୍ଷାଧିକ ଟଙ୍କା ଠକି ନେବାପରେ ଦିନକୁ ଦିନ ଅଧିକ ଟଙ୍କା ଦାବି କରିଥିଲେ ଠକ। ଏ ବିଷୟରେ କାହାକୁ କହିଲେ ତୁମ ସହ ପରିବାର ଲୋକଙ୍କୁ ହତ୍ୟା କରିବୁ ବୋଲି ଧମକ ଦେଇଥିବାରୁ ଶିକ୍ଷକ ଜଣଙ୍କ ଭୟରେ ନିଜ ପରିବାରରେ କାହାକୁ ଜଣାଇ ନ ଥିଲେ। ଦିନକୁ ଦିନ ତାଙ୍କୁ ଅଧିକରୁ ଅଧିକ ଟଙ୍କା ଦାବିକରି ଥିଲେ ସାଇବର ଲୁଟେରା। ଶେଷରେ ସେ ବାଧହୋଇ ନିଜ ସମ୍ପର୍କୀୟ ଓ ଭାଇଙ୍କଠାରୁ ପ୍ରାୟ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଧାର କରିବା ସହ ବ୍ୟାଙ୍କରୁ ୨୬ଲକ୍ଷ ଟଙ୍କା ଋଣକରି ଏପରି ସମୁଦାୟ ୮୭ଲକ୍ଷ ଟଙ୍କା ଶିକ୍ଷକ ଜଣଙ୍କ ଏହି ସାଇବର ଠକଙ୍କୁ ଦେବାକୁ ବାଧ୍ୟ ହୋଇଥିଲେ। କିଛିଦିନ ପରେ ସାଇବର ଲୁଟେରା ଫୋନ ଆସିବା ବନ୍ଦ ହେବାପରେ ସେ ଲୁଟର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଶେଷରେ ରାଜ୍ୟ ସାଇବର ସେଲକୁ ଫୋନ ମାଧ୍ୟମରେ ଏନେଇ ଜଣାଇବା ଥିଲେ ଶିକ୍ଷକ ଜଣକ। ଯାହାର ତଦନ୍ତ ଜାରି ରହିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣ୍ଟାରେ ବସନ ପକାଇ,**
**ଛାଟି ହେଉଛୁ କାହିଁ ପାଇଁ।**

ସାଧାରଣତଃ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡ଼ାଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ଏପରି ଜାଣିଶୁଣି କଣ୍ଟାବାଡ଼ରେ ଲୁଗା ପକାଇ କଳି କରୁଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**କଂସାକୁ ତାଟିଆ ଝାଇଁ;**
**ନୂଆ ଦେଖିକରି ଭୁଲି ପଡ଼ିଲ**
**ପୁରୁଣା କି ମନେ ନାହିଁ।**

ନୂଆ ପ୍ରତି ସଭିଙ୍କ ମନରେ ଅହେତୁକ ଆଦରଭାବ ରହିଥାଏ। ନୂଆ ନୂଆ ସଭିଙ୍କୁ ଖୁବ୍ ଭଲ ଓ ସୁନ୍ଦର ଲାଗିଥାଏ। ନୂଆ ପାଇଲେ ପୁରୁଣାଠୁ ମନ ଛାଡ଼ିଯାଏ। ପରୋକ୍ଷରେ ନୂଆ ତରୁଣୀକୁ ଦେଖି ପୁରୁଣା ପ୍ରେମିକାକୁ ଉପେକ୍ଷା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଲାଞ୍ଚ ନେଇ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

## ବିଲ୍ କରିଦେବାକୁ ଠିକାଦାରଙ୍କଠାରୁ ନେଉଥିଲେ ୧୦ ହଜାର

**ଫୁଲବାଣୀ, ୪।୧୧**
**(ରାକେଶ କୁମାର ରାଉତ)**

ଏବେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେଉଛି। ତଥାପି ଦୁର୍ନୀତି କମିବାର ନାଁ ଧରୁନି। ସକାଳେ ଶପଥ ନେଇଥିବା କର୍ମଚାରୀ ସନ୍ଧ୍ୟାରେ ଦୁର୍ନୀତି କରିବାକୁ ପଛାଉ ନାହିଁ। ଏଭଳି ଏକ ଘଟଣା ସୋମବାର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଦେଖିବାକୁ ମିଳିଛି। ଗୋଟିଏ କାର୍ଯ୍ୟର ବିଲ୍ କରିବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଇ ବ୍ଲକ୍‌ର କନିଷ୍ଠଯନ୍ତ୍ରୀ ଅଶୋକ ପାଢ଼ୀ ଧରା ପଡ଼ିଛନ୍ତି।



କନିଷ୍ଠଯନ୍ତ୍ରୀ ଅଶୋକ ପାଢ଼ୀ।

ମିଳିଥିବା ସୂଚନା ଅନୁସାରେ ଗୋଚ୍ଛାପଡ଼ା ପଞ୍ଚାୟତ ବୁଡିଗୁଡ଼ାଠାରେ ଏକ ବିଶ୍ରାମାଗାର ଜଣେ ଠିକାଦାର ନିର୍ମାଣ କରିଥିଲେ। ଏହି କାମର ବିଲ୍ କରାଇ ଦେବା ପାଇଁ ଯନ୍ତ୍ରୀ ପାଢ଼ୀ ଠିକାଦାର ରଘୁନାଥ ମହାକୁଡ଼ଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ରଘୁନାଥ ଏନେଇ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ସୋମବାର ସକାଳେ ପୂର୍ବ ପ୍ରସ୍ତୁତି ଅନୁସାରେ ଠିକାଦାର ୧୦ ହଜାର ଟଙ୍କା ନେଇ ଯନ୍ତ୍ରୀ ପାଢୀଙ୍କୁ ଫିରିଙ୍ଗିଆସ୍ଥିତ ନିଜ ସରକାରୀ ବାସଭବନରେ ଦେଇଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀ ଯନ୍ତ୍ରୀଙ୍କୁ ଧରିଥିଲେ। ତାଙ୍କଠାରୁ କେମିକାଲ ମିଶ୍ରିତ ଟଙ୍କା ଜବତ ହୋଇଛି। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏବେ ଯନ୍ତ୍ରୀଙ୍କ ସମ୍ପତ୍ତି ଆକଳନ ପାଇଁ ଭିଜିଲାନ୍ସ ବିଭାଗର ବିଭିନ୍ନ ଟିମ୍ ତାଙ୍କ ସରକାରୀ ବାସଭବନ, ବ୍ଲକ କାର୍ଯ୍ୟାଳୟରେ ଥିବା ତାଙ୍କର ଦପ୍ତର ସହ ବ୍ରହ୍ମପୁର ଭବାନୀପୁର ଲୋଚାପଡ଼ାରେ ଥିବା ତାଙ୍କର ପୈତୃକ ଘର ଓ ତାଙ୍କ ଶ୍ୱଶୁର ଘର ଉପରେ ଚଢ଼ାଉ ଜାରି ରହିଛି। ଫୁଲବାଣୀ ଭିଜିଲାନ୍ସ ଡିଏସ୍‌ପି କୁମୁଦିନୀ ସାହୁଙ୍କ ନେତୃତ୍ୱରେ ବୌଦ୍ଧ ଡିଏସ୍‌ପି ସୁରେଶ କହଁର, ଇନ୍ସପେକ୍ଟର ଜଗବନ୍ଧୁ ଭଣ୍ଡାରିଆ, କନ୍‌ଷ୍ଟେବଲ ସନ୍ତୋଷ ସାହୁଙ୍କ ସହ ଏକ ୧୨ ଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ। ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ନଂ. ୧୯/୨୪ରେ ଏକ ମାମଲା ରୁଜୁ ହୋଇଛି।

# ବାଇକ୍ ଚୋରି ଅଭିଯୋଗରେ ଯୁବକଙ୍କୁ ଗଛରେ ବାନ୍ଧି ପିଟିଲେ

**ଉମରକୋଟ, ୪।୧୧**
**(ସନ୍ତୋଷ ଶତପଥୀ)**

ବାଇକ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ମାଡ଼ ମରାଯାଉଥିବା ଭିଡିଓ ଭାଇରାଲ ହେଉଛି। ଏହି ଘଟଣା ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଡାବିରିଗୁଡ଼ା ଗ୍ରାମ ନିକଟ ଜଙ୍ଗଲର ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଉମରକୋଟ ଓ ଏହାର ଆଖପାଖ ବଙ୍ଗୀୟ ଗ୍ରାମରେ ମା' କାଳୀଙ୍କ ପୂଜା ଚାଲିଛି। ସୁକିଗାଁରେ ହେଉଥିବା ପୂଜା ଦେଖିବାକୁ ଉକ୍ତ ଅଞ୍ଚଳର କୈଳାସ ଶିକଦାର ଯାଇଥିଲେ। ସେ ଏକ ସ୍ଥାନରେ ବାଇକ୍ ରଖି ପୂଜା ଦେଖିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ନ ଥିବା ଦେଖି କୈଳାସ ଚୋରି ହୋଇଥିବା ସନ୍ଦେହ କରି ଖୋଜାଖୋଜି କରିଥିଲେ। ଏହାର ୨ ଦିନ ପରେ ଡାବିରିଗୁଡ଼ା ଜଙ୍ଗଲ ନିକଟରେ ଚୋରି ବାଇକ୍ ଥୁଆ ହୋଇଥିବା ଦେଖିଥିଲେ। ପାଖରେ ଜଣେ ଯୁବକ ନିକଟସ୍ଥ ଜମିରେ ସାର ପକାଉଥିବା ଦେଖି ତାଙ୍କୁ ଧରି ବାଇକ୍ ସମ୍ପର୍କରେ ପଚରାଉଚରା କରିଥିଲେ। ଯୁବକ ଜଣକ ବାଇକ୍ ଚୋରି କରିଥିବା ଅସ୍ୱୀକାର କରିବାରୁ ଗ୍ରାମବାସୀ ରାଗିଯାଇ ତାଙ୍କୁ ଗୋଟିଏ ଗଛରେ ବାନ୍ଧି ପିଟିଥିଲେ। ପରେ ଯୁବକ ଜଣକ ପରିସ୍ଥିତିରେ ପଡ଼ି ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲେ। ମାଡ଼ ଖାଇଥିବା ଯୁବକ ଜଣେ ବାଇକ ମେକାନିକ ବୋଲି ଜଣାପଡ଼ିଛି। କୈଳାସଙ୍କୁ ଗାଡ଼ି ମିଳିବା ପରେ ଆପୋସ ସମାଧାନ କରାଯାଇଥିଲା। ଏ ନେଇ ସେ ଥାନାରେ କୌଣସି ଅଭିଯୋଗ କରି ନଥିଲେ। କିନ୍ତୁ ଏହି ସମୟର ଭିଡିଓ ଉତ୍ତୋଳନ କରି କେହି ଭାଇରାଲ କରିଦେଇଥିଲେ।






ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପରିବହନକୁ ନେଇ ୨ ଟ୍ରକ୍ ମାଲିକ ସଂଘ ମୁହାଁମୁହିଁ

**କେନ୍ଦୁଝର,୪।୧୧**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଦୈତାରୀ ଲୁହାପଥର ଖଣିରୁ ପରିବହନକୁ ନେଇ ୨ ଟ୍ରକ୍ ମାଲିକ ସଂଘ ମୁହାଁମୁହିଁ ହୋଇଛନ୍ତି। ଲୋଡିଂ ଟୋକନ ବଣ୍ଟନକୁ ନେଇ ବିବାଦ ଆରମ୍ଭ ହୋଇଥିବା ବେଳେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଛି। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୨ ଏସ୍‌ଡିପିଓ, ୪ ଇନ୍ସପେକ୍ଟର ଓ ୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।



ଉତ୍ତେଜନା ସ୍ଥଳରେ ୨ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାମାନେ।

ସୂଚନା ଅନୁଯାୟୀ, ଉକ୍ତ ଖଣିରୁ ଲୁହାପଥର ପରିବହନ ପାଇଁ ଏକ ଟ୍ରକ୍ ସଂଘ ପୂର୍ବରୁ ରହିଥିଲା। ଏବେ ଅନ୍ୟ ଏକ ଟ୍ରକ ମାଲିକ ସଂଘ ଗଠନ କରାଯାଇଛି। ସୋମବାର ଟୋକନ ବଣ୍ଟନକୁ ନେଇ ୨ ସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। କିଛି ବିତ୍ତଶାଳୀ ଟ୍ରକ୍ ମାଲିକ ଖଣିରୁ ଲୁହାପଥର ପରିବହନ ଦାୟିତ୍ୱକୁ ହାତେଇବା ପାଇଁ ନୂଆ ସଂଘ କରିଛନ୍ତି। ଖଣି କାର୍ଯ୍ୟରୁ ପୁରୁଣା ସଂଘକୁ ବାଦ ଦେବାକୁ ଉଦ୍ୟମ କରାଯାଉଛି। ନୂଆ ସଂଘ ସମ୍ପୂର୍ଣ୍ଣ ବେଆଇନ ଏବଂ ସରକାରୀ ଅଧିକାରୀ ଚକ୍ରାନ୍ତ କରି ଏହାର ପଞ୍ଜୀକରଣ କରିଥିବା ପୁରୁଣା ସଂଘର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପୁରୁଣା ଟ୍ରକ୍ ମାଲିକ ସଂଘ ବ୍ୟାପକ ଦୁର୍ନୀତିରେ ବୁଡ଼ି ରହି ଟ୍ରକ୍ ମାଲିକଙ୍କୁ ଶୋଷଣ କରୁଛି। ସ୍ଥାନୀୟ ଅଞ୍ଚଳର ବିକାଶ କରୁ ନ ଥିବା ନୂଆ ସଂଘର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଦୈତାରୀ ଲୁହାପଥର ଖଣିରେ ଉତ୍ତେଜନା ଲାଗି ରହିଛି। ସେଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ରହୁଥିବାରୁ ପୋଲିସ ସଜାଗ ରହିଛି। ଏ ନେଇ ଅତିରିକ୍ତ ଏସ୍‌ପି ଦିଲୀପ କୁମାର ନାୟକ କହିଛନ୍ତି, ଖଣିଜ ପଥର କ୍ରେତା ଟୋକନ ବାଣ୍ଟୁଛନ୍ତି। ଫଳରେ ଲୁହାପଥର ପରିବହନ ସ୍ୱାଭାବିକ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିନକରେ ୬ଲକ୍ଷ କୋଟି ହରାଇଲେ ନିବେଶକ

- ୪୪୨ ପଏଣ୍ଟ କମିଲା ସେନସେକ୍ସ
- ନିଫ୍ଟି ୨୪,୦୦୦ ଅଙ୍କର ନିକଟବର୍ତ୍ତୀ

ମୁମ୍ବାଇ,୪।୧୦

ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ଓ ଭୂ-ରାଜନୈତିକ ବାତାବରଣ ଯୋଗୁ ଭାରତୀୟ ପୁଞ୍ଜି ବଜାର ଓ ଷ୍ଟକ ମାର୍କେଟ କାରବାରରେ ଏକ ପ୍ରକାରର ବଡ ଧରଣର ପ୍ରଭାବ ପଡିଛି। ଏପରିକି ଶେୟାର ବଜାରର ନିବେଶକ ଦିନକରେ (ସୋମବାର) ୬ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ବା ପୁଞ୍ଜି ହରାଇଛନ୍ତି।

ଅପରପକ୍ଷରେ କ୍ରମାଗତ ଭାବେ ଶେୟାର ବଜାରର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାରରେ ହ୍ରାସ ଘଟିଛି। ଫଳରେ ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର କାରବାର ପ୍ରାୟ ୪୪୨ ପଏଣ୍ଟ କମି ୭୮,୭୮୨.୨୪ ଅଙ୍କରେ ଥିଲାବେଳେ ଏନଏସଇ ନିଫ୍ଟି କାରବାରରେ ମଧ୍ୟ ୧.୨୭% ହ୍ରାସ ଘଟି ପ୍ରାୟ ୨୪,୦୦୦ (୨୩,୯୯୫.୩୫ ଅଙ୍କ) ଅଙ୍କର ନିକଟବର୍ତ୍ତୀ ହୋଇଥିଲା।



ଉଲ୍ଲେଖଯୋଗ୍ୟ, ସୋମବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୪୨ ଲକ୍ଷ କୋଟିରେ ପହଞ୍ଚିଥିଲା। ଏପରିକି ପୂର୍ବ କାରବାର (ଶୁକ୍ରବାର) ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୪୮ ଲକ୍ଷ କୋଟି ଥିଲାବେଳେ ସୋମବାର କାରବାର ଶେଷ ସୁଦ୍ଧା ନିବେଶକମାନେ ୬ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ହରାଇବାରୁ ବଜାର ପୁଞ୍ଜି ୪୪୨ ଲକ୍ଷ କୋଟିରେ ପହଞ୍ଚିଥିଲା।

ସେହିଭଳି ୩୦ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର ମିଡକ୍ୟାପ କାରବାରରେ ୧.୩% ହ୍ରାସ ଘଟିଥିଲାବେଳେ ସ୍ମଲକ୍ୟାପର କାରବାରରେ ୧.୬୫% କମିଥିଲା। ଏପରିକି ଏନଏସଇ ନିଫ୍ଟର ମିଡକାପ କାରବାରରେ ୧.୨୬% କମି ୫୫,୭୮୪.୫୫ ଅଙ୍କରେ ପହଞ୍ଚିଥିଲାବେଳେ ସ୍ମଲକ୍ୟାପ କାରବାରରେ ମଧ୍ୟ ୨.୦୪% ହ୍ରାସ ଘଟି ୮୯୦୨.୫୦ ଅଙ୍କରେ ରହିଥିଲା। ସେହିପରି ନିଫ୍ଟି ବ୍ୟାଙ୍କିଙ୍ଗ କାରବାର ୪୫୮.୬୫ ପଏଣ୍ଟ କମି ୫୧,୨୧୫.୨୫ ଅଙ୍କରେ ବନ୍ଦ ହୋଇଥିଲା।

## ଶେୟାର ବଜାରରେ ହ୍ରାସ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ପ୍ରାୟ ୯୪୨ (୯୪୧.୮୮) ପଏଣ୍ଟ କମି ୭୮,୭୮୨(୭୮,୭୮୨.୨୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୦୯ (୩୦୯.୦୦) ପଏଣ୍ଟ ହ୍ରାସ ଘଟି ୨୩,୯୯୫ (୨୩,୯୯୫.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ନଭେମ୍ବର ୮ରୁ 'ପଥ ପ୍ରଦର୍ଶକ ୨.୦'

ଭୁବନେଶ୍ୱର,୪।୧୧

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କ୍ୟାରିୟର ମ୍ୟାପ୍ ପକ୍ଷରୁ ଚଳିତ ବର୍ଷ ନଭେମ୍ବର ୮ରୁ ଏକ ୨ଦିନିଆ ପ୍ରଦର୍ଶନୀ 'ପଥ ପ୍ରଦର୍ଶକ ୨.୦'ର ଆୟୋଜନ କରାଯାଉଛି। ୨୦୨୪ ନଭେମ୍ବର ୮ ଓ ୯ ରେ ଭୁବନେଶ୍ୱରର ଜାଗମରା ରୋଡ୍‌ସ୍ଥିତ ଖଣ୍ଡଗିରି କ୍ରିକେଟ ପଡିଆଠାରେ ରାଜ୍ୟର ବୃହତ କ୍ୟାରିୟର ଆଣ୍ଡ ୟୁନିଭର୍ସିଟି ଫେୟାର 'ପଥ ପ୍ରଦର୍ଶକ ୨.୦'ର ଆୟୋଜନ କରାଯାଇଛି। କ୍ୟାରିୟର ମ୍ୟାପ୍ ପକ୍ଷରୁ ସୋମବାର ଭୁବନେଶ୍ୱରର ଲାଇଫ୍ ହୋଟେଲ୍‌ଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ କ୍ୟାରିୟର ମ୍ୟାପ୍‌ର ପ୍ରତିଷ୍ଠାତା ତଥା ଏମ୍‌ଡି ଯଶବନ୍ତ ନାରାୟଣ ସିଂହ ଲାଲ, ସିଓଓ ଅମିତ କୁମାର ତ୍ରିପାଠୀ ଓ ଜିଏମ ଜ୍ୟୋତି ସରିତା ପ୍ରମୁଖ ଯୋଗ ଦେଇ ପଥ ପ୍ରଦର୍ଶକ ୨.୦ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଦୁଇ ଦିନିଆ ପ୍ରଦର୍ଶନୀ ସକାଳ ୯ ଘଡିକାରୁ ରାତି ୯ ଘଡିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ନବମ ଶ୍ରେଣୀରୁ ପୋଷ୍ଟଗ୍ରାଜୁଏଟ ଛାତ୍ରୀଛାତ୍ର ଓ ସେମାନଙ୍କର ଅଭିଭାବକମାନଙ୍କୁ ବିବିଧ ଶିକ୍ଷାଗତ ଓ କ୍ୟାରିୟର ମାର୍ଗ ଅନୁସନ୍ଧାନ କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିବ।

# ବିଓଏମ୍ ପକ୍ଷରୁ ସତର୍କତା ସଚେତନତା ସପ୍ତାହ




ଭୁବନେଶ୍ୱର,୪।୧୧

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସତର୍କତା ସଚେତନତା ସପ୍ତାହ ନିକଟରେ ଶେଷ ହୋଇଯାଇଛି। ଏପରିକି ୨୦୨୪ ଅକ୍ଟୋବର ୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ବିଓଏମ ଅଞ୍ଚଳ କାର୍ଯ୍ୟାଳୟଠାରେ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଓଏମ ପକ୍ଷରୁ ଭୁବନେଶ୍ୱରର ରୁପାଲି ଛକଠାରେ ଏକ ୱାକାଥନ୍‌ର ଆୟୋଜନ ସହ ଦୁର୍ନୀତି ବିରୋଧୀ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା। ସେହିଭଳି ବିଓଏମ୍ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଉପଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ କୁମାର ଦାଶ, ସିପିସି ମୁଖ୍ୟ ପ୍ରବନ୍ଧକ ରବିଶଙ୍କର କୁମାର, ଭୁବନେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ଦୀପକ ଦଣ୍ଡପାଟ ଏବଂ ଅଞ୍ଚଳ ସତର୍କତା ଅଧିକାରୀ ଆଶିଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରତ୍ୟେକ କାରବାରରେ ସ୍ୱଚ୍ଛତା ଓ ସଚ୍ଚୋଟତା ବଜାୟ ରଖିବା ସହିତ ନୈତିକ ଆଚରଣରେ ସର୍ବୋଚ୍ଚ ମାନ ବଜାୟ ରଖିବା ଏବଂ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଓ ଲାଞ୍ଚ ଦେବା କିମ୍ବା ଗ୍ରହଣ କରିବା ଉପରେ ସଚେତନତା ସୃଷ୍ଟି କରିବା ଏହି ୱାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ନାଲ୍‌କୋରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଭୁବନେଶ୍ୱର,୪।୧୧ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ ବା ନାଲକୋ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ନିକଟରେ ପାଳିତ ହୋଇଯାଇଛି। ଏପରିକି ଚଳିତ ବର୍ଷର ବିଷୟବସ୍ତୁ 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ଆଧାରରେ ନାଲକୋର ସମସ୍ତ ୟୁନିଟ ତଥା ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ପୋର୍ଟ ଫାସିଲିଟିଠାରେ ମଧ୍ୟ ବିଭିନ୍ନ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସେହିଭଳି ଜୀବନରେ ଅଖଣ୍ଡତା, ସାଧୁତା ଏବଂ ଉତ୍ତରଦାୟିତ୍ୱର ବାର୍ତ୍ତା ପ୍ରଚାର ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏପରିକି ଅଖଣ୍ଡତା ଶପଥ ପାଠ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା, କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ମଧ୍ୟ ଆୟୋଜିତ ହୋଇଥିଲା।




ଅପରପକ୍ଷରେ କଟକ-ଭୁବନେଶ୍ୱରର ୩୫ରୁ ଅଧିକ ଶିକ୍ଷାନୁଷ୍ଠାନରୁ ପ୍ରାୟ ୩୦୦ ପ୍ରତିଯୋଗୀ ଏହି ତର୍କ ତଥା ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ସେହିପରି ନାଲକୋ କର୍ପୋରେଟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ନାଲକୋର ନିର୍ଦ୍ଦେଶକ (ପି ଆଣ୍ଡ ଟି) ଏବଂ ନିର୍ଦ୍ଦେଶକ (ଏଚ୍‌ଆର୍, ଅତିରିକ୍ତ ଦାୟିତ୍ୱ) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ଆଇଆର୍‌ଏସ୍‌ଇ, ସିଭିଓ ହରଶିମରନ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# ୱାକାଥନ୍ ଜରିଆରେ ଜାଗରୁକତା ସୃଷ୍ଟି

ଭୁବନେଶ୍ୱର,୪।୧୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏପରିକି ୨୦୨୪ ଅକ୍ଟୋବର ୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ମଣ୍ଡଳ ପରିସରରେ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପିଏନ୍‌ବି କଟକ ମଣ୍ଡଳର ମଣ୍ଡଳ ମୁଖ୍ୟ ଜଗବନ୍ଧୁ ପାଢ଼ୀଙ୍କ ନେତୃତ୍ୱରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ୱାକାଥନ୍ ସିଡିଏ ସେକ୍ଟର-୬ ରୁ ଆରମ୍ଭ ହୋଇ ସତୀଚଉରା ଛକ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପହଞ୍ଚିଥିଲା। ଏପରିକି ଏହି ୱାକାଥନ୍ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପରେ ସଚେତନତା ଆଣିବା ପାଇଁ ଚେଷ୍ଟା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ କଟକ ସିଟି ଶାଖାର କର୍ମଚାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଏହିପରି କାର୍ଯ୍ୟକ୍ରମ କରି ଲୋକମାନଙ୍କ ମଧ୍ୟରେ ଜାଗରୁକତା ସୃଷ୍ଟି କରିବାକୁ ପାଢ଼ୀ ଆହ୍ୱାନ ଦେଇଥିଲାବେଳେ ମୁଖ୍ୟ ପ୍ରବନ୍ଧକ ଲୋପାମୁଦ୍ରା କାନୁନ୍‌ଗୋ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।





# Classified Everyday
0674-2580101, 2549949



## REAL ESTATE
### SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-1837

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1838

Duplex sale at Bhubaneswar and apartment Kalinganagar DAV School- 9777433701. D-76202

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



## CONSTRUCTION

Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469. D-76203

## GENERAL
### SALE

16" Colour TV & Boxpattern Teak Alana for sale. Contact- 9937672073. D75350




Around 800sft. Ground Floor for Office, commercial Godown at Chintamaniswar behind Mandap, Bhubaneswar walkable distance to Cuttack Road Railstation. 9348832682. D-1840




Newly open health benefits spa by expert therapist. Contact- 6371861658. D-76165

Newly open health benefits spa special offer @799 Bapujinagar. 8 0 1 8 4 2 9 8 0 9 D-76167

Newly open Jyoti SPA positively health benefits (Expert therapist). 8458067955. D-76166

## AFFIDAVIT

I, Pabitra Jena (41 yrs), W/o- Naresh Jena, Vill- Baudpur, P.O.- Madhab Nagar, P.S.-Bhadrak (Rural), Dist.- Bhadrak. My daughter's actual name is Arpita Priyadarshani Jena. But in her Birth Certificate her name is wrongly mentioned Arpita Priyadarshani. By this affidavit I declare that Arpita Priyadarshani Jena and Arpita Priyadarshani same and one child. D-1841

I, Sanjulata Das, W/o- Prabhat Kumar Das, resident of At- Gohal, P.O.- Jagannathpur, P.S.- Balianta, Dist.- Khorda, PIN- 752101 Odisha declare by this affidavit No.- 1561, dtd.- 11.09.2024, that now onwards I shall be known as Basanta Manjari Das for all future purposes. D-1842

I, Pravat Kumar Das, S/o- Late Birabar Das, resident of At- Gohal, P.O.- Jagannathpur, P.S.- Balianta, Dist.- Khorda, PIN- 752101, Odisha declare by this affidavit No.-1561, dtd.- 11.09.2024, that now onwards I shall be known as Prabhat Kumar Das for all future purposes. D-1843

I, Sankiri Sahu alias Padmini Sahoo (59 Yrs), W/o-Late Damodar Sahoo, At/P.O.- Erada, P.S.- Sabarang, Dist.- Bhadrak, I have an LIC Policy bearing No.- 599046712 where my nick name is wrongly mentioned Sankiri Sahu. But my actual name is Padmini Sahoo as per Aadhaar Card. By this affidavit I declare that Sankiri Sahu and Padmini Sahoo same and one person. D-1844

I, Rajendra Pradhan, S/o- Srikanta Charan Pradhan, resident of ward No.- 6, Benuda, P.O.- Katisahi, P.S.- Kamarda, Dist.- Baleshwar, Pin- 756035, Odisha declare by this affidavit No.- 169/2024 dtd.- 01.10.2024 that now onwards I shall be known as RAJENDRA KUMAR PRADHAN for all future purposes. D-1845

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର, ରିଭିଜନ କୋର୍ଟ ନଂ.-୩, ଚତୁର୍ଥ ମହଲା, ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ୍-୫, ଭୁବନେଶ୍ୱର।
ଓ.ଏସ୍.ଏସ୍. କେସ୍ ନଂ.-୧୬୦୮/୨୦୧୯ ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ।

ଶରତ କୁମାର ଜେନା ....... ଦରଖାସ୍ତକାରୀ

ବନାମ

ଧୋବେଇ ସାହୁ ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ-୫ ନିୟମ-୨୦ ଉପନିୟମ ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀମାନଙ୍କ ନାମ ଓ ଧାମ -

ପ୍ରତିବାଦୀ ନଂ.-୧ ଧୋବେଇ ସାହୁ, ପିତା- ଆରତ ସାହୁ, ପ୍ରତିବାଦୀ ନଂ.-୨ କରୁଣାକର ସାହୁ, ପିତା-ନୀଳମଣି ସାହୁ, ପ୍ରତିବାଦୀ ନଂ.-୩ ଦିନବନ୍ଧୁ ସାହୁ, ପିତା- ସତ୍ୟପିର ସାହୁ, ପ୍ରତିବାଦୀ ନଂ.-୪ କୃପାସିନ୍ଧୁ ସାହୁ, ପିତା- ସତ୍ୟପିର ସାହୁ, ପ୍ରତିବାଦୀ ନଂ-୫ ବାଇଧର ସାହୁ, ପିତା-ରାମ ସାହୁ, ପ୍ରତିବାଦୀ ନଂ.-୬ ଗୁଣ୍ଡୁରି ସାହୁ, ପିତା-ବୈଷ୍ଣବ ସାହୁ, ପ୍ରତିବାଦୀ ନଂ.-୭ ଗୌର ଚରଣ ସାହୁ, ପିତା-ବୈରାଗୀ ଚରଣ ସାହୁ, ପ୍ରତିବାଦୀ ନଂ.-୮ ଭାଗବତ ସାହୁ, ପିତା-ରଙ୍କନିଧି ସାହୁ

ଉପରଲିଖିତ ପ୍ରତିବାଦୀ ନଂ.-୧ ଠାରୁ ୭ଙ୍କ ଠିକଣା ଗ୍ରା-ଗାଡ଼କଣ, ପୋ-ମଞ୍ଚେଶ୍ୱର (ଅର.ସି), ଥାନା- ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୭ ଏବଂ ପ୍ରତିବାଦୀ ନଂ.-୮ଙ୍କ ଠିକଣା ସା-ସଚଲ, ପୋ/ଥାନା- ବିଞ୍ଝାରପୁର, ଜିଲ୍ଲା-ଯାଜପୁର, ପିନ୍-୭୫୫୦୦୪, ଆପଣମାନଙ୍କ ଗୋଚରାର୍ଥେ ଜଣାଇଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସହର ୟୁନିଟ୍-୩୯, ଗାଡ଼କଣ ମୌଜା ସାବକ ଖାତା ନଂ-୭୮, ସାବକ ପ୍ଲଟ ନଂ-୨୦୦୩, ରକବା- ଏ୦.୧୩୫ଡିସିମିଲ ସ୍ଥଧ ଏ୦.୩୪.୪୩ ଡିସିମିଲ ଯାହାର ହାଲ୍ ବନ୍ଦୋବସ୍ତ ଖାତା ନଂ.-୧୫୮୦, ହାଲ୍ ପ୍ଲଟ୍ ନଂ.-୨୫୮୩, ରେକର୍ଡ ରକବା ଏ.୦.୧୨୫ଡିସିମିଲ କିନ୍ତୁ ପ୍ରକୃତ ରକବା ଏ.୦.୦୩୪.୪୩ଡିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମକଦ୍ଦମା କରିଅଛନ୍ତି ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା ୦୩।୧୨।୨୪ରିଖ ଦିବା ୦୩:୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନତୁବା ଆଇନ ଅନୁଯାୟୀ ମାନ୍ୟବର କୋର୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ସ୍ଥାନ-ଭୁବନେଶ୍ୱର, ତାରିଖ-୨୩।୧୦।୨୪

ମାନ୍ୟବର ଅତିରିକ୍ତ ରିଭିଜନ
କୋର୍ଟଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର

ଧ-୧୮୩୯

ଫ୍ୟାଶନ

## ଷ୍ଟାଇଲିଶ୍ ବ୍ଲାଉଜ



ଶାଢ଼ିର ମୁଖ୍ୟଭାଗ ହୋଇଥାଏ ବ୍ଲାଉଜ୍ । ଯଦି ଶାଢ଼ି ସହ ବ୍ଲାଉଜ୍ ଠିକ୍ ଭାବେ ସିଲାଇ କରାହୋଇଛି ତେବେ ଏହା ଯଦି ଫିଟିଂ ହୋଇଛି ତେବେ ଆପଣ ଷ୍ଟାଇଲିଶ୍ ଲାଗିବେ । ଆସନ୍ତୁ , ଏବେ ଆପଣଙ୍କୁ କିଛି ଲାଟେଷ୍ଟ ବ୍ଲାଉଜ୍ ବିଷୟରେ ସୂଚନା ଦେଉଛୁ । ଏହାକୁ ବି ଆପଣ ନିଜ ହିସାବରେ ଚୟନ କରିପାରିବେ, ତେବେ ଆପଣ ଟିକେ ଡିଫରେଣ୍ଟ ଦେଖାଯିବେ।

**ବ୍ୟାକ୍‌ଲେସ୍:** ଯଦି ଆପଣ ସମ୍ପୂର୍ଣ୍ଣ ରୂପେ ବ୍ୟାକ୍‌ଲେସ୍ ବ୍ଲାଉଜ୍ ପିନ୍ଧିବାକୁ କମ୍ଫଟେବଲ୍ ମଣୁ ନାହାନ୍ତି ତେବେ ଷ୍ଟାଇଲିଶ୍ ଡିଜାଇନ ବି ଆପଣଙ୍କୁ ବ୍ୟାକ୍‌ଲେସ୍ ଭଳି ଫ୍ୟାନ୍ସି ଲୁକ୍ ଦେଇପାରେ। ଆପଣଙ୍କ ଶାଢ଼ି ଯଦି ଅଧିକ ହେଭି ନାହିଁ, ତେବେ ଏହି ଡିଜାଇନର ବ୍ଲାଉଜ୍ ନିହାତି ସିଲେକ୍ଟ କରିବା ଆବଶ୍ୟକ। ମ୍ୟାଚିଂ ଡୋରି ଏବଂ ଲଟକନ୍ ସହିତ ଆପଣଙ୍କୁ ବେଶ୍ ଷ୍ଟାଇଲିଶ୍ ଲୁକ୍ ଦେବ।

**ସ୍କୋୟାର ସେପ୍ କଟ୍:** ଆଜିକାଲି ବ୍ଲାଉଜର ବ୍ୟାକ୍ ପାଟର୍ନ ବହୁତ ଟ୍ରେଣ୍ଡରେ ଅଛି। ଏହା ଆପଣଙ୍କୁ ବହୁ ୟୁନିକ୍ ଏବଂ ଷ୍ଟାଇଲିଶ୍ ଲୁକ୍ ଦେବ। ଏହି ବ୍ଲାଉଜ୍ ପିସ୍ ଆପଣ ନିଜର ହେଭି ଏମ୍ବ୍ରୋଡରି ଶାଢ଼ି କିମ୍ବା ସିଲ୍କ ଶାଢ଼ି ସହ ଏହାକୁ ଷ୍ଟିଚ୍ କରି ପିନ୍ଧି ପାରିବେ। ଏହାଦ୍ୱାରା ଶାଢ଼ିର ସମ୍ପୂର୍ଣ୍ଣ ଲୁକ୍ ଫୁଟିକି ବାହାରି ଆସିଥାଏ।

**ଡୋରିର ସୁନ୍ଦର ପ୍ୟାଟର୍ନ:** ବ୍ଲାଉଜ୍ ଡିଜାଇନ ହେବ ପୁଣି ସେଥିରେ ଡୋରି ବାଲା ଡିଜାଇନ ନ ଥିବ, ଏହା କିପରି ସମ୍ଭବ ହେବ। କିନ୍ତୁ ସେଇ ପୁରୁଣା ଟ୍ରାଡିସନାଲ ଡିଜାଇନ ଜାଗାରେ ଲାଟେଷ୍ଟ ପ୍ୟାଟର୍ନ ଟ୍ରାଏ କରାଯାଇପାରେ। ବିଶ୍ୱାସ କରିବେନି ଏହି ବ୍ଲାଉଜ୍ ଡିଜାଇନ ଆପଣଙ୍କୁ ଏତେ ୟୁନିକ୍ ଲୁକ୍ ଦେବ, ଆପଣଙ୍କ ସାଙ୍ଗସାଥୀ ମଧ୍ୟ ଇମ୍ପ୍ରେସ ହୋଇଯିବେ।

## ଘର ସଜାଉଥିଲେ....

ଘର ସଜାଇବା ସମୟରେ ଆପଣ ଅନେକ ଭୁଲ୍ କରିଥାନ୍ତି। ତେବେ ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ..



-ଆବଶ୍ୟକତାଠାରୁ ଅଧିକ ଫଟୋ କାନ୍ଥରେ ଲଗାନ୍ତୁ ନାହିଁ। ଏହା ଦେଖିବାକୁ ଏତେଟା ଭଲ ଲାଗି ନ ଥାଏ। ଘରର କୌଣସି ଭାଗରେ ଗୋଟିଏ କିମ୍ବା ଦୁଇଟି ଫଟୋ ଲଗାନ୍ତୁ। ଏପରି କରିବା ଦ୍ୱାରା ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ।

-ଘରର ସବୁ କାନ୍ଥରେ ଗୋଟିଏ କଲର ଲଗାନ୍ତୁ। ଅଲଗା ଅଲଗା ରଙ୍ଗ କରିବା ଦ୍ୱାରା ଘର ଭିନ୍ନ ପ୍ରକାର ଦେଖାଯାଇଥାଏ। କାନ୍ଥ କଲର ସହ ମ୍ୟାଚିଂକରି ଫର୍ନିଚର ପକାଇ ଘରକୁ ସଜାନ୍ତୁ।

– କେତେକେ ମାର୍କେଟରେ ବିକ୍ରି ହେଉଥିବା ଘରସଜା ଜିନିଷ କିଣିଦେଇଥାନ୍ତି । ଏହାଦ୍ୱାରା ଘର ସୁନ୍ଦର ଦେଖାଯିବା ବଦଳରେ ଅସୁନ୍ଦର ଦେଖାଯାଏ। ସବୁବେଳେ ଏହି କଥାକୁ ଧ୍ୟାନ ରଖିବା ଆବଶ୍ୟକ, ଯେଉଁ ଜିନିଷ ସଜାଇବା ଦ୍ୱାରା ଘର ସୁନ୍ଦର ଦେଖାଯାଉଛି ସେ ଜିନିଷ ରଖନ୍ତୁ।

– ଯଦି ଆପଣଙ୍କ ନିକଟରେ ଗୁଡ଼ାଏ ଆଣ୍ଟିକ୍ ପିସ୍ ଅଛି ତେବେ ତାକୁ ସ୍ମାର୍ଟ ଉପାୟରେ ରଖନ୍ତୁ। ଲିଭିଂ ରୁମ୍‌କୁ ମ୍ୟୁଜିୟମ କରିବା ବଦଳରେ ଘରକୁ ଏପରି ସଜାନ୍ତୁ ଯାହା ଅନ୍ୟ ସାମଗ୍ରୀ ସହ ମ୍ୟାଚ୍ ଖାଇଯାଉଥିବ।

# କର୍ମଜୀବୀ ଦମ୍ପତି ଓ ସମସ୍ୟା

କର୍ମଜୀବୀ ଦମ୍ପତି ପ୍ରାୟ ଦିନ ତମାମ ନିଜ କର୍ମକ୍ଷେତ୍ରରେ ରହିଥାଆନ୍ତି। ଏପରି କି ବେଳେବେଳେ ଅଫିସରୁ ଫେରିବାରେ ବିଳମ୍ବ ହୋଇଥାଏ। ତେଣୁ ଡେରିରେ ଘରେ ପହଞ୍ଚିବା ପରେ ଦୁହେଁ କର୍ମଚାପରୁ ମୁକୁଳିବାକୁ ଚାହିଁଥାଆନ୍ତି। ହେଲେ ସେପଟେ ଘରର ସମସ୍ୟା, ପିଲାମାନଙ୍କର ପାଠପଢ଼ା, ସ୍ୱାସ୍ଥ୍ୟ ଆଦି ପାଇଁ ଦୃଷ୍ଟିଦେବାକୁ ପଡ଼େ। ଏହି ସମୟରେ ଜଣେ ସମସ୍ତ କାମ ଅନ୍ୟ ଜଣଙ୍କ ଉପରେ ଲଦିଦେବା ଠିକ୍ ନୁହେଁ। କୌଣସି ସମସ୍ୟା ସମୟରେ ଦୁହେଁ ଯଦି ଏକାଠି ଏହାର ସମାଧାନର ସୂତ୍ର ଖୋଜନ୍ତି, ତେବେ ତାହା ଏ ନେଇ ସୃଷ୍ଟି ହୋଇଥିବା ଟେନ୍‌ସନକୁ ଅନେକାଂଶରେ ହାଲକା କରିଥାଏ। ଘରକୁ ଫେରିବା ପରେ ପରସ୍ପର ସମସ୍ୟାକୁ ଦୁହେଁ ବୁଝିବା ଦରକାର।

ବର୍ତ୍ତମାନ କେବଳ ପୁରୁଷ ନୁହନ୍ତି, ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହେଲେଣି। ଏପରିକି ଘର ସଂସାର କରିବା ପରେ ମଧ୍ୟ ଅନେକେ ଚାକିରି, ବ୍ୟବସାୟ ଆଦିରେ ନିଜକୁ ନିୟୋଜିତ ରଖୁଛନ୍ତି। ତେବେ ଯଦି ଉଭୟେ ଅର୍ଥାତ୍ ସ୍ୱାମୀ ଏବଂ ସ୍ତ୍ରୀ କର୍ମଜୀବୀ ହୋଇଥାଆନ୍ତି, ତେବେ ଦୁହିଁଙ୍କୁ ବେଶ୍ ସତର୍କତାର ସହ ଆଗେଇବାକୁ ପଡ଼ିଥାଏ। କାରଣ ଗୋଟିଏ ପଟେ ଚାକିରି ଅନ୍ୟ ପଟେ ଘର ସଂସାର, ଏଭଳି ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଆଗେଇନେବାକୁ ପଡ଼ିଥାଏ। ତେବେ ଏହି ସମୟରେ ଦୁହିଁଙ୍କର ଦୈନନ୍ଦିନ ଜୀବନ କିପରି ସୁରୁଖୁରୁରେ ଚାଲିବ ସେଥିଲାଗି ଦୁହିଁଙ୍କୁ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିଥାଏ। ବହୁ କର୍ମଜୀବୀ ଦମ୍ପତି ଅନେକ ସମୟରେ ଟେନ୍‌ସନର ବଶବର୍ତ୍ତୀ ହୋଇଥାଆନ୍ତି। ହେଲେ ସେତେବେଳେ ଦୃଢ଼ମନରେ ସମସ୍ୟାଗୁଡ଼ିକର ସାମ୍ନା କରିବା ସହ ଆଗେଇବାକୁ ପଡ଼ିଥାଏ। ତେବେ ଏହି ସମୟରେ ନିମ୍ନଲିଖିତ କେତୋଟି ଟିପ୍ସ ପ୍ରତି ଧ୍ୟାନ ଦେଇପାରନ୍ତି।

**ବୁଝାମଣା:** କର୍ମଜୀବୀ ଦମ୍ପତିଙ୍କ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି- ବୁଝାମଣା। କାରଣ ଦୁହେଁ ଯେହେତୁ କର୍ମଜୀବୀ ତେଣୁ ଉଭୟେ ନିଜ ନିଜ କର୍ମକ୍ଷେତ୍ରରେ ବ୍ୟସ୍ତ ରହିଥାଆନ୍ତି। ତା'ସହ ଘର କଥା, ପିଲାଙ୍କ କଥା ବୁଝିବାକୁ ପଡ଼ିଥାଏ। ଏହି ସମୟରେ ଦୁହିଁଙ୍କ ଭିତରେ ବୁଝାମଣା ଠିକ୍ ରହିବା ନିହାତି ଦରକାର। କାରଣ ଜୀବନର ଅନ୍ୟ ନାମ ହେଉଛି ସମସ୍ୟା। ସମସ୍ୟା ଆସିଲେ ସେଥିରେ ନିରୁତ୍ସାହିତ ହୋଇପଡ଼ନ୍ତୁ ନାହିଁ। ଯଦି ପ୍ରତିଟି ସମସ୍ୟାକୁ ଦୁହେଁ ଭଲ ଭାବରେ ଆଲୋଚନା କରନ୍ତି, ତେବେ ଏହାର ସମାଧାନର ବାଟ ହୁଏତ ସହଜରେ ମିଳିଯିବ। ଯଦି କୌଣସି ସମସ୍ୟାକୁ ନେଇ ଟେନ୍‌ସନରେ ରହିଲେ ତେବେ ତାହା ଧୀରେ ଧୀରେ ପାହାଡ଼ ପରି ବୋଝ ଲାଗିବ। ତେଣୁ ଦୁହିଁଙ୍କ ଭିତରେ ସମନ୍ୱୟ ରହିବା ଦରକାର।

**ପରସ୍ପରକୁ ସମୟ ଦିଅନ୍ତୁ:** ସାଧାରଣତଃ ସ୍ତ୍ରୀ-ସ୍ୱାମୀ ଉଭୟେ ଚାକିରି କରିଥିଲେ ଦୁହେଁ ପରସ୍ପରକୁ ସମୟ ଦେବା ଦରକାର। କାରଣ କାମ ଚାପର ବଶବର୍ତ୍ତୀ ହେବା ଦ୍ୱାରା ଜଣେ ସେଥିରୁ କିପରି ମୁକୁଳିବ ଚିନ୍ତା କରିବା ସ୍ୱାଭାବିକ। ଏଭଳି ସସମ୍ୟା ସହ ଭାରାକ୍ରାନ୍ତ ମନରେ ଘରକୁ ଫେରିଲେ ଦୁହେଁ ଖୋଲା ମନରେ କଥା ହେବା ହୁଏତ ସମ୍ଭବ ନୁହେଁ। ତେଣୁ ଉଭୟେ ପରସ୍ପରକୁ କିଛି ସମୟ ଦେଲେ ଏବଂ ତା' ଭିତରେ ନିଜର ସମସ୍ୟା ବିଷୟରେ ଆଲୋଚନାକଲେ ହୁଏତ ସମାଧାନର ସୂତ୍ର ମିଳିଯାଇପାରେ। ଚାକିରିଟିଏ କରି ଦି'ପଇସା ରୋଜଗାର କରିବା ଏବଂ ତା'ସହ ସଂସାରକୁ ଠିକ୍ ଭାବରେ ଚଳାଇବା ସହଜ କଥା ନୁହେଁ। ତେଣୁ ଉଭୟ ସ୍ତ୍ରୀ-ସ୍ୱାମୀ ନିଜର ବ୍ୟସ୍ତ ଜୀବନ ଭିତରେ ଯଦି କିଛି ସମୟ ସକାରାତ୍ମକ ମାନସିକତା ଭିତରେ କଥା ହୁଅନ୍ତି ତେବେ ତାହା ସେମାନଙ୍କର ଭାରାକ୍ରାନ୍ତ ମନକୁ ହାଲ୍‌କା କରିଦେବ। ଯଦି ଘରେ ମଧ୍ୟ ଅଫିସ କାମ କରିବାକୁ ପଡୁଛି ତେବେ ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରନ୍ତୁ। ଏ ସମ୍ପର୍କରେ ଦୁହେଁ ଭଲ ଭାବରେ କଥା ହେବା ନିହାତି ଦରକାର। ଯଦି ଅଫିସରୁ ଫେରିବା ପରେ ପରସ୍ପର କର୍ମ ଚାପରେ ହାଲିଆ ହୋଇପଡ଼ିଛନ୍ତି ତେବେ ଥଣ୍ଡା ମନରେ କିଛି ସମୟ ବିଶ୍ରାମ ନିଅନ୍ତୁ। ମନ ହାଲ୍‌କା ହେବା ପରେ ପରବର୍ତ୍ତୀ ଯୋଜନା ବିଷୟରେ ବିଶଦ ଭାବରେ ଆଲୋଚନା କରନ୍ତୁ।







ଉଭୟ ସ୍ତ୍ରୀ ଏବଂ ସ୍ୱାମୀ ଯଦି କର୍ମଜୀବୀ ହୋଇଥାଆନ୍ତି, ତେବେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ କିପରି ସମାଧାନ କରିବେ ସେ ବିଷୟରେ ସୂଚନା...



**ଦୂରତା ବଢ଼ିବାକୁ ଦିଅନ୍ତୁ ନାହିଁ:** କର୍ମଜୀବୀ ଦମ୍ପତି ପ୍ରାୟ ଦିନତମାମ ନିଜ କର୍ମକ୍ଷେତ୍ରରେ ରହିଥାଆନ୍ତି। ଏପରି କି ବେଳେବେଳେ ଅଫିସରୁ ଫେରିବାରେ ବିଳମ୍ବ ହୋଇଥାଏ। ତେଣୁ ଡେରିରେ ଘରେ ପହଞ୍ଚିବା ପରେ ଦୁହେଁ କର୍ମଚାପରୁ ମୁକୁଳିବାକୁ ଚାହିଁଥାଆନ୍ତି। ହେଲେ ସେପଟେ ଘରର ସମସ୍ୟା, ପିଲାମାନଙ୍କର ପାଠପଢ଼ା, ସ୍ୱାସ୍ଥ୍ୟ ଆଦି ପାଇଁ ଦୃଷ୍ଟିଦେବାକୁ ପଡ଼େ। ଏହି ସମୟରେ ଜଣେ ସମସ୍ତ କାମ ଅନ୍ୟ ଜଣଙ୍କ ଉପରେ ଲଦିଦେବା ଠିକ୍ ନୁହେଁ। କୌଣସି ସମସ୍ୟା ସମୟରେ ଦୁହେଁ ଯଦି ଏକାଠି ଏହାର ସମାଧାନର ସୂତ୍ର ଖୋଜନ୍ତି, ତେବେ ତାହା ସୃଷ୍ଟି ହୋଇଥିବା ଟେନ୍‌ସନକୁ ଅନେକାଂଶରେ ହାଲକା କରିଥାଏ। ଘରକୁ ଫେରିବା ପରେ ପରସ୍ପର ସମସ୍ୟାକୁ ଦୁହେଁ ବୁଝିବା ଦରକାର। ଯେକୌଣସି ସମସ୍ୟା ହେଉ ସମ୍ପର୍କରେ ଉଭୟ ଭଲ ଭାବରେ ଆଲୋଚନା କରିବା ଦରକାର। ଏହାଦ୍ୱାରା ସେମାନଙ୍କ ଭିତରେ ନିବିଡ଼ତା ଆହୁରି ବୃଦ୍ଧି ପାଇଥାଏ। 'ମୁଁ ସେ ବିଷୟରେ କିଛି କରିପାରିବି ନାହିଁ, ତୁମେ ବୁଝିନିଅ' କହିଦେଲେ ହେବ ନାହିଁ। ଏହାଦ୍ୱାରା ହୁଏତ ଜଣକ ଉପରେ ଚାପ ବଢ଼ିଯାଇପାରେ। ତେଣୁ ଦୁହିଁଙ୍କ ଭିତରେ ଦୂରତା ଯେତେ କମ୍ ରହିବ ତାହା ସେତେ ଭଲ।

**ବିଚାରଧାରା:** ସ୍ୱାମୀସ୍ତ୍ରୀ ଉଭୟେ କର୍ମଜୀବୀ ହୋଇଥିଲେ ନିଜର ବିଚାରଧାରା ପ୍ରତି ଦୃଷ୍ଟିଦେବା ନିହାତି ଦରକାର। କାରଣ କେବଳ ନିଜର କର୍ମକ୍ଷେତ୍ର ନୁହେଁ ଘର ଚଳାଇବାକୁ ଦୁହିଁଙ୍କର ସୁଚିନ୍ତିତ ବିଚାରଧାରା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ପରସ୍ପର ମଧ୍ୟରେ ବିଚାରଧାରା ସବୁବେଳେ ଏକ ରହିବା ଦରକାର। କୌଣସି କ୍ଷେତ୍ରରେ ଯଦି ନକାରାତ୍ମକ ଭାବନା ମନରେ ଜାଗ୍ରତହେଲା ତେବେ ତାହା ଟେନ୍‌ସନକୁ ଆହୁରି ବଢ଼ାଇଦିଏ। ବିଚାରଧାରାକୁ ଆହୁରି ସକାରାତ୍ମକ କରାଇପାରିଲେ ଦୁହେଁ ଅନେକାଂଶରେ ଚାପମୁକ୍ତ ରହିପାରିବେ। ଏହାଦ୍ୱାରା ନିଜ କାମ ଏବଂ ଘର-ଉଭୟକୁ ଭଲ ଭାବରେ ଚଳାଇପାରିବେ। ଏ ନେଇ ଯଦି କିଏ କିଛି ମତ ଦେଉଛନ୍ତି ତେବେ ସେ ବିଷୟରେ ଭଲ ଭାବରେ ଚିନ୍ତାକରନ୍ତୁ।

**ସମୟାନୁବର୍ତ୍ତୀ ହୁଅନ୍ତୁ:** ସ୍ୱାମୀସ୍ତ୍ରୀ ଉଭୟେ ଚାକିରି କରିଥିଲେ ଦୁହିଁଙ୍କୁ ନିଜ ନିଜ ସମୟରେ ଘରୁ ବାହାରିଯିବାକୁ ପଡ଼ିଥାଏ। ତେଣୁ ଏଥିପାଇଁ କିପରି ନିଜକୁ ପ୍ରସ୍ତୁତ କରିବେ ସେଥିପାଇଁ ଦୁହେଁ ବ୍ୟସ୍ତ ରୁହନ୍ତି। ତେଣୁ ଏହି ସମୟରେ ସମୟକୁ ଗୁରୁତ୍ୱଦେବା ନିହାତି ଦରକାର। କାରଣ ସମୟ ମୂଲ୍ୟବୋଧକୁ ଦୁହେଁ ଭଲ ଭାବରେ ହୃଦୟଙ୍ଗମ କରିବା ଆବଶ୍ୟକ। ନିଜ ନିଜ ସମୟ ପ୍ରତି ସଚେତନ ରହିବା ବ୍ୟତୀତ ସେହି ସମୟ ଭିତରେ ଯଦି କେହି ଅନ୍ୟ ଜଣକୁ କିଛି କାମରେ ସାହାଯ୍ୟ କରିପାରିଲେ ତାହା ବଡ଼ କଥା।

ସୌନ୍ଦର୍ଯ୍ୟ

## ଗ୍ଲୋଇଂ ସ୍କିନ୍‌ର ଘରୋଇ ଉପଚାର



ସ୍କିନ୍‌କୁ ଗ୍ଲୋଇଂ ରଖିବାକୁ ହେଲେ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି...

ବଦଳୁଥିବା ଋତୁ ଅନୁସାରେ ସ୍କିନ୍‌ର ଠିକ୍ ଭାବରେ ଯତ୍ନନେବା ଦରକାର। ବେଳେବେଳେ ଏଥିରେ ଅବହେଳା ଦେଖିବାକୁ ମିଳିଥାଏ। ଏହାର କାରଣ ନିଜର ସ୍କିନ୍‌ର ଟେକ୍ସଚର ଦେଖି ବୁଝାପଡ଼େନି ଯେ କ'ଣ କରାଯିବ। ଏଥିପାଇଁ ବଜାରରୁ ଆପଣ ବିଭିନ୍ନ ପ୍ରକାର ପ୍ରଡକ୍ଟ କିଣି ତାକୁ ସ୍କିନ୍ ଲାଗି ବ୍ୟବହାର କରିଥାନ୍ତି । କେତକେ ବିୟୁଟି ପାର୍ଲର ଯାଇ ସ୍କିନ୍ କେୟାର ନେଇଥାନ୍ତି । ପ୍ରତି ଥର ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ଆପଣ କିଛି ଘରୋଇ ଉପଚାର ଆପଣେଇ ପାରିବେ। ଜାଣନ୍ତୁ ସେ ସମ୍ପର୍କରେ..

**ମହୁ**

-ମହୁ ଲଗାଇବାକୁ ହେଲେ ପ୍ରଥମେ ଏକ ଛୋଟ ପାତ୍ର ନିଅନ୍ତୁ। ସେଥିରେ ୧ ଚାମଚ ମହୁ ନିଅନ୍ତୁ। ଏବେ ଏଥିରେ ବେସନ ପକାଇ ଏହାକୁ ଭଲଭାବେ ମିକ୍ସ କରନ୍ତୁ। ପୁଣି ଏହାର ପେଷ୍ଟ ବନାନ୍ତୁ। ପାଣିରେ ମୁହଁକୁ ଭଲଭାବେ ସଫା କରିବା ପରେ ଏହି ପ୍ୟାକ୍‌କୁ ଲଗାନ୍ତୁ। ଏହାକୁ ପାଖାପାଖି ୨୦-୩୦ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ପୁଣି ପାଣିରେ ମୁହଁକୁ ଭଲଭାବେ ଧୁଅନ୍ତୁ। ଏବେ ଟାୱେଲ୍ ସାହାଯ୍ୟରେ ମୁହଁକୁ ଭଲଭାବେ ପୋଛନ୍ତୁ। ଏହା ଦ୍ୱାରା ଆପଣଙ୍କ ସ୍କିନ୍ ଗ୍ଲୋଇଂ ଏବଂ ସଫ୍ଟ ଦେଖାଯିବ।



**ଆଲୋଭେରା ଜେଲ ଏବଂ ଚନ୍ଦନ**

ଏହାକୁ ଲଗାଇବାକୁ ହେଲେ ପ୍ରଥମେ ମୁହଁକୁ ଭଲଭାବେ ସଫା କରନ୍ତୁ। ଏକ ବ୍ରଶ ସାହାଯ୍ୟରେ ଆଲୋଭେରା ଜେଲ ଏବଂ ଚନ୍ଦନକୁ ମିକ୍ସକରି ଘୋଳକୁ ମୁହଁରେ ଲଗାନ୍ତୁ। ଏହାକୁ ୨୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିବାକୁ ଦିଅନ୍ତୁ। ଏହା ଶୁଖିଗଲା ପରେ ପାଣି ସାହାଯ୍ୟରେ ମୁହଁକୁ ସଫା କରନ୍ତୁ। ଏହାକୁ ଲଗାଇବା ଦ୍ୱାରା ସ୍କିନ୍‌ର ଡ୍ରାଏନେସ୍ କମ୍ ହୋଇଯିବ। ଏହାଦ୍ୱାରା ଆପଣଙ୍କ ସ୍କିନ୍ ହେଲ୍‌ଦି ଲାଗିବ।

ଖାଦ୍ୟରୁଚି

## ଚୁଡ଼ା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ :** ଚୁଡ଼ା ୨୦୦ଗ୍ରାମ୍, ସିଝା ଆଳୁ ଦୁଇଟି, ଛୋଟ ଆକାରରେ କଟାହୋଇଥିବା ପନିପରିବା, କଞ୍ଚାଲଙ୍କା, ଲୁଣ ଏବଂ ଗରମ ମସଲା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଡ଼ାକୁ ପାଣିରେ କିଛି ସମୟ ଭିଜାଇ ରଖି ଦିଅନ୍ତୁ। ଚୁଡ଼ା ସମ୍ପୂର୍ଣ୍ଣ ରୂପେ ନରମ ହେଲା ପରେ ତାକୁ ପାଣିରୁ ଚିପୁଡ଼ି କାଢ଼ି ଦିଅନ୍ତୁ। ଏବେ ଏଥିରେ ସିଝାହୋଇଥିବା ଆଳୁ, କଟାହୋଇଥିବା ପନିପରିବା, କଞ୍ଚାଲଙ୍କା, ଲୁଣ ଏବଂ ଗରମ ମସଲା ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣରୁ ହାତରେ କିଛି ନେଇ ପ୍ରଥମେ ଗୁଳାରେ ଛୋଟ କଟ୍‌ଲେଟ୍ ତିଆରି କରନ୍ତୁ। ଏବେ ଏକ ପ୍ୟାନ୍‌ରେ ଅଳ୍ପ ପରିମାଣରେ ତେଲ ଗରମ କରନ୍ତୁ। ଏହି କଟ୍‌ଲେଟ୍‌କୁ ଗୋଲ୍‌ଡେନ୍ କଲର ହେବା ପର୍ଯ୍ୟନ୍ତ ତେଲରେ ଏପଟ ସେପଟ ସେକନ୍ତୁ। ଏହା ଗୋଲଡେନ୍ କଲର ହେବା ପରେ ତାକୁ ପ୍ୟାନ୍‌ରୁ କାଢ଼ି ଏହାକୁ ଟମାଟୋ ସସ୍ କିମ୍ବା ଗ୍ରୀନ୍ ଚଟଣି ସହ ଖାଇ ଏହାର ମଜା ନିଅନ୍ତୁ।



ଧରିତ୍ରୀ DHARITRI · 50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୫/୨୦୨୪ Bhubaneswar, Tuesday, November 5/ 2024

# ଆଇଟିଏଫ୍ ୱାର୍ଲ୍ଡ ଟେନିସ ଉଦ୍‌ଘାଟିତ

## ମୁଖ୍ୟ ଡ୍ର'ରେ ଓଡ଼ିଶାର କବିର ହଂସ, ଅମୃତଜୟ ମହାନ୍ତି ଓ ପ୍ରତ୍ୟୁଷ ମହାନ୍ତି

ଭୁବନେଶ୍ୱର, ୪।୧୧ (ତପନ ସ୍ୱାଇଁ)

ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ୍ କମ୍ପ୍ଲେକ୍ସରେ ଏମ୍‌୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ଟୁର୍-୨୦୨୪ ସୋମବାର ଆନୁଷ୍ଠାନିକଭାବେ ଉଦ୍‌ଘାଟିତ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଆଇଟିଏଫ୍ ସୁପରଭାଇଜର ଅଭିଷେକ ମୁଖାର୍ଜୀ, ଓଟିଏ ପରାମର୍ଶଦାତା ମଧୁସୂଦନ ପାଢ଼ୀ, ଓଟିଏର ଅନ୍ୟ ସଦସ୍ୟ, ଅଫିସିଆଲ୍ସ, ଖେଳାଳି ଓ କୋଚ୍‌ମାନେ ଉପସ୍ଥିତ ଥିଲେ। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଅଫ୍-୩୨ର ମ୍ୟାଚଗୁଡ଼ିକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡକୁ ଉନ୍ନୀତ ହୋଇଥିବା ଖେଳାଳିମାନେ ହେଲେ ବିଷ୍ଣୁ ବର୍ଦ୍ଧନ, ଶିବକାନ୍ତ ଭଟ୍ଟନାଗର, ସିଦ୍ଧାନ୍ତ ବନ୍ଥିଆ, ରୋହନ ମେହରା, ରାଘବ ଜୟସିଂଘାନୀ, ମୁନି ଅନନ୍ତ ମନି, ନୀତୀନ କୁମାର ସିହ୍ନା, ଅଜୟ ମଲିକ, ଭରତ ନିଶୋକ କୁମାରନ, ଅଭିନବ ସଞ୍ଜୀବ ଶନ୍ମୁଗମ, ଶଶାଙ୍କ ମାର୍ଚେର୍ଲା, ରିଶି ରେଡ୍ଡୀ, ମାନ୍ କେଶରୱାନୀ, କିରିଥିକ କଲ୍ୟାଣ, ହିତେଶ ଚୌହାନ, ଉଦିତ କାମ୍ବୋଜ ଓ ଯଶ୍ ଚୌରାସିଆ। ଓଡ଼ିଶାର କବିର ହଂସ, ଅମୃତଜୟ ମହାନ୍ତି, ପ୍ରତ୍ୟୁଷ ମହାନ୍ତି ପ୍ରମୁଖ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଆଇପିଏଲ୍ ନିଲାମୀ ରିୟାଦରେ

ନୂଆଦିଲ୍ଲୀ, ୪।୧୧ (ପି.ଟି.): ଚଳିତ ମାସ ଶେଷ ସପ୍ତାହରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ହାଇ ପ୍ରୋଫାଇଲ ନାଲାମୀ ସାଉଦି ଆରବ ରାଜଧାନୀ ରିୟାଦରେ ହେବ। ଏ ବାବଦରେ ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ନୋଟିସ ଜାରି କରାଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଆଇପିଏଲ୍ ନିଲାମୀ ସମ୍ଭବତଃ ନଭେମ୍ବର ୨୪ ଓ ୨୫ରେ ହୋଇପାରେ ବୋଲି କୁହାଯାଉଛି। ଚଳିତବର୍ଷ ହେବାକୁଥିବା ମେଗା ନିଲାମୀରେ ଅବତୀର୍ଣ୍ଣ ହେବାକୁଥିବା ହାଇପ୍ରୋଫାଇଲ ଷ୍ଟାର ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ରିଷଭ ପନ୍ତ, କେ.ଏଲ୍. ରାହୁଲ, ଶ୍ରେୟସ ଆୟାର ଓ ଅର୍ଶଦୀପ ସିଂ। ନିଲାମୀ ଉପଲବ୍ଧ ଥିବା ୭୦ ବିଦେଶୀଙ୍କ ସମେତ ୨୦୪ ଖେଳାଳିଙ୍କୁ ନେବା ପାଇଁ ୧୦ଟି ଯାକ ଫ୍ରାଞ୍ଚାଇଜ ପ୍ରାୟ ୬୪୧.୫ କୋଟି ଟଙ୍କା ବ୍ୟୟ କରିବେ।

# ଶ୍ୱେତପଦ୍ମା, ମୈନକଙ୍କୁ ଟାଇଟଲ


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ୍

ଭୁବନେଶ୍ୱର, ୪।୧୧ (ତପନ ସ୍ୱାଇଁ)

ଖୋର୍ଦ୍ଧା ଜିଲା ଟେବୁଲ ଟେନିସ୍ ଆସୋସିଏଶନ ଆନୁକୂଲ୍ୟରେ ଲକ୍ଷ୍ମୀସାଗରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। ଏହାର ମହିଳା ବିଭାଗରେ ଶ୍ୱେତପଦ୍ମା ଦଳାଇ ଓ ପୁରୁଷରେ ମୈନକ ଦାସ ଚାମ୍ପିୟନ ହୋଇଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ମହିଳା ବିଭାଗ ଫାଇନାଲରେ ଶ୍ୱେତପଦ୍ମା ୪-୩ରେ ନେହା କୁମାରୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ପୁରୁଷ ବର୍ଗ ଫାଇନାଲରେ ମୈନକ ୪-୩ରେ ତୁଷାର ଚୌହାନଙ୍କୁ ହରାଇ ଦେଇଛନ୍ତି। ଶ୍ୱେତପଦ୍ମା ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ମଧ୍ୟ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ୪-୧ରେ ଉର୍ଜା ବର୍ମାଙ୍କୁ ହରାଇଛନ୍ତି। ବାଳକ ବର୍ଗ ଫାଇନାଲରେ ଜିଜ୍ଞାଶୁ ସାହୁ ୪-୨ରେ ମହମ୍ମଦ ଜିସାନଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା ଓ ବାଳକରେ ଜିଜ୍ଞାଶୁ ସାହୁ, ୧୫ ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା ଓ ବାଳକରେ ଜିଜ୍ଞାଶୁ ସାଇକିରଣ ପ୍ରଧାନ, ୧୩ ବର୍ଷରୁ କମ୍ ବାଳିକାରେ ଆରାଧ୍ୟା ସାହୁ ଓ ବାଳକରେ ଜିଜ୍ଞାଶୁ ସାଇକିରଣ ପ୍ରଧାନ ଟାଇଟଲ ହାସଲ କରିଛନ୍ତି। ୧୧ ବର୍ଷରୁ କମ୍ ବାଳିକାରେ ଆରାଧ୍ୟା ସାହୁ ଓ ବାଳକରେ ଅଭନିଶ ସୁବ୍ରମଣ୍ୟମ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ସଭାପତି ବିଜନ ଦାସ ମହାପାତ୍ର, କାର୍ଯ୍ୟକାରୀ ସଭାପତି ତ୍ରୈଲୋକ୍ୟ ନାଥ ରାଉତ, ଉପ ସଭାପତି ଶଶାଙ୍କ ଶେଖର ମହାପାତ୍ର, ସମ୍ପାଦକ ଦେବଦତ୍ତ ମହାନ୍ତି, ପୂର୍ବତନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ପି.କେ. ସାମନ୍ତରାୟ, ରଞ୍ଜିତା ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ରେଫରି ତପନ ଖା, ସୁଜିତ କୁମାର ରୟ, କେ.ଏସ.ଏନ. ମୂର୍ତ୍ତି, ସନ୍ଦୀପ ଚକ୍ରବର୍ତ୍ତୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ତାଙ୍କୁ ସହାୟତା କରିଥିଲେ କେ. ଚିନାରାଓ, କେ.ଭି.ପି. ରାମାରାଓ ଏବଂ ସୁରଭି ପରିଜା।

# କଳଗା ଜଗଦୀଶ, ହର୍ଷିତା ରାଉତ ଚାମ୍ପିୟନ



ରାଜ୍ୟ ସିନିୟର ବ୍ୟାଡ୍‌ମିଣ୍ଟନର ପୁରସ୍କୃତ ଖେଳାଳି ଓ ଅତିଥିବୃନ୍ଦ।

## ରାଜ୍ୟ ସିନିୟର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୪।୧୧ (ତପନ ସ୍ୱାଇଁ)

ସ୍ଥାନୀୟ ନୀଳାଦ୍ରିବିହାରସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ୟୋନେକ୍ସ ସନରାଇଜ ରାଜ୍ୟ ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଛି। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୧୪୫ ଖେଳାଳି ଅଂଶଗ୍ରହଣ କରିଥିଲେ। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର କଳଗା ଜଗଦୀଶ ଟପ ସିଡ୍ ପାରସ ମାଥୁରଙ୍କୁ ୨୧-୧୫,୨୧-୧୯ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଟପ ସିଡ୍ ଖୋର୍ଦ୍ଧାର ହର୍ଷିତା ରାଉତ ସମ୍ବଲପୁରର ଲିଜୁନ ସ୍ୱାଇଁଙ୍କୁ ୨୧-୬ ଓ ୨୧-୯ ପଏଣ୍ଟରେ ହରାଇଛନ୍ତି। ପୁରୁଷ ଡବଲ୍ସରେ ଖୋର୍ଦ୍ଧାର ଅଭିଜିତ ମହାରଣା ଓ ଡିବିଏସ ଚନ୍ଦ୍ର କୁମାରଙ୍କ ଯୋଡ଼ି ନିଜ ଜିଲାର ପାରସ ମାଥୁର ଓ ଅନିର୍ବାଣ ମଣ୍ଡଳ ଯୋଡ଼ିଙ୍କୁ ୨୧-୧୮ ଓ ୨୨-୧୭ରେ ହରାଇ ଟାଇଟଲ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ତନ୍ମୟ ସାହୁ ଓ ହର୍ଷିତା ରାଉତଙ୍କ ଯୋଡ଼ି ଡି. ମୁରଲୀ କ୍ରିଷ୍ଣା ଓ ନିଶିତା ମହାନ୍ତିଙ୍କ ଯୋଡ଼ିଙ୍କୁ ୨୧-୧୧, ୨୧-୧୧ ଏବଂ ମହିଳା ଡବଲ୍ସ ଫାଇନାଲ୍‌ରେ ହର୍ଷିତା ରାଉତ ଓ ପୂର୍ବା ପ୍ରତ୍ୟାଶା ପଣ୍ଡାଙ୍କ ଯୋଡ଼ି ଖୋର୍ଦ୍ଧାର ନିଶିତା ମହାନ୍ତି ଓ ଈପ୍ସିତା ମହାନ୍ତିଙ୍କ ଯୋଡ଼ିକୁ ସିଧାସଳଖ ୨ ଗେମ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋରଞ୍ଜନ ପଣ୍ଡା ଓ ମୁଖ୍ୟ ରେଫରି ବିଜୟ କୁମାର ବାଗ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ପ୍ରମାଣ ପତ୍ର, ପୁରସ୍କାର ରାଶି, ପଦକ ଏବଂ ଟ୍ରଫି ପ୍ରଦାନ କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ନିଳିନ କୁମାର, ଉପସଭାପତି ପ୍ରଦୀପ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘ ସ୍ୱୀକୃତିପ୍ରାପ୍ତ ୨୩ ଅଫିସିଆଲ ଏହାକୁ ପରିଚାଳନା କରିଥିଲେ।

# ଘରୋଇ କ୍ରିକେଟ ପାଇଁ ଇଚ୍ଛାଶକ୍ତିର ଅଭାବ

ନୂଆଦିଲ୍ଲୀ,୪।୧୧(ପି.ଟି.)

ଭାରତୀୟ କ୍ରିକେଟ ଦଳ ୨୦୦୭ ମସିହା ଜାନୁଆରୀ ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳି ଫେରିଥାଏ। ଦିନିକିଆ ବିଶ୍ୱକପକୁ ଦେଢ ମାସ ବାକି ଥିବା ବେଳେ ଏହାର ପ୍ରସ୍ତୁତି ପାଇଁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଦିନିକିଆ ସିରିଜ୍ ଖେଳୁଥାଏ ଭାରତ। ଜାନୁଆରୀ ୨୧, ୨୪, ୨୭ ଓ ୩୧ ତାରିଖରେ ଏହିମ୍ୟାଚ୍ ଗୁଡିକ ଯଥାକ୍ରମେ ନାଗପୁର, ଚେନ୍ନାଇ, କଟକ ଓ ଭଦୋଦରାରେ ଖେଳା ଯାଇଥିଲା। ଏହି ସିରିଜ ପରେ ମୁମ୍ବାଇରେ ବେଙ୍ଗଲ ଓ ମୁମ୍ବାଇ ମଧ୍ୟରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳାଯିବାର ଥିଲା। ଭଦୋଦରାରେ ସିରିଜ୍ ଶେଷ ହେବା ପରେ ଭାରତୀୟ ଦଳର ୪ ଖେଳାଳି ସଚିନ୍ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, ଜାହିର୍ ଖାନ୍ ଓ ଅଜିତ ଅଗରକର ମୁମ୍ବାଇ ଅଭିମୁଖେ ବିମାନ ଧରିଥିଲେ। ପରବର୍ତ୍ତୀ ଦିନରେ ୪ ଜଣ ଯାକ କ୍ରିକେଟର ରଣଜୀ ଟ୍ରଫି ଫାଇନାଲ ଖେଳିଥିଲେ। ଏହି ମ୍ୟାଚ୍‌ରେ ସଚିନ୍ ଶତକ ହାସଲ କରିଥିବା ବେଳେ ଗାଙ୍ଗୁଲି ୯୦ ରନ୍ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଜାହିର ଖାନ୍ ଉଭୟ ଇନିଂସରେ ନେଇଥିଲେ ୯ ଉଇକେଟ। ଏହି ଫାଇନାଲ ମ୍ୟାଚ୍‌ର ୪୮ ଘଣ୍ଟା ମଧ୍ୟରେ ଉଭୟ ଗାଙ୍ଗୁଲି ଓ ସଚିନ୍ ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ସିରିଜ୍ ଖେଳିଥିଲେ। ୱାର୍କଲୋଡ ମ୍ୟାନେଜମେଣ୍ଟ (କାର୍ଯ୍ୟଭାର ପରିଚାଳନା) ବର୍ତ୍ତମାନ ଖେଳାଳିଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି। ତେବେ ରଣଜୀ ଟ୍ରଫି ଓ ଦୁଲୀପ୍ ଟ୍ରଫି ଭଳି ଘରୋଇ ଟୁର୍ଣ୍ଣାମେଣ୍ଟରୁ ଓହରିବା ଖେଳାଳିଙ୍କ ଇଚ୍ଛାଶକ୍ତିର ଅଭାବକୁ ଦର୍ଶଉଛି।

ନ୍ୟୁଜିଲାଣ୍ଡ ବିପକ୍ଷ ହ୍ୱାଇଟ୍ ୱାଶ୍ ପରେ ଏହା ଉପରେ ଚର୍ଚ୍ଚା ଜୋର ଧରିଛି। ଟି୨୦ ବିଶ୍ୱକପ ପରେ କେବଳ ଶ୍ରୀଲଙ୍କା ସିରିଜ୍ ରହିଥିଲା। ଏହା ମଧ୍ୟରେ ସିନିୟର ଖେଳାଳିଙ୍କୁ ବିଶ୍ରାମ ମଧ୍ୟ ମିଳିଥିଲା। ତେବେ ବି ଖେଳାଳି ମାନେ ଦୁଲୀପ୍ ଟ୍ରଫି ଖେଳିବା ନିଷ୍ପତ୍ତିରୁ ଓହରିବାକୁ ବର୍ତ୍ତମାନ ସମାଲୋଚନା କରିଛନ୍ତି ପୂର୍ବତନ ଓପନର ତଥା ଚୟନକର୍ତ୍ତା ଦେବାଙ୍ଗ ଗାନ୍ଧୀ। ଦୁଲୀପ୍ ଟ୍ରଫି ଟିମ୍‌ରୁ ଶେଷ ମୁହୂର୍ତ୍ତରେ ବିରାଟ କୋହଲି, ରୋହିତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଓହରି ଯାଇଥିଲେ। ସେହିପରି ପୂର୍ବତନ ଚୟନ କମିଟି ମୁଖ୍ୟ ଏମ୍‌ଏସ୍‌କେ ପ୍ରସାଦ ସମସ୍ତ ତାରକା ଖେଳାଳିଙ୍କ ପାଇଁ ରଣଜୀ ଟ୍ରଫି ଖେଳିବା ବାଧ୍ୟତାମୂଳକ କରାଯିବା ଉଚିତ ବୋଲି ମତ ଦେଇଛନ୍ତି। ଖେଳାଳିଙ୍କ ବିଶ୍ରାମ ପାଇଁ ରୋଟେସନ୍ ପଲିସିସ ରହିଛି। ଦୁର୍ବଳ ଦଳ ଗୁଡିକ ବିପକ୍ଷରେ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇ ଦୁଲୀପ୍ ଟ୍ରଫି ଓ ଇରାନୀ ଟ୍ରଫି ଖେଳିବାକୁ ବାଧ୍ୟତାମୂଳକ କରାଯିବା ଉଚିତ ବୋଲି ପ୍ରସାଦ କହିଛନ୍ତି।

# ଅଷ୍ଟ୍ରେଲିଆର ସଂଘର୍ଷପୂର୍ଣ୍ଣ ବିଜୟ

ମେଲବୋର୍ନ,୪।୧୧(ପି.ଟି.)

ଅଧିନାୟକ ପ୍ୟାଟ କମିନ୍ସଙ୍କ ବ୍ୟାଟିଂ ବଳରେ ପାକିସ୍ତାନ ବିପକ୍ଷ ଲୋ ସ୍କୋରିଂ ମ୍ୟାଚ୍‌କୁ ୨ ଉଇକେଟରେ ଜିତି ନେଇଛି ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୪୬.୪ ଓଭରରେ ୨୦୩ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଅଷ୍ଟ୍ରେଲିଆ ୩୩.୩ ଓଭରରେ ୮ ଉଇକେଟ ହରାଇ ୨୦୪ ରନ୍ କରିଥିଲା। ପାକିସ୍ତାନ ପକ୍ଷରୁ ମହମ୍ମଦ ରିଜୱାନ ସର୍ବାଧିକ ୪୪ ରନ୍ କରିଥିବା ବେଳେ ନଶିମ୍ ଶାହ ୪୦ ଓ ବାବର ଆଜମ୍ ୩୭ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ୩, ପ୍ୟାଟ କମିନ୍ସ, ଆଡାମ ଜାମ୍ପା ୨ଟି ଲେଖାଏ ଲେଖାଏ ଉଇକେଟ ନେଇଥିଲେ।

୨୦୪ ରନ୍ ଲକ୍ଷ୍ୟର ପିଛା କରୁଥିବା ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ଇଙ୍ଗଲିସ ସର୍ବାଧିକ ୪୯ ଓ ଷ୍ଟିଭ୍ ସ୍ମିଥ୍ ୪୪ ରନ୍ କରିଥିଲେ। ଦଳ ୧୫୫ ରନ୍‌ରେ ୭ ଉଇକେଟ ହରାଇଥିଲା। ତେବେ ଅଧିନାୟକ ପ୍ୟାଟ୍ କମିନ୍ସ ୩୨ ରନ୍ କରି ଦଳକୁ ବିଜୟୀ କରିଥିଲେ। ପାକିସ୍ତାନ ପକ୍ଷରୁ ହାରିସ୍ ରୌଫ୍ ୩, ଶାହିନ୍ ଆଫ୍ରିଦି ୨ଉଇକେଟ ନେଇଥିଲେ। ମିଚେଲ ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ପାକିସ୍ତାନ ୪୬.୪ ଓଭରରେ ୨୦୩/୧୦ (ମହମ୍ମଦ ରିଜୱାନ-୪୪, ନସିମ ଶାହ-୪୦, ବାବର ଆଜମ୍-୩୭, ମିଚେଲ୍ ଷ୍ଟାର୍କ-୩/୩୩, ପ୍ୟାଟ୍ କମିନ୍ସ-୨/୩୯, ଆଡାମ ଜାମ୍ପା-୨/୬୪)। ଅଷ୍ଟ୍ରେଲିଆ ୩୩.୩ ଓଭରରେ ୨୦୪/୮ (ଜୋଶ ଇଙ୍ଗଲିସ୍-୪୯, ଷ୍ଟିଭ୍ ସ୍ମିଥ୍-୪୪, ପ୍ୟାଟ୍ କମିନ୍ସ-୩୨*, ହାରିସ୍ ରୌଫ୍-୩/୬୭, ଶାହିନ୍ ଆଫ୍ରିଦି-୨/୪୩, ନସିମ୍ ଶାହ-୧/୩୯)।




# ରିଦ୍ଧିମାନ ସାହାଙ୍କ ଅବସର ସୂଚନା

ନୂଆଦିଲ୍ଲୀ,୪।୧୧(ପି.ଟି.)

ଭାରତର ପୂର୍ବତନ ଉଇକେଟ କିପର ବ୍ୟାଟର ରିଦ୍ଧିମାନ ସାହା ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ଚଳିତ ସିଜନର ଶେଷରେ ସେ ଅବସର ନେବେ ବୋଲି ସୋମବାର ସାହା ଘୋଷଣା କରିଛନ୍ତି। ଭାରତ ପାଇଁ ୪୦ ଟେଷ୍ଟ ଖେଳିଥିବା ୪୦ ବର୍ଷୀୟ ରିଦ୍ଧିମାନ ନିଜ ସୋସିଆଲ ମିଡିଆ ପେଜରେ ଅବସର ସମ୍ପର୍କରେ ଘୋଷଣା କରିଛନ୍ତି। ୪୦ ଟେଷ୍ଟରେ ୧୦୪ କ୍ୟାଚ୍ ଓ ଷ୍ଟମ୍ପିଂ କରିଥିବା ବେଳେ ୩ ଶତକ ଓ ୬ ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି।

# ୧୮ ପଦକ ସହ ବଲାଙ୍ଗୀର ଚାମ୍ପିୟନ

ଭୁବନେଶ୍ୱର, ୪।୧୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ, ମିଳିତ ଆନୁକୂଲ୍ୟରେ ବଲାଙ୍ଗୀରର ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ସୋମବାର ୬୮ତମ ରାଜ୍ୟ ବିଦ୍ୟାଳୟ ସମୂହ ଅଶି ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ବଲାଙ୍ଗୀର ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୯ ବ୍ରୋଞ୍ଜ ପଦକ ହାସଲ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବାଳକ ଫଏଲ ଇଭେଣ୍ଟରେ ପଦ୍ମଲୋଚନ ନାଏକ (ବଲାଙ୍ଗୀର) ସ୍ୱର୍ଣ୍ଣ, ଅଭିନାଶ ସ୍ୱାଇଁ (ସୋନପୁର) ରୌପ୍ୟ ଏବଂ ସ୍ୱାଗତ ପଟେଲ (ବଲାଙ୍ଗୀର) ଓ ଦେବାଶିଷ ପଟେଲ (ଭୁବନେଶ୍ୱର) ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ବାଳିକା ଫଏଲରେ ସାରିକା ପଟେଲ (ବଲାଙ୍ଗୀର) ସ୍ୱର୍ଣ୍ଣ, ରକ୍ମଣୀ ରାଣୀ ସୁନା (ବଲାଙ୍ଗୀର) ରୌପ୍ୟ ଏବଂ ସଂସ୍କୃତି ସିଂ (ଭୁବନେଶ୍ୱର) ଓ ଶ୍ରୀଆ ସୃତି ପଟେଲ (ବଲାଙ୍ଗୀର) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସାବ୍ରେ ଇଭେଣ୍ଟର ବାଳକ ବିଭାଗରେ ମାନସ ପ୍ରଧାନ (ବଲାଙ୍ଗୀର) ସ୍ୱର୍ଣ୍ଣ, ଅହେଶ୍ୱର ନାଏକ (ସୋନପୁର) ରୌପ୍ୟ, ଶ୍ରୀୟାଂଶୁ ଦେହୁରୀ (ଭୁବନେଶ୍ୱର) ଓ ସମୀର ପରାଭୋଇ (ବଲାଙ୍ଗୀର) ବ୍ରୋଞ୍ଜ ଏବଂ ବାଳିକା ସାବ୍ରେରେ ଝରଣା ସେଠ (ବଲାଙ୍ଗୀର) ସ୍ୱର୍ଣ୍ଣ, ଲିପ୍ସା ହରପାଳ (ବଲାଙ୍ଗୀର) ରୌପ୍ୟ ଏବଂ ପ୍ରିୟଦର୍ଶିନୀ ସାହୁ (ବଲାଙ୍ଗୀର) ଓ ସୁପ୍ରିୟା ଭୋଇ (ବଲାଙ୍ଗୀର) ବ୍ରୋଞ୍ଜ ପଦକ ପାଇଛନ୍ତି।

ସେହିପରି ଇପି ଇଭେଣ୍ଟର ବାଳକ ବର୍ଗରେ ଲିକ୍ଷିତ ବିଶ୍ୱାଳ (ବଲାଙ୍ଗୀର) ସ୍ୱର୍ଣ୍ଣ, ଆକାଶ ଅଇଣ୍ଡା (ସମ୍ବଲପୁର) ରୌପ୍ୟ, ଅମିତ ମହାକୁର (ବଲାଙ୍ଗୀର) ଓ ନିଶାଙ୍କ ପଟେଲ (ବଲାଙ୍ଗୀର) ବ୍ରୋଞ୍ଜ ଏବଂ ବାଳିକାରେ ଝିଲି ସେଠ (ବଲାଙ୍ଗୀର) ସ୍ୱର୍ଣ୍ଣ, ଶୁଭଶ୍ରୀ ନାଏକ (ବଲାଙ୍ଗୀର) ରୌପ୍ୟ ଏବଂ ରୀତିକା ସାହୁ (ବଲାଙ୍ଗୀର) ଓ ବିଜୟଲକ୍ଷ୍ମୀ ତାଣ୍ଡି (ବଲାଙ୍ଗୀର) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଖେଳାଳିମାନେ ଆସନ୍ତା ୧୭ରୁ ୨୧ ପର୍ଯ୍ୟନ୍ତ ଜମ୍ମୁ କଶ୍ମୀରଠାରେ ହେବାକୁ ଥିବା ଜାତୀୟ ସ୍ତରୀୟ ସ୍କୁଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସୁକାନ୍ତ ସେଠ, କରିଷ୍ମା ରାଉତ, ଅନ୍ୟାଶା ରାଉତ, ରୋଶନ ସାହୁ, ଜ୍ୟୋତି ଠାକୁର, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦ୍ରର ସେଠ, ସତ୍ୟ ନାରାୟଣ ପଟେଲ, ସସ୍ମିତା ଗଡ଼ତିଆ, ସ୍ୱପ୍ନା ସେଠୀ, ବିରାନ୍ଦ୍ର ସୁନା, ସଙ୍ଗୀତା ନାଏକ, ବିଭୂତି ସ୍ୱାଇଁ, ଶୁଭେନ୍ଦୁ ମହାନ୍ତି, ବିନୋଦ ମହାପାତ୍ର, ବନୀତା ପଟେଲ ପ୍ରମୁଖ ବୈଷୟିକ ଅଧିକାରୀଭାବେ ଦାୟିତ୍ୱ ତୁଲାଇଥିଲେ। ରାଜ୍ୟ ସ୍କୁଲ ବିଭାଗ ପ୍ରଥମ ଥର ରାଜ୍ୟ ସ୍ତରୀୟ ସ୍କୁଲ ପ୍ରତିଯୋଗିତା ଆରମ୍ଭ କରିଥିବାରୁ ରାଜ୍ୟ ଅଶି ଚାଳନା ସଂଘର ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ରାଜ୍ୟ ବିଦ୍ୟାଳୟ ସମୂହ ଅଶି ଚାଳନା



ଅତିଥି ଓ କର୍ମକର୍ତ୍ତାଙ୍କ ସହ ଚାମ୍ପିୟନ ବଲାଙ୍ଗୀର ଦଳର ପ୍ରତିଯୋଗୀ।

# ଭର୍ଷ୍ଟାପେନ୍ ୪ର୍ଥ ବିଶ୍ୱ ଟାଇଟଲ ନିକଟତର

ସାଓପାଉଲୋ, ୪।୧୧




ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ବ୍ରାଜିଲିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟର ରେସ୍ ଜିତିଛନ୍ତି। ଏଥିସହିତ ସେ ତାଙ୍କର ଚତୁର୍ଥ ବିଶ୍ୱ ଟାଇଟଲ ଆଡ଼କୁ ଅଗ୍ରସର ହୋଇଛନ୍ତି। ଭର୍ଷ୍ଟାପେନ୍ ଗ୍ରୀଡ଼ର ୧୭ତମ ସ୍ଥାନରୁ ଆରମ୍ଭ କରି ରେସ୍ ଜିତିଥିଲେ। ତାଙ୍କ କ୍ୟାରିୟରର ଏହା ହେଉଛି ଅନ୍ୟତମ ଶ୍ରେଷ୍ଠ ବିଜୟ। ଭର୍ଷ୍ଟାପେନ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ମ୍ୟାକଲରେନର ଲାଣ୍ଡୋ ନୋରିସଙ୍କ ଲାଗି ଏହି ରେସ୍ କଷ୍ଟକର ଥିଲା। ଦୁଇଟି ବଡ଼ ତ୍ରୁଟି ପାଇଁ ସେ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ସିଜନର ଆଉ ୩ଟି ରେସ୍ ବାକି ରହିଥିବା ବେଳେ ଭର୍ଷ୍ଟାପେନ୍‌ଙ୍କଠାରୁ ତାଙ୍କ ପଏଣ୍ଟ ବ୍ୟବଧାନ ୬୨ରୁ ୮୬କୁ ବୃଦ୍ଧି ପାଇଛି। ପରବର୍ତ୍ତୀ ଫର୍ମୁଲା ୱାନ ରେସ୍ ନଭେମ୍ବର ୨୩ରେ ଲାସ ଭେଗାସଠାରେ ହେବ। ଏହି ରେସ୍ ପରେ ଭର୍ଷ୍ଟାପେନ୍ ଯଦି ଅତିକମ୍‌ରେ ୬୦ ପଏଣ୍ଟ ଅଗ୍ରଣୀ ରୁହନ୍ତି ତେବେ ସେ ବିଶ୍ୱ ଚାମ୍ପିୟନ ହୋଇପାରିବେ। ରେସ୍‌ରେ ଇଷ୍ଟିବାନ ଓକନ ଓ ପିଏରେ ଗାସ୍‌ଲି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ଫଳରେ କନଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ସେମାନଙ୍କ ଅଲ୍ ପାଇନ୍ ଟିମ୍ ୯ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବର୍ଷାଜନିତ ଖରାପ ପାଗ ଓ ଏକାଧିକ ଦୁର୍ଘଟଣାରେ ଅନୁଷ୍ଠିତ ଏହି ଘଟଣାବହୁଳ ରେସ୍‌ରେ ବିଜୟ ବିଶେଷକରି ଭର୍ଷ୍ଟାପେନ୍‌ଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଜୁନ୍‌ରେ ସ୍ପାନିଶ ଗ୍ରାଁ ପ୍ରି ପରେ ଏହା ହେଉଛି ତାଙ୍କର ପ୍ରଥମ ଏବଂ କ୍ୟାରିୟରରେ ମୋଟ ଉପରେ ୬୨ତମ ବିଜୟ। ତାଙ୍କ ଦଳ ଠିକଣା ସମୟରେ ଉପଯୁକ୍ତ ରଣକୌଶଳ ଆପଣେଇବାରୁ ଏହା ସମ୍ଭବପର ହୋଇପାରିଥିଲା ବୋଲି ରେଡ୍‌ବୁଲ ଡ୍ରାଇଭର ପ୍ରକାଶ କରିଛନ୍ତି। ବ୍ରାଜିଲିଆନ ଗ୍ରାଁ ପ୍ରିରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଜର୍ଜ ରସେଲ (ମର୍ସିଡିଜ), ଚାର୍ଲ୍ସ ଲେକ୍‌ଲେର୍କ (ଫେରାରି), ଲାଣ୍ଡୋନୋରିସ (ମ୍ୟାକଲରେନ), ୟୁକି ସିସୁନୋଡା (ଆରବି), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ଲିଆନ ଲସନ (ଆରବି) ଓ ଲୁଇସ୍ ହାମିଲଟନ (ମର୍ସିଡିଜ୍)।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ